# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୬/୨୦୧୯ (୨୦ ପୃଷ୍ଠା) Bhubaneswar, Friday, April 26/2019 ★★★★★★

୪୫ଶ ଭାଗ ୧୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



## ଏଥର କେନ୍ଦ୍ରରେ ସରକାର ଗଠନରେ ଓଡ଼ିଶାର ରହିବ ଗୁରୁତ୍ୱପୂର୍ଣ୍ଣ ଭୂମିକା

ଏଥର ନିର୍ବାଚନରେ କୌଣସି ଜାତୀୟ ଦଳ କେନ୍ଦ୍ରରେ ସଂଖ୍ୟା ଗରିଷ୍ଠତା ପାଇବେ ନାହିଁ । ଆଞ୍ଚଳିକ ଦଳମାନେ କେନ୍ଦ୍ରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ।

ଆପଣମାନେ ସମସ୍ତେ ମୋର ପରିବାର । ମୁଁ ସବୁବେଳେ ଆପଣଙ୍କ ସାଥୀରେ ଅଛି । ଆପଣମାନେ ବିଜୁ ଜନତା ଦଳକୁ ଆଶୀର୍ବାଦ କରନ୍ତୁ ।

କେନ୍ଦ୍ର ସରକାର ଗଠନରେ ବିଜେଡିକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦିଅନ୍ତୁ ।



**ବିଜୁ ଜନତା ଦଳ**

**ନବୀନ ମୋର ପରିବାର ଶଙ୍ଖ ମୋର ଚିହ୍ନ ।**

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର । ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।



ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ସହର କଲେଜଛକ-କମାସାହି ରାସ୍ତାରେ ଜଣେ ବ୍ୟବସାୟୀଙ୍କୁ ଗୁରୁବାର ରାତିରେ ଲୁଟେରାମାନେ ଆକ୍ରମଣ କରି ୨ଲକ୍ଷ ଟଙ୍କା ଓ ବାଇକ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ଶଙ୍କର ଟ୍ରେଡର୍ସର ମାଲିକ ଅରୂପ କୁମାର ମହାନ୍ତି। ଆକ୍ରମଣରେ ଗୁରୁତର ଅରୂପଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### ଆସୁଛି ଝଡ଼ବର୍ଷା 'ଫନୀ' ତାମିଲନାଡୁ ଓ ପୁଡୁଚେରିରେ ରେଡ୍‌ଆଲର୍ଟ

**ନୂଆଦିଲ୍ଲୀ,୨୫।୪:** ଦକ୍ଷିଣ ଉପକୂଳରେ ଝଡ଼ବର୍ଷା 'ଫନୀ'ର ପ୍ରକୋପ ପଡ଼ିବ। ୨୭ ତାରିଖ ସନ୍ଧ୍ୟା କିମ୍ବା ୨୮ ତାରିଖ ରାତି ସୁଦ୍ଧା ଏହା ଉପକୂଳ ଛୁଇଁବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବରେ ତାମିଲନାଡୁ ଓ ପୁଡୁଚେରିରେ ପ୍ରବଳ ଝଡବର୍ଷା ହେବାର ଆଶଙ୍କା ରହିଥିବାରୁ ଗୁରୁବାର ଏନେଇ ରେଡ଼ଆଲର୍ଟ ଜାରି କରାଯାଇଛି। ବଙ୍ଗୋପସାଗରୀୟ ଅଞ୍ଚଳରେ ଏହାର ପ୍ରଭାବ ରହିବ ବୋଲି ପାଣିପାଗ ବିଭାଗ କହିଛି। ଯଦି ଏହା ବାତ୍ୟାର ରୂପନିଏ, ତେବେ ଏହା ପଶ୍ଚିମ ଓ ଦକ୍ଷିଣ ପଶ୍ଚିମ ଦିଗକୁ ଗତି କରିବାର ଆଶଙ୍କା ରହିଛି ବୋଲି କୁହାଯାଇଛି। ଏପ୍ରିଲ ୩୦ ତାରିଖ ବେଳକୁ ତାମିଲନାଡୁ, ପୁଡୁଚେରି ଆଦି ଦକ୍ଷିଣ ଭାରତୀୟ ଅଞ୍ଚଳରେ 'ଫନୀ'ର ପ୍ରଭାବ ଭୟଙ୍କର ରୂପ ନେଇପାରେ ବୋଲି ଦର୍ଶାଯାଇଛି। ୨୭ ତାରିଖ ପରେ ସବୁକିଛି ସ୍ପଷ୍ଟ ହୋଇପାରିବ ବୋଲି ଭାରତୀୟ ପାଣିପାଗ ବିଭାଗର ଚେନ୍ନାଇ ଆଞ୍ଚଳିକ ବିଭାଗର ନିର୍ଦ୍ଦେଶକ ଏସ୍. ବାଲାଚନ୍ଦ୍ରନ୍ ପ୍ରକାଶ କରିଛନ୍ତି। ଏହି ସମୟରେ ଧୀବରମାନେ ସମୁଦ୍ର ମଧକୁ ନ ଯିବା ଲାଗି ସେ ପରାମର୍ଶ ଦେଇଛନ୍ତି।

### ବ୍ୟବସାୟୀଙ୍କୁ ଗୁଳିମାଡ଼, ୧୫ହଜାର ଟଙ୍କା ଲୁଟ୍

**କେନ୍ଦୁଝର,୨୫।୪( ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ବାଁପାର ଗ୍ରାମ ନିକଟରେ ଗୁରୁବାର ରାତି ପ୍ରାୟ ୧୦ଟାରେ ଦିଲୀପ ବେହେରା ନାମକ ଜଣେ ବ୍ୟବସାୟୀଙ୍କୁ ଗୁଳି ମାଡ଼ କରି ୧୫ ହଜାର ଟଙ୍କା ଲୁଟ ହୋଇଛି। ସେ ଆହତ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ହାତରେ ଗୁଳି ବାଜିଛି। ପୋଲିସ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ତନାଘନା ଚଳାଇଛି । ଏହି ଘଟଣାରେ ୪ ଦୁର୍ବୃତ୍ତ ସଂପୃକ୍ତ ଥିବା ଥାନା ଅଧିକାରୀ ସୋମନାଥ ଜେନା କହିଛନ୍ତି।

# ୯ ବୁଥ୍‌ରେ ସାନି ଭୋଟ ଗ୍ରହଣ ଶେଷ

ଭୁବନେଶ୍ୱର,୨୫।୪(ବ୍ୟୁରୋ)

ଦ୍ୱିତୀୟ ପର୍ଯ୍ୟାୟରେ ବାତିଲ ହୋଇଥିବା ୯ଟି ବୁଥ୍‌ରେ ଗୁରୁବାର ସାନି ମତଦାନ ଅନୁଷ୍ଠିତ ହୋଇଛି। କନ୍ଧମାଳ, ବରଗଡ଼, ସୁନ୍ଦରଗଡ଼ ଏବଂ ଆସିକା ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏହି ମତଦାନ କେନ୍ଦ୍ରଗୁଡିକରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟ ଗ୍ରହଣ କରାଯାଇଥିଲା। ଅପରାହ୍ନ ୩ଟା ସୁଦ୍ଧା ସେହି ବୁଥ୍‌ଗୁଡିକରେ ୬୩ ପ୍ରତିଶତ ମତଦାନ ହୋଇଥିଲା। ଭୋଟ ଗ୍ରହଣ ଶେଷବେଳକୁ ମତଦାନ ହାର ବୃଦ୍ଧି ହୋଇଥିଲା। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବଣାଇଁ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉପରପଡା କେନ୍ଦ୍ରିକେଳା ୟୁଜିୟୁପି ସ୍କୁଲର ୧୨୯ ନମ୍ବର ବୁଥ୍ ଏବଂ ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଙ୍ଗଢିପ ୟୁପି ସ୍କୁଲର ୨୧୩ ନମ୍ବର ବୁଥ୍‌ରେ ୭୦.୫ ପ୍ରତିଶତ ମତଦାନ ହୋଇଥିବା ବେଳେ ଦଶପଲ୍ଲା ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବାହାଡାଝୋଲା ବୁଥ୍ ନମ୍ବର ୨୧୦ ଓ ବେତନଟୀ ବୁଥ୍ ନମ୍ବର ୨୨୨ରେ ୬୮.୧, ଅତାବିରା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅରେଇଗୁଡି ବୁଥ୍ ନମ୍ବର ୨୩, ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶକ୍ତିନଗର ପ୍ରାଥମିକ ସ୍କୁଲ ବୁଥ୍ ନମ୍ବର ୬୮ ଏବଂ ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦାଭା ବୁଥ୍ ନଂ.୧୬ରେ ୭୩.୮, ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚାରମାଳ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲ ବୁଥ୍ ନଂ.୨୫୪ରେ ୭୭.୯୩ ପ୍ରତିଶତ ଏବଂ ସୋରଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରେଣ୍ଟ ବୁଥ୍ ନଂ.୧୮୨ରେ ୭୯.୦୩ ପ୍ରତିଶତ ମତଦାନ ହୋଇଛି। ଗତ ୧୮ ତାରିଖ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ ଉକ୍ତ ବୁଥ୍‌ଗୁଡ଼ିକରେ ଇଭିଏମ୍ ଓ ମାନବକୃତ ସମସ୍ୟା ଯୋଗୁ ନିର୍ବାଚନକୁ ବାତିଲ କରାଯାଇଥିଲା। ନିର୍ବାଚନ କମିଶନଙ୍କ ଅନୁମତି କ୍ରମେ ସେଠାରେ ପୁଣି ଭୋଟ ଗ୍ରହଣ କରାଯାଇଥିଲା। ମତଦାନ ଶାନ୍ତିପୂର୍ଣ୍ଣ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି।



ବରଗଡ଼ର ଏକ ବୁଥ୍‌ରେ ସାନି ମତଦାନ ପାଇଁ ଭୋଟରଙ୍କ ଧାଡ଼ି।

# ଆଜି ଆସୁଛନ୍ତି ରାହୁଲ

ବାଲେଶ୍ୱର ଅଫିସ, ୨୫।୪



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ବାଲେଶ୍ୱର ଗସ୍ତରେ ଆସୁଛନ୍ତି। ସେ ରେମୁଣା ନିର୍ବାଚନମଣ୍ଡଳୀର ନରହରିପୁର ପଡ଼ିଆରେ ଅପରାହ୍ନ ୧ଟାରେ ପହଞ୍ଚି ନିର୍ବାଚନ ପ୍ରଚାର ସଭାରେ ଯୋଗଦେବେ। ଏ ସମ୍ପର୍କରେ ବାଲେଶ୍ୱର ଲୋକସଭା ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ସୂଚନା ଦେଇଛନ୍ତି। ରହୁଲ ଗସ୍ତ ଲାଗି ରେମୁଣା ନିର୍ବାଚନମଣ୍ଡଳୀରେ କଂଗ୍ରେସ ନେତା ଓ କର୍ମୀମାନେ ଚଳଚଞ୍ଚଳ ହୋଇପଡିଛନ୍ତି। ଜେଡ଼ ପ୍ଲସ ସୁରକ୍ଷା ବଳୟରେ ରହୁଥିବା ରାହୁଲଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପଡ଼ିଆରେ ବ୍ୟାରିକେଡ଼ ବ୍ୟବସ୍ଥା, ମଞ୍ଚ ଏବଂ ହେଲିପ୍ୟାଡ଼ ପ୍ରସ୍ତୁତ କରାଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ଏବଂ ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡି କରାଯାଇଛି।

## ■ ପୋଲିଂ ଅଧିକାରୀଙ୍କୁ ଆକ୍ରମଣ, ଇଭିଏମ୍ ଭଙ୍ଗାରୁଜା ମାମଲା

# ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶଙ୍କୁ ଲୁକ୍‌ଆଉଟ୍ ନୋଟିସ

ଭୁବନେଶ୍ୱର,୨୫।୪(ବ୍ୟୁରୋ)

- ଆତ୍ମସମର୍ପଣ କରିବା ନେଇ ଚର୍ଚ୍ଚା
- ରାଜ୍ୟ, ବାହାରକୁ ପଠାଗଲା ଫଟୋ
- ବିଜେଡି-ଭାଜପା ମୁହାଁମୁହିଁ

ପୁରୀ ଜିଲା ସତ୍ୟବାଦୀ ନିର୍ବାଚନମଣ୍ଡଳୀର ୭୮ ନମ୍ବର ବୁଥ୍‌ରେ ଇଭିଏମ୍ ଭଙ୍ଗାରୁଜା ଓ ପୋଲିଂ ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ଭାଜପା ପ୍ରାର୍ଥୀ ଓମ୍ ପ୍ରକାଶ ମିଶ୍ରଙ୍କ ପାଇଁ ଅଡୁଆ ବଢିବାରେ ଲାଗିଛି। ପୋଲିସ ତାଙ୍କୁ ଧରିବା ପାଇଁ ସବୁ ଉଦ୍ୟମ ଚଳାଇଛି। ଓମ୍ ପ୍ରକାଶଙ୍କୁ ଲୁକ୍‌ଆଉଟ୍ ନୋଟିସ୍ ଜାରି କରିବା ସହ ତାଙ୍କ ଘର ଆଗରେ ଲଟ୍‌କା ଲଗାଇଛି। ଯଦି ସେ ପୋଲିସ ନିକଟରେ ଆତ୍ମସମର୍ପଣ ନ କରନ୍ତି ତାଙ୍କୁ ପଳାତକ ଘୋଷଣା କରାଯିବ ବୋଲି ପୁରୀ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି। ସେ କହିଛନ୍ତି ଯେ, ଓମ୍ ପ୍ରକାଶଙ୍କୁ ଗିରଫ କରିବା ପାଇଁ ଗଠିତ ୩ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢାଉ କରୁଛି। ତାଙ୍କର ଫଟୋ ରାଜ୍ୟ ଓ ରାଜ୍ୟ ବାହାରର ବିମାନବନ୍ଦରରେ ଲଗାଯିବାକୁ ପଠାଯାଇଛି। ଏହାସହ ରାଜ୍ୟ ବାହାରର ଥାନାକୁ ମଧ ତାଙ୍କର ଫଟୋ ପଠାଯାଇଛି। ତାଙ୍କ ବିଷୟରେ କୌଣସି ସୂଚନା ମିଳିଲେ ତୁରନ୍ତ ପୋଲିସକୁ ଖବର ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

ଦେଖିବାକୁ ଗଲେ ଓମ୍ ପ୍ରକାଶଙ୍କ ପାଇଁ ଆତ୍ମସମର୍ପଣ ଛଡା ଅନ୍ୟ କୌଣସି ବାଟ ନାହିଁ। ଯଦି ସେ ପୋଲିସ ନିକଟରେ ଆତ୍ମସମର୍ପଣ ନ କରନ୍ତି ତେବେ ପୋଲିସ ତାଙ୍କ ସମ୍ପତ୍ତି ଜବତ କରିପାରେ। ତେଣୁ ଚର୍ଚ୍ଚା ହେଉଛି ଶୁକ୍ରବାର କିମ୍ବା ଶନିବାର ଓମ୍‌ପ୍ରକାଶ ପୁରୀ ଏସ୍‌ପିଙ୍କ ନିକଟରେ ଆତ୍ମସର୍ପଣ କରିପାରନ୍ତି।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ରାଜନୈତିକ ବୟାନବାଜି ଜାରି ରହିଛି। ଗୁରୁବାର ବିଜେଡି ଏକ ଖବରଦାତା ସମ୍ମିଳନୀରେ ପ୍ରଶ୍ନ କରିଛି ଯେ, ଓମ୍‌ପ୍ରକାଶ ଏବେ କେଉଁଠି? ତାଙ୍କୁ ଫେରାର କରିବାରେ ତାଙ୍କୁ କିଏ ସାହାଯ୍ୟ କରିଥିଲା ଓ ତାଙ୍କ ପାଇଁ ଟିକେଟ କିଏ ବୁକ୍ କରିଥିଲା? ଜାତୀୟ ଦଳର ପ୍ରାର୍ଥୀ ଏପରି କାଣ୍ଡ କରି ସାରିବା ପରେ ଭାଜପା କର୍ମକର୍ତ୍ତା ତଦନ୍ତରେ ସହଯୋଗ କରୁ ନ ଥିବା ବିଜେଡି ଅଭିଯୋଗ କରିଛି। ଏନେଇ ବିଜେଡି ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ହାରିବା ଭୟରେ ଭାଜପା ଏପରି ହିଂସାକୁ ଆପଣାଇଥିବା ଓ ଫେରାର ଓମ୍ ପ୍ରକାଶ ମିଶ୍ରଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛି ବିଜେଡି। ଏନେଇ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି, ହାରିଯିବା ଭୟରେ ବିଜେଡି ନେତା ଓ କର୍ମୀମାନେ ଅନେକ ବୁଥ୍ ରିଗିଂ କରୁଛନ୍ତି। ଏପରିକି ବିଜେଡି ନିଜେ ହିଂସା ଘଟାଇ ଆମ କର୍ମୀ ଓ ନେତାଙ୍କୁ ମିଛ ମାମଲାରେ ଫସାଇ ଗିରଫ କରୁଛି। ପୋଲିସ ଶାସକ ଦଳର ହାତବାରିଶ ସାଜିଛି। ତେଣୁ ପ୍ରକୃତ ତଦନ୍ତ କରାଗଲେ ସତ୍ୟତା ପଦାକୁ ଆସିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗକ୍ରମେ ଗଡିଶାଗୋଦା ଥାନାରେ ଓମ୍ ପ୍ରକାଶ ଓ ଅନ୍ୟ କେତେଜଣଙ୍କ ନାମରେ ଆଇପିସି ଦଫା ୧୪୭, ୧୪୮, ୪୫୨, ୪୨୭, ୩୪୧, ୩୨୩, ୩୩୩, ୩୦୭, ୧୮୬, ୧୪୯, ୨୫ ଅର୍ମସ ଆକ୍ଟରେ ମାମଲା (ନଂ. ୩୭/୧୯) ରୁଜୁ କରାଯାଇଛି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ମିଥୁନ



ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ମିଥୁନ ଚକ୍ରବର୍ତ୍ତୀ ଓ ତାଙ୍କ ସମ୍ପର୍କୀୟ ଫେରୁଛନ୍ତି।

ପୁରୀ ଅଫିସ,୨୫।୪

ବଲିଉଡ୍ ଅଭିନେତା ମିଥୁନ ଚକ୍ରବର୍ତ୍ତୀ ଗୁରୁବାର ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସକାଳେ ସେ ସମ୍ପର୍କୀୟଙ୍କ ସହିତ ସିଂହଦ୍ୱାରରେ ପହଞ୍ଚିଥିଲେ। ତାଙ୍କୁ ଶ୍ରୀମନ୍ଦିର କାର୍ଯ୍ୟାଳୟର ସୂଚନା ଅଧିକାରୀ ସୁଦୀପ୍ ଚାଟାର୍ଜୀ ଓ ବରିଷ୍ଠ ଦଇତାପତି ସେବାୟତ ରାମକୃଷ୍ଣ ଦାସମହାପାତ୍ର ପ୍ରମୁଖ ସ୍ୱାଗତ କରିଥିଲେ। ମିଥୁନ ଏବଂ ତାଙ୍କ ସମ୍ପର୍କୀୟ ଗାରଦ ଦ୍ୱାର ଦେଇ ମନ୍ଦିର ଭିତରକୁ ଯାଇଥିଲେ। ସେହି ସମୟରେ ଅବକାଶ ପୂଜା ବସିଥିଲା। ସେମାନେ ଭିତରକାଠ ନିକଟରୁ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିସାରି ବେହେରଣ ଦ୍ୱାରରେ ବାହାରି ମୁକ୍ତିମଣ୍ଡପ ପଣ୍ଡିତଙ୍କଠାରୁ ଆଶୀର୍ବାଦ ନେଇଥିଲେ। ଏହାପରେ ମା' ବିମଳାଙ୍କୁ ମନ୍ଦିର ବାହାରୁ ମୁଣ୍ଡିଆ ମାରି ଲକ୍ଷ୍ମୀ ମନ୍ଦିରକୁ ଯାଇଥିଲେ। ଲକ୍ଷ୍ମୀ ମନ୍ଦିରରେ ମା'ଙ୍କୁ ଦର୍ଶନ କରି ଫେରିବା ପରେ କୀର୍ତ୍ତନ ଚକଡାରେ ଜଣେ ଚୂନରା ସେବକ ମିଥୁନଙ୍କ ବେକରେ ବାନା ବାନ୍ଧିଥିଲେ। ସେମାନେ ବେଢା ପରିସର ବୁଲି ସାରିବା ପରେ ବାହାରକୁ ଆସିଥିଲେ। ସିଂହଦ୍ୱାରଠାରେ ଗଣମାଧ୍ୟମକୁ ମିଥୁନ କହିଥିଲେ, ମହାପ୍ରଭୁଙ୍କୁ ଦର୍ଶନ କରି ସେ ବହୁତ ଖୁସି। ସେହିପରି ଦଇତାପତି ସେବକ ରାମକୃଷ୍ଣ ଦାସମହାପାତ୍ର କହିଥିଲେ ଯେ, ମିଥୁନଙ୍କ ମାନସିକ ଥିଲା। ମାନସିକ ପୂରଣ ପରେ ସେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଆସିଥିଲେ।




ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୬/୨୦୧୯ Bhubaneswar, Friday, April 26/2019


ବିଜେପି

# ମୋଦିଙ୍କ ବଜ୍ର ଶପଥ
# ଓଡ଼ିଶାରେ ୫ ବର୍ଷରେ ପାଞ୍ଚ ଗୁଣ ବିକାଶ



“ମୋତେ ୫ ବର୍ଷ ପାଇଁ ଆଶୀର୍ବାଦ କରନ୍ତୁ ।
୧୯ ବର୍ଷ ହେଲା କଚ୍ଛପ ଗତିରେ ଓଡ଼ିଶାର
ଯେତିକି ବିକାଶ ହୋଇଛି, ୫ ବର୍ଷରେ
ତାହାର ୫ ଗୁଣ ବିକାଶ କରି ଦେଖାଇବି ।”

- ନରେନ୍ଦ୍ର ମୋଦି

- ୨୦୨୨ ସୁଦ୍ଧା ପ୍ରତି ପରିବାରକୁ ସ୍ଥାୟୀ ପଟ୍ଟା ସହ ପକ୍କାଘର । ସବୁ ଘରକୁ ୨୪ ଘଣ୍ଟା ପାଇପ ଯୋଗେ ପାଣି, ଗ୍ୟାସ୍ ଓ ବିଜୁଳି ଯୋଗାଣ
- ପ୍ରତ୍ୟେକ ଜିଲ୍ଲାରେ ମେଡିକାଲ୍ କଲେଜ୍, ବିଏଡ୍ କଲେଜ୍ ଏବଂ ରେଳ ଲାଇନ୍ ସଂଯୋଗ
- ପ୍ରତ୍ୟେକ ପରିବାରର ଅନ୍ୟୂନ ଜଣଙ୍କୁ ନିଯୁକ୍ତି/ଆତ୍ମନିଯୁକ୍ତି
- ଆଗାମୀ ପାଞ୍ଚ ବର୍ଷରେ ଏକ ଲକ୍ଷ କୋଟି ଟଙ୍କା ପାଣ୍ଠିରେ ସବୁ କ୍ଷେତକୁ ଜଳସେଚନ ସୁବିଧା ସହ ଫସଲ ଉତ୍ପାଦନ ମୂଲ୍ୟରେ ୧.୫ ଗୁଣ ଏମ୍ଏସ୍ପି, ଶୀତଳଭଣ୍ଡାର ଚେନ୍
- ଓଡ଼ିଶାର ପର୍ଯ୍ୟଟନ, ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଦ୍ରୁତ ବିକାଶ ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧି
- ୪୮୦ କି.ମି. ସୁଦୀର୍ଘ ବେଳାଭୂମି ଓ ସମୁଦ୍ର ଆଧାରିତ ଅର୍ଥନୀତି ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟ କରିବାରେ ପ୍ରମୁଖ ଆୟୁଧ ହେବ
- ଅନୁସୂଚିତ ଜାତି ଓ ଜନଜାତିର ବିକାଶ ପାଇଁ ବିଶେଷ ଉଦ୍ୟମ

କେନ୍ଦ୍ର ଓ ରାଜ୍ୟରେ ଡବଲ୍ ଇଞ୍ଜିନ୍ ମୋଦି ସରକାର

ଫିର୍ ଏକ୍ ବାର୍
ମୋଦି ସରକାର

ଏମ୍ପି ଏବଂ ଏମ୍ଏଲ୍ଏ ପାଇଁ ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ

Issued by BJP, 4R-3/2, Kharavel Nagar, Unit-3, Bhubaneswar



ପୂର୍ବତନ ସ୍ଥଳସେନା ମୁଖ୍ୟ ଦଲବୀର ସିଂ ସୁହାଗଙ୍କୁ ସିଚେଲ୍ସ ପାଇଁ ଭାରତର ପରବର୍ତ୍ତୀ ଉଚ୍ଚାୟୁକ୍ତ ନିଯୁକ୍ତ କରାଯାଇଛି। ସେ ଖୁବ୍‌ଶୀଘ୍ର ଦାୟିତ୍ୱ ଗ୍ରହଣ କରିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ଭାରତ ମହାସାଗର ଅଞ୍ଚଳରେ ସିଚେଲ୍ସ ଭାରତର ଗୁରୁତ୍ୱପୂର୍ଣ୍ଣ ରଣନୀତିକ ସହଯୋଗୀ ରାଷ୍ଟ୍ର।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ରୁଦ୍ର
ପରିବାରବର୍ଗ



ବାପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





# ଶିଶୁ ମୃତଦେହକୁ ଝୁଣି ଖାଇଲା କୁକୁର

**ବଲାଙ୍ଗୀର ଅଫିସ, ୨୫।୪**

ବଲାଙ୍ଗୀର ଜିଲା ପୁଇଁନ୍ତଲା ଥାନା ପୁଡ଼ାପାଲି ନିକଟରେ ବଲାଙ୍ଗୀର-ଆଟଗାଁ ରାସ୍ତାରେ ଏକ ନବଜାତ ଶିଶୁର ମୃତଦେହ ପଡ଼ିଥିଲା। ଗୁରୁବାର ପୂର୍ବାହ୍ନ ପ୍ରାୟ ୯ଟାରେ ଏକ କୁକୁର ସେହି ମୃତଦେହକୁ ଝୁଣି ଖାଉଥିବା ଦେଖାଯାଇଥିଲା। କେତେକ ବାଟୋଇ ଏହା ଦେଖି କୁକୁରକୁ ଘଉଡ଼ାଇ ଦେଇଥିଲେ। ହେଲେ ସେତେବେଳକୁ କୁକୁର ଉକ୍ତ ମୃତଦେହର ଦୁଇଗୋଡ଼ ସହ ଅଣ୍ଟା ପର୍ଯ୍ୟନ୍ତ ଖାଇ ଦେଇଥିଲା। ଏଥିଯୋଗୁ ଶିଶୁର ଲିଙ୍ଗ ଚିହ୍ନଟ ହୋଇ ପାରିନାହିଁ। ଏଭଳି ଦୃଶ୍ୟ ଦେଖି ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ପୁଇଁନ୍ତଲା ପୋଲିସ ଘଟଣାସ୍ଥଳରୁ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। କେହି ଉକ୍ତ ମୃତ ଶିଶୁକୁ ନିକଟସ୍ଥ ନାଳ ପାଖରେ ଫିଙ୍ଗି ଦେଇଯାଇଥିବା ଅନୁମାନ କରାଯାଉଛି। ପରିତ୍ୟକ୍ତ ସ୍ଥାନରେ ଉକ୍ତ ଶିଶୁକୁ ଫିଙ୍ଗାଯାଇଥିବାରୁ ଏହା ଅବୈଧ ସନ୍ତାନ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ତେବେ କିଏ କିଭଳି ପରିସ୍ଥିତିରେ ଉକ୍ତ ଶିଶୁକୁ ସେଠାକୁ ଆଣି ଫିଙ୍ଗିଲା କିଛି ଜଣାପଡ଼ିନାହିଁ।

**ଆନ୍ଦୋଳନ ପରେ ମାନିଲେ କର୍ତ୍ତୃପକ୍ଷ**

# ଘୁଞ୍ଚିଲା ଯୁକ୍ତ ୩ ଚତୁର୍ଥ ସେମିଷ୍ଟର ପରୀକ୍ଷା

## ■ ମେ' ୪ ପରିବର୍ତ୍ତେ ଜୁନ୍ ୧୭ରୁ ହେବ ଥିଓରି ପରୀକ୍ଷା

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ସ୍ନାତକ କଲେଜରେ ହେବାକୁ ଥିବା ଯୁକ୍ତ୩ ଚତୁର୍ଥ ସେମିଷ୍ଟର ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ଆନ୍ଦୋଳନ ପରେ ଶେଷରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ସମସ୍ୟାକୁ ମାନିବା ସହ ପରୀକ୍ଷା ଘୁଞ୍ଚାଇବାକୁ ବାଧ୍ୟ ହୋଇଛନ୍ତି। ଥିଓରି ପରୀକ୍ଷା ମେ' ୪ ପରିବର୍ତ୍ତେ ଜୁନ୍ ୧୭ ତାରିଖରେ ହେବ। କିନ୍ତୁ ପ୍ରାକ୍ଟିକାଲ ପରୀକ୍ଷା ମେ' ୪ ତାରିଖରୁ ଆରମ୍ଭ ହେବ ବୋଲି ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି।

ବିଭିନ୍ନ କାରଣରୁ ପାଠ୍ୟକ୍ରମ ଶେଷ ହୋଇ ନ ଥିବାବେଳେ ୪ର୍ଥ ସେମିଷ୍ଟର ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମେ' ୪ରୁ ପରୀକ୍ଷା ଆରମ୍ଭ ହୋଇ ୧୦ ତାରିଖରେ ସରିବ ବୋଲି ଏହି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା। ହେଲେ ଅଧିକାଂଶ କଲେଜର ଅଧ୍ୟାପକ ଏବେ ବି ଯୁକ୍ତ୨ ପରୀକ୍ଷା ଖାତାଦେଖାରେ ବ୍ୟସ୍ତ ଥିବାବେଳେ ୩୫ରୁ ୪୦ ପ୍ରତିଶତ ପାଠ୍ୟକ୍ରମ ଶେଷହେବାକୁ ବାକିରହିଛି। ଏଭଳିସ୍ଥଳେ ୪ର୍ଥ ସେମିଷ୍ଟର ପାଇଁ ଛାତ୍ରୀଛାତ୍ରମାନେ ଆଦୌ ପ୍ରସ୍ତୁତ ନ ଥିବାରୁ ଏହାକୁ ବିରୋଧ କରାଯାଇଥିଲା। ରାଜ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କଲେଜ ଛାତ୍ରୀଛାତ୍ରଙ୍କ ପକ୍ଷରୁ ନିଜ କ୍ୟାମ୍ପସ ସମେତ ବିଶ୍ୱବିଦ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାସହ ଗତ ୨୨ ତାରିଖରେ ଏବିଭିପି ପକ୍ଷରୁ ଏକ ଟିମ୍ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କୁ ଭେଟି ପରୀକ୍ଷା ସୂଚୀକୁ ନେଇ ଥିବା ସମସ୍ୟା ବାବଦରେ ଅବଗତ କରାଇଥିଲେ। ବହୁ କଲେଜରେ ମିଡ୍‌ସେମିଷ୍ଟର ଆରମ୍ଭ ହୋଇ ନ ଥିବାବେଳେ ଚତୁର୍ଥ ସେମିଷ୍ଟର ପରୀକ୍ଷା ସୂଚୀ ଘୋଷଣା ଛାତ୍ରୀଛାତ୍ରଙ୍କୁ ବ୍ୟଥିତ କରିଥିବା ଏବିଭିପି ପକ୍ଷରୁ କୁହାଯାଇଥିଲା। ଯୁକ୍ତ୩ ଚତୁର୍ଥ ସେମିଷ୍ଟର ପରୀକ୍ଷାକୁ ଘୁଞ୍ଚାଯାଇ ଥିଓରି ପରୀକ୍ଷା ତାରିଖରେ ପ୍ରାକ୍ଟିକାଲ ପରୀକ୍ଷା ଓ ପ୍ରାକ୍ଟିକାଲ ପରୀକ୍ଷା ତାରିଖରେ ଥିଓରି ଆରମ୍ଭ କରାଯିବାକୁ ଦାବି ହୋଇଥିଲା। ଏହାସହ ଆସନ୍ତାବର୍ଷଠାରୁ ପ୍ରବେଶ, ଶିକ୍ଷାଦାନ ଓ ପରୀକ୍ଷା ବ୍ୟବସ୍ଥାକୁ ନିୟମିତ କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ଗୁରୁବାର ମଧ୍ୟ ବିଭିନ୍ନ ବିଶ୍ୱବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଏବଂ ସି.ଡି.ସି. ନିର୍ଦ୍ଦେଶକଙ୍କୁ ଭେଟି ପରୀକ୍ଷା ତାରିଖ ବଦଳାଇବା ପାଇଁ ଦାବି ଜଣାଇଥିଲେ। କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ମିଳିବାପରେ ଆନ୍ଦୋଳନକୁ ପ୍ରତ୍ୟାହାର କରାଯାଇଥିଲା। ଏବିଭିପିର ରାଜ୍ୟ ସହସମ୍ପାଦକ ରତନ କୁମାର ଦିଗଲ୍, ମହାନଗର ସମ୍ପାଦକ ଦୀପକ ପ୍ରକାଶ ସ୍ୱାଇଁ, ମହାନଗର ସଂଯୋଜକ ସଞ୍ଜୟ ମଲ୍ଲିକଙ୍କ ସହ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରାଶିରେ ରବି ଉଚ୍ଚସ୍ଥ ହେତୁ ପ୍ରତ୍ୟେକ ସ୍ତରରେ ସମ୍ମାନଜନକ ସ୍ଥିତିରେ ରହିବେ। ସ୍ୱାସ୍ଥ୍ୟ ଯେମିତି ଭଲ ରହିବ ତାହାଠାରୁ ମନ ମଧ୍ୟ ଆହୁରି ଅଧିକ ଭଲ ରହିବ। ବନ୍ଧୁଙ୍କ ଆଦର ମନ ଭିତରର ସବୁ ଦୁଃଖକୁ ସାମୟିକ ଭାବେ ବିସ୍ମୃତି ଗର୍ଭକୁ ଠେଲିଦେବ। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବା ସହ କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** ଭାଗ୍ୟସ୍ଥ ଚନ୍ଦ୍ର ଏବଂ ଶୁକ୍ରଙ୍କ ସୁପ୍ରଭାବରେ ଶାରୀରିକ ସୁସ୍ଥତା ରହିବା ସାଙ୍ଗକୁ ସାହାଯ୍ୟ, ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ। ସଭାସମିତି, କଳା,ସାହିତ୍ୟ, ସଙ୍ଗୀତାଦି ମନୋରଞ୍ଜନ କ୍ଷେତ୍ରରୁ ସଫଳତା ଓ ଆନନ୍ଦ ମିଳିବ। ପାରିବାରିକ ଜୀବନ ବହୁଳାଂଶରେ ଭଲ ରହିବା ସହ ଯାନବାହନ, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସୁଫଳ ପାଇବେ।

**ମିଥୁନ** କୌଶଳକାରକ ରାହୁ ଷଡାଷ୍ଟକ ସ୍ଥିତିରେ ଚନ୍ଦ୍ର ସହିତ ରହି ଅର୍ଥନୀତିକୁ ସମସ୍ୟା ବହୁଳ କରିବେ। ବୁଧ ଓ ଶୁକ୍ରଙ୍କ ଦୃଷ୍ଟି ଆପଣଙ୍କ ପାରିବାରିକ, ଆନୁଷ୍ଠାନିକ ଓ କର୍ମକ୍ଷେତ୍ରକୁ ସରସ ସୁନ୍ଦର କରିପାରେ। ସକାଳୁ ସକାଳୁ ବଳକା କାମକୁ ଶୀଘ୍ର ଶେଷ କରିବା ସକାଶେ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ସାଧାରଣ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ** ଆଜିର ଚନ୍ଦ୍ର କେନ୍ଦ୍ରରେ ରବିଙ୍କ ନକ୍ଷତ୍ରସ୍ଥ ଯୋଗୁ ଏକାଧାରରେ ପଦସ୍ଥବ୍ୟକ୍ତିଙ୍କ ମାଧ୍ୟମରେ ସମ୍ମାନିତ ହେବେ। ଉନ୍ନତ ଚିନ୍ତା, ସୁପରିକଳ୍ପିତ ଯୋଜନା ଏବଂ ପ୍ରତିବନ୍ଧକ ବିହୀନ କାର୍ଯ୍ୟରୁ ଖୁସି ରହିବେ। ପ୍ରତ୍ୟେକ କ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ସାଧାରଣ ସମସ୍ୟା ଆସିପାରେ।

**ସିଂହ** କର୍ମଭାବସ୍ଥ ଭାଗ୍ୟାଧିପତି ଚନ୍ଦ୍ରଙ୍କ ନକ୍ଷତ୍ରରେ ରହି ଆପଣଙ୍କୁ ସକୁଶଳ ଯାତ୍ରାପୂର୍ବକ କର୍ମକ୍ଷେତ୍ରସ୍ଥ କାର୍ଯ୍ୟକୁ ସମ୍ପନ୍ନ କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଚିହ୍ନା ନ ପଡି ପରୋକ୍ଷଭାବରେ ସମସ୍ୟା ସୃଷ୍ଟି କରିପାରନ୍ତି। କର୍ମକ୍ଷେତ୍ର ଗତାନୁଗତିକ ରୀତିରେ ଗଡି ଚାଲିଲେ ମଧ୍ୟ ସାଧାରଣ ଝଟ୍‌କାରୁ ବାଦ୍ ପଡିବ ନାହିଁ। ପାରିବାରିକ କ୍ଷେତ୍ରକୁ ପୂର୍ବବତ୍ ସୁସ୍ଥ ରଖିପାରିବେ।

**କନ୍ୟା** ପରିବାର ସ୍ଥାନରେ ଷଷ୍ଠାଧିପତି ଅବସ୍ଥାନ କରି ଷଷ୍ଠଭାବକୁ ଦେଖୁଥିବାରୁ ରୋଗ, ଋଣ,ଶତ୍ରୁତା କଥା ଚିନ୍ତା କରାଇବେ। ବ୍ୟୟାଧିପ ରବି ଧନସ୍ଥାନକୁ ଦୃଷ୍ଟି ଦେଇ ସରକାରୀ କାମରେ ଧନବ୍ୟୟ କରାଇପାରନ୍ତି। ପାରିବାରିକ ସ୍ଥିତି ସମ୍ପୂର୍ଣ୍ଣ ଭଲ ନ ରହିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ। ବ୍ୟବସାୟ, ନୂତନ କର୍ମାରମ୍ଭ ସାଙ୍ଗକୁ ମନମୁତାବକ କାମ ହାସଲ କରିବାରେ ସମର୍ଥ ହେବେ।

**ତୁଳା** ଚନ୍ଦ୍ରଙ୍କ କେନ୍ଦ୍ରାବସ୍ଥାନ ସାଙ୍ଗକୁ ରାଶିକୁ ରବିଙ୍କ ଦୃଷ୍ଟି ଆପଣଙ୍କୁ ଅର୍ଥ, ସମ୍ମାନ, କାର୍ଯ୍ୟସିଦ୍ଧି ଓ ଯାତ୍ରାରେ ସଫଳତା ପ୍ରଦାନ କରିବେ। ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ଠିକ୍ ସମୟରେ ବିଭିନ୍ନ ଆଳ ଦେଖାଇ ଦୂରେଇ ରହିବ। ସଭାସମିତି, ଆନୁଷ୍ଠାନିକ କାମ, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ଦେଖା ଦେଇପାରେ।

**ବିଛା** ଲକ୍ଷ୍ମୀସ୍ଥାନରେ ଶୁକ୍ର ଓ ବୁଧ ସାଙ୍ଗକୁ ଚନ୍ଦ୍ରଙ୍କ ତୃତୀୟସ୍ଥିତି ବନ୍ଧୁ, ପଡୋଶୀ କିମ୍ବା ସହକର୍ମୀଙ୍କ ଦ୍ୱାରା ଅର୍ଥପ୍ରାପ୍ତି କରାଇବ। ପରିବାରର ବ୍ୟତିକ୍ରମକୁ ସୁଧାରି ନେବାରେ ସଫଳ ହେବା ଦୁରୂହ ହୋଇପାରେ। ପୂର୍ବରୁ ଲାଗିରହିଥିବା ସ୍ୱାସ୍ଥ୍ୟ ସମସ୍ୟା ବହୁଳାଂଶରେ ଦୂରୀଭୂତ ହୋଇଯିବ। ମୂଲ୍ୟବାନ୍ ଜିନିଷ କିଣାବିକା କ୍ଷେତ୍ରରେ ସତର୍କ ରହନ୍ତୁ।

**ଧନୁ** ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ଦୈହିକ ଅସୁସ୍ଥତା ଓ ମାନସିକ ଅସ୍ଥିରତା କୌଣସି ପ୍ରକାରେ ଉପଭୋଗ୍ୟ ହେବନାହିଁ। ପ୍ରତିକୂଳ ସମୟ ହେତୁ ନିଜର ବିଶୃଙ୍ଖଳିତ ବିଚାରଧାରା ବିଷମ ପରିସ୍ଥିତି ସୃଷ୍ଟି କରିପାରେ। ତଥାପି ଉଚ୍ଚସ୍ଥଗ୍ରହ ପ୍ରଭାବରେ ଆର୍ଥିକ, ସାମାଜିକ, ସୃଜନାତ୍ମକ କାମରେ ଉନ୍ନତମାନର ଫଳ ମିଳିବ।

**ମକର** ପରିସ୍ଥିତି ଯାହା ଥାଉନା କାହିଁକି ଚନ୍ଦ୍ରଙ୍କ ପ୍ରଭାବରୁ ସବୁକିଛିକୁ ଗୋପନରଖି ହସଖୁସିର ଅଭିନୟ କରିବେ। ତଥାପି ଶ୍ରବଣା ନକ୍ଷତ୍ରର ପ୍ରତ୍ୟୁଷ ଯାତ୍ରା, ନୂତନ କର୍ମାରମ୍ଭ, ଶିକ୍ଷା, ପରୀକ୍ଷା ବହୁତ ଭଲ ରହିବ। ସାଧାରଣ ଘଟଣାରେ ସହକର୍ମୀଙ୍କ ସହ ସମ୍ପର୍କହାନି ଦୁଶ୍ଚିନ୍ତାର କାରଣ ହୋଇପାରେ। ବକେୟା ଅର୍ଥକୁ ଯୁକ୍ତିତର୍କ ମାଧ୍ୟମରେ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ** କ୍ରମାନ୍ୱୟରେ ଏକାଧିକଗ୍ରହ କୋଣଭାବ ପର୍ଯ୍ୟନ୍ତ ରହିଥିବାରୁ ସ୍ୱାସ୍ଥ୍ୟ, ଅର୍ଥ, ପରିବାର ଓ ଶିକ୍ଷା ପାଇଁ ଅନୁକୂଳ ରହିବ। ଦୀର୍ଘଦିନରୁ ଚିନ୍ତାକରୁଥିବା ଯାନବାହନ, ଯାନ୍ତ୍ରିକ ଜିନିଷ କିମ୍ବା ଧାତୁ ଅଳଙ୍କାରାଦି କ୍ରୟ କରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ସମାଧାନ ପୂର୍ବକ ଉନ୍ନତି ପରିଲକ୍ଷିତ ହେବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ମୀନ** ସମୟର ଅନୁକୂଳତା ଆପଣଙ୍କ ଦୈନନ୍ଦିନର ଯାତ୍ରା ଓ କର୍ମସମୂହକୁ ସରଳୀକୃତ କରିବ। ଆଜି ଏକାଧାରରେ ଅର୍ଥ, ସମ୍ମାନ ଓ ପ୍ରଶଂସାର ପାତ୍ର ହେବେ। ଆନୁଷ୍ଠାନିକ କର୍ମ, ସଭାସମିତି, ଆଲୋଚନା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି।

ଆଜି ବୈଶାଖ କୃଷ୍ଣ ସପ୍ତମୀ ଯୁକ୍ତ ଅଷ୍ଟମୀ ଶୁକ୍ରବାର, ଏପ୍ରିଲ ୨୬ ତାରିଖ, ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ, ରାଶି ନକ୍ଷତ୍ର- ଉତ୍ତରାଷାଢ଼ା/ମକର, ସପ୍ତମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ୬।୫୪ମି. ମଧ୍ୟେ ଘ୪।୩୩ମି. ଗତେ ଅମୃତବେଳା। ଦିବା ଘ୬।୫୪ମି. ଗତେ ଘ୮।୩୦ମି. ମଧ୍ୟେ, ଘ୧୧।୩୬ମି. ଗତେ ଘ୧।୧୦ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୧୦।୦୯ମି. ଗତେ ଘ୧୧।୪୫ମି. ମଧ୍ୟେ ରାହୁ କାଳ।

# classifieds Everyday 0674-2580101, 2549302

## real estate

**SALE**

Lowcost investment & ready construction plots/ flat/ duplex- Patia, Infocity-II Town planning area- Sundarpada, Jagamara. 8328811411, 7978620820. D-66362

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

ଭୁବନେଶ୍ୱର କଣ୍ଟାବାଡ଼/ ଅନ୍ଧାରୁଆରେ (ପିତାପଲ୍ଲୀ-କଟକ) NH bypass road sideରେ ଘରବାରି ପଟ୍ଟା plot- 9437971401 D-66126

ଭୁବନେଶ୍ୱର ରେଡଙ୍ଗ ଷ୍ଟେସନ ପାଖରେ ଘରବାରି ପ୍ଲଟ କିଣି ଘର କରନ୍ତୁ। 9938066403. D-66358

SC gharabari plot for sale just 1.9km. from NH-5 Hanspal- Puri Canal, sqft. 1250. 8763499150. D-12286

ଭୁବନେଶ୍ୱର AIIMS Medical, DOON School, NMIET College ନିକଟରେ Yellowzone Gharabari 30' road, electricity ଥାଇ boundary plot 1,500/- 9777553622. D-66125

**BDAର Southcity IIT Argul ଠାରେ Railway stationରୁ ଅଳ୍ପ ଦୂରତାରେ ପିଚୁରାସ୍ତାର ସୁବିଧାଥାଇ ଘରବାରି plot କିଣନ୍ତୁ। Akshya- 8327748629.** D-66352

ଭୁବନେଶ୍ୱର New Railway Stationକୁ ଲାଗି ଘରବାରି ପ୍ଲଟ sqft. 450/-ରେ ମିଳୁଛି। 9439690111. D-66363

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

**କଟକ-ଭୁବନେଶ୍ୱର Twin-city ମଧ୍ୟରେ ନିର୍ମିତ ବୃହତ୍ତମ commercial Hub (Grand bazar) ସମ୍ମୁଖରେ ଘରବାରି ବାସୋପଯୋଗୀ plot ଶସ୍ତାରେ ମିଳୁଅଛି। Sanjaya- 8339826767.** D-66354

1260 gharabari boundary plot 30ft. road Ranga Bazar- 8,82,000/- 8144998588. D-66356

ORERA registered 1BHK, Studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-66095

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66099

Bhubaneswar Infocity-II boundaryକୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66360

ନଖରା ତ୍ରିନାଥ ବଜାର ଠାରେ SC ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପ ନଗରୀ ଧାକୁଲେଇପାଠ ଠାରେ 1200କୁ 3,00,000/- (outright). 9776934361, 8144706560. D-66359

ପାହାଳ ନିକଟବର୍ତ୍ତୀ ଗୋହଳରେ Bank Finance ଥାଇ plot କିଣନ୍ତୁ। Sqft. 770/- 8280032048. D-66364

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-12222

ତମାଣ୍ଡୋ ବଜାର ପଛପଟେ 30 ଥାଇ ଘରବାରି Boundary plot ବିକ୍ରିହେବ। 9778556265. D-66361

3BHK premium flats available for booking at BJB Nagar extension, facing 60 feet road (1k.m. from Kalpana square) price- 67.50 to 72.50 lakhs (including parking) Contact: 9439543532, 9861052040, 9861157958. D-12310

2BHK simplex 15,00,000/- finishing Hanspal, Gharabari plot- Atala, Ranga bazar: 9668194157. D-66443

2000 sqft. (10nos.) main road side plot at Sankarpur, Ghatikia, Bhubaneswar infront Tata Ariana (Electric, Govt. supply water, 30ft. road available)- 7381564227, 8114744495. D-66444

50 gunth land sale with 25 nos. Mango trees (electrification) near Khordha Collectorate office. Per gunth Rs. 1,60,000/-. Contact: 9439101373. D-12322

## to-let

1500 sqft area near Trident College for office/ Godown/ Store House purposes. Bhubaneswar: 9437025683. D-12276

2000 sqft. for Bank and office purpose. 185, Janpath, Kharvel Nagar, Bhubaneswar. Contact No: 9437075299. D-12303

Rent for office/ guest house near Radha Krishna mandir, Bayababa lane. Contact: 9437504102. D-35842

17'x10' shop (170 sqft.) fully furnished rent 15,000/-, interiors 2 lakhs, security deposit 4 lakh, Mainroad, Sahid Nagar, Bhubaneswar: 9438344444. D-66221

25'x21' shop (525 sqft.) rent 35,000/-, security deposit 5 lakh, Mainroad, Sahid Nagar, Bhubaneswar: 9438344444. D-66222

50'x21' shop (1050 sqft.) rent 65,000/-, security deposit 8 lakh, Main road, Sahid Nagar, Bhubaneswar: 9438344444. D-66223

## packers & movers

Shivam logistic packers movers. Household/ carrelocation countrywide. 9777044177, 9338461133. D-12311

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Herbal full body massage with refreshment by well trained therapist. 7381239385, 0674-2540855. D-66090

Experience full body massage with us by experts. Enquiry- 0674-2597822, 7377048581. D-66091

Herbal full body massage by smart/expert therapist. Contact: 8338067247. D-66092

Newly opening ayurvedic body massage smart therapist Shree herbal. 7750020754. D-66093

Summer special mesmerizing offer expert therapeutic refreshing massage appointment. 9668374480. D-66094

**LOST**

ମୁଁ Digvijay Pal, ପିତା- Prasana Kumar Pal, ମୋର SBI Life Insurance Policy bond no- 1B458173508 ମୁଁ ପାଇ ନାହିଁ। ଯଦି କେହି ପାଇଥାଆନ୍ତି ମୋତେ ନିର୍ଦ୍ଧାରିତ ନମ୍ବରରେ ଯୋଗାଯୋଗ କରିବେ: 8328888171 D-56641

# ଆଲୋକ, ସତ୍ୟଜିତ୍ ଭାଜପାରୁ ବହିଷ୍କୃତ

**ଭୁବନେଶ୍ୱର, ୨୫।୪(ବ୍ୟୁରୋ)**

ଅନୁଶାସନ ଭଙ୍ଗ ଏବଂ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଦୁଇ ଜଣଙ୍କୁ ଦଳରୁ ବହିଷ୍କାର କରିଛନ୍ତି। କେନ୍ଦ୍ରାପଡା ବିଧାନସଭା ନିର୍ବାଚନମଣ୍ଡଳୀର ଆଲୋକ କୁମାର ଜେନା ଏବଂ ଆଳି ବିଧାନସଭା ନିର୍ବାଚନମଣ୍ଡଳୀର ସତ୍ୟଜିତ୍ ସ୍ୱାଇଁଙ୍କୁ ଦଳରୁ ବହିଷ୍କାର କରିଛନ୍ତି। ଏନେଇ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ରାଜ୍ୟ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

# ମାଲକାନଗିରି ପୀଡ଼ିତାଙ୍କୁ ଭେଟିଲା ଭାଜପା

**ଭୁବନେଶ୍ୱର, ୨୫।୪(ବ୍ୟୁରୋ)**

ଓଡ଼ିଶାର ବର୍ତ୍ତମାନ ସବୁ ସ୍ଥାନରେ ନାବାଳିକାଠାରୁ ଆରମ୍ଭ କରି ମହିଳାଙ୍କ ପର୍ଯ୍ୟନ୍ତ ସମସ୍ତେ ଅସମ୍ମାନିତ, ନିଷ୍ପେଷିତ, ଅପମାନିତ, ଲାଞ୍ଛିତ । ପ୍ରତିଦିନ ଗଣବଳାତ୍କାର ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଠାରେ ନୀରବଦ୍ରଷ୍ଟା ସାଜିଛନ୍ତି । କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବାରମ୍ବାର ଅଭିଯୋଗ ହେଉଥିଲାବେଳେ ଓଡ଼ିଶା ପୋଲିସ ଚୁପ ବସିଛି। ମାଲକାନଗିରିର ଜଣେ କଲେଜ ପଢୁଥିବା ଝିଅ ସହ କଲେଜ ଭିତରେ ଗଣବଳାତ୍କାର ଘଟଣା ୨୦୧୭ରେ ହୋଇଥିଲା। ଏହି ପ୍ରସଙ୍ଗରେ ପୋଲିସ ପାଖରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ଏହି ମାମଲାରେ ପୋଲିସ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଲେଖାଶ୍ରୀ କହିଛନ୍ତି ଯେ, ପୋଲିସ ଗିରଫ କରିଥିବା ଅପରାଧୀମାନଙ୍କୁ ପରବର୍ତ୍ତୀ ସମୟରେ ଛାଡି ଦିଆଗଲା। ଅଭିଯୁକ୍ତ ଅପରାଧୀମାନଙ୍କୁ ଗିରଫ କରିବା ଲାଗି ହାଇକୋର୍ଟ ଆଦେଶ ଦେଇଥିଲେ ମଧ୍ୟ ମାଲକାନଗିରିର ପୋଲିସ ସମ୍ପୃକ୍ତ ବଳାତ୍କାରୀଙ୍କୁ ଏପର୍ଯ୍ୟନ୍ତ ଗିରଫ କରୁନାହିଁ ବୋଲି ଲେଖାଶ୍ରୀ କହିଛନ୍ତି। ଗୁରୁବାର ସେ ଏମ୍‌ସ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ପୀଡ଼ିତାଙ୍କୁ ଭେଟିବା ପରେ ଏହି ଅଭିଯୋଗ କରିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୬/୨୦୧୯ | Bhubaneswar, Friday, April 26/2019 | ପୃଷ୍ଠା-୧





**‘ଅଂଗ୍ରେଜୀ ମିଡ଼ିୟମ୍’ରେ କରିନା**
ଅଭିନେତ୍ରୀ କରିନା କପୁର ଖାନ୍ ‘ଅଂଗ୍ରେଜୀ ମିଡ଼ିୟମ୍’ରେ ଜଣେ ପୋଲିସ ଅଫିସର ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। **୦୬**

**୧୪** **ଭେଲୋସିଟି ଦଳରେ ସୁଶ୍ରୀ ଦିବ୍ୟଦର୍ଶିନୀ**
ଜୟପୁରରେ ହେବାକୁଥିବା ମହିଳା ଟି୨୦ ଚ୍ୟାଲେଞ୍ଜ ସିରିଜ ପାଇଁ ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ଭେଲୋସିଟି ଦଳରେ ସ୍ଥାନ ପାଇଛନ୍ତି।









## ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟର ଯାଞ୍ଚ ଘଟଣା
# ଆଇଏଏସ ଅଫିସରଙ୍କ ନିଲମ୍ବନ ବାତିଲ

**ନୂଆଦିଲ୍ଲୀ,୨୫।୪:** ଓଡ଼ିଶାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହେଲିକପ୍ଟର ଯାଞ୍ଚ ଲାଗି ନିର୍ଦ୍ଦେଶ ଦେଇଥିବା ୧୯୯୬ ବ୍ୟାଚ୍‌ର ଆଇଏଏସ ଅଫିସର ମହମ୍ମଦ ମହସିନ୍‌ଙ୍କ ନିଲମ୍ବନକୁ ନିର୍ବାଚନ କମିଶନ(ଇସି) ରଦ୍ଦ କରିଦେଇଛନ୍ତି। କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (କ୍ୟାଟ) ଗୁରୁବାର ମହସିନ୍‌ଙ୍କ ନିଲମ୍ବନ ଉପରେ ସ୍ଥଗିତାଦେଶ ଜାରି କରିବା ପରେ ଇସି ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ତାଙ୍କୁ ନିର୍ବାଚନ ଡ୍ୟୁଟିରୁ ବାଦ୍ ଦିଆଯାଇଛି। ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଇସି କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହସିନ୍‌ଙ୍କ ନିଲମ୍ବନ ଉପରେ କ୍ୟାଟ ଉଭୟ ପକ୍ଷଙ୍କୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଜୁନ୍ ୩କୁ ଧାର୍ଯ୍ୟ କରିଛନ୍ତି। ଶୁଣାଣି ବେଳେ ଟ୍ରିବ୍ୟୁନାଲ କହିଥିଲେ, ଏସ୍‌ପିଜି ସୁରକ୍ଷା ପାଉଥିବା ବ୍ୟକ୍ତିଙ୍କ ଲାଗି ନିରାପତ୍ତାର ଯଥୋଚିତ ଆଶ୍ୱାସନା ସୁନିଶ୍ଚିତ କରାଯିବାବେଳେ ସବୁ କିଛି ପାଇଁ ସେମାନେ ଯୋଗ୍ୟ ବୋଲି କୁହାଯାଇପାରିବ ନାହିଁ। ସୂଚନାଯୋଗ୍ୟ ପ୍ରଧାନମନ୍ତ୍ରୀ ଗତ ୧୭ରେ ସମ୍ବଲପୁର ଗସ୍ତରେ ଆସିଥିବାବେଳେ ତାଙ୍କ ହେଲିକପ୍ଟର ଯାଞ୍ଚ ଲାଗି ନିର୍ବାଚନ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା କର୍ଣ୍ଣାଟକର ଆଇଏଏସ୍ ଅଫିସର ମହସିନ୍ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପିଜି ସୁରକ୍ଷାରେ ଥିବା ବ୍ୟକ୍ତିଙ୍କ ଲାଗି ଉଦ୍ଦିଷ୍ଟ ନିୟମାବଳୀ ଉଲ୍ଲଂଘନ ହୋଇଥିବା ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଥିଲା।

**ଆଜିର ସମ୍ପାଦକୀୟ**

**ଆସନ୍ନ ତୈଳ ସଂକଟ**

**ଆଜିର ମନ୍ତବ୍ୟ**

“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଗତ ୫ ବର୍ଷରେ ଲୋକଙ୍କ ସହ ଅନ୍ୟାୟ କରିଛନ୍ତି।
– ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

**କିଛି ତଥ୍ୟ**

୨୦୧୮-୧୯ରେ ଦେଶର ଅଶୋଧିତ ତୈଳ ଉତ୍ପାଦନ ୪% ହ୍ରାସ ଘଟି ୩୪.୨ ନିୟୁତ ଟନ ରହିଛି।
– ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ





NECC NATIONAL EGG CO-ORDINATION COMMITTEE 25.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 105 | 165 | 175 |
| CTC | 107 | 167 | 177 |
| DKL | 107 | 167 | 177 |
| BDK | 109 | 170 | 180 |
| BLS | 109 | 170 | 180 |
| ANG | 107 | 167 | 177 |

*Conditions Apply

**Eggs Retail Price- 37/-Dozen**
Issued in the Interest of Consumers


## ସିଜେଆଇଙ୍କ ବିରୋଧରେ ଷଡ଼ଯନ୍ତ୍ର ଅଭିଯୋଗ
# ଅନଙ୍ଗ ପଟ୍ଟନାୟକଙ୍କୁ ତଦନ୍ତ ଦାୟିତ୍ୱ

**ନୂଆଦିଲ୍ଲୀ,୨୫।୪(ପି.ଟି.)**

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ବିରୋଧରେ ବଡ଼ ଧରଣର ଷଡଯନ୍ତ୍ର ଅଭିଯୋଗର ତଦନ୍ତ ଲାଗି ସୁପ୍ରିମକୋର୍ଟ ଗୁରୁବାର ଏକ ଜଣିକିଆ କମିଟି ଗଠନ କରିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକଙ୍କୁ ନେଇ ଗଠିତ କମିଟି ଏହି ଷଡ଼ଯନ୍ତ୍ର ଅଭିଯୋଗର ତଦନ୍ତ କରିବେ। ତଦନ୍ତରେ ଜଷ୍ଟିସ ପଟ୍ଟନାୟକଙ୍କୁ ସହଯୋଗ କରିବା ଲାଗି ସିବିଆଇ, ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ଏବଂ ଦିଲ୍ଲୀ ପୋଲିସ କମିଶନରଙ୍କୁ କୁହାଯାଇଛି। ତେବେ ଏହି କମିଟି ସିଜେଆଇଙ୍କ ବିରୋଧରେ ପୂର୍ବତନ ମହିଳା କର୍ମଚାରୀ ଆଣିଥିବା ଯୌନଶୋଷଣ ଅଭିଯୋଗର ତଦନ୍ତ କରିବ ନାହିଁ। ଉକ୍ତ କମିଟିର ତଦନ୍ତ ରିପୋର୍ଟ ସିଜେଆଇଙ୍କ ବିରୋଧରେ ଅଭିଯୋଗର ତଦନ୍ତ କରୁଥିବା ଇନ୍-ହାଉସ୍ କମିଟିକୁ ପ୍ରଭାବିତ କରିବ ନାହିଁ ବୋଲି କୁହାଯାଇଛି। ଆଇନଜୀବୀ ଉତ୍ସବ ସିଂ ବୈନ୍ସ ଦାଖଲ କରିଥିବା ସତ୍ୟପାଠ ଜଷ୍ଟିସ ପଟ୍ଟନାୟକଙ୍କ ପାଖକୁ ଜଉମୁଦା ଲଫାପାରେ ପଠାଯିବ। ତଦନ୍ତ ସାରି ଜଷ୍ଟିସ୍ ପଟ୍ଟନାୟକ ତାଙ୍କ ରିପୋର୍ଟ ଜଉମୁଦା ଲଫାପାରେ ଅଦାଲତରେ ଦାଖଲ କରିବେ। ଏହା


ଅନଙ୍ଗ କୁମାର ପଟ୍ଟନାୟକ

- ଯୌନ ଶୋଷଣ ଅଭିଯୋଗ ତଦନ୍ତ କମିଟିରୁ ଓହରିଲେ ଜଷ୍ଟିସ୍ ରମାନା
- ଜଷ୍ଟିସ୍ ଇନ୍ଦୁ ମାଲହୋତ୍ରା କମିଟିରେ ସାମିଲ
- ନିଆଁ ସହ ଖେଳୁଛନ୍ତି କ୍ଷମତାଶାଳୀ: ସୁପ୍ରିମକୋର୍ଟ



**ମହିଳାଙ୍କ ଅଭିଯୋଗ**

## ଶୁଣାଣି ନ କରି ମୋ ଚରିତ୍ର ସଂହାର କରାଯାଇଛି

**ନୂଆଦିଲ୍ଲୀ,୨୫।୪**

ଶୁଣାଣି ପାଇଁ ସୁଯୋଗ ନ ଦେଇ ତାଙ୍କ ଚରିତ୍ର ସଂହାର କରାଯାଉଛି ବୋଲି ପ୍ରଧାନ ବିଚାରପତିଙ୍କ ବିରୋଧରେ ଯୌନଶୋଷଣ ଅଭିଯୋଗ ଆଣିଥିବା ସୁପ୍ରିମକୋର୍ଟର ପୂର୍ବତନ ମହିଳା କର୍ମଚାରୀ କହିଛନ୍ତି। ଏଥିସହିତ ସେ ଜଷ୍ଟିସ ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ତଦନ୍ତ କମିଟି ଉପରେ ଚିନ୍ତାବ୍ୟକ୍ତ କରିଛନ୍ତି। ‘ବିଶାଖା ଗାଇଡଲାଇନ୍ସ’ ଏବଂ ପୋଶ୍ ଆଇନ ଅନୁଯାୟୀ ଉକ୍ତ କମିଟି ଗଠନ କରାଯାଇ ନ ଥିବା ସେ କହିଛନ୍ତି।

ସିଜେଆଇ ରଞ୍ଜନ ଗୋଗୋଇଙ୍କ ବିରୋଧରେ ଆସିଥିବା ଯୌନଶୋଷଣ ଅଭିଯୋଗ ଉପରେ ☞ପୃଷ୍ଠା-୪

ପରେ ମାମଲାର ପୁନର୍ବାର ଶୁଣାଣି ହେବ ବୋଲି ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ କହିଛନ୍ତି।

ଅନ୍ୟପକ୍ଷରେ ସିଜେଆଇଙ୍କ ବିରୋଧରେ ଆସିଥିବା ଯୌନଶୋଷଣ ଅଭିଯୋଗର ତଦନ୍ତ ପାଇଁ ଜଷ୍ଟିସ୍ ଏସ.ଏ. ବୋବ୍‌ଡେଙ୍କ ନେତୃତ୍ୱରେ ଗଠିତ ତିନିଜଣିଆ ଇନ୍-ହାଉସ କମିଟିରୁ ଜଷ୍ଟିସ ଏନ.ଭି. ରମାନା ଗୁରୁବାର ଓହରିଯାଇଛନ୍ତି। ତାଙ୍କ ସ୍ଥାନରେ ତଦନ୍ତ କମିଟିରେ ଜଷ୍ଟିସ୍ ଇନ୍ଦୁ ମାଲହୋତ୍ରାଙ୍କୁ ସାମିଲ କରାଯାଇଛି। କମିଟିରେ ଜଷ୍ଟିସ୍ ରମାନାଙ୍କ ଉପସ୍ଥିତିକୁ ନେଇ ଯୌନ ଶୋଷଣ ଅଭିଯୋଗ ଆଣିଥିବା ମହିଳା କର୍ମଚାରୀ ଆପତ୍ତି ଉଠାଇଥିଲେ। ରମାନା ସିଜେଆଇଙ୍କର ଘନିଷ୍ଠ ବନ୍ଧୁ ଓ ନିୟମିତ ତାଙ୍କ ଘରକୁ ଯାଇଥାନ୍ତି ବୋଲି ମହିଳା ☞ପୃଷ୍ଠା-୪

## ୨୦୦୭ କନ୍ଧମାଳ ଦଙ୍ଗା ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରସଙ୍ଗ
# ରିପୋର୍ଟ ଦେଇନାହାନ୍ତି ଏନ୍‌ଏଚ୍‌ଆରସି

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

**ସୁପ୍ରିମକୋର୍ଟଙ୍କୁ ରାଜ୍ୟ ସରକାର ଜଣାଇଲେ**

ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) ୨୦୦୭ରେ କନ୍ଧମାଳ ଜିଲାରେ ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗା ରିପୋର୍ଟ କିମ୍ବା ଏ ସମ୍ପର୍କିତ କୌଣସି ରିପୋର୍ଟ ପ୍ରଦାନ କରିନାହାନ୍ତି। ରାଜ୍ୟ ସରକାର ଏ ନେଇ ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ଏହି ଦଙ୍ଗାରେ କ୍ଷତିଗ୍ରସ୍ତଙ୍କୁ ଅତିରିକ୍ତ ସହାୟତା ଦେବାକୁ ଆର୍କ ବିଶପ ଜନ ବରୁଆ ସର୍ବୋଚ୍ଚ ଅଦାଲତରେ ଅଭିଯୋଗ ସମ୍ବଳିତ ପିଟିଶନ ଦାଏର କରିଥିଲେ। ଜଷ୍ଟିସ୍ ୟୁ. ୟୁ. ଲଳିତ ଏବଂ ଇନ୍ଦୁ ମାଲହୋତ୍ରାଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ଗୁରୁବାର ଏହି ମାମଲାର ଶୁଣାଣି କରିଥିଲେ। ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ଓକିଲ ☞ପୃଷ୍ଠା-୪

## ଶ୍ରୀଲଙ୍କା ବିସ୍ଫୋରଣ
# ଆତ୍ମଘାତୀ ଫାତିମା ଇବ୍ରାହିମ ଗର୍ଭବତୀ ଥିଲେ

**କଲମ୍ବୋ,୨୫।୪**



ଶ୍ରୀଲଙ୍କାର କୋଟିପତି ବ୍ୟବସାୟୀ ତଥା ଆଇଏସ ଆତ୍ମଘାତୀ ଇନସାଫ ଅହମଦ ଇବ୍ରାହିମଙ୍କ ସ୍ତ୍ରୀ ଫାତିମା ଇବ୍ରାହିମ ନିଜର ଅଜନ୍ମା ଶିଶୁ ଓ ୩ ପୁଅଙ୍କ ସହ ନିଜକୁ ବିସ୍ଫୋରଣରେ ଉଡାଇ ଦେଇଥିଲେ। ରବିବାର ରାତିରେ ପୋଲିସ ପକ୍ଷରୁ ତାଙ୍କ ଘରେ ଚଢଉ କରାଯାଇଥିଲା ବୋଲି ଭାରତୀୟ ଗୋଇନ୍ଦା ସୂଚନାରୁ ଜଣାପଡିଛି। ବିସ୍ଫୋରଣରେ ୩-ପୋଲିସ ଅଧିକାରୀଙ୍କ ମୃତ୍ୟୁ ହୋଇଥିଲା।

ଭାଇ ଇଲ୍ହାମ ଅହମଦ ଇବ୍ରାହିମଙ୍କ ସହ ଫାତିମା ଡେମାଟାଗୋଡାସ୍ଥିତ ତାଙ୍କ ପରିବାରର ବିଳାସପୂର୍ଣ୍ଣ ୩ ମହଲା କୋଠାଘରୁ ବାହାରି ସିନ୍ନାମୋନ ଗ୍ରାଣ୍ଡ ଓ ଶାଙ୍ଗରି-ଲା ହୋଟେଲ ବ୍ରେକଫାଷ୍ଟ ବଫେଟରେ ଆତ୍ମଘାତୀ ବିସ୍ଫୋରଣ କରିଥିଲେ। ହୋଟେଲ ଓ ଚର୍ଚ୍ଚ ବିସ୍ଫୋରଣରେ ୩୫୯ ☞ପୃଷ୍ଠା-୪

## ବରୀ, ଚାନ୍ଦବାଲିରେ ବିଜୟ ସଂକଳ୍ପ ସଭାରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ
# ‘ନବୀନ ସରକାରର ବିଦାୟ ବେଳ ଆସିଛି’


ବରୀ ଅନ୍ତର୍ଗତ ଗୋବିନ୍ଦାବାଟିଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସଭାରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଉଦ୍‌ବୋଧନ ଦେଉଛନ୍ତି।

**ବରୀ/ ରତ୍ନଗିରି/ଚାନ୍ଦବାଲି, ୨୫।୪ (ଡି.ଏନ.ଏ.)**

ଗତ ୫ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଓଡ଼ିଶାକୁ ପ୍ରାୟ ୨ଲକ୍ଷ କୋଟି ଟଙ୍କାର ସହାୟତା ଏବଂ ଆବଶ୍ୟକ ସଂଖ୍ୟକ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେଇଥିଲେ ମଧ୍ୟ ରାଜ୍ୟରୁ ଗରିବୀ ନ ହଟିବା ଦୁଃଖର ବିଷୟ। ନବୀନବାବୁଙ୍କ ସରକାରକୁ ବିଦାୟ ଦେବାର ବେଳ ଆସିଛି। ନରେନ୍ଦ୍ର ମୋଦି ପୁନର୍ବାର ପ୍ରଧାନମନ୍ତ୍ରୀ ହେଲେ ଦେଶରୁ ଗରିବୀ ହଟିବା ସହିତ ମାଓବାଦୀ ଓ ଆତଙ୍କବାଦକୁ ଦମନ କରାଯାଇପାରିବ। ଗତ ୧୯ବର୍ଷ ଧରି ରାଜ୍ୟରେ ବିଜେଡି ସରକାର ଶାସନ କରୁଥିଲେ ସୁଦ୍ଧା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଓ ପାନୀୟଜଳ ଆଦିରେ ବିକାଶ ହୋଇପାରି ନାହିଁ। ରାଜ୍ୟରେ ଏଥର ଭାଜପାକୁ ସରକାର ଗଢ଼ିବା ପାଇଁ ସୁଯୋଗ ଦେଲେ ଦେଶ ସହିତ ରାଜ୍ୟର ବହୁମୁଖୀ ବିକାଶ ହେବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଗୁରୁବାର ଯାଜପୁର ଜିଲା ବରୀ ଏବଂ ଭଦ୍ରକ ଜିଲା ଚାନ୍ଦବାଲିରେ ଆୟୋଜିତ ବିଜୟ ସଂକଳ୍ପ ସଭାରେ ଯୋଗଦେଇ କହିଛନ୍ତି।

ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ପ୍ରଥମେ ବରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋବିନ୍ଦାବାଟି ଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇଥିଲେ। ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ରାଜନାଥ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ବିଜେଡି ସରକାର ରାଜ୍ୟର ବିକାଶରେ ବାଧା ସୃଷ୍ଟି କରୁଛନ୍ତି। ଏପରିକି କେନ୍ଦ୍ରୀୟ ଯୋଜନା ଗୁଡ଼ିକୁ କାର୍ଯ୍ୟକାରୀ ନ କରି ଲୋକମାନଙ୍କୁ ସୁବିଧା ପାଇବାରୁ ବଞ୍ଚିତ କରୁଛନ୍ତି। କେନ୍ଦ୍ରର ଆୟୁଷ୍ମାନ ଯୋଜନାକୁ ଓଡ଼ିଶାରେ କାର୍ଯ୍ୟକାରୀ ନ କରି ବିଜୁ ସ୍ୱାସ୍ଥ୍ୟ ଯୋଜନା ଲାଗୁ କରିବା ଏହାର ଜ୍ୱଳନ୍ତ ଉଦାହରଣ। ରାଜ୍ୟରେ ଭାଜପା ସରକାର ଆସିଲେ ୨୦୨୨ ସୁଦ୍ଧା ଗ୍ରାମାଞ୍ଚଳରେ ଗୋଟିଏ ହେଲେ ଚାଳ ଘର ରହିବ ନାହିଁ ବୋଲି ରାଜନାଥ କହିଥିଲେ। ଏଥିସହିତ ଯାଜପୁର ଲୋକ ସଭା ପ୍ରାର୍ଥୀ ଅମିୟକାନ୍ତ ମଲ୍ଲିକ, ବରୀ ☞ପୃଷ୍ଠା-୪

# ୩୦ ଯାଏ ପ୍ରବଳ ତାତି

- ପାରଦ ଡେଇଁବ ୪୫ ଡିଗ୍ରୀ
- ଟିଟିଲାଗଡ଼ ୪୩.୫ ଡିଗ୍ରୀ
- ଘନୀଭୂତ ହେଉଛି ବାତ୍ୟା
- ୩ରୁ ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

ଆସନ୍ତା ୩୦ ତାରିଖ ଯାଏ ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିବ। ଏପରି କି ପାରଦ ୪୫ ଡିଗ୍ରୀ ସେଲସିୟସ ଟପିଯିବାର ସମ୍ଭାବନା ରହିଛି। ସୁନ୍ଦରଗଡ, ବଲାଙ୍ଗୀର, ଅନୁଗୋଳ, ସମ୍ବଲପୁର, ସୋନପୁର, ଝାରସୁଗୁଡା, ମାଲକାନଗିରି ଆଦି ଜିଲାରେ ତାପମାତ୍ରା ୩ରୁ ୪ ଡିଗ୍ରୀ ବୃଦ୍ଧି ପାଇବ। ପ୍ରବଳ ଗ୍ରୀଷ୍ମରେ ଆଉଟପାଉଟ ହେବେ ଲୋକେ। ଉପକୂଳବର୍ତ୍ତୀ ଜିଲାଗୁଡିକ ମଧ୍ୟ ପ୍ରବଳ ତାତିରୁ ନିସ୍ତାର ପାଇବେ ନାହିଁ। ଉପକୂଳବର୍ତ୍ତୀ ଜିଲାଗୁଡିକରେ ପାରଦ ୪୦ ଡିଗ୍ରୀ ଉପରେ ରହିବ। ଗୁରୁବାର ଆଭ୍ୟନ୍ତରୀଣ ଓଡିଶାର ☞ପୃଷ୍ଠା-୪

# ବାରିପଦା ମେଡିକାଲ କଲେଜ ପ୍ରତିଷ୍ଠାକୁ ଜଣେ ଓଡ଼ିଆ କେନ୍ଦ୍ରମନ୍ତ୍ରୀ ବିରୋଧ କରୁଥିଲେ: ମୁଖ୍ୟମନ୍ତ୍ରୀ

**ବାରିପଦା ଅଫିସ,୨୫।୪**

**ମୟୂରଭଞ୍ଜରେ ନବୀନଙ୍କ ମାରାଥନ ନିର୍ବାଚନ ପ୍ରଚାର**


ମୋରଡା ନିର୍ବାଚନମଣ୍ଡଳୀର ପାଟପୁର ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

ଜଣେ ଓଡ଼ିଆ କେନ୍ଦ୍ରମନ୍ତ୍ରୀ ବାରିପଦା ମେଡିକାଲ କଲେଜ ପ୍ରତିଷ୍ଠାକୁ ବିରୋଧ କରୁଥିଲେ। ଏଥିପାଇଁ କେନ୍ଦ୍ର ଅନୁମତି ନ ଦେବାରୁ ସୁପ୍ରିମକୋର୍ଟ ଏମ୍‌ପାୱାରର୍ଡ କମିଟିରୁ ରାଜ୍ୟ ସରକାର ଅନୁମତି ଆଣିଥିଲେ। ସେହିପରି ପ୍ରତିଦିନ ଲକ୍ଷାଧିକ ଲୋକ ଖାଉଥିବା ‘ଆହାର’ ଯୋଜନାକୁ ମଧ୍ୟ ଏହି କେନ୍ଦ୍ରମନ୍ତ୍ରୀ ବିରୋଧ କରୁଥିଲେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଗୁରୁବାର ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ଆୟୋଜିତ ନିର୍ବାଚନୀ ସଭାରେ ସେ ଏ ନେଇ ମୁହଁ ଖୋଲିଛନ୍ତି। ଅନ୍ୟପକ୍ଷରେ ମୟୂରଭଞ୍ଜ ଜିଲାରେ ରେଳ ଓ ଶିଳ୍ପ କ୍ଷେତ୍ର ପ୍ରତିଷ୍ଠା ପ୍ରତି ମଧ୍ୟ କେନ୍ଦ୍ର ଦୃଷ୍ଟି ଦେଉନାହିଁ। ଏଣୁ ଜଣେ ସ୍ୱାଭିମାନୀ ମୟୂରଭଞ୍ଜିଆ ଭାବେ ଏହାର ଉଚିତ ଜବାବ ଦେବାକୁ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ, ତୃତୀୟ ପର୍ଯ୍ୟାୟ ଭୋଟ ପରେ ସ୍ଥିତି ସ୍ପଷ୍ଟ ହୋଇଯାଇଛି। କେନ୍ଦ୍ରରେ କୌଣସି ଜାତୀୟ ଦଳ ବହୁମତ ପାଇବେ ନାହିଁ। କେନ୍ଦ୍ର ସରକାର ଗଠନରେ ଓଡ଼ିଶାର ପ୍ରମୁଖ ଭୂମିକା ରହିବ। କାଳିଆ ଯୋଜନାରେ ୪୦ ଲକ୍ଷ ଚାଷୀ ଉପକାର ପାଇଲେଣି। କିନ୍ତୁ କେନ୍ଦ୍ର ☞ପୃଷ୍ଠା-୪

ମଣିଷ ଯାହାକୁ ପାପ ବୋଲି କହେ– ତାକୁ ତୁମେ ପାପ ବୋଲି ଭାବନାହିଁ। କେବଳ ଭଗବାନ ଯାହାକୁ ପ୍ରତ୍ୟାଖ୍ୟାନ କରନ୍ତି– ତୁମେ ବି ତାକୁ ପ୍ରତ୍ୟାଖ୍ୟାନ କର। ପୁଣି ମଣିଷ ଯାହାକୁ ଶ୍ରେୟ ବୋଲି କହେ– ତୁମେ ତାକୁ ଶ୍ରେୟ ମନେକର ନାହିଁ। କେବଳ ଭଗବାନ ଯାହା ଗ୍ରହଣ କରନ୍ତି– ତୁମେ କେବଳ ତାକୁ ଇ ଗ୍ରହଣ କର।
–ଶ୍ରୀଅରବିନ୍ଦ

# ଆସନ୍ନ ତୈଳ ସଂକଟ

ଇରାନୀୟ ତୈଳ ଉପରେ କଟକଣା ଲଗାଇବା ପୂର୍ବରୁ ଆମେରିକା ଯେଉଁ ଛଅମାସର ଛାଡ଼ ଦେଇଥିଲା, ତାହା ଏବେ ଉଠାଇନେବାକୁ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ଆଠଟି ଦେଶ– ଚାଇନା, ଭାରତ, ଜାପାନ, ଦକ୍ଷିଣ କୋରିଆ, ତାଇଓ୍ୱାନ, ତୁର୍କୀ, ଇଟାଲୀ ଓ ଗ୍ରୀସକୁ ସିଧାସଳଖ ପ୍ରଭାବିତ ହେବେ। ଭାରତ ତା'ର ତୈଳ ଚାହିଦାର ୮୦ ପ୍ରତିଶତ ଆମଦାନି କରୁଥିବା ବେଳେ ଆମର ମୋଟ ଚାହିଦାର ପ୍ରାୟ ୧୧ ପ୍ରତିଶତ ଇରାନ ପୂରଣ କରେ। ଭୌଗୋଳିକ ଦୂରତା ଦୃଷ୍ଟିରୁ ଇରାନରୁ ତୈଳ ଆମଦାନି ଆମ ପାଇଁ ସୁବିଧାଜନକ। କିନ୍ତୁ ଆମେରିକାର ଆଦେଶ ଅମାନ୍ୟ କଲେ ଆମେରିକାରୁ ଆମକୁ ଯେଉଁ ଆର୍ଥିକ ଓ ବୈଷୟିକ ସାହାଯ୍ୟ ସହଯୋଗ ମିଳୁଛି ତାହା ଆଉ ମିଳିବ ନାହିଁ। ସେ ଦେଶରେ ଆମର କମ୍ପାନୀମାନେ ଯେଉଁ ବ୍ୟବସାୟ କରୁଛନ୍ତି ତାହା ପ୍ରଭାବିତ ହେବ। ଆମର ରପ୍ତାନି ଓ ପୁଞ୍ଜି ଆଗମନ କମିଯିବ। କଟକଣା ଲାଗୁ ପାଇଁ ଆମେରିକାର ଛଅମାସିଆ ଛାଡ଼ ସମୟସୀମାର ଅନ୍ତ ହେବା ମାନେ ଭାରତରେ ତୈଳ ଦର ମହଙ୍ଗା ହୋଇଯିବା। ଇରାନ ସବୁବେଳେ ଆମ ପାଇଁ ଉତ୍ତମ ମାନର ଅଶୋଧିତ ତୈଳର ଉତ୍ସ ଥିଲା। ଅନେକ ଦଶନ୍ଧି ଧରି ଏହି ଦେଶ ସହିତ ଆମର ଉତ୍ତମ ଦ୍ୱିପାକ୍ଷିକ ସମ୍ପର୍କ ରହିଆସିଛି। ବର୍ତ୍ତମାନ ଆମେରିକାର କଟକଣାକୁ ମାନି ଆମକୁ ବାଧହୋଇ ଇରାନରୁ ତୈଳ ଆମଦାନି ବନ୍ଦ କରିବାକୁ ପଡ଼ିବ। ଏହା ଫଳରେ ଆମର ଦ୍ୱିପାକ୍ଷିକ ସମ୍ପର୍କ ପ୍ରଭାବିତ ହେବ। ଉକ୍ତ ଦେଶ ସହିତ ମିଶି ଭାରତ ଯେଉଁ ଚାବହାର ବନ୍ଦର ଏବଂ ଆଫଗାନିସ୍ତାନ ଓ କେନ୍ଦ୍ରୀୟ ଏସିଆକୁ ସଂଯୋଗ କରିବା ପାଇଁ ସଡ଼କ ଓ ରେଳପଥ ନିର୍ମାଣ ପରି ଯୁଗ୍ମ ପ୍ରକଳ୍ପର ଯୋଜନା କରିଥିଲା ତାହା ଉପରେ ପ୍ରଶ୍ନବାଚୀ ଠିଆ ହେବ। ଇରାନ ସହ ସମ୍ପର୍କ ବିଗିଡ଼ିବା ଅର୍ଥ ପାକିସ୍ତାନର ମୁକାବିଲା କରିବା ଲାଗି ନୂଆଦିଲ୍ଲୀର ସାମର୍ଥ୍ୟ ହ୍ରାସ ଘଟିବା।

ଆମେରିକା ଚାହୁଁଛି ଆସନ୍ତା ମେ ମାସରୁ ଇରାନ ଯେପରି କୌଣସି ଦେଶକୁ ଆଦୌ ତୈଳ ରପ୍ତାନି କରି ନ ପାରେ। ଆଗାମୀ ଦିନରେ ସାରା ବିଶ୍ୱରେ ଏ ଭୂ–ରାଜନୈତିକ ଲଢ଼େଇ କେମିତି ଚାଲିବ ଓ ପରିସ୍ଥିତି କ'ଣ ରହିବ ତାହା ସମୟ କହିବ। ତେବେ ସେ ଯାହା ହେଉନା କାହିଁକି ଏହାଦ୍ୱାରା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ନିଶ୍ଚୟ ବୃଦ୍ଧି ପାଇବ। ତେଣୁ ଦରଦାମ୍ ବୃଦ୍ଧି ପାଇବାର ସମ୍ଭାବନା ରହିଛି।

## ଆଜିର ଅର୍ଥନୀତି

ତୈଳର ବିଶ୍ୱ ଚାହିଦା ବୃଦ୍ଧି ପାଇଲେ ସ୍ୱଳ୍ପ ଅବଧି ଭିତରେ ଆମେରିକାର ଶେଲ ଉତ୍ପାଦନ ବୃଦ୍ଧି ପାଇବ। ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ ବିଶ୍ୱ ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ଦ୍ୱିତୀୟରେ ଇରାନର ତୈଳ ରପ୍ତାନି ବନ୍ଦ ହୋଇଗଲେ ସେହି ଅଭାବକୁ ପୂରଣ କରିବା ପାଇଁ ଆମେରିକା ତା'ର ବନ୍ଧୁରାଷ୍ଟ୍ର ସୌଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍‌ସକୁ ଅଧିକ ତୈଳ ଉତ୍ପାଦନ କରିବାକୁ କହିପାରେ। ଏହା ମଧ୍ୟ ତୈଳ ରପ୍ତାନିକାରୀ ଦେଶଗୁଡ଼ିକର ସଂଗଠନକୁ ତୈଳ ଉତ୍ପାଦନ ବୃଦ୍ଧି କରିବାକୁ ଅନୁପ୍ରେରିତ କରିପାରେ।

ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧିପାଇବା ସହ ଭାରତର ତୈଳ ଆମଦାନି ବିଲ୍ ଉପରେ ତା'ର ଆନୁଷଙ୍ଗିକ ପ୍ରଭାବ ପଡ଼ିବ। ଫଳରେ ଭାରତର ଅର୍ଥନୀତି ଉପରେ ଏହାର କୁପ୍ରଭାବ ପଡ଼ିବା ସହ ଚଳନ୍ତି ଖାତା ନିଅଣ୍ଟ ବୃଦ୍ଧି ପାଇବ। ଏହାଦ୍ୱାରା ମୁଦ୍ରାସ୍ଫୀତି ବୃଦ୍ଧି ପାଇବ, ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇବ ଏବଂ ଭାରତୀୟ ଟଙ୍କା ଦୁର୍ବଳ ହେବ, ଯାହା କେନ୍ଦ୍ରରେ ନୂଆ ସରକାର ପାଇଁ ଏକ ଦୁଃସ୍ୱପ୍ନମୟ ପରିସ୍ଥିତି ସୃଷ୍ଟି କରିବ। ଭାରତ ଏ ପରିସ୍ଥିତିର ମୁକାବିଲା କରିବା ପାଇଁ ବିଜ୍ଞତାର ସହ ନିଜର କାର୍ଡ ଖେଳିବା ଉଚିତ। ଏହା କଟକଣା ଉଠାଇନେବା ପାଇଁ ଆମେରିକା ଉପରେ ଚାପ ସୃଷ୍ଟି କରିବା ଆବଶ୍ୟକ। ଭାରତ ଅବଶ୍ୟ ଇରାନରୁ ତୈଳ ଆମଦାନି ବନ୍ଦ ହୋଇଗଲେ ସମ୍ଭାବ୍ୟ ସମସ୍ୟାର ସାମ୍ନା କରିବା ପାଇଁ କିଛି ପଦକ୍ଷେପ ଗ୍ରହଣ କରିଛି। ଭାରତ ଯେତିକି ଦେଶରୁ ତୈଳ ଆମଦାନି କରୁଛି, ତାହାର ସଂଖ୍ୟା ବୃଦ୍ଧି କରିବା ଦରକାର। ଭାରତ ତା'ର ଦୀର୍ଘକାଳୀନ ତୈଳ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଉଭୟ ଯୋଗାଣ ପକ୍ଷ ଓ ଚାହିଦା ପକ୍ଷର ପଦକ୍ଷେପକୁ ତ୍ୱରାନ୍ୱିତ କରିବା ଉଚିତ। ଗାଡ଼ି ପ୍ରଭୃତିର ଶକ୍ତି–ଦକ୍ଷତା ବୃଦ୍ଧି, ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ଏବଂ ବିଦ୍ୟୁତ୍‌ଚାଳିତ ବା ବ୍ୟାଟେରି–ଚାଳିତ ଗାଡ଼ିର ବହୁଳ ପ୍ରଚଳନ ବିଷୟରେ ସରକାର ଭାବିବା ଆବଶ୍ୟକ। ଆମ ନିଜ ଦେଶରେ ମଧ୍ୟ ଅଧିକ ତୈଳ ଉତ୍ପାଦନ ପାଇଁ ପଦକ୍ଷେପ ନିଆଯାଇପାରେ। ସରକାର କୂଟନୈତିକ ସ୍ତରରେ ଇରାନୀ ତୈଳ ଉପରୁ କଟକଣା ହଟାଇବା ପାଇଁ ଚେଷ୍ଟା କରିବା ସହ ଅନ୍ୟ ବିକଳ୍ପ ଯୋଗାଣ ଉତ୍ସଗୁଡ଼ିକ ସହ ଯୋଗାଯୋଗ କରିବା ଆବଶ୍ୟକ। ଯାହା ଜଣାପଡୁଛି ଇରାନରେ ଅଚଳାବସ୍ଥା ସୃଷ୍ଟି କରି ଟ୍ରମ୍ପ ପ୍ରଶାସନ ଚାହୁଁଛି ସେ ଦେଶର ସରକାରକୁ ଭାଙ୍ଗି ନୂଆ ସରକାର ଗଠନ କରିବା ପାଇଁ। ଏହାଦ୍ୱାରା ଉପସାଗରୀୟ ଅଞ୍ଚଳ (ଗଲ୍‌ଫ)ରେ ସଂକଟ ଅଧିକ ଦିନ ଲାଗି ରହିବା ସହ ବିଶ୍ୱ ତୈଳ ବଜାର ଉପରେ ତାହାର କୁପ୍ରଭାବ ପଡ଼ିବ।

## ଚିରନ୍ତନୀ

ମୋର ପ୍ରେୟସୀର ସେହି ବିଦାୟ ଚାହାଣି,
କୋମଳ ମିନତିଭରା ସେ ମଧୁର ବାଣୀ
ଅଭିମାନେ ଛଳ ଛଳ
ନୟନୁଁ ତପତ ଜଳ
ବୁହାଇଲା ସେ ଦିନ ଯେ ମୋ ହୃଦୟରାଣୀ,
ଭୁଲିଯାଏଁ ଏଥି ସବୁ ଅତୀତ କାହାଣୀ।
(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 0 | | 6 | | 1 | 5 | | | | | 7 | | 8 | 3 |
| 9 | | | | | 5 | C | | 0 | | | | | | |
| | 5 | A | | | | 2 | 4 | | | E | 6 | | C | |
| 7 | 4 | | | E | | | | | | 3 | | | | B |
| 3 | | 6 | | | | | | | 4 | D | 0 | | | |
| 4 | | 3 | A | | | D | | | E | | 9 | | 6 | |
| | | | | 2 | | | 6 | | 5 | 0 | | | A | |
| | 9 | | | | 0 | 8 | | | | 6 | | | B | |
| | | | | | | 1 | | 3 | | B | | | | 7 |
| | | C | 9 | | 6 | | 5 | | | | 2 | | 3 | |
| | 6 | | | C | | | 9 | 7 | A | | | | | |
| 0 | 3 | 5 | | | | B | | | | | | E | | |
| | | | E | | | 6 | A | 8 | | 1 | | 4 | | |
| | | | | | | | D | | 8 | | | | | A |
| E | | | 0 | 7 | | | | | B | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 9 | 1 | 6 | 4 | 7 | 3 | 0 | C | 8 | A | E | 2 | D | B |
| 6 | C | 7 | B | 2 | 1 | E | 4 | A | 0 | 9 | D | 8 | 3 | 5 |
| 8 | E | 2 | 3 | 9 | C | D | 1 | 6 | B | 4 | 5 | 0 | A | 7 |
| 3 | D | 4 | A | 5 | 0 | 8 | B | 2 | 7 | 1 | C | 6 | E | 9 |
| 0 | B | A | E | D | 8 | 5 | 9 | 7 | 6 | 2 | 3 | 1 | 4 | C |
| 4 | 3 | 8 | 5 | A | 2 | 7 | D | 1 | C | 0 | B | E | 9 | 6 |
| 1 | 0 | 6 | D | 7 | 9 | 4 | 3 | 5 | 2 | E | A | B | C | 8 |
| D | A | B | 4 | 0 | E | 2 | C | 8 | 3 | 6 | 9 | 5 | 7 | 1 |
| E | 7 | C | 1 | B | 3 | 9 | 6 | 0 | 4 | 5 | 8 | D | 2 | A |
| 9 | 2 | 5 | 8 | C | 6 | A | E | B | 1 | D | 7 | 4 | 0 | 3 |
| 7 | 6 | 0 | C | 8 | 4 | B | 2 | D | A | 3 | 1 | 9 | 5 | E |
| C | 5 | 9 | 2 | 6 | D | 1 | A | 3 | E | B | 4 | 7 | 8 | 0 |
| 2 | 8 | D | 7 | 3 | B | 0 | 5 | E | 9 | C | 6 | A | 1 | 4 |
| A | 1 | 3 | 9 | E | 5 | 6 | 7 | 4 | D | 8 | 0 | C | B | 2 |
| B | 4 | E | 0 | 1 | A | C | 8 | 9 | 5 | 7 | 2 | 3 | 6 | D |

ଗତକାଲିର ଉତ୍ତର

# କଳ୍‌କୀ ଭୂମିକାରେ ଭାରତୀୟ ଭୋଟର



ମାୟାଧର ନାୟକ

ଏବେ ସାରା ଭାରତରେ ଦଳମାନେ ପ୍ରାର୍ଥୀମାନଙ୍କୁ ନିର୍ବାଚନ ମଇଦାନରେ ଓହ୍ଲାଇଦେଲେଣି। ଗଲା ଏପ୍ରିଲ ୧୧ରେ ପ୍ରଥମ ଦଫା କଳିଯୁଦ୍ଧ ଆରମ୍ଭ ହୋଇଯାଇଛି। ଏଇମିତି ଦଫାକୁ ଦଫା ମେ ତୃତୀୟ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ଶେଷରେ ମେ ୨୩ରେ ଫଳାଫଳ ଘୋଷଣା ହେବ। ମହାଭାରତ ଯୁଦ୍ଧ ୧୮ ଦିନ ଲାଗିଥିଲା। ରୁଷ ବିପ୍ଳବ ୧୦ଦିନରେ ଶେଷ ହୋଇଥିଲା। ୨୦୧୯ କଳିଯୁଦ୍ଧ ବର୍ଷବର୍ଷ ଧରି ଲାଗିରହିଛି। ଧର୍ମକୁ ଆଖିଠାରି ମିଛଟାରେ ନିର୍ବାଚନୀ ପାଲା ଚାଲିଛି। ଏ ପାଲା ଦେଢ଼ମାସ ଚାଲିବ।

ଆଜି ଏ ଦେଶର ବର୍ତ୍ତମାନଟା କି ବିକୃତ, କି ବୀଭତ୍ସ! ବିଶାଳ ବିରୋଧାଭାସର ବିଚିତ୍ର ଏ ଦେଶ, ଯାହାକୁ ଆମେ ଭାରତବର୍ଷ କହିଲେ ଉପହାସ କରିବ ଇତିହାସ– ଲଜ୍ଜା ଓ ସଂକୋଚରେ ମୁହଁ ଘୋଡାଇବେ ଆମ ପୂର୍ବପୁରୁଷ। ଏଠି ନପୁଂସକ ନାୟକହୀନ ରାଜନୀତି ଉତ୍କଟ ଉପଦଂଶ ପରି ଆକ୍ରାନ୍ତ କରିସାରିଛି ଆମର ଏହି ଦୁର୍ଭାଗା ଦେଶକୁ। ବର୍ତ୍ତମାନର ରାଜନୀତି କ୍ଷେତ୍ରରେ ଶୋଷକ ହିଁ ସାଜିଛନ୍ତି ଶାସକ ଶ୍ରେଣୀ। ଦୁର୍ବୃତ୍ତମାନେ ହିଁ ପାଲଟିଛନ୍ତି ଦ୍ୱାରପାଳ! ମାଫିଆ ହୋଇଛି ମୁଖିଆ– ଗୁଣ୍ଡା ବନିଛି ମୁଣ୍ଡିଆଳ– ମେଣ୍ଢା ପାଲଟିଛି ଭେଣ୍ଡା– ଗଞ୍ଜର ହୋଇଛି ମାତବର୍– ଜିରୋ ହୋଇଛି ହିରୋ।

ଶାସକମାନଙ୍କ ଆଖିରେ କୁମ୍ଭୀରର ଅଶ୍ରୁଳ ବିଜ୍ଞପ୍ତି ଦେଖି ଭୁଆଁ ବୁଲୁଛି ଭାରତୀୟ ଜନତା। ସ୍ୱର୍ଣ୍ଣକଙ୍କଣଧାରୀ କ୍ଷୁଧିତ ବ୍ୟାଘ୍ରର ବାହ୍ୟ ବୈରାଗ୍ୟରେ ପ୍ରତାରିତ ହେଉଛି ଆଜିର ପ୍ରଲୁବ୍ଧ ଯୁବସମାଜ। ଚଞ୍ଚକ ରାଜନୀତି ଚଳୁ କରିବାକୁ ବସିଛି ସାରାଦେଶକୁ। ରାଜନୈତିକ ଦୁର୍ନୀତି ଓ ଭ୍ରଷ୍ଟାଚାର ସହିତ ଅର୍ଥନୈତିକ ଶୋଷଣର ଗଢିଉଠିଛି ଖୋଲାଖୋଲି ସମ୍ପର୍କ। ଭିନ୍ନ ଭିନ୍ନ ନାଁ ଓ ଦଳ ଦଖଲ କରିନେଇଛନ୍ତି ଭିନ୍ନ ଭିନ୍ନ କିଆରି। ଜନସ୍ୱାର୍ଥ ନୁହେଁ– ଆତ୍ମସ୍ୱାର୍ଥ ଓ ନ୍ୟସ୍ତସ୍ୱାର୍ଥ ହିଁ ଆଜି ଏକମାତ୍ର ଆଭିମୁଖ୍ୟ। ସେଥିପାଇଁ ଆଜି ନେତାମୁଣ୍ଡରେ ଟୋପି, ଜନତା ମଥାରେ ଥୋପି! ନେତାର ଚାଲିଛି– ବିଧାନସଭା, ରାଜ୍ୟସଭା, ଲୋକ ସଭା– ଜନତାର କେବଳ ଶୋକସଭା।

ଆଜିର ରାଜନୀତି ରୁଗ୍‌ଣ, ଅର୍ଥନୀତି ଋଣୀ, ଧର୍ମ ଧୂସର। ଏହି ଅବସ୍ଥା ଏକ ଅରାଜକତା ଓ ଅତିଷ୍ଠ ଅବ୍ୟବସ୍ଥା ଛଡା ଆଉ କ'ଣ ହୋଇପାରେ? ଏହି ଅବାଞ୍ଛନୀୟ ଅବସ୍ଥାରୁ ହିଁ ଜନ୍ମନିଏ ଆତଙ୍କବାଦ, ଅନ୍ଧବିଶ୍ୱାସ, ଅନ୍ଧାକାନୁନ୍‌ର ବିଷାକ୍ତ ବାତାବରଣ। ବିଷମଞ୍ଜି ଆଜି ପାଲଟି ସାରିଛି ବିଶାଳ ବିଷବୃକ୍ଷ। ଏ ବୃକ୍ଷର ଫଳାହାର ଏକ ପ୍ରାତ୍ୟହିକ ପ୍ରାତଃରାସରେ ପରିଣତ ହୋଇଛି ଆମ ସମସ୍ତଙ୍କ ପକ୍ଷରେ। ଭାରତବର୍ଷର ପ୍ରତ୍ୟେକ ଗାଁ ଗୋଟିଏ ଭାତହାଣ୍ଡିର ଚାଉଳ। ସେଇ ସ୍ଥାଣୁତ୍ୱ, ସ୍ଥବିରତା ଓ ଶୀତଳଶୂନ୍ୟତା ସବୁଠି ସଞ୍ଚରିତ। ଏହା ନିଶ୍ଚିତପକ୍ଷରେ ଯେକୌଣସି ରାଜନୈତିକ ଦଳ, ଯିଏ ଶାସନ ଓ କ୍ଷମତା ବଣ୍ଟୁଆରିର ମୁକୁଳା ମଇଦାନରେ ଜର୍ସି ପିନ୍ଧିବାକୁ ଆଗେଇଆସୁଛି– ତାହାପାଇଁ ମସ୍ତବଡ ଚ୍ୟାଲେଞ୍ଜ। ମାତ୍ର ଏହି ଚ୍ୟାଲେଞ୍ଜକୁ ସାମ୍ନା କରିବାର ଯୋଗ୍ୟତା ଆଜି କେତୋଟି ଦଳ ଭିତରେ ରହିଛି? ସ୍ୱାଧୀନ ଭାରତବର୍ଷରେ ଅସଲ ଶାସକ ଦଳ ଏପର୍ଯ୍ୟନ୍ତ ଏକ ଉତ୍କଟ ପ୍ରଶ୍ନବାଚୀ। କୌଣସି ଦଳ ଗଣତାନ୍ତ୍ରିକ ମୂଲ୍ୟବୋଧର ମାନଦଣ୍ଡରେ ଉତ୍ତୀର୍ଣ୍ଣ ହୋଇପାରି ନାହିଁ। ଗୋଟାଏ ଶବ୍ଦ ଏକ ସବୁଠି ପ୍ରତିଧ୍ୱନିତ– ହାଇକମାଣ୍ଡ୍! ଏ ହାଇକମାଣ୍ଡ୍‌ମାନଙ୍କ ଛାଇରେ ନାହିକଟା ନାବାଳକ ଭାରତବର୍ଷର ଭବିଷ୍ୟତ ଆମ ରାଜନୀତିରେ ବଜାଇଚାଲିଛି ଏକ ଶିଶୁମୃତ୍ୟୁଭୟର ସତର୍କଘଣ୍ଟି!

ବର୍ତ୍ତମାନ ପରିପ୍ରେକ୍ଷୀରେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ କ୍ଷମତାର ଗୋଟି ଚଳାଇବାକୁ ଛାଡିଦେଇ ଦେଶବାସୀ ଚୁପଚାପ୍ ବସିରହିବା ଆଦୌ ନିରାପଦ ନୁହେଁ। ପରିଚ୍ଛନ୍ନ ଭାବମୂର୍ତ୍ତି ଓ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ଦେଶ ଓ ଜନଗଣଙ୍କ ଉଜ୍ଜ୍ୱଳ ଭବିଷ୍ୟତର ସୁରକ୍ଷାକଳ୍ପେ ଯଦି ଏକ ସଂକଳ୍ପବଦ୍ଧ ସମ୍ମିଳିତ ରାଜନୈତିକ ମହାଶକ୍ତି ଠିଆହୋଇ ପାରନ୍ତା, ତା'ହେଲେ ଭାରତବର୍ଷ ପାଇଁ ପ୍ରସ୍ତୁତ ହୋଇପାରନ୍ତା ପ୍ରକୃତ ମୁକ୍ତିମାର୍ଗ। ଜନଗଣଙ୍କୁ ଅନ୍ଧକାରରେ ରଖି, ରାଷ୍ଟ୍ରୀୟ ମର୍ଯ୍ୟାଦାକୁ ପଦାନତ କରି କୌଣସି ରାଜନୈତିକ ଦଳକୁ ଗଣତନ୍ତ୍ର ନାଁରେ ଗାଦିରେ ଠାକୁର କରାଇ ବସାଇଦେଉଥିବା ଯାଏ– ଆମେ କେବଳ ଏକ ସୁବିଧାବାଦର ସଡକରେ ମୋରମ୍ ବିଛେଇ ଚାଲୁଥିବା ମାତ୍ର। ଏବେ ନକାରାତ୍ମକ ନେତୃତ୍ୱ ଅଧିକାଂଶ ରାଜନୈତିକ ଦଳର ସାଧାରଣ ବ୍ୟାଧି ଏବଂ ଏ ବ୍ୟାଧି ଉତ୍କଟ ଭାବେ ସଂକ୍ରାମକ ହୋଇ ପୂରା ଦେଶଟାକୁ ଦଳର ଜଳଖିଆ ଥାଳିରେ ପରଷି ଦେବାପାଇଁ ପୂରା ତୟାର– ଏହାଠାରୁ ବଳି ଦୁର୍ଭାଗ୍ୟଜନକ ଅଘଟଣ ଆଉ କ'ଣ ଥାଇପାରେ?

ଆଜି ମନ୍ଦିର–ମସ୍‌ଜିଦକୁ ନେଇ ଝଗଡା। ଧର୍ମ–ଅଧର୍ମକୁ ନେଇ ବିବାଦ। ସୀମା–ସନ୍ତ୍ରାସକୁ ନେଇ ତୁମ୍ଭିତୋଫାନ। ରାଷ୍ଟ୍ର, ଧର୍ମ, ପତାକା, ଜାତୀୟତା ଇତ୍ୟାଦିକୁ ଆଳକରି ସାରା ପୃଥିବୀରେ ସମ୍ପ୍ରତି ପୁଞ୍ଜିବାଦ ତା'ର ଚକ୍ରାନ୍ତରେ ଚମତ୍କାରିତା ପ୍ରଦର୍ଶନ କରିଚାଲିଛି। ମାଟିଠୁଁ ମଣିଷକୁ ଅଲଗା କରିଦିଆଯାଉଛି। ଲକ୍ଷ୍ୟଠୁ ଲୋଚନକୁ ଦୂରେଇ ରଖାଯାଉଛି। ସ୍ୱପ୍ନଠୁ ସଂକଳ୍ପକୁ ହଟେଇ ନିଆଯାଉଛି। ସବୁସ୍ତରରେ ଲେଲିହାନ୍ ଲୋଳଜିହ୍ୱା ବିସ୍ତାର କରିଚାଲିଛି ଅତିଷ୍ଠ ଅସନ୍ତୋଷର ଅଗ୍ନିଶିଖା। ଅଥଚ ଗଦିରେ ଘୁମେଇ ଗାଦିରେ ବସିଥିବା ଆଜିର ଶାସକ ଶ୍ରେଣୀ, ଖଟରେ ଶୋଇ ମଠରେ ମାମଲତି କରୁଥିବା ଯାଜକବୃନ୍ଦ, କୁର୍ସିରେ ବସି ଆର୍ଶି ଆଗରେ ଚେହେରା ନଚାଉଥିବା ଦୁର୍ନୀତିଗ୍ରସ୍ତ ପ୍ରଶାସକବର୍ଗ ସମକାଳୀନ ସମାଜର ଏ ଉତ୍କଟ ଅସୁସ୍ଥତା ପ୍ରତି ଏକାନ୍ତ ଉଦାସୀନ।

ଆମେ କଂସେଇମାନଙ୍କୁ କରିଛୁ କର୍ଣ୍ଣଧାର। ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଅଜବ ଗୋଟାଏ ଅଜଗରୀ ରାଜନୀତି ବିସ୍ତାର କରିସାରିଛି ତାହାର ଭୟଙ୍କର ଫଣା। ଜଘନ୍ୟ ଜନଜହ୍ଲାଦମାନଙ୍କ ପ୍ରଚଣ୍ଡ ଫୁତ୍‌କାର ଭିତରେ ମିଳେଇ ଯାଉଛି ପ୍ରବଞ୍ଚିତ ଜନଗଣଙ୍କ ଛିନ୍ନଭିନ୍ନ ଚିତ୍କାର! ବାପ ଯାଉଛି ଦାଦନକୁ, ମା' ଗୋଟାଉଛି ଗୋବର, ପିଲା ବିକ୍ରି ହେଉଛି ବିଟ୍ ବଜାରରେ। ଦଳମାନେ ବାଣ୍ଟିଚାଲିଛନ୍ତି ଫମ୍ପା ପ୍ରତିଶ୍ରୁତିର ପାମ୍ପରା ପାମ୍ପଲେଟ୍। ହାଣମୁହଁକୁ ମୁହାଁଇ ଚାଲିଥିବା ଆମର ଏଇ ଯୁଗଯୁଗର ଐତିହ୍ୟମୟ ଦେଶ ଓ ସମାଜଜୀବନକୁ କ'ଣ ନିଶ୍ଚିହ୍ନ ହେବାପାଇଁ ଆମେ ଛାଡିଦେବା? ଗୋଟାଏ କୁରୁକ୍ଷେତ୍ରରେ ଦିନେ ମୂଳପୋଛ ହୋଇଯାଇଥିଲା ମହାଭାରତ। ଆଜି ଆମ ସାମ୍ନାରେ ସହସ୍ର କୁରୁକ୍ଷେତ୍ର, ଆମର ଏଇ ମହାନ୍ ଭାରତକୁ କ'ଣ ଆମେ ଆଜି ବଳି ପକେଇଦେବା ତା' ଭିତରେ?

ଦେଶର ଭବିଷ୍ୟତ ନିର୍ଭର କରୁଛି ୨୦୧୯ ନିର୍ବାଚନ ଉପରେ। ଆଗକୁ ଭୟଙ୍କର ବିପଦ। ଯିଏ ଯାହା ପ୍ରତିଶ୍ରୁତି ଦେଉଛି, ସେସବୁ ଅବାନ୍ତର ପ୍ରତିଶ୍ରୁତିର ଉଚ୍ଚତା ଏଭରେଷ୍ଟକୁ ଟପିଗଲାଣି। ସ୍ୱୟଂ ଭଗବାନ ଯଦି ପ୍ରଧାନମନ୍ତ୍ରୀ କି ମୁଖ୍ୟମନ୍ତ୍ରୀର ଦାୟିତ୍ୱ ନିଅନ୍ତି, ସେ ବି ଟଙ୍କାରେ ଅଣେ ପ୍ରତିଶ୍ରୁତି ପାଳନ କରିପାରିବେ କି ନାହିଁ ସନ୍ଦେହ! କାରଣ ଭାରତବର୍ଷର ଏହି ଭୟଙ୍କର ପୂତିଗନ୍ଧମୟ ସମାଜବ୍ୟବସ୍ଥାରେ ଯିଏ ଯାହା କହୁ ପଛକେ ମାଟି କାମୁଡ଼ି ପଡ଼ିରହିଥିବା ଏ ଭାରତୀୟ ମହାଜାତିର ଅସଲ ଇଚ୍ଛା କଦାପି ପୂରଣ କରିପାରିବେ ନାହିଁ। ଯାହା ବି କରାଯିବ ସବୁ ସେଇ ପୁଞ୍ଜିବାଦର ସ୍ୱାର୍ଥରେ। ଦେଶର ପରିବର୍ତ୍ତନ, ଜନଗଣଙ୍କର ବିକାଶ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ମହାଯୁଦ୍ଧରେ ଅବତୀର୍ଣ୍ଣ ହେବାକୁ ପଡିବ। ଏ ନିର୍ବାଚନର ଭୋଟରମାନଙ୍କୁ କଳ୍‌କୀ ଅବତାରର ଭୂମିକା ନିର୍ବାହ କରିବାକୁ ହେବ। କୋଟିକୋଟି ଗରିବ ଚାଷୀ, ଶ୍ରମିକ, ଯୁବକ, ବିସ୍ଥାପିତ ନରନାରୀ, ନିରନ୍ନ ନିରୀହ ମଣିଷମାନଙ୍କୁ ଗଣତନ୍ତ୍ରର ହତିଆର ଭାବେ ବ୍ୟବହାର କରି ଏବେ ନୂତନ ପିଢ଼ିର ରଣନୀତିଜ୍ଞମାନଙ୍କୁ ଘୋଷଣା କରିବାକୁ ପଡ଼ିବ ଯେ ଦେଶଦ୍ରୋହୀମାନଙ୍କ ମୁଖାରେ ଶକ୍ତ ଆଘାତ ଦେବାର ସମୟ ଆସିଯାଇଛି। ସେ ଦେଶଦ୍ରୋହୀମାନଙ୍କୁ ଖୋଜିବାକୁ ହେଲେ ବିଦେଶ ଯିବାକୁ ପଡ଼ିବ ନାହିଁ– ଦୂର ସୀମାନ୍ତରେ ପାଦ ପକାଇବାର କ୍ଳେଶ ବରଣ କରିବାକୁ ହେବ ନାହିଁ। ସେମାନେ ଅଛନ୍ତି ଆମ ଆଗରେ–ପଛରେ–ଏକଡ଼–ସେକଡ଼–ଚାରିକଡ଼। ଏଇ ଦେଶ ଭିତରେ, ଆମ ଆଖିର ପରିଧିରେ, ନାକ ସାମ୍ନାରେ। ସେମାନଙ୍କ ସଂହାର ସକାଶେ ଭାରତୀୟ ଭୋଟର ଏବେ କଳ୍‌କୀର ଭୂମିକା ନେବା ଦରକାର।

ଯାଜପୁରରୋଡ, ଯାଜପୁର,
ମୋ : ୯୮୬୧୦୩୪୧୬୩

# ଧାକୁଳି ଆଈର ଅଚଳ ଟଙ୍କା



ମନ–ମାନଚିତ୍ର

ଡ. ନରହରି ବେହେରା

ଆମ ପାଇଁ ଧାକୁଳି ଆଈ ପରି ଭଲ ମଣିଷ ଆଉ ଦୁନିଆରେ ନାହାନ୍ତି। ଭାରି ସ୍ନେହୀ। ପ୍ରତିଦିନ ସକାଳେ ତା' ଦୁଆରେ ପହଞ୍ଚିଗଲେ, ଆଈ ଆମକୁ ନିଶ୍ଚୟ କିଛି ଦିଏ। ଆଈର ପିଲାଝିଲା କେହି ନାହାନ୍ତି। ତେଣୁ ଆମକୁ ଦେଖିଲେ ସେ ଖୁସିରେ ଫାଟିପଡ଼େ। ସକାଳୁ ସଞ୍ଜ ଯାଏ ମାନଚିତ୍ରର ବିଭିନ୍ନ ରଙ୍ଗପରି ଦିଶୁଥିବା ଆମେ ହାଡୁଆ, ପେଟୁଆ, ସିଙ୍ଘାଣିନାକିଆ, ନାକକାନ୍ଦୁରୀ ବିଚିତ୍ରବର୍ଣ୍ଣର ନାତିନାତୁଣୀମାନେ ବିସ୍କୁଟଟିଏ କି ଚକୋଲେଟ୍‌ଟିଏ ପାଇବା ପାଇଁ ଆଈ ଘରେ ଖେଳ ଜମେଇ ଦେଉ। ସେଦିନ ଥିଲା ଫେବୃୟାରୀ ୧୪ ତାରିଖ। ସବୁଦିନ ପରି ଆମେ ଧାକୁଳି ଆଈର ଘର ଦୁଆରମୁହଁରେ ପହଞ୍ଚିବା ବେଳକୁ ସେ ସୁଁ ସୁଁ ହୋଇ କାନ୍ଦୁଥିଲା। ଧାକୁଳି ଆଈର ଏ ଅବସ୍ଥା ଆମକୁ ବହୁତ ବାଧିଲା। ଆମେ ସମସ୍ତେ ଠିଆହୋଇ ପରସ୍ପରର ମୁହଁକୁ ଚାହିଁଲୁ। ଆମକୁ ଦେଖି ଧାକୁଳି ଆଈର କାନ୍ଦଣାର ସ୍ୱର ପ୍ରଥମେ ମନ୍ଦ୍ରସପ୍ତକ, ତା'ପରେ ମଧ୍ୟସପ୍ତକ, ଶେଷକୁ ତାରସପ୍ତକ ଛୁଇଁଲା। ସେ ଆମକୁ କୁଣ୍ଢେଇ ଧରି କାନ୍ଦିବାକୁ ଲାଗିଲା– ଆଲୋ କାନ୍ଦୁରୀ, ଆରେ ହାଡୁଆ, ଆରେ ପେଟା, ମୁଁ ଭାସିଗଲିରେ। ଡାକ ମାଷ୍ଟରଟା ମୋର ପନ୍ଦର ଶହ ଟଙ୍କା ନେଇଗଲା।

ଧାକୁଳି ଆଈ କାନ୍ଦି କାନ୍ଦି ଯେଉଁ ତଥ୍ୟ ପ୍ରଦାନ କଲା, ତା'ର ସାରମର୍ମ ହେଲା– କାଲି ଆଈ ପୋଷ୍ଟ ଅଫିସ୍‌ରୁ କିଛି ଟଙ୍କା ଉଠାଇ ବିଛଣା ତଳେ ରଖିଥିଲା। ଆଜି ସକାଳେ ସେଇଟଙ୍କା ନେଇ ସଉଦା ଆଣିବାକୁ ଯାଇଥିଲା। ଦୋକାନୀ ସେ ଟଙ୍କା ନେଲା ନାହିଁ। ସବୁଠାରୁ ବଡ଼ କଥା ହେଲା, ଦୋକାନୀଟା ସେହି ଟଙ୍କା ଚାଲୁନାହିଁ ବୋଲି କହି ଫେରାଇଦେଲା। ଏହି କଥାଟା ଧାକୁଳି ଆଈର ହଜମ ହେଲା ନାହିଁ। ଟଙ୍କାର କ'ଣ ହାତଗୋଡ଼ ଅଛି ଯେ ଚାଲିବ? ସତୁରି ବର୍ଷ ହେଲାଣି ସେ ତ ପୁଣି ଚାଲୁଛି! ଟଙ୍କା କ'ଣ ତା'ଠାରୁ ବୁଢ଼ୀ ହୋଇଗଲାଣି ଯେ ଚାଲିପାରୁନି? ଆଈକୁ କଥାଟା ଭଲ ଲାଗିଲା ନାହିଁ। ସେ ବଡ଼ପାଟିରେ ଦୋକାନୀ ସହ ପାଟିକଲା। ଦୋକାନୀଟା ଭଲ ମଣିଷ। ଧାକୁଳି ଆଈ କଥାରେ ରାଗିଲା ନାହିଁ, ଖାଲି ହସିଲା। ସେ ହସ ଆଈ ଦେହରେ ଛୁଞ୍ଚିପରି ଲାଗିଗଲା। ଧାକୁଳି ଆଈ ଗାଁରେ ସମସ୍ତଙ୍କ ଅପେକ୍ଷା ଗୋବିନ୍ଦକୁ ବେଶି ଭରସା କରେ। ସେ ନାତିଆଟା ଭାରି ଭଲ। ଦୁଃଖସୁଖରେ ସାହାଯ୍ୟ କରେ। ଭଲ କଥା କହେ। ଆଈ ସଉଦା ଫୋପାଡ଼ି ଦେଇ ସେହି ଟଙ୍କା ଧରି ଗୋବିନ୍ଦ ପାଖକୁ ଦୌଡ଼ିଲା। ଗୋବିନ୍ଦ ବୁଝାଇଦେଲା, ସେ ଯେଉଁ ତିନିଟା ପାଞ୍ଚଶହ ଟଙ୍କା ନେଇଥିଲା ସେଗୁଡ଼ାକ ପୁରୁଣା ଟଙ୍କା। ସରକାର ତା'କୁ ଅଚଳ କରି ଦେଇଛନ୍ତି। ବୋଧେ ପୋଷ୍ଟମାଷ୍ଟର ନୂଆ ଟଙ୍କା ବଦଳରେ ଏହି ପୁରୁଣା ଟଙ୍କା ଦେଇ ତା'କୁ ଠକି ଦେଇଛି। ଗୋବିନ୍ଦ କଥା ଶୁଣି ଧାକୁଳି ଆଈ ମୁଣ୍ଡରେ ଚଡ଼କ ପଡ଼ିଲା। କେତେ କଷ୍ଟରେ ସେ ଟଙ୍କା ସଞ୍ଚି ରଖିଥିଲା, ଶେଷକୁ ଡାକ ମାଷ୍ଟରଟା ଚଳୁ କରିଦେଲା?

ଧାକୁଳି ଆଈର ଏ କାନ୍ଦଣା ଏବଂ ଟଙ୍କା ଚାଲିଯିବା ଘଟଣା ଆମକୁ ଅସହ୍ୟ ହେଲା। ଆଈ ସହିତ ଆମେ ମିଳିମିଶି ସେ ପୋଷ୍ଟ ମାଷ୍ଟର ବିରୋଧରେ ଯୁଦ୍ଧ କରିବାକୁ ବାହାରିପଡ଼ିଲୁ। ପୋଷ୍ଟ ଅଫିସ୍ ଆଡ଼କୁ ମାଡ଼ିଚାଲିଛୁ, ବାଟରେ ହାବୁଡ଼ିଗଲେ ନିଧିଆ ଅଜା। ତାଙ୍କୁ ଦେଖି ଆଈ କାନ୍ଦ କାନ୍ଦ ହୋଇ କହିଲା– ସକାଳୁ ସକାଳୁ ତେମେ ମତେ କିଛି ନ କହି କୁଆଡ଼େ ଚାଲି ଯାଇଥିଲ? ଏଣେ ମୋ ଘର ବୁଡ଼ି ପାଣି ଆଣୁଏ। ତେମେ ଜାଣିଚ, ଏ ଡାକ ମାଷ୍ଟରଟା ମୋର...। କଥାଟାକୁ ପୂରା କରିବାକୁ ନ ଦେଇ ନିଧିଆ ଅଜା କହିଲେ– ପନ୍ଦର ଶହ ଟଙ୍କା ନେଇଯାଇଛି, ଏୟା ତ? ଧାକୁଳି ଆଈ ସହିତ ଆମେ ସମସ୍ତେ ଚମକିପଡ଼ିଲୁ। ସେ ଏ କଥା ଜାଣିଲେ କେମିତି? ନିଧିଆ ଅଜା କହିଲେ– ତୁମେମାନେ ମନଦୁଃଖ କରନି, ଘରକୁ ଚାଲ ସବୁ ପାଇଯିବ।

ଆମେ ସମସ୍ତେ ଯାଦୁ ଦେଖିବା ପରି ଅଗଣାରେ ବସିପଡ଼ିଲୁ। ନିଧିଆ ଅଜା ପନ୍ଦର ଶହ ଟଙ୍କାର ରହସ୍ୟ ଉଦ୍‌ଘାଟନ ନ କରି ଗୋଟିଏ ଥାଳିରେ ବଡ଼ ବଡ଼ ରସଗୋଲା ରଖିଲେ। ଆଈକୁ ନୂଆ ଶାଢ଼ିଟିଏ ଦେଇ ପିନ୍ଧିବାକୁ କହିଲେ। ଧାକୁଳି ଆଈ କିଛି ବୁଝିପାରିଲାନି। ଆମେ ବି ବୋକା ଭଳି ଚାହିଁଥାଉ। ଆଈ ନୂଆ ଶାଢ଼ି ପିନ୍ଧି ଆସିବା ପରେ ସମସ୍ତଙ୍କୁ ମିଠା ବଣ୍ଟା ହେଲା। ଆଈ ଏଥର ନିଜକୁ ସମ୍ଭାଳି ନ ପାରି ପଚାରିଲା– ମୋ ଟଙ୍କା କୁଆଡ଼େ ଗଲା କିଛି ନ କହି ଏ କି ନାଟ ନଗେଇଚ? ନିଧିଆ ଅଜା ହସି ହସି କହିଲେ– କାଲି ସଞ୍ଜବେଳେ ଟା ଦୋକାନୀ କହିଲା, ଆଜି ଗୋଟେ ଭଲ ଦିନ। କ'ଣ ତା' ନାଁଟା କହିଲା ମନେପଡୁନି, ହଁ ହଁ ଭେଲେଣ୍ଟିନ୍ ଡେ। ଏହି ଦିନରେ ଯିଏ ଯାହାକୁ ଭଲ ପାଏ ତା'କୁ ସେ ନୂଆ ନୂଆ ଜିନିଷ କିଣି ଦେଇଥାଏ। ସେଥିପାଇଁ ଆଜି ବିଛଣା ତଳୁ ତିନିଟା ପାଞ୍ଚଶହ ଟଙ୍କିଆ ନେଇ ଯାଇଥିଲି। ତମକୁ କହିଲେ ମଜା ରହିବନି ବୋଲି କିଛି ନ କହି ଚାଲି ଯାଇଥିଲି। ବଅସ ଗଲାଣି, ତମ ସହ ଟିକିଏ ମଜା କରିବାକୁ ଭାରି ମନ ହେଲା। ଆଈ ଓଠରେ ଚେନାଏ ହସ ଖେଳିଗଲା। ସେ ହସିଦେଇ କହିଲା– ଧେତ୍ ତମେ ଭାରି ଇଏ। ତମେ ସିନା ଟଙ୍କା ନେଇଗଲ, ଇଏ ଟଙ୍କା କୋଉଠୁ ଆସିଲା? ନିଧିଆ ଅଜା କହିଲେ– ଏଗୁଡ଼ାକ ଆଉ ଚଳୁନି। ମୁଁ ଅମଳ ଟମଳ ପାଇଁ ଏ ଟଙ୍କା ଲୁଚେଇ ରଖିଥିଲି। ଆମେ ସମସ୍ତେ ହସିଦେଲୁ। ଆମ ଭିତରୁ ସବୁଠୁ ବଡ଼ ପିଲା ପେଟା ପାଟିକରି କହିଲା, ସତରେ ଅଜା, ତମେ କରିଦେଲ ବଢ଼ିଆ ମଜା। ଧାକୁଳି ଆଈ ଫେଁ କିନା ହସିଦେଇ କହିଲା, ଏ ଟଙ୍କା ପାଇଁ ଆଜି ମୋତେ ଏତେ ହୀନସ୍ତା ହେବାକୁ ପଡ଼ିଲା।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର,
ବାଇପାସ, ଭଦ୍ରକ, ମୋ–୭୯୭୮୯୦୩୫୦୯

## ଏଇ ଭାରତରେ

ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ଏଠାରେ ବିଭିନ୍ନ ଜାତି ଓ ଧର୍ମର ଲୋକେ ବାସ କରନ୍ତି। ପ୍ରତ୍ୟେକ ଧର୍ମର ରୀତିନୀତି, ଚାଲିଚଳନ ଓ ସଂସ୍କୃତି ଭିନ୍ନ ଭିନ୍ନ। କୌଣସି ପ୍ରସଙ୍ଗକୁ ନେଇ ବେଳେବେଳେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ସୃଷ୍ଟିହୁଏ। ଏହା ଜାତୀୟ ସଂହତିରେ ପ୍ରତିବନ୍ଧକ ଆଣିବା ସହିତ ଦେଶରେ ଅସ୍ଥିରତା ଓ ଅଶାନ୍ତି ସୃଷ୍ଟିକରିବା ପାଇଁ ଖୋରାକ ଯୋଗାଏ। କିନ୍ତୁ ଜଣେ ମୁସଲମାନ ପରିବାର ସାମ୍ପ୍ରଦାୟିକ ସଦ୍‌ଭାବ ପାଇଁ ଏକ ନିଆରା ପନ୍ଥା ଆପଣାଇଛନ୍ତି। ଉକ୍ତ ପରିବାର ବିବାହ ନିମନ୍ତ୍ରଣ କାର୍ଡରେ ହିନ୍ଦୁଙ୍କ ପୌରାଣିକ କଥାବସ୍ତୁର ମୁଖ୍ୟଚରିତ୍ର ସୀତାରାମଙ୍କ ଫଟୋ ଛାପିଛନ୍ତି। ଉତ୍ତରପ୍ରଦେଶର ଏହି ମୁସଲମାନ ପରିବାର ଏଥିପାଇଁ ଏବେ ବେଶ୍ ଚର୍ଚ୍ଚାରେ ରହିଛି। ଶାହଜାହାନପୁର୍‌ର ଚିଲୁଆ ଗାଁରେ ବାସକରୁଥିବା ଏହି ପରିବାରର ଝିଅ ରୁକ୍‌ଶାର୍‌ର ବିବାହ ହେବାକୁ ଯାଉଥିବାବେଳେ ନିମନ୍ତ୍ରଣ କାର୍ଡରେ ସୀତାରାମଙ୍କ ଫଟୋ ଛାପିଛନ୍ତି। ଗାଁରେ ଉଭୟ ହିନ୍ଦୁ ଏବଂ ମୁସଲମାନ ପରିବାର ବାସକରନ୍ତି। ଏହାଦ୍ୱାରା ଦୁଇ ସମ୍ପ୍ରଦାୟ ମଧ୍ୟରେ ସମ୍ପର୍କ ସୁଦୃଢ଼ ହୋଇପାରିବ ବୋଲି ରୁକ୍‌ଶାର୍‌ଙ୍କ ମା' କହିଛନ୍ତି। ଗାଁର ସମସ୍ତ ଲୋକେ ଏହି କାର୍ଡକୁ ଆଦରର ସହିତ ଗ୍ରହଣ କରିଛନ୍ତି। ସାମ୍ପ୍ରଦାୟିକ ସଦ୍‌ଭାବନାର ଏହା ଏକ ନିଆରା ନିଦର୍ଶନ ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

**୨୬ ଏପ୍ରିଲ ୧୯୯୪**

- ବୋସନିଆର ସର୍ବୀୟ ଅଞ୍ଚଳ ଉପରେ ନାଟୋ ପକ୍ଷରୁ କରାଯାଉଥିବା ବିମାନ ଆକ୍ରମଣକୁ ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସନଙ୍କ ବିରୋଧ।
- ଚଳିତବର୍ଷ ଓସ୍କାର ପୁରସ୍କାର ଲାଭ କରିଥିବା ଆମେରିକାର ଫିଲ୍ମ ନିର୍ଦ୍ଦେଶକ ଷ୍ଟିଭେନ ସ୍ପିଲବର୍ଗ ତାଙ୍କର 'ସ୍କିଲଲରସ ଲିଷ୍ଟ' ଚଳଚ୍ଚିତ୍ର ପାଇଁ ବ୍ରିଟେନର ବାର୍ଷିକ ପୁରସ୍କାର ଲାଭ କରିଛନ୍ତି।
- ବିଶ୍ୱ ହେଭିଓ୍ୱେଟ ବକ୍ସିଂରେ ଇଭାଣ୍ଡର ହୋଲିଫିଲଡଙ୍କୁ ପରାସ୍ତ କରି ମାଇକେଲ ମୋରର ଚାମ୍ପିୟନ।
- ମଧ୍ୟ ଆଫ୍ରିକୀୟ ରାଷ୍ଟ୍ର ରୁଆଣ୍ଡାର ଏକ ହସ୍ପିଟାଲରେ ୧୭୦ ଜଣ ଲୋକଙ୍କୁ ଗଣହତ୍ୟା।

## ପାଠକ ଶ୍ରେଷ୍ଠ ବିଚାରକ

### ଉଡ଼ାଜାହାଜ ଓ କଳାକାର

ମହାଶୟ,

ପାଞ୍ଚବର୍ଷ ମଧ୍ୟରେ ରାଜ୍ୟ ଆକାଶରେ ଏତେ ଉଡାଜାହାଜ ଉଡିଲାଣି ଯେ ଏଭଳି ଘଟଣା ପୂର୍ବରୁ କେବେ ଘଟି ନ ଥିଲା। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଏବଂ କଂଗ୍ରେସ ଉପାଧ୍ୟକ୍ଷଙ୍କ ବ୍ୟତୀତ ବଡ ବଡ ରାଜନେତା ରାଜ୍ୟ ସାରା ଭଉଁରି କାଟିଛନ୍ତି। ଘରୋଇ ଯାତ୍ରୀବାହୀ ଜାହାଜ ଦେଶବିଦେଶକୁ ଯାତାୟାତ କରୁଛି। ଯିଏ ଯେଉଁ ଦଳର ହୁଅନ୍ତୁନା କାହିଁକି କାହାରିକୁ ଓଡ଼ିଶା ଆସିବା ମନା ନାହିଁ। ଅଧିକାଂଶ ରାଜନେତା ନିର୍ଦ୍ଧାରିତ ସମୟଠୁ ବିଳମ୍ବରେ ସଭାସ୍ଥଳୀରେ ପହଞ୍ଚୁଥିବାରୁ ଲୋକେ ଖରାରେ ଆଉଟୁ ପାଉଟୁ ହେଉଛନ୍ତି। ପଡୋଶୀ ରାଜ୍ୟମାନଙ୍କ ସହ ତୁଳନା କଲେ ଆମ ରାଜ୍ୟର ଖୁବ୍ ନଗଣ୍ୟ ସଂଖ୍ୟକ କଳାକାର ନିର୍ବାଚନ ରଣାଙ୍ଗନରେ ସାମିଲ ଅଛନ୍ତି। ଗତ ସାଧାରଣ ନିର୍ବାଚନରେ ଶକ୍ତିକାପୁର ଓ ରୁପା ଗାଙ୍ଗୁଲିଙ୍କ ଭଳି କଳାକାର ଆମ ରାଜ୍ୟରେ ସଭାସମିତି କରିଥିବା ବେଳେ ଏଥର ସେଭଳି କାହାରି ଦେଖାଦର୍ଶନ ନାହିଁ। ସରକାର ଶ୍ରମଜୀବୀଙ୍କୁ ନିର୍ବାଚନ ପାଇଁ ଗୋଟିଏ ଦିନର ମଜୁରି ଦେବା ଉଚିତ ଥିଲା।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

### ନିର୍ବାଚନର ଦୁଃଖ

ଧରିତ୍ରୀ(୧୮।୪)ରେ ପ୍ରକାଶିତ ପ୍ରବନ୍ଧ 'ନିର୍ବାଚନର ଦୁଃଖ' ଏକ ଅତ୍ୟନ୍ତ ଉପାଦେୟ ପ୍ରବନ୍ଧ, ଯାହା ସମସ୍ତ ଭୋଟରଙ୍କ ପଢ଼ିବା ଯୋଗ୍ୟ। ସେଥିଲାଗି ଡ. ସୁବାସଚନ୍ଦ୍ର ପାତ୍ରଙ୍କୁ ଅଜସ୍ର ଧନ୍ୟବାଦ। 'ଦେଲ ଯାହା ନେଲ ତାହା, ସାକ୍ଷୀ ଅଛି ଚଉବାହା।' ସତରେ ନିର୍ବାଚନ ସମୟ କେବଳ ଦିବାସ୍ୱପ୍ନର ସମୟ। ଏଠି 'ହାତୀ ଦେ, ଘୋଡ଼ା ଦେ, ମୋ ପେଁକାଳି ବଜେଇ ଦେ'। କିନ୍ତୁ ନେତା କେଉଁଠୁ ଦେଲେ ବା ଦେବେ କେହି ପଚାରନ୍ତିନି। ୫ ବର୍ଷ ଶାସନରେ ରହିଲେ ମଲାଯାଏ ପେନ୍‌ସନ, ଚିକିତ୍ସା ଭତ୍ତା, ସରକାରୀ ସୁବିଧା। କହିଲେ ଦେଖି କେଉଁ ଚାକିରିରେ ଅଛି? ସେଥିପାଇଁ ବୋଧେ ପାନଗୁଆ ଖଇର ଗୁଆକାତି, ଭଲ ବ୍ୟବସାୟ ରାଜନୀତି। ମନେପଡୁଛି ଆବ୍ରାହମ ଲିଙ୍କନଙ୍କ ଜୀବନର ଏକ କଥା– ସେ ଗୋଟିଏ ଜନସଭାକୁ ଯିବା ଲାଗି ବସ୍‌କୁ ଅପେକ୍ଷା କରିଥାନ୍ତି। ଏହି ସମୟରେ ତାଙ୍କ ପ୍ରତିପକ୍ଷ କାର ନେଇ ସେଇ ସଭାକୁ ଯାଉଥିଲେ। ସେ ମହାଶୟ ଲିଙ୍କନଙ୍କୁ ବସେଇ ନେଲେ। ପ୍ରଥମେ ଲିଙ୍କନ ସେ ମହାଶୟଙ୍କୁ କହିବାକୁ ସୁଯୋଗ ଦେଲେ। ଲୋକମାନେ ତାଙ୍କ ସମସ୍ୟା କହିଲା ପରେ ଲିଙ୍କନ ଠିଆହେଲେ ଓ କହିଲେ, ଭାଇମାନେ ଆପଣମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରଚୁର ଅର୍ଥ ଦରକାର। ସେ ବଳ ମୋ ପାଖରେ ନାହିଁ। ମୋର ପ୍ରିୟ ପ୍ରତିଦ୍ୱନ୍ଦ୍ୱୀ ଏସବୁ ଅକ୍ଳେଶରେ କରିପାରିବେ, ତେଣୁ ତାଙ୍କୁ ଭୋଟ ଦେଇ ଜୟଯୁକ୍ତ କରାନ୍ତୁ। ସେ ମହାଶୟ ମୋତେ ନିର୍ବାଚନୀ ସଭାକୁ ନିଜ ଗାଡିରେ ଆଣିଥିବାରୁ ମୁଁ କୃତଜ୍ଞ। ସଭାସ୍ଥଳ ତାଳିରେ ଫାଟି ପଡିଲା, କିନ୍ତୁ ଲିଙ୍କନ ବିଜୟୀ ହେଲେ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)








# ଗଞ୍ଜେଇ କାରବାରରୁ ଗୋଷ୍ଠୀ ସଂଘର୍ଷ

## ■ ଜଣେ ମୃତ, ୪ ଗୁରୁତର

■ ପୋଲିସ୍ ଗାଡ଼ିକୁ ଆକ୍ରମଣ
■ ଗଛ ଚଢ଼ି ବର୍ତ୍ତିଗଲେ ଗୃହରକ୍ଷୀ

ବୈପାରୀଗୁଡ଼ା, ୨୫।୪(ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରୀଗୁଡ଼ା ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଏଥିରେ ତାଙ୍କ ବାପା ଓ ୩ ଭାଇ ଗୁରୁତର ହୋଇଛନ୍ତି। ଗଞ୍ଜେଇ କାରବାରକୁ ନେଇ ଏହି ତୁମୁଳ କାଣ୍ଡ ଘଟିଥିବା କୁହାଯାଉଛି। ପୋଲିସ ସେଠାରେ ପହଞ୍ଚିବା ପରେ ସେମାନଙ୍କ ଉପରକୁ ମଧ୍ୟ ଆକ୍ରମଣ ହୋଇଛି। ଜୀବନ ବିକଳରେ ପୋଲିସ କର୍ମଚାରୀ ଗାଡ଼ିରେ ବସି ସେଠାରୁ ଖସିଯାଇଥିଲେ। ଅନ୍ୟ ଜଣେ ଗୃହରକ୍ଷୀ ଗଛରେ ଚଢ଼ିଯାଇ ନିଜକୁ ରକ୍ଷା କରିଛନ୍ତି।

ବୈପାରୀଗୁଡ଼ା ଥାନା ରାମଗିରି ଫାଣ୍ଡି ଅନ୍ତର୍ଗତ ଚେରକ ଛକରେ ଗତ ବୁଧବାର ରାତିରେ ୨ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ଗୋଟିଏ ପକ୍ଷରେ ଚେରକା ଛକର ଲୋକେ ଏବଂ ପ୍ରତିପକ୍ଷରେ କଦମଗୁଡ଼ା ଓ ବରେଇଗୁଡ଼ା ବାସିନ୍ଦା ରହିଥିଲେ। ୬୦ରୁ ଅଧିକ ଲୋକେ ଗଣ୍ଡଗୋଳରେ ମାତିଥିଲେ। ଗୋଷ୍ଠୀ ସଂଘର୍ଷରେ ଚେରକା ଛକ ବାସିନ୍ଦା ଗୁପ୍ତ ପୂଜାରୀ (୩୫)ଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ବାପା ଘାସିରାମ ପୂଜାରୀ (୬୦), ଭାଇ ଜଗତ ପୂଜାରୀ, ସୁରେଶ ପୂଜାରୀ ଓ ମସିରାମ ପୂଜାରୀ ଆହତ ହୋଇଥିଲେ। ରାମଗିରି ଫାଣ୍ଡି ଅଧିକାରୀ ସୁବ୍ରତ ପାଣିଗ୍ରାହୀ, ବୈପାରୀଗୁଡ଼ା ଥାନା ଏଏସ୍‌ଆଇ ସନ୍ତୋଷ ପାତ୍ର ସେଠାରେ ପହଞ୍ଚିଥିଲେ। କିନ୍ତୁ ଉତ୍ତ୍ୟକ୍ତ ଲୋକେ ପୋଲିସ୍ ଗାଡ଼ି ଉପରକୁ ଆକ୍ରମଣ କରିବା ପାଇଁ ମାଡ଼ିଆସିଥିଲେ। ଡ୍ରାଇଭର ବୋଲେରୋ ଧରି ଖସିଆସିବାରେ ସକ୍ଷମ ହୋଇଥିଲେ ମଧ୍ୟ କେତେକ କର୍ମଚାରୀ ସେଠାରେ ରହିଯାଇଥିଲେ। ଫାଣ୍ଡି ଅଧିକାରୀ ଓ ଜଣେ ହୋମ୍‌ଗାର୍ଡ ଅଧାବାଟ ଦୌଡ଼ିଦୌଡ଼ି ବୋଲେରୋରେ ଚଢ଼ିଥିଲେ। ଅନ୍ୟଜଣେ ହୋମ୍‌ଗାର୍ଡ ରଞ୍ଜିତ ଦାସ ଗାଡ଼ିରେ ଚଢ଼ି ନ ପାରି ଭୟରେ ଏକ ଗଛ ଉପରକୁ ଚଢ଼ିଯାଇଥିଲେ। ସେଠାରେ ସେ ପ୍ରାୟ ୩ ଘଣ୍ଟା ଆତ୍ମଗୋପନ କରି ରହିଥିଲେ। ପରେ ପୋଲିସ ସେଠାକୁ ସୁରକ୍ଷାବାହିନୀ ସହ ଯାଇ ରଞ୍ଜିତଙ୍କୁ ଉଦ୍ଧାର କରିଥିଲା। ଗୁପ୍ତଙ୍କ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ କରାଯାଇଛି। ପୋଲିସ୍ ପ୍ରାୟ ୧୬ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

# ବିଜେଡି ସାଙ୍ଗଠନିକ ସ୍ତରରେ ନିଯୁକ୍ତି

**ଭୁବନେଶ୍ୱର,୨୫।୪(ବ୍ୟୁରୋ):** ବିଜେଡି ସଂଖ୍ୟାଲଘୁ ସେଲ୍‌କୁ ଅଧିକ କ୍ରିୟାଶୀଳ କରାଯାଇଛି। ଏଥିପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ନୂତନ କର୍ମକର୍ତ୍ତା ନିଯୁକ୍ତ କରିଛନ୍ତି। ଏହି କ୍ରମରେ ଜଗତସିଂହପୁର ଜିଲାର ଅନିସୁର ରହେମାନ୍‌ଙ୍କୁ ବିଜେଡି ସଂଖ୍ୟାଲଘୁ ସେଲ୍ ରାଜ୍ୟ ଉପସଭାପତି, ଫୁଲବାଣୀର ଏମ୍‌ଡି ୟାସିନ୍ ବେଗ୍‌ଙ୍କୁ ସାଧାରଣ ସମ୍ପାଦକ, ସାଲେପୁରର ଏମ୍‌ଡି ଇସଲାମ (ସୁନୀଲ), ଜଟଣୀର ହବିବୁଲ୍ଲା ଖାଁ ଓ ଭଦ୍ରକର ଏସ୍. କେ. ଏମ୍‌ଡି ରଫିକଙ୍କୁ ବିଜେଡି ସଂଖ୍ୟାଲଘୁ ସେଲ୍ ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପଟ୍ଟାମୁଣ୍ଡାଇର ରିଜୱାନା ବେଗମ୍‌ଙ୍କୁ କେନ୍ଦ୍ରାପଡ଼ା ଜିଲା ବିଜେଡି ସଂଖ୍ୟାଲଘୁ ସେଲ୍ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି। ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ସହପର୍ଯ୍ୟବେକ୍ଷକ ଭାବେ ମହମ୍ମଦ ମୁର୍ତ୍ତୁଜା, କୋରେଇ ପାଇଁ ସହପର୍ଯ୍ୟବେକ୍ଷକ ଭାବେ ଅଫତାବ ଆଲମ୍, ସାରସକଣା ସହପର୍ଯ୍ୟବେକ୍ଷକ ଭାବେ ଗଣେଶ ମିଶ୍ର, ଜଗତ୍‌ସିଂହପୁର ଜିଲ୍ଲା ସହପର୍ଯ୍ୟବେକ୍ଷକ ଭାବେ ବିଜୁ ଯୁବ ଜନତା ଦଳ ମହାସଚିବ ଶିଶିର ପରିଜା, ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ସହପର୍ଯ୍ୟବେକ୍ଷକ ଭାବେ ସୁଶ୍ରୀ ମନ୍ଦାକିନୀ କର ଓ ଭଣ୍ଡାରିପୋଖରୀ ପାଇଁ ସହପର୍ଯ୍ୟବେକ୍ଷକ ଭାବେ ଜ୍ୟୋତିର୍ମୟୀ ପରିଡ଼ାଙ୍କୁ ବିଜେଡି ନିଯୁକ୍ତି ଦେଇଛି। ଅପରପକ୍ଷରେ ନିକଟରେ ବିଜେଡିରେ ଯୋଗ ଦେଇଥିବା ବିଶ୍ୱଜିତ ମହାନ୍ତିଙ୍କୁ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି।

# ବିଜ୍ଞାପନ ଜରିଆରେ ମିଛ ପ୍ରଚାର କରୁଛି ବିଜେଡି: ଭାଜପା

ଭୁବନେଶ୍ୱର, ୨୫।୪(ବ୍ୟୁରୋ)

ପରାଜୟ ଭୟରେ ବିଜେଡି ମିଥ୍ୟା ବିଜ୍ଞାପନର ସାହାରା ନେଉଛି। ହେଲେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାଜ୍ୟବାସୀଙ୍କୁ ବିଜେଡି ଯେପରି ଭୁଆଁ ବୁଲାଇବାକୁ ପ୍ରୟାସ କରୁଛି ତାହା କେବେହେଲେ ସଫଳ ହେବନାହିଁ। ମିଛକୁ ଯେତେ ବଡ ପାଟିରେ କହିଲେ ଓଡିଶା ଲୋକେ ବିଶ୍ୱାସ କରିବେ ନାହିଁ। ବାରିପଦା ମେଡିକାଲ କଲେଜରେ ନାମଲେଖାରେ କେନ୍ଦ୍ର ସରକାର ବାଧକ ସାଜୁଥିଲେ ବୋଲି ବିଜେଡି ଯେଉଁ ବିଜ୍ଞାପନ ଦେଇଛି ତାହା ସମ୍ପୂର୍ଣ୍ଣ ମିଥ୍ୟା। ବାସ୍ତବରେ କେନ୍ଦ୍ର ସରକାରଙ୍କ ଅନୁଦାନରେ ହିଁ ବାରିପଦା ସମେତ ବାଲେଶ୍ୱର, କୋରାପୁଟ, ପୁରୀ ଓ ବଲାଙ୍ଗୀରରେ ମେଡିକାଲ କଲେଜ ସ୍ଥାପନା ହୋଇପାରିଛି ବୋଲି ଭାଜପା କଟକ ଏମ୍‌ପି ପ୍ରାର୍ଥୀ ପ୍ରକାଶ ମିଶ୍ର ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି।





ଚାଇନାର ହେବେଇ ପ୍ରଦେଶରେ ଗୁରୁବାର ସକାଳେ ଏକ ନିର୍ମାଣାସ୍ଥଳରେ ଲିଫ୍ଟ ଭୁଶୁଡ଼ିପଡ଼ିବାରୁ ୧୧ ଶ୍ରମିକଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାର ତଦନ୍ତ ଜାରି ରହିଛି।



# ୫ ଟଙ୍କାରେ ହେବ ପରିବାର ଚଳିବା ଯୋଜନା

## ରେମୁଣା ନିର୍ବାଚନୀ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ପ୍ରତିଶ୍ରୁତି

ରେମୁଣା, ୨୫।୪(ଡି.ଏନ.ଏ.)

ଭାଜପା ଦ୍ୱାରା ଟଙ୍କିଆ ଚାଉଳ ଭଳି ଯୋଜନା ବନ୍ଦ କରି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟ ସାରା ବୁଲି ଅପପ୍ରଚାର କରୁଛନ୍ତି ବରଂ ଭାଜପା ଆସିଲେ ୫ଟଙ୍କାରେ ପରିବାର ଚଳିବା ଯୋଜନା କରାଯିବ। ବାଲେଶ୍ୱର ଜିଲା ରେମୁଣା ବାଲିପାଳଠାରେ ନିର୍ବାଚନ ପ୍ରଚାର ପାଇଁ ଆସି କେନ୍ଦ୍ର ପେଟ୍ରୋଲିୟମମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଭଳି ପ୍ରତିଶ୍ରୁତି ଦେଇଛନ୍ତି। ଗତ ୧୯ ବର୍ଷ ଧରି ରାଜ୍ୟରେ ସ୍ଥାଣୁ ସରକାର ଚାଲିଥିବା ସେ ଉଲ୍ଲେଖ କରି କହିଛନ୍ତି ଯେ, '୧୯ ନିର୍ବାଚନ' ହିଁ ପରିବର୍ତ୍ତନ ଆଣିବ। ଗାଁ ଠାରୁ ଆରମ୍ଭ କରି ସାରା ଦେଶର ବିକାଶ ପାଇଁ ମୋଦିଙ୍କୁ ଜିତାଇବାକୁ ପଡ଼ିବ। ଏଥିପାଇଁ ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ଭୋଟ୍ ଦେଇ ଜିତାଇବାକୁ ମନ୍ତ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। ମହିଳା, ଛାତ୍ରୀଛାତ୍ର, କୃଷକ, ସଂଖ୍ୟାଲଘୁ ସମସ୍ତଙ୍କର ବିକାଶ ହିଁ ଦେଶର ବିକାଶ ବୋଲି ସେ କହିଛନ୍ତି।

ରେମୁଣା ବ୍ଲକ ଚେୟାରମ୍ୟାନ ସୁଶାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଏମ୍‌ପି ପ୍ରାର୍ଥୀ ପ୍ରତାପ ଏବଂ ବିଧାୟକ ଗୋବିନ୍ଦଚନ୍ଦ୍ରଙ୍କ ସମେତ ଜିଲାପରିଷଦ ସଭ୍ୟା ସରିତା ଗିରି, ବିପିନ ମାରାଣ୍ଡି, ସୀତାରାମ ପ୍ରଧାନ, କ୍ୟାପଟେନ ଭାସ୍କର ମଲିକ, ନାରୀନେତ୍ରୀ ଶୋଭନା ମହାନ୍ତି, ଯୁବନେତା ଉମାକାନ୍ତ ପଣ୍ଡା, ଗିରିଧାରୀ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସଭାପୂର୍ବରୁ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ରେମୁଣା ଗୋଲେଇରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ବାହାରି ବାଲିପାଳ ପଡ଼ିଆରେ ପହଞ୍ଚିଥିଲା।

## ପ୍ରଥମ ପୃଷ୍ଠାରୁ...

### ଅନଙ୍ଗ ପଟ୍ଟନାୟକଙ୍କୁ...

ଜଣକ କମିଟିକୁ ପତ୍ର ଲେଖି ଜଣାଇଥିଲେ। ଅଭିଯୋଗକାରିଣୀ ଶୁକ୍ରବାର କମିଟି ଆଗରେ ହାଜର ହେବେ। କମିଟିରେ ଜଣେ ମାତ୍ର ମହିଳା ବିଚାରପତି ଇନ୍ଦିରା ବାନାର୍ଜୀଙ୍କୁ ସାମିଲ କରାଯାଇଥିବାରୁ ଏହା ଉପରେ ପୀଡିତା ପ୍ରଶ୍ନ ଉଠାଇଛନ୍ତି। 'ବିଶାଖା ଗାଇଡଲାଇନ୍ସ' ଅନୁଯାୟୀ କମିଟି ଗଠନ ହୋଇ ନ ଥିବା ସେ କହିଛନ୍ତି। କାର୍ଯ୍ୟସ୍ଥଳୀରେ ଯୌନ ନିର୍ଯାତନା ମାମଲାର ତଦନ୍ତ ଲାଗି ଗଠିତ କମିଟିରେ ଅଧିକ ମହିଳା ସଦସ୍ୟ ରଖିବା ଲାଗି ସୁପ୍ରିମକୋର୍ଟ ବିଶାଖା ରାୟରେ ନିର୍ଦ୍ଦେଶାବଳୀ ଜାରି କରିଥିଲେ।

ନ୍ୟାୟପାଳିକା ଉପରେ ବ୍ୟବସ୍ଥିତ ଢଙ୍ଗରେ ଆକ୍ରମଣ କରାଯାଉଥିବାରୁ ଏହା ଉପରେ ସୁପ୍ରିମକୋର୍ଟ କ୍ଷୋଭ ବ୍ୟକ୍ତ କରିଥିଲେ। ଦେଶର ଧନୀ ଓ କ୍ଷମତାଶାଳୀ ବ୍ୟକ୍ତି ନିଆଁ ସହ ଖେଳୁଛନ୍ତି ବୋଲି କହିବା ସମୟ ଆସିଗଲାଣି ବୋଲି ଅଦାଲତ କହିଥିଲେ। ସିଜେଆଇଙ୍କ ବିରୋଧରେ ଯୌନଶୋଷଣ ଅଭିଯୋଗ ଏକ ବଡ଼ ଷଡଯନ୍ତ୍ର ବୋଲି ଆଇନଜୀବୀ ବୈନ୍ସ ସତ୍ୟପାଠ ମାଧ୍ୟମରେ କୋର୍ଟଙ୍କୁ ଜଣାଇଥିବାବେଳେ ଶୁଣାଣି ବେଳେ ଖଣ୍ଡପୀଠ ଉପରୋକ୍ତ ମତାମତ ଦେଇଥିଲେ। ଗତ କିଛିବର୍ଷ ହେଲା ନ୍ୟାୟପାଳିକ ପ୍ରତି ଯେଭଳି ବ୍ୟବହାର କରାଯାଉଛି ତାହା ଜାରି ରହିଲେ ଉକ୍ତ ସଂସ୍ଥା ତିଷ୍ଠି ରହିବ ନାହିଁ ବୋଲି ଖଣ୍ଡପୀଠ ଆଶଙ୍କା ବ୍ୟକ୍ତ କରିଥିଲେ।

### ଶୁଣାଣି ନ କରି...

ଶନିବାର ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଶୁଣାଣି କରାଯାଇଥିଲା। ଏଥିରେ ବିଚାରପତି ଏବଂ ସରକାରଙ୍କ ବରିଷ୍ଠ ଆଇନ ଅଧିକାରୀମାନେ ତାଙ୍କ ବିରୋଧରେ ଯେଭଳି ମନ୍ତବ୍ୟ ଦେଇଛନ୍ତି ତାହା ତାଙ୍କୁ ଭୟଭୀତ ଏବଂ ନିଃସହାୟ କରିଦେଇଛି ବୋଲି ଅଭିଯୋଗକାରିଣୀ କହିଛନ୍ତି। ତାଙ୍କର ଶୁଣାଣି କରା ନ ଯାଇ ବିଚାରପତିମାନେ ଅଭିଯୋଗକୁ କିପରି ମିଥ୍ୟା ଘୋଷଣା କଲେ ତାହା ତାଙ୍କୁ ବିସ୍ମିତ କରିଛି ବୋଲି ମହିଳା ଜଣକ କହିଛନ୍ତି। ତାଙ୍କୁ ଶୁଣା ନ ଯାଇ ବିନା କାରଣରେ ତାଙ୍କ ଚରିତ୍ର ସଂହାର କରାଯାଇଥିବା ସେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ ମହିଳାଙ୍କ ଅଭିଯୋଗ କେତେକ ନ୍ୟୁଜ୍ ପୋର୍ଟାଲରେ ପ୍ରକାଶ ପାଇବା ପରେ ଏହା ଉପରେ ସୁପ୍ରିମକୋର୍ଟରେ ତୁରନ୍ତ ସ୍ୱତନ୍ତ୍ର ଶୁଣାଣି କରାଯାଇଥିଲା। ତେବେ ଏଥିରେ ଅଭିଯୋଗକାରିଣୀଙ୍କୁ ଡକାଯାଇ ନ ଥିଲା। ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ ବୋଲି ଜଷ୍ଟିସ୍ ଅରୁଣ ମିଶ୍ର ମନ୍ତବ୍ୟ ଦେଇଥିଲେ। ସେହିପରି ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ମଧ୍ୟ ଭିତ୍ତିହୀନ ମନ୍ତବ୍ୟ ବୋଲି କହିଥିଲେ। ଏପରିକି ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ମଧ୍ୟ ଅଭିଯୋଗକାରିଣୀଙ୍କୁ ନିନ୍ଦାକରି ତାଙ୍କ ବ୍ଲଗ୍‌ରେ ଲେଖିଥିଲେ। ଏହିସବୁ କାରଣରୁ ସେ ଭୟଭୀତ ଏବଂ ନିଜକୁ ନିଃସହାୟ ତଥା ନିକ୍ଷେପିତ ମନେକରୁଥିବା ମହିଳା ଜଣକ କହିଛନ୍ତି।

### ବାରିପଦା ମେଡିକାଲ କଲେଜ ପ୍ରତିଷ୍ଠାକୁ...

ନେତୃତ୍ୱାଧୀନ ଭାଜପା ସରକାର ଏହି ଯୋଜନାକୁ ବନ୍ଦକରିବା ପାଇଁ ଚକ୍ରାନ୍ତ କରିଛନ୍ତି। ହେଲେ ସେ ଥିବା ପର୍ଯ୍ୟନ୍ତ ଏହି ଯୋଜନା ବନ୍ଦ ହେବ ନାହିଁ। ବିଜେଡି ସରକାର ଆସିବାର ପ୍ରଥମ ଦିନରେ ହିଁ ସବୁ ଚାଷୀଙ୍କୁ ଦୁଇଟି କିସ୍ତି ପାଇଁ ୧୦ ହଜାର ଟଙ୍କା ମିଳିବ ବୋଲି କହିଥିଲେ। ସେହିପରି ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ପାଇଁ ରାଜ୍ୟ ସରକାର ୮୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛନ୍ତି। କେନ୍ଦ୍ର ସରକାର ମାତ୍ର ୨୦ ପ୍ରତିଶତ ଟଙ୍କା ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଥିଲେ।

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ବୁଧବାର ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିଲେ। ସେ ବୈଶିଙ୍ଗା, ମାଣତ୍ରୀ, ବଡସାହି ଓ ବାରିପଦା ସହରରେ ରୋଡ ଶୋ ପରେ ସର୍କିଟ ହାଉସରେ ରାତ୍ରିଯାପନ କରିଥିଲେ। ଗୁରୁବାର ସକାଳେ ବାରିପଦା ହରିବଳଦେବ ଜୀଉ ମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ଏହାପରେ ସେ ବଡବଜାର ରୋଡ ଦେଇ ଷ୍ଟାଡିୟମଠାରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡକୁ ଯାଇଥିଲେ। ସେଠାରୁ ହେଲିକପ୍ଟର ଯୋଗେ ପ୍ରଥମେ ଉଦଳା ନିର୍ବାଚନମଣ୍ଡଳୀ ଅଧୀନ କପ୍ତିପଦା ବ୍ଲକର ପେଦାଗଡିକୁ ଯାଇ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇଥିଲେ। ପରେ ମୋରଡା ନିର୍ବାଚନମଣ୍ଡଳୀର ପାଟପୁର, ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀର କଳାବାଡିଆ, ସାରସକଣା ନିର୍ବାଚନମଣ୍ଡଳୀର ବାଡ୍ଡୁନିଆ, ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ମହୁଲଡିହାକୁ ଯାଇ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇଥିଲେ। ବାରିପଦା କଚେରି ପଡ଼ିଆରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେବା ସହ ରାଇରଙ୍ଗପୁର ସହରରେ ହାଇଟେକ ବସ ଯୋଗେ ରୋଡ ଶୋ କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ଯଶିପୁର ନିର୍ବାଚନମଣ୍ଡଳୀ ଅଧୀନ ରରୁଆଁ ବ୍ଲକର ନଦୀ ସାହିରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ସହିତ ଲୋକ ସଭା ପ୍ରାର୍ଥୀ ଡା.ଦେବାଶିଷ ମାରାଣ୍ଡି, ବାରିପଦା ବିଧାୟିକା ପ୍ରାର୍ଥୀ ସରୋଜିନୀ ହେମ୍ବ୍ରମ, ମୋରଡା ବିଧାୟକ ପ୍ରାର୍ଥୀ ରାଜକିଶୋର ଦାସ, ଉଦଳା ବିଧାୟକ ପ୍ରାର୍ଥୀ ଶ୍ରୀନାଥ ସୋରେନ, ବାଙ୍ଗିରିପୋଷି ବିଧାୟକ ପ୍ରାର୍ଥୀ ସୁଦାମ ମାରାଣ୍ଡି, ସାରସକଣା ବିଧାୟକ ପ୍ରାର୍ଥୀ ଅମର ସିଂ ଟୁଡୁ, ରାଇରଙ୍ଗପୁର ବିଧାୟକ ପ୍ରାର୍ଥୀ ବାସନ୍ତୀ ମାରାଣ୍ଡି, ଯଶିପୁର ବିଧାୟକ ପ୍ରାର୍ଥୀ ଗୋଲୋକ ବିହାରୀ ନାୟକ ପ୍ରମୁଖଙ୍କ ସହିତ ଜିଲା ସଭାପତି ଦେବାଶିଷ ମାରାଣ୍ଡି, ଜିଲା ପର୍ଯ୍ୟବେକ୍ଷକ ଅରୁଣ କୁମାର ସାହୁଙ୍କ ସମେତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

### 'ନବୀନ ସରକାରର ବିଦାୟ...

ବିଧାନସଭା ପ୍ରାର୍ଥୀ ବିଶ୍ୱ ରଞ୍ଜନ ମଲ୍ଲିକଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ନିବେଦନ କରିଥିଲେ। ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ବରୀ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଭଞ୍ଜ, ହେମନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ରାଜନାଥ ନିର୍ଦ୍ଧାରିତ ସମୟଠାରୁ ୨ଘଣ୍ଟା ବିଳମ୍ବରେ ସମାବେଶ ସ୍ଥଳରେ ପହଞ୍ଚି ଥିଲେ। ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ସତ୍ତ୍ୱେ ବହୁ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା।

ପରେ ଭଦ୍ରକ ଜିଲା ଚାନ୍ଦବାଲି ଦୁର୍ଗାପଡ଼ିଆରେ ମଣ୍ଡଳ ସଭାପତି କମଳାକାନ୍ତ ସୂତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସଭାରେ ଯୋଗ ଦେଇ ରାଜନାଥ ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ରାଜ୍ୟର ସମସ୍ତ ମତ୍ସ୍ୟଜୀବୀ ପରିବାରକୁ କିଷାନ କ୍ରେଡିଟ କାର୍ଡ ମିଳିବା ସହ ୫ ବର୍ଷ ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କା ଋଣ ଯୋଗାଇ ଦିଆଯିବ ବୋଲି କହିଥିଲେ। ସେହିପରି ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ପ୍ରଦାନ କରାଯିବ ବୋଲି ରାଜନାଥ କହିଥିଲେ। ଏହି ପରିପ୍ରେକ୍ଷୀରେ ଭାଜପାର ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ମନମୋହନ ସାମଲଙ୍କୁ ନିର୍ବାଚନରେ ଜିତାଇବାକୁ ଉପସ୍ଥିତ ଲୋକଙ୍କୁ ନିବେଦନ କରିଥିଲେ। ଏହି ସମାବେଶରେ ଏମ୍‌ପି ଅର୍ଜୁନ ଚରଣ ସେଠୀ, ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ମନମୋହନ ସାମଲ, ଧାମନଗର ବିଧାୟକ ପ୍ରାର୍ଥୀ ବିଷ୍ଣୁ ସେଠୀ, ଭାଜପା ନେତା ପ୍ରତାପ ଧଳ, ସଂଗ୍ରାମ ରାଉତ, ବିଶ୍ୱକେଶରୀ ମହାନ୍ତି, କାହ୍ନୁ ବେହେରା ଓ ପୂର୍ଣ୍ଣଚନ୍ଦ୍ର ପାଣି ପ୍ରମୁଖ ସଭାରେ ଯୋଗ ଦେଇଥିଲେ। ବହୁସଂଖ୍ୟକ ଦଳୀୟ ନେତା ଓ କର୍ମୀ ସଭାସ୍ଥଳରେ ଉପସ୍ଥିତ ଥିଲେ।

### ୩୦ ଯାଏ ପ୍ରବଳ...

୧୧ଟି ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ୪୨.୫, ଅନୁଗୋଳ ୪୦.୧, ଝାରସୁଗୁଡା ୪୨.୪, ସମ୍ବଲପୁର ୪୧.୬, ସୁନ୍ଦରଗଡ ୪୧, ହୀରାକୁଦ ୪୧.୨, ଭବାନୀପାଟଣା ୪୧.୮, ବଲାଙ୍ଗୀର ୪୨.୫, ଫୁଲବାଣୀ ୪୦.୮ ଏବଂ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୪୦.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ଅନ୍ୟପଟେ ଦକ୍ଷିଣ ପୂର୍ବ ବଙ୍ଗୋପ ସାଗର ଶ୍ରୀଲଙ୍କା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୩୬ ଘଣ୍ଟା ମଧ୍ୟରେ ଏହା ଭୟଙ୍କର ସାମୁଦ୍ରିକ ଝଡରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଶକ୍ତିଶାଳୀ ବାତ୍ୟାରେ ପରିଣତ ହେବ। ଆସନ୍ତା ୧ ତାରିଖରେ ଉତ୍ତର ପଶ୍ଚିମ ତାମିଲନାଡୁ ଉପକୂଳକୁ ଛୁଇଁବା ସମ୍ଭାବନା ରହିଛି। ଏପ୍ରିଲ ୩୦ ତାରିଖ ପାଇଁ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ରେଡ୍ ଆଲର୍ଟ ଜାରି କରିଛି। ତାମିଲନାଡୁ ଉପକୂଳ ଛୁଇଁବା ବେଳେ ତାମିଲନାଡୁ ଉପକୂଳ ଏବଂ ପୁଡୁଚେରୀରେ ପ୍ରବଳ ଝଡବର୍ଷା ହେବାର ସମ୍ଭାବନା ରହିଛି। ବାତ୍ୟା ଦକ୍ଷିଣରୁ ଉତ୍ତର ଦିଗ ଆଡକୁ ମୁହାଁଇଛି। ମେ ୪ ତାରିଖ ସୁଦ୍ଧା ଏହା ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଛୁଇଁବା ସମ୍ଭାବନା ରହିଛି। ବାତ୍ୟା ପ୍ରଭାବରେ ଦକ୍ଷିଣ ଓଡିଶାରେ ଆକାଶ ମେଘାଚ୍ଛନ୍ନ ରହିବା ସହ ମେ ୩ ତାରିଖ ରାତିରୁ ବର୍ଷା ହେବାର ସମ୍ଭାବନା ରହିଛି। ଏହା ପରେ ବାତ୍ୟା ଗତିପଥ ପରିବର୍ତ୍ତନ କରି ବାଂଲାଦେଶ କିମ୍ବା ମ୍ୟାନ୍‌ମାର ଆଡକୁ ଗତି କରିବ ବୋଲି ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୮ ତାରିଖ ବେଳକୁ ବାତ୍ୟାର ଗତିବିଧି ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ଦିଆଯାଇ ପାରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଏଚ. ଆର. ବିଶ୍ୱାସ କହିଛନ୍ତି।

### ରିପୋର୍ଟ ଦେଇନାହାନ୍ତି...

ଶିବାଶିଷ ମିଶ୍ର ଦଙ୍ଗା ସମ୍ପର୍କରେ ଏନ୍‌ଏଚ୍‌ଆରସି କୌଣସି ରିପୋର୍ଟ ଦେଇ ନ ଥିବା ବିଷୟକୁ କୋର୍ଟରେ ଉପସ୍ଥାପନ କରିଥିଲେ। କମିଶନ କେବଳ ୨୦୦୮ରେ ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗା ସମ୍ପର୍କରେ ରିପୋର୍ଟ ଦେଇଥିଲେ। ଅଭିଯୋଗକାରୀଙ୍କ ଓକିଲ ଏ ନେଇ ଯୁକ୍ତି ଉପସ୍ଥାପନ କରିବା ସକାଶେ ସମୟ ମାଗିବାରୁ ଖଣ୍ଡପୀଠ ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୨ ତାରିଖ ଯାଏ ଘୁଞ୍ଚାଇ ଦେଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୦୭ରେ କନ୍ଧମାଳ ଜିଲାରେ କୌଣସି ସାମ୍ପ୍ରଦାୟିକ ଦଙ୍ଗା ସମ୍ପର୍କରେ କିଛି ରିପୋର୍ଟ ଦେଇଥିଲେ କି ନାହିଁ ସେ ନେଇ ଉଭୟ ଆବେଦନକାରୀ ଓ ରାଜ୍ୟ ସରକାର ତଦନ୍ତ କରିବାକୁ ୨୦୧୯ ମାର୍ଚ୍ଚ ୫ ତାରିଖରେ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ଓକିଲ ଅନୁପ୍ରଧା ସିଂ କହିଛନ୍ତି ଯେ ୨୦୦୭ ଦଙ୍ଗା ବିଷୟରେ ରାଜ୍ୟ ସରକାର କୌଣସି ତଦନ୍ତ କରିଥିଲେ କି ନାହିଁ ସର୍ବୋଚ୍ଚ ଅଦାଲତ ଜାଣିବାକୁ ଚାହିଁଥିଲେ ମଧ୍ୟ ଓଡିଶା ସରକାର କୌଣସି ଜବାବ ଦେଇ ନ ଥିଲେ।

### ଆତ୍ମଘାତୀ ଫାତିମା...

ଲୋକଙ୍କ ପ୍ରାଣହାନୀ ଘଟିଥିଲା। ରବିବାରର ଏହି ବିସ୍ଫୋରଣ ଶ୍ରୀଲଙ୍କାକୁ ଥରହର କରିପକାଇଥିଲା। ଫାତିମା ଆଇଏସ ଆତଙ୍କୀ ସଙ୍ଗଠନର ଜଣେ ସଦସ୍ୟ ଥିବା ଗୋଇନ୍ଦା ରିପୋର୍ଟରେ ଦର୍ଶାଯାଇଛି। ଗତ ମଙ୍ଗଳବାର ରାତିରେ ଜିହାଦି ସଙ୍ଗଠନ ପକ୍ଷରୁ ସ୍ୱାମୀଙ୍କ ସହ ସେ ଛିଡା ହୋଇଥିବା ଏକ ଫଟୋ ଜାରି କରାଯାଇଥିଲା। ଇତିମଧ୍ୟରେ ଶ୍ରୀଲଙ୍କା ପ୍ରତିରକ୍ଷା ସଚିବ ହେମାସିରି ଫେର୍ଣ୍ଣାଣ୍ଡୋ ଆକ୍ରମଣ ପାଇଁ ନିଜ ବିଫଳତାକୁ ଦାୟୀକରି ପଦରୁ ଇସ୍ତଫା ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିଜର ବୁଦ୍ଧି ଠାକୁର**
**ପରର ବୁଦ୍ଧି କୁକୁର ।**

ନିଜ ବୁଦ୍ଧିର ପରିଣତି ଯାହାହେଉ ପଛେ ସେଥିରେ ଆତ୍ମସନ୍ତୋଷ ଲଭିବାକୁ ପଡ଼େ। ନିଜ ବୁଦ୍ଧି ବିବେକକୁ ପାଥେୟ କରି ଆଗକୁ ବଢ଼ିବା ଭଲ। ପରନ୍ତୁ ପର ବୁଦ୍ଧିରେ ପଡ଼ି ବାଟ ଚାଲିବା ଉଚିତ ନୁହେଁ। କାରଣ ପର ବୁଦ୍ଧିରେ କାର୍ଯ୍ୟ କଲେ ପଛରେ ହୀନସ୍ତା ଭୋଗିବାକୁ ପଡ଼ିପାରେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

**ନଈ ବାରବାଙ୍କରେ ଯାଏ**
**ନାଉରିଆ ମୁଣ୍ଡ ଖାଏ**
**ସାପ ବାରବାଙ୍କରେ ଯାଏ**
**ସେଇ ଗାତକୁ ଯାଏ ।**

ନଈ ଯେତେ ଅଙ୍କାବଙ୍କା ହୁଏ ସେଥିରେ ନାଆବାହିବା ନାଉରିଆ ପାଇଁ ସେତେ କଷ୍ଟକର ହୋଇଯାଏ। ସାପ ଯେତେ ବୁଲେଇ ବଙ୍କେଇ ଗଲେ ମଧ୍ୟ ସେଇ ଗାତକୁ ହିଁ ଯାଇଥାଏ। ପରୋକ୍ଷରେ ମଣିଷ ନିଜ ଜୀବନ କାଳରେ ଯେତେ ଅନ୍ୟାୟ ଅନୀତି କଲେ ମଧ୍ୟ ତାହା ଦିନେ ନା ଦିନେ ଲୋକଲୋଚନକୁ ଆସିଥାଏ। କୂଟକର୍ମ ସତ୍ୟ ପାଖରେ ଧରାପଡ଼ି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ

## କଣିହାଁରେ ଅମାନବୀୟ ଦୃଶ୍ୟ

# ବସ୍ତା ପରି ବାଇକ୍‌ରେ ଜ୍ୱାଇଁଙ୍କୁ ବାନ୍ଧିନେଲେ

- ଶ୍ୱଶୁର, ଶାଳକଙ୍କ ନାମରେ ଅଭିଯୋଗ
- ଭିଡିଓ ଭାଇରାଲ ପରେ ମାମଲା ରୁଜୁ

କଣିହାଁ, ୨୫।୪(ଡି.ଏନ୍.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକରେ ଏକ ଅମାନବୀୟ ଦୃଶ୍ୟ ଦେଖିବାକୁ ମିଳିଛି। ପାରିବାରିକ ଗଣ୍ଡଗୋଳକୁ କେନ୍ଦ୍ର କରି ଜ୍ୱାଇଁଙ୍କୁ ଶ୍ୱଶୁର ଘର ଲୋକେ ମାଡ଼ ମାରି ଏକ ବାଇକ ପଛରେ ବସ୍ତା ପରି ବାନ୍ଧି ନେଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ସମ୍ପର୍କରେ ଅଭିଯୋଗ ହେବା ପରେ କଣିହାଁ ପୋଲିସ ନଂ. ୭୧/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ତାଳଚେର କଲିୟାରୀ ଥାନା ଗୋପାଳପ୍ରସାଦ ଫାଣ୍ଡି ଅନ୍ତର୍ଗତ ବନବାସପୁର ଗ୍ରାମର ଦୁଃଖବନ୍ଧୁ ସାହୁ କଣିହାଁ ଥାନା ସାନତ୍ରିବିଡା ଗ୍ରାମରେ ବିବାହ କରିଥିଲେ। କଣିହାଁ ଥାନା ଦଣ୍ଡସିଂହା ଗ୍ରାମସ୍ଥିତ ତାଙ୍କ ମାମୁ ଘରେ ଅଜାଆଇଙ୍କ ପାଖରେ ସ୍ତ୍ରୀଙ୍କ ସହ ସେ ରହୁଥିଲେ। ଏମ୍‌ସିଏଲରେ ଜମି ହରାଇଥିବାରୁ ତାଙ୍କୁ ପ୍ରକଳ୍ପରେ ନିଯୁକ୍ତି ମଧ୍ୟ ମିଳିଛି। ଗତ ୧୫ ତାରିଖରେ ଦୁଃଖବନ୍ଧୁ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏହାକୁ ନେଇ ୧୬ ତାରିଖରେ ଶ୍ୱଶୁର ଭିକାରୀ ଭୁତିଆ, ଶଳା ନେଙ୍କୁରୀ ଭୁତିଆ ଓ ଭାବ ଭୁତିଆ ତାଙ୍କୁ ମାଡ଼ ମାରି ବେହୋସ କରିଦେଇଥିଲେ। ପରେ ତାଙ୍କୁ ଏକ ବାଇକ୍‌ରେ ବାନ୍ଧି କେଉଁଆଡେ ନେଉଥିବାବେଳେ କେହି ଜଣେ ପୋଲିସକୁ ଖବର ଦେଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ସେମାନେ ଦୁଃଖବନ୍ଧୁଙ୍କୁ ଖୋଲି ଦେଇଥିଲେ। ପୋଲିସ ତାଙ୍କୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ଥାନାରେ ବୁଝାମଣା ହୋଇ ମାମଲାର ସମାଧାନ ହୋଇଥିଲା। ଏହା ପରେ ଦୁଃଖବନ୍ଧୁ ଶ୍ୱଶୁର ଘରକୁ ଯାଇଥିଲେ। ୨୧ ତାରିଖରେ ସେ ଶ୍ୱଶୁର ଘରୁ ଆସିବା ପରେ ଗୁରୁବାର କଣିହାଁ ଥାନାରେ ଏ ବାବଦରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରପଞ୍ଚ ଦୁଃଖବନ୍ଧୁ ଭୁତିଆ, ସାମାଜିକକର୍ମୀ ଶାନ୍ତି ବେହେରା ଦାବି କରିଛନ୍ତି।

CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ:
8763499150
OMM HONEY

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବା ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

See Color Display Classified on every Tuesday & Friday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଭାଜପାକୁ ଶତ୍ରୁ ବିବେଚନା କରୁଥିବା ବିରୋଧୀ ଦଳଗୁଡ଼ିକ ଲୋକ ସଭା ନିର୍ବାଚନ ପରେ ମିଳିତ ଭାବେ ସରକାର ଗଢ଼ିବା ଏକପ୍ରକାର ନିଶ୍ଚିତ।

-ବୀରାପ୍ପା ମୋଇଲି, ବରିଷ୍ଠ କଂଗ୍ରେସ ନେତା



ବିଜେପି ନେତାଙ୍କ ପାଇଁ ଲୋକଙ୍କଠୁ ବଡ ବ୍ୟକ୍ତିଗତ ସ୍ୱାର୍ଥ

ଜନଜାତି ବହୁଳ ଜିଲ୍ଲା ମୟୁରଭଞ୍ଜ ଜିଲ୍ଲାରେ ରାଜାରାଜୁଡା ଅମଳରେ ରେଲ୍‌ୱେର ଯାହା ସ୍ଥିତି ଥିଲା, ଆଜି ତାହା ଆହୁରି ଦୟନୀୟ । ୨୦୧୪ରୁ ଜମି ଏବଂ ଟଙ୍କା ଦିଆଯାଇ ସାରିଥିଲେ ମଧ୍ୟ ୨୩ ବର୍ଷ ହେଲାଣି କେନ୍ଦ୍ରାପଡାର ପାରାଦୀପ-ହରିଦାସପୁର ରେଲୱେ ଲାଇନ୍ ଆଜି କିଛି ଲୋକଙ୍କର ବ୍ୟକ୍ତିଗତ ସ୍ୱାର୍ଥ ପାଖରେ ବନ୍ଧାପଡିଛି ।

ବିଜୁ ଜନତା ଦଳ

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର ।
ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।

ବିଜେଡି କରୁଛି ବିକାଶ
ବିଜେଡି ସହ ରହିବା

## ତେଲେଙ୍ଗାନା: ଯୁକ୍ତଦୁଇ ପରୀକ୍ଷାରେ ଫେଲ୍

# ସପ୍ତାହରେ ୧୯ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା

ହାଇଦ୍ରାବାଦ୨୫।୪(ଆଇଏଏନଏସ)

ତେଲେଙ୍ଗାନାରେ ଗତ ଏକ ସପ୍ତାହ ମଧ୍ୟରେ ଯୁକ୍ତଦୁଇ ପରୀକ୍ଷାରେ ବିଫଳ ହୋଇଥିବା ୧୯ ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିବା ଜଣାପଡିଛି। ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଏହି ପିଲା ଅକୃତକାର୍ଯ୍ୟ ହୋଇ ଆତ୍ମହତ୍ୟା କରିବା ଗତ କିଛି ବର୍ଷ ମଧ୍ୟରେ ସର୍ବାଧିକ ବୋଲି କୁହାଯାଉଛି। ବୁଧବାର ୩ ଜଣ ଆତ୍ମହତ୍ୟା କରିଥିଲେ। ମେଡାକ ଜିଲାର ଚକଲି ରାଜୁ ଜଣେ ମେଧାବୀ ଛାତ୍ର ହୋଇଥିବାବେଳେ ଅର୍ଥନୀତି ଓ ରାଜନୀତି ବିଜ୍ଞାନରେ ଖରାପ ନମ୍ବର ରଖିବା ଯୋଗୁଁ ଆତ୍ମହତ୍ୟା ନିଷ୍ପତ୍ତି ନେଇଥିଲେ। ଅନୁରୂପଭାବେ ୟଦାଦ୍ରି ବୋଙ୍ଗିର ଜିଲାର ଆକରାମ ମିଠି ଦ୍ୱିତୀୟ ବର୍ଷ ପରୀକ୍ଷାରେ ଖରାପ ନମ୍ବର ରଖିବାରୁ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ନିଜାମାବାଦ ଜିଲାର ଶୈଳଜା ଆଶା ମୁତାବକ ନମ୍ବର ନରଖି ପାରିବାରୁ ଆତ୍ମହତ୍ୟା କରିଛନ୍ତି। ତେଲେଙ୍ଗାନା ବୋର୍ଡ ଅଫ ଇଣ୍ଟରମିଡିଏଟ ଏଜୁକେଶନ ପକ୍ଷରୁ ଗତ ୧୮ରେ ପରୀକ୍ଷାଫଳ ପ୍ରକାଶ କରାଯାଇଥିବାବେଳେ ଭଲ ମାର୍କ ରଖିନଥିବା ଛାତ୍ରୀଛାତ୍ରମାନେ ବିଶାଦଗ୍ରସ୍ତ ହୋଇ ଏଭଳି ରାସ୍ତା ବାଛି ନେଉଛନ୍ତି। ସରକାରଙ୍କ ପକ୍ଷରୁ ତିନି ଜଣିଆ ତଦନ୍ତ କମିଟି ଗଠନ କରାଯାଇଛି। ଛାତ୍ର ଗୋଷ୍ଠୀ ଓ ବିରୋଧୀ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ବିଫଳ ଛାତ୍ରୀଛାତ୍ରଙ୍କ ପରୀକ୍ଷାଖାତା ବିନାମୂଲ୍ୟରେ ପୁନଃ ଯାଞ୍ଚ କରାଯିବ ବୋଲି ଘୋଷଣା କରିଛନ୍ତି।

# ଗୁମ୍‌ନାମୀ ବାବା ହିଁ ନେତାଜୀ

ନୂଆଦିଲ୍ଲୀ,୨୫।୪

ଅଯୋଧ୍ୟାରେ ୧୯୬୨ରୁ ୧୯୮୫ ପର୍ଯ୍ୟନ୍ତ ଶେଷଜୀବନ ବିତାଇଥିବା ଗୁମ୍‌ନାମୀ ବାବା ହିଁ ନେତାଜୀ ସୁଭାଷ ବୋଷ ଥିଲେ। ଚନ୍ଦ୍ରଚୂଡ ଘୋଷ ଏବଂ ଅନୁଜ ଧରଙ୍କ ଦ୍ୱାରା ଲିଖିତ 'ସୁଭାଷ ବୋଷସ୍ ଲାଇଫ୍ ଆଫ୍ଟର ଡେଥ୍' ନାମକ ପୁସ୍ତକରେ ଏହି ବିଷୟ ପ୍ରକାଶ ପାଇଛି। ଲୋକେ ପୂର୍ବରୁ ଗୁମ୍‌ନାମୀ ବାବାଙ୍କୁ ଭଗବାନ୍‌ଜୀ କହୁଥିଲେ। ସେ ଫୈଜାବାଦ୍ ଜିଲାର ରାମଭବନରେ ରହୁଥିଲେ। ତାଙ୍କ ସହିତ ନେତାଜୀଙ୍କର ଅନେକ ସାମଞ୍ଜସ୍ୟ ରହିଥିଲା। ସେ ନେତାଜୀଙ୍କ ଭଳି ଚଷମା ବ୍ୟବହାର କରିବା ସହିତ ପକେଟରେ ରୋଲେକ୍ସ ଘଡ଼ି ରଖୁଥିଲେ। ୧୯୮୫ ସେପ୍ଟେମ୍ବର ୧୬ରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ତାଙ୍କର ସମସ୍ତ ଆସବାବପତ୍ର ଯାଞ୍ଚ କରାଯାଇଥିଲା। ସେଥିରୁ ରୋଲେକ୍ସ ଘଡି, ନେତାଜୀଙ୍କ ମାତାପିତାଙ୍କ ଫଟୋ, ବଙ୍ଗଳା ଓ ଇଂଲିଶ୍‌ରେ ଲେଖାଥିବା କେତେକ ଚିଠି ଏବଂ ପୁସ୍ତକ ସେଠାରୁ ମିଳିଥିଲା। ଗୁମ୍‌ନାମୀ ବାବା ୧୯୬୨ରୁ ୧୯୮୫ ପର୍ଯ୍ୟନ୍ତ ଲେଖିଥିବା ୧୩୦ଟି ଚିଠି ଯାଞ୍ଚ କରାଯାଇଥିଲା। ଏସବୁ ଇଣ୍ଡିଆନ୍ ନ୍ୟାଶନାଲ୍ ଆର୍ମିର ସଦସ୍ୟ ତଥା ନେତାଜୀଙ୍କ ନିକଟତମ ସହଯୋଗୀ ପବିତ୍ର ମୋହନ ରାୟଙ୍କୁ ଲେଖା ଯାଇଥିଲା। ଏହି ପୁସ୍ତକରେ ଆମେରିକା ହସ୍ତାକ୍ଷର ଯାଞ୍ଚକାରୀ କାର୍ଲ ବଗେଟ୍‌ଙ୍କ ରିପୋର୍ଟ ପ୍ରକାଶ ପାଇଛି। ନେତାଜୀଙ୍କ ହସ୍ତାକ୍ଷର ସହିତ ଗୁମ୍‌ନାମୀ ବାବାଙ୍କ ହସ୍ତାକ୍ଷର ମେଳ ଖାଉଥିବା ଏଥିରେ ଦର୍ଶାଯାଇଛି।

### ଆମେରିକା ହସ୍ତାକ୍ଷର ଯାଞ୍ଚକାରୀଙ୍କ ରିପୋର୍ଟ



## ବିସ୍ଫୋରଣ ପରେ ସନ୍ଦିଗ୍ଧଙ୍କୁ ଖୋଜାଚାଲିଛି

# ଡ୍ରୋନ୍ ଉଡ଼ାଣରେ ଶ୍ରୀଲଙ୍କାର କଟକଣା

କଲମ୍ବୋ,୨୫।୪(ଆଇଏଏନଏସ)



ଶ୍ରୀଲଙ୍କା ରାଜଧାନୀ କଲମ୍ବୋରେ ଗୁରୁବାର ଛୋଟ ବିସ୍ଫୋରଣ ହୋଇଥିବା ବେଳେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଆତ୍ମଘାତୀଙ୍କ ସନ୍ଦିଗ୍ଧ ସହଯୋଗୀଙ୍କୁ ଧରିବା ଲାଗି ସର୍ଚ୍ଚ ଅପରେଶନ ଜାରି ରହିଛି। ରବିବାର ଇଷ୍ଟର ପର୍ବ ବେଳେ ଆତ୍ମଘାତୀ ବିସ୍ଫୋରଣରେ ୩୫୯ ଲୋକଙ୍କ ପ୍ରାଣହାନୀ ଘଟିଥିଲା। ଶ୍ରୀଲଙ୍କା ବାୟୁସୀମାରେ ଉଡିବା ଉପରେ ସରକାର ସମସ୍ତ ଡ୍ରୋନ ଓ ମାନବ ବିହୀନ ବିମାନ ଉଡାଣ ଉପରେ ଗୁରୁବାରଠାରୁ କଟକଣା ଲଗାଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ମେ ୧ ତାରିଖରୁ ଦେଶକୁ ଆସୁଥିବା ବ୍ୟକ୍ତିଙ୍କ ଲାଗି ନୂଆ ଭିସା ବ୍ୟବସ୍ଥା ଲାଗୁ କରାଯିବ ବୋଲି କୁହାଯାଇଛି। ବିସ୍ଫୋରଣ ପଛରେ ବିଦେଶୀ ସମ୍ପର୍କ ଥିବା ସ୍ପଷ୍ଟ ହେବା ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ପର୍ଯ୍ୟଟନ ମନ୍ତ୍ରୀ ଜନ୍ ଅମରାତୁଙ୍ଗା କହିଛନ୍ତି।

## ୨ ଆତଙ୍କବାଦୀ ନିହତ

ଶ୍ରୀନଗର୨୫।୪

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲ୍ଲାରେ ୨ ଜଣ ହିଜବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ବିଜ୍‌ବେହାର ଅଞ୍ଚଳର ବାଗେନ୍ଦର ମୋହଲ୍ଲାଠାରେ ଆତଙ୍କବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପରେ ସେନା ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଇଥିଲା। ନିହତ ଦୁଇ ଆତଙ୍କବାଦୀ ହେଲେ ସଫଦର ଅମିନ ଭଟ(୨୫) ଓ ବୁର୍ହାନ ଅହମଦ ଗନି ଓରଫ ସୈଫୁଲ୍ଲା(୨୫)।

## ରାଷ୍ଟ୍ରପତି ପ୍ରାର୍ଥିତ୍ୱ ଦୌଡ଼ରେ ଜୋ ବିଡେନ

ୱାଶିଂଟନ,୨୫।୪: ଆମେରିକାର ପୂର୍ବତନ ଉପରାଷ୍ଟ୍ରପତି ଜୋ ବିଡେନ ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ଡେମୋକ୍ରାଟିକ୍ ଦଳର ପ୍ରାର୍ଥିତ୍ୱ ଦୌଡରେ ଗୁରୁବାର ନିଜକୁ ଆନୁଷ୍ଠାନିକ ଭାବେ ସାମିଲ କରିଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ନିର୍ବାଚିତ ହେଲେ ଦେଶ ପ୍ରତି ବିପଦ ଦେଖାଦେବ ବୋଲି ବିଡେନ କହିଛନ୍ତି। ଦେଶର ଆତ୍ମାର ଲଢ଼େଇରେ ଆମେ ଅଛୁ। ଟ୍ରମ୍ପଙ୍କୁ ଆମେ ହ୍ୱାଇଟ ହାଉସ୍‌ରେ ରହିବା ପାଇଁ ୮ ବର୍ଷ ଦେଲେ ସେ ଦେଶର ମୌଳିକ ଚରିତ୍ରକୁ ବଦଳାଇଦେବେ ବୋଲି ବିଡେନ ସମାଲୋଚନା କରିଛନ୍ତି।

## କିମ୍-ପୁଟିନ ସାକ୍ଷାତ ଆଲୋଚନା

# ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିକୁ ଗୁରୁତ୍ୱ

ଭ୍ଲାଦିଭୋଷ୍ଟୋକ(ରୁଷିଆ), ୨୫।୪(ଆଇଏଏନଏସ)

ଉତ୍ତର କୋରିଆ ନେତା କିମ ଜଙ୍ଗ ଉନ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ମଧ୍ୟରେ ଗୁରୁବାର ସାକ୍ଷାତ ଆଲୋଚନା ହୋଇଛି। ଏଥିରେ ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି। କୋରିଆ ଦ୍ୱୀପାଞ୍ଚଳକୁ ପରମାଣୁମୁକ୍ତ କରିବା ଲାଗି ପ୍ରୟାସ କରାଯିବ ବୋଲି ମତ ପ୍ରକାଶ ପାଇଛି। ୨୦୧୧ ପରେ ଏହା ଦୁଇଦେଶ ମଧ୍ୟରେ ପ୍ରଥମ ଉଚ୍ଚସ୍ତରୀୟ ବୈଠକ। ଉତ୍ତର କୋରିଆ ଓ ରୁଷିଆ ପ୍ରତିନିଧିଙ୍କୁ ସମ୍ବୋଧନ କରି ପୁଟିନ କହିଛନ୍ତି ଯେ, କିମଙ୍କ ଗସ୍ତ ସମ୍ପର୍କ ବଢାଇଛି ଓ ପରମାଣୁମୁକ୍ତ କୋରିଆ ଗଠନ ସହ ଦୁଇ କୋରିଆ ମଧ୍ୟରେ ଆଲୋଚନାର ବାଟ ଫିଟିଛି। କିମଙ୍କ ପ୍ରୟାସ ଆମେରିକା ଓ ଉତ୍ତରକୋରିଆର ତିକ୍ତତା କମାଇବାରେ ସହାୟକ ହୋଇପାରିଛି ବୋଲି ପୁଟିନ କହିଛନ୍ତି। ଅପର ପକ୍ଷରେ ରୁଷିଆ ଗସ୍ତ କରି ମୁଁ ଖୁସି ଅନୁଭବ କରୁଛି ବୋଲି କିମ କହିଛନ୍ତି।



ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍ ରୁଷିଆର ଭ୍ଲାଡିଭୋଷ୍ଟକ୍‌ରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ କରମର୍ଦ୍ଦନ କରୁଛନ୍ତି।

# ମଙ୍ଗଳରେ ଭୂକମ୍ପ

ୱାଶିଂଟନ,୨୫।୪

ମଙ୍ଗଳ ଗ୍ରହକୁ ମାନବ ମିଶନ ପଠାଇବା ପାଇଁ ଯୋଜନା ଚାଲିଛି। ତେବେ ମଙ୍ଗଳରେ ଭବିଷ୍ୟତରେ ବାସ କରିବାକୁ ଯାଉଥିବା ଲୋକେ ଭୂକମ୍ପର ଅନୁଭୂତି ପାଇପାରିବେ। ଏନେଇ ଅନ୍ତର୍ଜାତୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ଦ୍ୱାରା ପ୍ରେରିତ ରୋବୋଟିକ୍ ଇନ୍‌ସାଇଟ୍ ଲ୍ୟାଣ୍ଡର ପ୍ରଥମ ଥର ପାଇଁ ମଙ୍ଗଳରେ ଭୂକମ୍ପ ତଥ୍ୟକୁ ରେକର୍ଡ କରିଛି। ପୃଥିବୀ ଓ ଚନ୍ଦ୍ର ପରି ମଙ୍ଗଳରେ ମଧ୍ୟ ଭୂକମ୍ପ ହୋଇଥାଏ ବୋଲି ନାସାର ମହାକାଶ ବିଜ୍ଞାନୀ କହିଛନ୍ତି। ଚଳିତ ମାସ ଏପ୍ରିଲ ୬ରେ ମଙ୍ଗଳରେ କମ୍ପନ ସୃଷ୍ଟି ହୋଇଥିବା ଇନ୍‌ସାଇଟ୍ ପ୍ରୋବ୍ ପଠାଇଥିବା ତଥ୍ୟରୁ ମହାକାଶ ବିଜ୍ଞାନୀ ଅନୁମାନ କରିଛନ୍ତି। 'ନାସା'ର ଇନସାଇଟ୍ ପ୍ରୋବ୍ ୨୦୧୮ ଡିସେମ୍ବର ୧୯ରେ ମଙ୍ଗଳ ପୃଷ୍ଠରେ ଅବତରଣ କରିଥିଲା। ଏହି ଗ୍ରହରେ ହେଉଥିବା କମ୍ପନ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ଏହାକୁ ପ୍ରେରଣ କରାଯାଇଥିଲା।



## ଇତିହାସର ଆଇନାରେ | ଏପ୍ରିଲ ୨୬ର ପ୍ରମୁଖ ଘଟଣା

୧୯୬୬ ଏପ୍ରିଲ ୨୬ରେ ରିପବ୍ଲିକ୍ ଅଫ୍ କଙ୍ଗୋରେ ଆମ୍ବ୍ରୋଇଜ୍ ନୌମାଜାଲାଇଙ୍କ ନେତୃତ୍ୱରେ ନୂତନ ସରକାର ଗଠିତ ହୋଇଥିଲା।

୧୯୯୪ ଏପ୍ରିଲ ୨୬ରେ ଚାଇନା ଏୟାରଲାଇନ୍ସ ଫ୍ଲାଇଟ୍ ଜାପାନର ନାଗୋୟା ଏୟାରପୋର୍ଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୬୪ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା ।

Saraf Agencies Pvt. Ltd.

TENDER CALL NOTICE FOR SALE OF DISMANTLED MATERIALS OF ARC FURNACE

Sealed tenders in prescribed format are invited from the genuine bidders for purchase of Alumina Brick, copper strips embedded in asbestos cloth and rubber, Burnt electrical Cables, Scrap steel, soiled high Titanium Slag and Pig iron embedded with slag Under Saraf agencies Pvt. Ltd. Chatrapur, Dist.- Ganjam, Odisha and the terms and conditions may be downloaded from the website **www.sarafagencies.com.** The sealed tender will be received through Speed Post/ Registered Post/ Courier only on or before 12.00 Noon of 10.05.2019 in the office of the undersigned i.e. Saraf Agencies Pvt. Ltd. Forum Mart (4th Floor), 89, Kharvel Nagar, Unit-III, Bhubaneswar-751001. The tender will be opened at plant site Saraf Agencies Pvt. Ltd., Chatrapur, Ganjam on 13.05.2019 at 03.00 PM.

The Tender received incomplete and or after the schedule date and time shall be rejected. The undersigned reserves the right to reject any or all the tenders without assigning any reason thereof.

**Sd./- Vice President (Commercial)**
**Saraf Agencies Pvt. Ltd.**
**Bhubaneswar**

CLASSIFIED DISPLAY

ନାମଲେଖା ବିଜ୍ଞାପନ

୨୦୧୯-୨୦ ଶିକ୍ଷାବର୍ଷ ନିମନ୍ତେ ଆମ ବିଦ୍ୟାଳୟ ନାମଲେଖା ପ୍ରକ୍ରିୟା ତା.୦୨।୦୪।୨୦୧୯ଠାରୁ ଆରମ୍ଭ ହୋଇଅଛି। ଆଗ୍ରହୀ ଅଭିଭାବକ ଓ ଛାତ୍ରଛାତ୍ରୀ ବିଦ୍ୟାଳୟ କାର୍ଯ୍ୟାଳୟରୁ କାର୍ଯ୍ୟଦିବସମାନଙ୍କରେ ଦିବା ୮ଘଟିକାରୁ ଅପରାହ୍ନ ୧ଟା ମଧ୍ୟରେ ନାମଲେଖା ଫର୍ମ ସଂଗ୍ରହ କରିପାରିବେ। ନାମଲେଖା ପାଇଁ କୌଣସି ପ୍ରବେଶିକା ପରୀକ୍ଷା ଦେବାକୁ ପଡିବ ନାହିଁ। ନାମଲେଖା ସମୟରେ ଜନ୍ମ ପ୍ରମାଣପତ୍ର/ଅଙ୍ଗନୱାଡ଼ି କେନ୍ଦ୍ର ପ୍ରମାଣପତ୍ର/ଆଧାର କାର୍ଡ ସହ ଅଭିଭାବକଙ୍କ ସ୍ୱ-ଘୋଷଣା ପତ୍ର ଗ୍ରହଣୀୟ ହେବ। ଭାରତ ସରକାରଙ୍କ RTE ACT-2009 ଅନୁସାରେ ପ୍ରବେଶ ଶ୍ରେଣୀରେ (Entry Class) ସୁବିଧାରୁ ବଞ୍ଚିତ/ଆର୍ଥିକ ଦୁର୍ବଳ ଶ୍ରେଣୀ ନିମନ୍ତେ ମୋଟ ପ୍ରବେଶ କ୍ଷମତାର ୨୫% ସ୍ଥାନ ନିଃଶୁଳ୍କ ଶିକ୍ଷାଦାନ ପାଇଁ ସଂରକ୍ଷିତ ଅଛି।

ସ୍ୱା./- ପ୍ରଧାନ ଆଚାର୍ଯ୍ୟ
ସାନ୍ଦୀପନି ବିଦ୍ୟା ନିକେତନ, ନୂଆପଡ଼ା, ଗଞ୍ଜାମ

ମାସିକ ୧୦,୦୦୦ରୁ ୧ଲକ୍ଷ ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି ଓରେନ ଶିକ୍ଷାର୍ଥୀ



WORLD'S GREATEST BRAND IN SKILL TRAINING
ORANE INTERNATIONAL
BECOME A PROFESSIONAL MAKEUP ARTIST
Join Short Term MAKEUP COURSES
www.oranebeautyinstitute.com
CALL: 73288-24255, 73288-24260 | Satya Nagar Bhubaneswar

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS



Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

Format C-2

**Declaration about criminal actecedents of candidates set up by the party**

*(As per the judgement dated 25th September, 2018, of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.).*

Name of Political Party : **BAHUJAN SAMAJ PARTY**
Name of Election : **Legislative Assembly Election 2019 PHASE-IV**
Name of State/UT : **Odisha**

| Sl. No. | Name of Candidate | Name of Constituency | Pending criminal cases | | Details about cases of conviction for criminal offences | |
|---|---|---|---|---|---|---|
| | | | Name of Court, cases No. & status of the case(s) | Sections of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | 2 | 3 | 4 | 5 | 6 | 7 |
| 1 | SUDHAKAR MALIK | Aul | Aul Police Station FIR No. 271/2016 JMFC AUL GR 528/2016 (Pending) | Section 147 148 341 323 307 302 379 427 149 Of IPC (The accused person Sudhakar Malik along with others restrained one Radha Shyam Biswal and assaulted him by means of Lathi and deadly weapons and for which he died | N.A | N.A |




ଜୈଶ-ଇ-ମହମ୍ମଦ(ଜେଇଏମ୍) ସଂଗଠନର ୨ ଆତଙ୍କବାଦୀଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍ଆଇଏ) ଗୁରୁବାର ଗିରଫ କରିଛି। ତନ୍ୱୀର ଓରଫ ତନ୍ୱୀର ଅହମଦ ଗନି(୨୯) ଓ ବିଲାଲ ମିର ଓରଫ ବିଲାଲ ଅହମଦ ମିର(୨୩)ଙ୍କୁ ସାଧାରଣ ନିରାପତ୍ତା ଆଇନ ବଳରେ ଗିରଫ କରାଯାଇ ଜମ୍ମୁର କୋଟ ଭଲୱାଲ ଜେଲକୁ ପଠାଇଦିଆଯାଇଛି। ପରେ ଦୁହିଁଙ୍କୁ କୋର୍ଟରେ ହାଜର କରାଯାଇ ୭ଦିନ ପାଇଁ ହେପାଜତକୁ ନେଇଛି ଏନ୍ଆଇଏ।

## ସଂକ୍ଷେପରେ

### ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର: ୩ ଅଭିଯୁକ୍ତ ଫେରାର

ସୁନ୍ଦରଗଡ଼/ବାଲିଶଙ୍କରା, ୨୫।୪(ଡି.ଏନ୍.ଏ): ସୁନ୍ଦରଗଡ଼ ଜିଲା ତଲସରା ଥାନା ବନଡେଗା ଫାଣ୍ଡି ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଜଣେ ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଛି। ଗୁରୁବାର ଏନେଇ ବନଡେ଼ଗା ଫାଣ୍ଡିରେ ଅଭିଯୋଗ ହୋଇଛି। ଏତଲା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇଛି। ଏହି ମାମଲାର ତଦନ୍ତ ଭାର ଜଣେ ଅତିରିକ୍ତ ଏସ୍ପିଙ୍କୁ ଦିଆଯାଇଛି। ପୀଡିତା ନାବାଳିକା ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ, ବୁଧବାର ସନ୍ଧ୍ୟାରେ ସେ ତାଙ୍କ ମାମୁ ଘରୁ ଜଣେ ସମ୍ପର୍କୀୟ ଭାଇଙ୍କ ସହିତ ଘରକୁ ଫେରୁଥିଲେ। ନିଛାଟିଆ ରାସ୍ତାରେ ଅନ୍ୟ ଏକ ସମ୍ପ୍ରଦାୟର ୩ ଜଣ ଯୁବକ ବାଇକ୍ ଯୋଗେ ଆସି ସେମାନଙ୍କୁ ଅଟକାଇଥିଲେ। ଜଣେ ଯୁବକ ତାଙ୍କ ଭାଇକୁ ଅଟକାଇଥିବାବେଳେ ଅନ୍ୟ ୨ଯୁବକ ନାବାଳିକାକୁ ଟେକିନେଇ ଜଙ୍ଗଲ ମଧ୍ୟରେ ବଳାତ୍କାର କରିଥିଲେ। ପରେ ୩ ଯୁବକ ଫେରାର୍ ହୋଇଯାଇଥିଲେ। ଘଟଣା ସମ୍ପର୍କରେ ସମ୍ପର୍କୀୟ ଭାଇଙ୍କ ସହିତ ଆସି ସକାଳେ ଫାଣ୍ଡିରେ ଅଭିଯୋଗ କରିଥିଲେ।

### ମାହାଙ୍ଗାରେ ସଭା କରାଇ ଦିଆ ନ ଯିବା ଘଟଣା
### ଡିଜିପିଙ୍କୁ ଭେଟିଲା ଭାଜପା ଟିମ୍

ଭୁବନେଶ୍ୱର,୨୫।୪(ବ୍ୟୁରୋ)-ନିର୍ବାଚନ ସମୟରେ ଶାସକ ଦଳର ରାଜନୈତିକ ହିଂସା ଓ ମାହାଙ୍ଗାରେ ଭାଜପା ସଭା କରାଇ ଦିଆ ନ ଯିବା ଆଦି ଅନେକ ଅଭିଯୋଗ ନେଇ ଭାଜପାର ଏକ ଟିମ୍ ଗୁରୁବାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ କ୍ୟାମ୍ପ ଅଫିସରେ ଭେଟିଛନ୍ତି। ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରିଛନ୍ତି। ଭାଜପା ଅଭିଯୋଗ କରିଛି ଯେ, ଶାସକ ଦଳ ସବୁଠି ଗୁଣ୍ଡାଗର୍ଦ୍ଦି ଚଳାଇଛନ୍ତି। ଭାଜପା କର୍ମୀଙ୍କୁ ଆକ୍ରମଣ କରୁଛନ୍ତି। ଏ ନେଇ ଅଭିଯୋଗ କଲେ ମଧ ପୋଲିସ ଶାସକ ଦଳକୁ ସୁହାଇଲା ଭଳି କାର୍ଯ୍ୟ କରୁଛି। ମିଛ ମାମଲାରେ ଭାଜପା କର୍ମୀ ଓ ପ୍ରାର୍ଥୀଙ୍କୁ ଗିରଫ କରାଯାଉଛି। ମାହାଙ୍ଗାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କ ସଭା କରିବା ପାଇଁ ପୋଲିସ ପ୍ରଶାସନ ଅନୁମତି ଦେଇଥିଲେ। ହେଲେ ଶାସକ ଦଳର କିଛି ଅସାମାଜିକ ବ୍ୟକ୍ତି ଏହାକୁ ଭଣ୍ଡୁର କରିବା ପାଇଁ ଯୋଜନା କରି ସଭା କରାଇ ଦେଇ ନ ଥିଲେ। ତେଣୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସକାଶେ ଦାବି କରିଛି। ସାମନ୍ତସିଂହାର କହିଛନ୍ତି ଯେ, ଶାସକ ଦଳ ହାରିଯିବା ଭୟରେ ହିଂସାକାଣ୍ଡ, ବୁଥ୍ ରିଗିଂ, କ୍ୟାପଚରିଂ ଆଦି କାର୍ଯ୍ୟ କରୁଛନ୍ତି। ଏଭଳି କାର୍ଯ୍ୟ ଗଣତନ୍ତ୍ରର ହତ୍ୟା ଭଳି। ଅନ୍ୟପକ୍ଷେ ଏ ନେଇ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ଚୋରି କରି ସିଆଣିଆ ହେବା ଭଳି ଭାଜପା କାମ କରୁଛି। ତାଙ୍କ ଦଳର ପ୍ରାର୍ଥୀମାନେ ଗୁଣ୍ଡାଗର୍ଦ୍ଦି କରି ବନ୍ଧୁକ ଦେଖାଇ ଇଭିଏମ୍ ଭାଙ୍ଗୁଛନ୍ତି ଓ ପୋଲିଂ କର୍ମଚାରୀଙ୍କୁ ମାଡ଼ ମାରୁଛନ୍ତି। ଲୋକେ ସବୁ ଜାଣୁଛନ୍ତି। ସେମାନେ ହାରିବା ଭୟରେ ତାଟିଆ କାମୁଡୁଛନ୍ତି।

### ଆବୁଧାବିରେ ପ୍ରବାସୀ ଓଡ଼ିଆ ଉତ୍ସବ

ଭୁବନେଶ୍ୱର,୨୫।୪(ବ୍ୟୁରୋ)- ଜନ୍ମମାଟି ଓଡ଼ିଶାଠାରୁ ଦୂରରେ ଥାଇ ବି ଆବୁଧାବିରେ ରହୁଥିବା ଓଡ଼ିଆମାନେ ଉତ୍କଳ ଦିବସ ପାଳନ କରିବାକୁ ଭୁଲି ନାହାନ୍ତି। ଆବୁଧାବିରେ ଥିବା ପ୍ରବାସୀ ଓଡ଼ିଆ ସମାଜ ଶୁକ୍ରବାର ୮ମ ଥର ପାଇଁ ଉତ୍କଳ ଦିବସ ସମାରୋହରେ ପାଳନ କରିବାକୁ ଯାଉଛନ୍ତି। ସ୍ଥାନୀୟ ଇଣ୍ଡିଆନ୍ ସୋସିଆଲ କଲ୍ଚରାଲ ସେଣ୍ଟରଠାରେ ଏହି ଉତ୍ସବ ପାଳନ କରାଯିବ। ଆବୁଧାବିରେ ବହୁ ସଂଖ୍ୟକ ଓଡ଼ିଆ ଦୀର୍ଘଦିନ ଧରି ବସବାସ କରୁଛନ୍ତି। ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ପାଳନ କରାଯାଉଥିବା ଏହି ଉତ୍ସବରେ ସୁପ୍ରିମ୍କୋର୍ଟର ପ୍ରାକ୍ତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର ମୁଖ୍ୟ ଅତିଥି , ଅଭିନେତ୍ରୀ ନନ୍ଦିତା ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେବେ। ସ୍ଥାନୀୟ ପ୍ରବାସୀ ଓଡ଼ିଆ ଏବଂ ଓଡିଶାରୁ ଯାଇଥିବା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପୂର୍ବାହ୍ନ ୧୦ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ସ୍ଥାନୀୟ ପ୍ରବାସୀ ଓଡ଼ିଆ ସଂଘ ସଭାପତି ଦୀପକ ଦାସ ଏବଂ ଉପଦେଷ୍ଟା କମଲ ମିଶ୍ର ସୂଚନା ଦେଇଛନ୍ତି।

# ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ ସାଇଫନ୍‌ରେ ଘାଇ

କଲମପୁର,୨୫।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ପଣ୍ଡିଗାଁ ନିକଟରେ ବୁଧବାର ବିଳମ୍ବିତ ରାତିରେ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ ଆରଡି ୨୭.୬୮୦ ସାଇଫନର ଦକ୍ଷିଣ ପାର୍ଶ୍ୱରେ ଏକ ଘାଇ ସୃଷ୍ଟି ହୋଇଛି। ଫଳରେ ନିକଟସ୍ଥ ପଣ୍ଡିଗାଁର ବସ୍ତିପଡା ଜଳମଗ୍ନ ହୋଇଛି । ଏହା ଜାଣି ଗ୍ରାମବାସୀ ଇନ୍ଦ୍ରାବତୀ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ଖବର ପାଇ ପ୍ରଥମେ ମଙ୍ଗଳପୁର ବ୍ୟାରେଜ ଏବଂ ବନ୍ଧକନା ଫାଟକକୁ ବନ୍ଦ କରି ଦକ୍ଷିଣ ମୁଖ୍ୟ କେନାଲର ପାଣିକୁ କମାଇବା ପାଇଁ ବିଭାଗୀୟ ଅଧିକାରୀମାନେ ଚେଷ୍ଟା କରିଥିଲେ ।

ଇନ୍ଦ୍ରାବତୀ ଦକ୍ଷିଣ କେନାଲ ଡିଭିଜନର କଲମପୁର ସହକାରୀ ନିର୍ବାହୀ ଯନ୍ତ୍ରୀ -୨ ନେଲସନ ତାଣ୍ଡି, ମୁଖିଗୁଡା ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରଣୟ ପ୍ରଧାନ, ଚିଲିଗୁଡା ସହକାରୀ ନିର୍ବାହୀଯନ୍ତ୍ରୀ ଅକ୍ଷୟ କୁମାର ଭୋଇ, ଜୁନାଗଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଗୋବର୍ଦ୍ଧନ ନାଏକ, ସହକାରୀ ଯନ୍ତ୍ରୀ ଲକ୍ଷ୍ମଣ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ପ୍ରହଲ୍ଲାଦ ହେମ୍ବ୍ରମ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ସୃଷ୍ଟି ହୋଇଥିବା ଘାଇକୁ ବନ୍ଦ କରିବା ପାଇଁ ସମସ୍ତେ ଲାଗି ପଡିଥିଲେ । ପାଳବିଡା ଏବଂ ବାଲିବସ୍ତା ପକାଯାଇ ଅସ୍ଥାୟୀ ଭାବେ ଘାଇ ବନ୍ଦ କରିବା ପାଇଁ ଉଦ୍ୟମ କରାଯାଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, କେନାଲ ପାଣି ସାଇଫନ ଦେଇ ପଣ୍ଡିଗାଁ ବସ୍ତିପଡାକୁ ପଶିଥିଲା। ଗ୍ରାମର ଗୌର ଚନ୍ଦ୍ର ମାଝି, ସୁଦର୍ଶନ ମାଝି, ଚନ୍ଦ୍ର ମାଝି, ହେମନ୍ତ ମାଝି, ଶିବରାମ ମାଝି, ପ୍ରଭାସ ମାଝି, ଅନନ୍ତ ମାଝି, ନିର୍ମଳ ମାଝି, ପରମେଶ୍ୱର ସରାଫଙ୍କ ଘର ନିକଟ

**ପଣ୍ଡି ଗାଁ ଜଳମଗ୍ନ, ଧାନଚାଷ ପ୍ରଭାବିତ**

ଦେଇ ପାଣି ପ୍ରବାହିତ ହୋଇଥିଲା। ଫଳରେ ଗ୍ରାମବାସୀ ଆତଙ୍କିତ ହୋଇ ପଡିଥିଲେ। ମୁଖ୍ୟ କେନାଲକୁ ମରାମତି କରା ଯାଉ ନ ଥିବାରୁ ଏଭଳି ପରିସ୍ଥିତି ବାରମ୍ବାର ସୃଷ୍ଟି ହେଉଛି । ପ୍ରାୟ ୧୫୦ ପରିବାର ଏଥିପାଇଁ ଆତଙ୍କିତ ଅବସ୍ଥାରେ ରହୁଥିବାରୁ ସେମାନଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ଦାବି ହୋଇଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ କରା ନ ଗଲେ ବସ୍ତିବାସିନ୍ଦା ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

କେନାଲ ତଳେ ଥିବା ଭବାନୀ ଶଙ୍କର ବେହେରାଙ୍କ ଚାଷଜମି ଦେଇ କେନାଲ ଜଳ ପ୍ରବାହିତ ହେଉଥିବାରୁ କେଣ୍ଡା ବାହାରି ଥିବା ଧାନଚାଷ ପ୍ରଭାବିତ ହୋଇଛି । ସେହିପରି ବାଟି ମାଝି, ସୁରେନ୍ଦ୍ର ମାଝି, ମଙ୍ଗନିଆଁ ମାଝି, ସିଦ୍ଧେଶ୍ୱର ମାଝିଙ୍କ ଧାନ ଚାଷ ପ୍ରଭାବିତ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି । କଲମପୁର ରାଜସ୍ୱ ନିରୀକ୍ଷକ ଗୋବିନ୍ଦ ଚନ୍ଦ୍ର ପୁରୋହିତ ପଣ୍ଡଗାଁରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି । କେନାଲ ମରାମତି ସମ୍ପର୍କରେ କଲମପୁର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ବର୍ତ୍ତମାନ ବାଲି ବସ୍ତା ଦେଇ ଅସ୍ଥାୟୀ ଭାବେ ମରାମତି କରୁଛୁ । ରବିଚାଷ ଚାଲିଥିବାରୁ ସ୍ଥାୟୀ ମରାମତି ସମ୍ଭବ ହେଉନାହିଁ। ଆଉ କିଛି ଦିନ ପରେ ରବି ଚାଷ ସରିବା ପରେ ସ୍ଥାୟୀ ମରାମତି କରାଯିବ ବୋଲି କହିଛନ୍ତି।



ପଣ୍ଡି ଗାଁରେ କେନାଲ ଜଳ ପ୍ରବାହିତ ହେଉଛି ।

### ଇଭିଏମ୍ ପରିଚାଳନାରେ ତ୍ରୁଟି
## ୩୦ କର୍ମଚାରୀ ନିଲମ୍ବିତ

କଟକ ଅଫିସ, ୨୫।୪

ଗତ ୨୩ ତାରିଖରେ ତୃତୀୟ ପର୍ଯ୍ୟାୟ ମତଦାନ ସମୟରେ କଟକରେ ଇଭିଏମ୍କୁ ନେଇ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ପ୍ରଶାସନ ପକ୍ଷରୁ ଇଭିଏମ୍, ଭିଭିପିଏଟି ମେଶିନର ବ୍ୟବହାର ଓ ସଚେତନତା ନେଇ ଦୀର୍ଘଦିନରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲେ ମଧ ତାହା ଫଳପ୍ରଦ ହୋଇ ନଥିଲା। ଏପରି କି ବଡମ୍ବା ନିର୍ବାଚନମଣ୍ଡଳୀର ଏକ ବୁଥ୍‌ରେ ଏମ୍ପି ପ୍ରାର୍ଥୀଙ୍କ ଇଭିଏମ୍ ସ୍ଥାନରେ ବିଧାୟକ ପ୍ରାର୍ଥୀଙ୍କ ଇଭିଏମ୍ ସଂଯୋଗ କରାଯିବାରୁ ସେଠାରେ ପୁନଃ ମତଦାନ କରାଯିବାକୁ ସ୍ଥିର କରାଯାଇଛି। ମୋଟାମୋଟି ଭାବେ ଇଭିଏମ୍ ଅବ୍ୟବସ୍ଥା ଯୋଗୁ ଭୋଟରଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ମତଦାନ ପରେ ଇଭିଏମ୍କୁ ଷ୍ଟ୍ରଙ୍ଗ ରୁମ୍କୁ ନେବାରେ ମଧ କେତେଜଣ କର୍ମଚାରୀ ଅବହେଳା ପ୍ରଦର୍ଶନ କରିଥିଲେ। ଏହି ସବୁ କାରଣକୁ ନେଇ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଅରବିନ୍ଦ ଅଗ୍ରୱାଲ ନିର୍ବାଚନ ଦାୟିତ୍ୱରେ ଥିବା ୩୦ ଜଣ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ସହିତ ୨ ଜଣଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ସୂଚନାଥାଉ କି, ଇଭିଏମ୍ ଓ ଭିଭିପିଏଟି ସଚେତନତା ନିମନ୍ତେ ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ସଚେତନ କରାଯାଉଥିଲା। ମାତ୍ର ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀମାନେ ନିଜେ ସଚେତନ ନ ଥିବା ମତଦାନ ଓ ପରବର୍ତ୍ତୀ ଅବସ୍ଥାରେ ସ୍ପଷ୍ଟ ହୋଇଛି।

### ପାଲଟା ତାଚ୍ଛଲ୍ୟ କଲେ ଧର୍ମେନ୍ଦ୍ର
## ଭାଜପା ଶପଥ ଉତ୍ସବରେ ବିଦାୟୀ ମୁଖ୍ୟମନ୍ତ୍ରୀ ଭାବେ ଯୋଗଦେବେ ନବୀନ

ଭୁବନେଶ୍ୱର, ୨୫।୪(ବ୍ୟୁରୋ):

ରାଜ୍ୟରେ ଭାଜପା ସରକାରର ଶପଥ ଉତ୍ସବରେ ନବୀନ ପଟ୍ଟନାୟକ ବିଦାୟୀ ମୁଖ୍ୟମନ୍ତ୍ରୀ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଖରେ ବସିବେ। ନୂଆ ସରକାର ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କୁ ନବୀନ ପଟ୍ଟନାୟକଙ୍କ ଆମନ୍ତ୍ରଣ ପ୍ରସଙ୍ଗରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଭଳି ପାଲଟା ତାଚ୍ଛଲ୍ୟ କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ଓଡିଶାରେ ଭାଜପା ନୂଆ ସରକାର କରିବ ଓ ଶପଥ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବା ପାଇଁ ଆସିବେ । ଏହି ଉତ୍ସବରେ ନବୀନବାବୁଙ୍କୁ ବିଦାୟୀ ମୁଖ୍ୟମନ୍ତ୍ରୀ ଭାବେ ଆଦର ସହକାରେ ନିମନ୍ତ୍ରଣ କରାଯିବ। ପ୍ରଧାନମନ୍ତ୍ରୀଙ୍କ ପାଖରେ ତାଙ୍କୁ ବସାଯିବ। ମୁଖ୍ୟମନ୍ତ୍ରୀ ମିଛ ତଥ୍ୟର ସୌଦାଗର । ରାଜ୍ୟ ସରକାର ନିଜ ଅପାରଗତାକୁ ଲୁଚାଇବା ପାଇଁ ମିଛ କହୁଛନ୍ତି । ବାରିପଦା ଓ ବାଲେଶ୍ୱରରେ ମେଡିକାଲ କଲେଜ କେନ୍ଦ୍ର ସରକାରଙ୍କ ୬୦ଭାଗ ଅନୁଦାନରେ ହୋଇଛି । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ ନିଜେ ଏହି ମେଡିକାଲ କଲେଜକୁ ଉଦ୍‌ଘାଟନ କରିଥିଲେ। ୧୯ବର୍ଷ ଶାସନରେ ରହିବାପରେ ମଧ ମୁଖ୍ୟମନ୍ତ୍ରୀ ଲୋକଙ୍କ ପାଇଁ ମୌଳିକ ସୁବିଧା ଉପଲବ୍ଧ କରିପାରିନାହାନ୍ତି । ଓଡିଶାର ଲୋକମାନେ ଏକଥା ପଚାରୁଥିବା ବେଳେ ମୁଖ୍ୟମନ୍ତ୍ରୀ ମୁହଁ ଲୁଚାଇବା ପାଇଁ ବାଉଳିଚାଉଳି ହେଉଛନ୍ତି । ଓଡିଶାରେ ମୋଦିଙ୍କ ହାୱା ବହୁଥିବା ବେଳେ ଓଡିଆ ଲୋକମାନେ ଏଥର ପରିବର୍ତ୍ତନ ଚାହୁଁଛନ୍ତି । କିଏ ବିଶ୍ୱାସୀ ନେତା ତାହା ଓଡିଆ ଲୋକମାନେ ବିଚାର କରିବେ । ଓଡିଆ ଲୋକେ ଏଥର ମୋଦିଙ୍କ ଉପରେ ଭରସା କରିବା ପାଇଁ ମନ ବଳାଇଛନ୍ତି । ଶେଷ ହୋଇଥିବା ୩ଟି ପର୍ଯ୍ୟାୟ ନିର୍ବାଚନରେ ଭାଜପାକୁ ଅଭୂତପୂର୍ବ ଜନ ସମର୍ଥନ ମିଳିଛି । ପ୍ରଧାନମନ୍ତ୍ରୀ ନିଜେ ଓଡିଶା ଆସି ରାଜ୍ୟବାସୀ ୫ବର୍ଷ ପାଇଁ ଭାଜପାକୁ ଭରସା କଲେ ଓଡିଶାକୁ ୧ନମ୍ବର ରାଜ୍ୟ କରାଯିବ ବୋଲି କହିଛନ୍ତି । ସାଢେ ୪କୋଟି ଓଡିଆ ଲୋକ ଏଥର ନରେନ୍ଦ୍ର ମୋଦିଙ୍କୁ ଆଶୀର୍ବାଦ କରିବେ । ଏହାବ୍ୟତୀତ ବାଲେଶ୍ୱର ଲୋକ ସଭା ଓ ଏହା ଅନ୍ତର୍ଗତ ୭ ବିଧାନସଭାରେ ଭାଜପା ବିଜୟ ସୁନିଶ୍ଚିତ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ‘ଅଂଗ୍ରେଜୀ ମିଡିୟମ’ରେ ଅଭିନୟ କରିବେ

**ମୁମ୍ବାଇ:** ଅଭିନେତ୍ରୀ କରିନା କପୁର ଖାନ୍ ‘ଅଂଗ୍ରେଜୀ ମିଡିୟମ’ରେ ଜଣେ ପୋଲିସ ଭୂମିକାରେ ଅଭିନୟ କରିବେ। ତାଙ୍କ ସହ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଇର୍‌ଫାନ୍ ଖାନ୍। ଅଭିନେତ୍ରୀ କରୀନା ଏଥିପାଇଁ ରାଜି ହୋଇଥିବା ପ୍ରଯୋଜକ ଦିନେଶ ବିଜନ୍ ସ୍ପଷ୍ଟ ସୂଚନା ଦେଇଛନ୍ତି। ‘ଅଂଗ୍ରେଜୀ ମିଡିୟମ’ ସ୍ୱତନ୍ତ୍ର କାହାଣୀ ଭିତ୍ତିକ ଏକ ଫିଲ୍ମ । କରିନା ଏଥିରେ ଭାଗନେବାକୁ ଯାଉଥିବାରୁ ଖୁବ୍ ଉତ୍ସାହିତ ଲାଗୁଛି। ଆମେ ଏପରି ଜଣେ କଳାକାର ଚାହୁଁଥିଲୁ ଯିଏ କାହାଣୀକୁ ଆଗକୁ ବଢ଼ାଇନେବ। ଏଥିପାଇଁ କରୀନା ହିଁ ଉପଯୁକ୍ତ ମନେହୋଇଥିବା ବିଜନ୍ ପ୍ରକାଶ କରିଛନ୍ତି। କରୀନା ଏଥିରେ ଜଣେ ପୋଲିସ ଅଫିସର ଭୂମିକାରେ ଅଭିନୟ କରିବେ। ପୂର୍ବରୁ ସେ ଏଭଳି ଚରିତ୍ରରେ କେବେ ଅଭିନୟ କରିନାହାନ୍ତି। ଆସନ୍ତା ଜୁନ୍‌ରେ ଲଣ୍ଡନରେ ଏଥିପାଇଁ ଶୁଟିଂ ଆରମ୍ଭ ହେବ। ହୋମି ଆଦାଜାନିଆଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେଉଥିବା ଉକ୍ତ ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ଅଭିନେତ୍ରୀ ରାଧିକା ମଦନ ଏବଂ ଦୀପକ ଡୋବ୍ରିୟାଲ।



କରୀନା କପୁର ଖାନ୍

## ତୃତୀୟ ପର୍ଯ୍ୟାୟରେ ୪୦୦ ବୁଥ କ୍ୟାପ୍‌ଚରିଂ କରିଛି ବିଜେଡି

ଭୁବନେଶ୍ୱର,୨୫।୪(ବ୍ୟୁରୋ)

**ସିଇଓଙ୍କୁ ଫେରାଦ ହୋଇ ତଦନ୍ତ ଦାବି କଲା ଭାଜପା**

ବିଜେଡିକୁ ଘାରିଛି ପରାଜୟର ଭୟ । ରାଜ୍ୟର ସବୁଆଡ଼େ ଏବେ ବିଜେଡିର ପ୍ରତିକୂଳ ହାୱା ବୋହୁଛି। ସେଥିପାଇଁ ନିର୍ବାଚନୀ ହିଂସା, ରାଜନୈତିକ ହତ୍ୟାକାଣ୍ଡ, ବୁଥ ରିଗିଂ, କ୍ୟାପ୍‌ଚରିଂ ପନ୍ଥାକୁ ଆପଣେଇଛି ଦଳ। ତୃତୀୟ ପର୍ଯ୍ୟାୟରେ ୪୨ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ୪୦ରୁ ଅଧିକ ନିର୍ବାଚନମଣ୍ଡଳୀରେ ବୁଥ ରିଗିଂ ଓ କ୍ୟାପ୍‌ଚରିଂ କରିଛି ବୋଲି ଭାଜପା ଅଭିଯୋଗ କରିଛି। କଟକ ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଟକୀ ସାହିର ୧୬୬, ଜେନାପୁରର ୧୭୧, ଦୋରଡାର ୧୨୪, ସାଥିଲୋର ୧୦୦, ୧୬୭, ଅନନ୍ତପୁର ୨୨୭, ୨୮୨ ଏବଂ କମାରପୁରର ୨୩୧ ବୁଥ୍‌ରେ ବିଜେଡି ବୁଥ ରିଗିଂ, କ୍ୟାପ୍‌ଚରିଂ ସହ ଭାଜପା ପୋଲିଂ ଏଜେଣ୍ଟମାନଙ୍କୁ ବୁଥ ଭିତରେ ପ୍ରବେଶ କରାଇ ଦେଇ ନାହିଁ। ଗୁରୁବାର ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ସାକ୍ଷାତ୍ କରି ଉକ୍ତ ବୁଥଗୁଡିକରେ ସାନି ମତଦାନ କରିବାକୁ ଦାବି କରିଛନ୍ତି। କେତେକ ସ୍ଥାନର ପୋଲିଂ ଅଫିସର ଓ ପ୍ରିଜାଇଡିଂ ଅଫିସରମାନେ ବିଜେଡିର ଗୁଣ୍ଡମାନଙ୍କୁ ପ୍ରଶ୍ରୟ ଦେଇଛନ୍ତି । ଯାହା ଫଳରେ ବେଆଇନ ଭାବେ ଅନେକ ବ୍ୟକ୍ତି ପଶି ମନଇଚ୍ଛା ମତଦାନ କରିଛନ୍ତି। ଏହି ଘଟଣାର ତୁରନ୍ତ ତଦନ୍ତ କରାଯାଇ ଏଥିରେ ସମ୍ପୃକ୍ତ ଥିବା ପୋଲିଂ ଅଫିସରମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏହି ବୁଥ୍‌ଗୁଡିକରେ ପୁନର୍ବାର ମତଦାନ କରାଯାଉ ବୋଲି ଭାଜପା ପ୍ରତିନିଧି ଦଳ ଦାବି କରିଛି। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ରାଜ୍ୟର ପ୍ରାୟ ସମସ୍ତ ବିଧାନସଭା ନିର୍ବାଚନୀମଣ୍ଡଳୀରେ ଶାସକ ବିଜେଡି ଭୋଟରମାନଙ୍କୁ ଜବରଦସ୍ତି ଭୋଟ ଦେବାକୁ ଉଦ୍ୟମ କରି ଅନେକ ଜାଗାରେ ସଫଳ ମଧ ହୋଇଛି। କେନ୍ଦୁଝର ବିଧାନସଭା ନିର୍ବାଚନୀମଣ୍ଡଳୀ ବୁଥ ନମ୍ବର ୧୪୯, କନ୍ଧମାଳ ବିଧାନସଭା ନିର୍ବାଚନୀମଣ୍ଡଳୀ ବୁଥ ନମ୍ବର ୧୨୩, ଛେଣ୍ଡିପଦା ବିଧାନସଭା ନିର୍ବାଚନୀମଣ୍ଡଳୀର ବୁଥ ନମ୍ବର ୮୫, ସତ୍ୟବାଦୀ ବିଧାନସଭା ନିର୍ବାଚନୀମଣ୍ଡଳୀର ବୁଥ ନମ୍ବର ୧୦୧, ୧୦୭, ୧୦୮, ୮୭, ୯୦, ୧୦୯, ବ୍ରହ୍ମଗିରି ବିଧାନସଭା ନିର୍ବାଚନୀମଣ୍ଡଳୀର ବୁଥ ନମ୍ବର ୨୨୨, ଆଠଗଡ଼ ବିଧାନସଭା ନିର୍ବାଚନୀମଣ୍ଡଳୀର ବୁଥ ଏବଂ ୧୬୬, ୧୭୧,୧୨୪, ୯୦, ୧୦୦ ,୧୬୭ , ୨୨୭, ୨୨୮ ଏବଂ ୨୩୧, ନୟାଗଡ ନିର୍ବାଚନୀମଣ୍ଡଳୀ ବୁଥ ନମ୍ବର ୬୧, ୬୨, ୫୮, ୧୯, ୧୪୧, ୨୨୮ରେ ମଧ ବୁଥ୍ କ୍ୟାପ୍‌ଚରିଂ ହୋଇଛି । ସେହିପରି ବଡମ୍ବା, ବାଙ୍କି, ବାରବାଟି, ସମ୍ବଲପୁର, ତେଲକୋଇ, ହିନ୍ଦୋଳ ଏବଂ ଆନନ୍ଦପୁର ବିଧାନସଭା ନିର୍ବାଚନୀ ମଣ୍ଡଳୀରେ ଭୋଟ ବେଳେ ଟଙ୍କା ବଣ୍ଟାଯାଇଥିବା ଭାଜପା ଅଭିଯୋଗ କରିଛି। ଏହି ଘଟଣାର ତୁରନ୍ତ ତଦନ୍ତ କରିବା ସହ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେଗୁଡିକରେ ସାନି ମତଦାନ କରିବାକୁ ଏହି ପ୍ରତିନିଧି ଦଳ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛ। ଉକ୍ତ ପ୍ରତିନିଧି ଦଳରେ ଭାଜପା ରାଜ୍ୟ ମୁଖପାତ୍ର ଗୋବିନ୍ଦ ଅଗ୍ରୱାଲ, କଟକ ଏମ୍ପି ପ୍ରାର୍ଥୀ ପ୍ରକାଶ ମିଶ୍ର, ନିର୍ବାଚନ ପ୍ରକୋଷ୍ଠର ଆବାହକ ରବିଶଙ୍କର ପଟ୍ଟନାୟକ ଏବଂ ସମ୍ବଲପୁର ଭାଜପା ମିଡିଆ ଜୋନ୍‌ର ମୁଖ୍ୟ ମାନସ ବକ୍ସି ପ୍ରମୁଖ ସାମିଲ ହୋଇଥିଲେ ।

## ‘ବ୍ୟବସାୟିକ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିଲେ ବୈଜୟନ୍ତ’

ଭୁବନେଶ୍ୱର,୨୫।୪(ବ୍ୟୁରୋ)

୨୦୧୪ ନିର୍ବାଚନରେ କେନ୍ଦ୍ରାପଡ଼ାର ବିଜେଡି ଏମ୍ପି ହେବା ପରେ ବୈଜୟନ୍ତ ପଣ୍ଡା ଫାଇନାନ୍ସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦ ଉପରେ ନଜର ପକାଇଥିବା ବିଜେଡି ପକ୍ଷରୁ କୁହାଯାଇଛି। ଦଳର ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ପଣ୍ଡାଙ୍କ ନାଁ ସୁପାରିସ କରିବାକୁ ମନା କରିଥିଲେ। ବୈଜୟନ୍ତ ବିଭିନ୍ନ ବ୍ୟବସାୟିକ କାରବାରରେ ଜଡ଼ିତ ଥିବାରୁ ନୈତିକତା ଦୃଷ୍ଟିରୁ ତାଙ୍କୁ ଚାହିଁ ନ ଥିବା ନିକଟରେ ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଛନ୍ତି। ବୈଜୟନ୍ତ ପଣ୍ଡା ଇମ୍ଫା ମାଇନିଂ କମ୍ପାନୀର ଉପାଧ୍ୟକ୍ଷ ଭାବେ ସଂସ୍ଥାର ବ୍ୟବସାୟିକ ସ୍ୱାର୍ଥ ବୁଝାଶୁଝା କରୁଥିବାରୁ ତାହାକୁ ସହଜ କରିବା ପାଇଁ ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦକୁ ଆଖି ପକାଇଥିବା ସସ୍ମିତ କହିଛନ୍ତି। ସେହିପରି ବ୍ୟାଙ୍କ ଏବଂ ଆର୍ଥିକ ଅନୁଷ୍ଠାନରୁ ନିଜ ସଂସ୍ଥା ପାଇଁ ଋଣ ହାସଲ କରିବାରେ ବୈଜୟନ୍ତ ପଣ୍ଡା ପ୍ରମୁଖ ଭୂମିକା ନେଇଥିଲେ। ଖାଲି ସେତିକି ନୁହେଁ, ଉକ୍ତ ୧୧୦ କୋଟି ଟଙ୍କାର ଋଣ କାରବାର କାଗଜପତ୍ରରେ ଦସ୍ତଖତକାରୀ ଥିଲେ ବୈଜୟନ୍ତ। ଇମ୍ଫାର ବ୍ୟବସାୟିକ କାରବାରରେ ତାଙ୍କର କୌଣସି ସଂପୃକ୍ତ ନାହିଁ ବୋଲି ବର୍ଷ ବର୍ଷ ଧରି ବୈଜୟନ୍ତ ସଫେଇ ଦେଉଥିବା ବେଳେ ଇମ୍ଫା ବୋର୍ଡ ଅଫ ଡାଇରେକ୍ଟର୍ସ ମିଟିଂର ରିଜୋଲ୍ୟୁଶନ୍ କପି ତାଙ୍କ ଗୁମର ଖୋଲିଥିବା ବିଜେଡି ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ବୈଜୟନ୍ତଙ୍କ ପକ୍ଷରୁ ବିଜେଡି ଅଭିଯୋଗକୁ ଭିତ୍ତିହୀନ ବୋଲି କୁହାଯାଇଛି।

## ନିଜ ସହ ଲୋକଙ୍କ ଖୁସିକୁ ତୁଳନା କରୁଛନ୍ତି ନବୀନ: ରାଜ ବବର

ଭୁବନେଶ୍ୱର, ୨୫।୪(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନ ପାଇଁ ଭାଜପା ଓ ରାଜ୍ୟର ଶାସକ ଦଳ ପକ୍ଷରୁ ଯେପରି ପ୍ରଚାର କରାଯାଉଛି ସେହି ଦୌଡରୁ କଂଗ୍ରେସ ସାମାନ୍ୟ ପଛରେ ପଡିଯାଇଛି। ତଥାପି କଂଗ୍ରେସ କେନ୍ଦ୍ରୀୟ ନେତାମାନେ ଓଡିଶାରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି କହୁଛନ୍ତି। ଦିନିକିଆ ଓଡିଶା ଗସ୍ତରେ ଆସି ବରିଷ୍ଠ କଂଗ୍ରେସ ନେତା ରାଜ ବବର କହିଛନ୍ତି, ଭାତହାଣ୍ଡିରୁ ଗୋଟିଏ ଚାଉଳ ଚିପି ଭାତ ହେଲାଣି ନା ନାହିଁ ଜଣାପଡେ। ଓଡିଶାରେ ମଧ ସେହିଭଳି କଂଗ୍ରେସ ସ୍ଥିତି କ'ଣ ଅଛି ଜାଣିପାରିଲୁ। ଓଡିଶାରେ ଦାରିଦ୍ର୍ୟ ବହୁତ ବଢିଯାଇଛି। ତଥାପି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହୁଛନ୍ତି, ଆପଣ ମାନେ ଖୁସି ତ ମୁଁ ଖୁସି। ନବୀନ ନିଜ ଖୁସି ସହ ଲୋକମାନଙ୍କ ଖୁସିକୁ ତୁଳନା କରୁଛନ୍ତି ବୋଲି ରାଜ ବବର କହିଛନ୍ତି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ ବବର କହିଛନ୍ତି ଯେ, ଓଡିଶାରେ ରାଜନୀତି ମାହୋଲ ଦେଖିଲୁ। ଏଠାରେ ଜନତା ଦ୍ୱନ୍ଦ୍ୱ ଭିତରୁ ବାହାରିବାକୁ ଚାହୁଁଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଉପରେ ଲୋକମାନେ ବିଶ୍ୱାସ କରିଛନ୍ତି। ବିଜେଡି କେବେହେଲେ ଭାଜପା ବିରୋଧରେ ଯାଇନାହିଁ। ବର୍ତ୍ତମାନ ନିର୍ବାଚନ ଆସିବାରୁ ଲୋକଦେଖାଣିଆ ବିରୋଧ ଚାଲିଛି। ଭାଜପା ୨୦୧୪ ନିର୍ବାଚନୀ ଇସ୍ତାହାରରେ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ତାହା ଦେଲା କି ବୋଲି ରାଜ ବବର ପ୍ରଶ୍ନ କରିଛନ୍ତି।

ରାଜ ବବର ଆହୁରି କହିଛନ୍ତି, ଭାଜପାର ଚଳିତ ନିର୍ବାଚନୀ ଇସ୍ତାହାରରେ ଓଡିଶା ପାଇଁ କିଛିନାହିଁ। କୁପୋଷଣରେ ଓଡିଶା ସବୁଠାରୁ ଆଗରେ। ମହିଳା ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ସମସ୍ୟାରେ ମଧ ଓଡିଶା ଦେଶରେ ଆଗରେ। ବିଜେଡି-ଭାଜପା ରାସ୍ତା ସମାନ। ଭାଜପା କେବେହେଲେ ପ୍ରସଙ୍ଗ ନେଇ ସାମ୍ନାକୁ ଆସୁନାହିଁ। ଲୋକମାନଙ୍କ ପ୍ରସଙ୍ଗ ସହ ରାହୁଲ କିନ୍ତୁ ଠିଆ ହୋଇଛନ୍ତି। ଚାଷୀ, ଆଦିବାସୀ, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାରର ସମସ୍ୟା ସମାଧାନ କରିବାକୁ ରାହୁଲଙ୍କ ପ୍ରତିଶ୍ରୁତିବଦ୍ଧତା ରହିଛି। ହେଲେ ମୋଦି ଓ ନବୀନ ଗରିବଙ୍କ ପାଇଁ ଚିନ୍ତା କରିବାକୁ ପ୍ରସ୍ତୁତ ନୁହନ୍ତି ବୋଲି ରାଜ ବବର କହିଛନ୍ତି।

### ନିଶା ସେବନ କରି ଭୁଲିଗଲେ ହିତାହିତ ଜ୍ଞାନ
# ନାକରେ ଲୁହା ରଡ୍ ପୂରାଇ ହତ୍ୟା

ନୟାଗଡ଼ ଅଫିସ,୨୫।୪

ନିଶା ସେବନ କରିଥିବା ବ୍ୟକ୍ତି କିପରି ହିତାହିତ ଜ୍ଞାନ ଭୁଲିଯାନ୍ତି ଗୁରୁବାର ତା'ର ଏକ ନିଛକ ଚିତ୍ର ଦେଖିବାକୁ ମିଳିଛି ନୟାଗଡ଼ ସଦର ଥାନା ଅନ୍ତର୍ଗତ ବାଲୁଗାଁ ବଜାରରେ। ଅତି ଅମାନବିକ ଭାବେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ସେ ହେଲେ ବୋଦାପଡ଼ା ଗ୍ରାମର ପ୍ରମୋଦ ପରିଡ଼ା (୫୨)।

ମଧ୍ୟାହ୍ନ ୧୨ଟାରେ ପ୍ରମୋଦ ବାରବାଟୀ ଛକରେ ଠିଆ ହୋଇଥିଲେ। ଏହି ସମୟରେ ମଜୁରିଆପଲ୍ଲୀ ଗ୍ରାମର ପ୍ରଭାତ ନାମକ ବ୍ୟକ୍ତି ତାଙ୍କୁ ନିଶାସେବନ କରିବାକୁ ଡାକିଥିଲେ। ଉଭୟ ବାଲୁଗାଁ ବଜାରରେ ଥିବା ଏକ ଗୁଲି ଭାଟି (ଅଫିମରୁ ତିଆରି ସାମଗ୍ରୀ ବିକ୍ରି ହେଉଥିବା ଦୋକାନ)କୁ ଯାଇଥିଲେ। ସେଠାରେ ଉଭୟ ଗୁଲି ଖାଇଥିଲେ। କିଛି ସମୟ ପରେ ନିଶାସେବନ କରୁଥିବା ଅନ୍ୟ ଲୋକମାନଙ୍କ ସହିତ ପ୍ରମୋଦଙ୍କର କୌଣସି କାରଣରୁ ବଚସା ହୋଇଥିଲା। କ୍ରମଶଃ ଏହା ଉଗ୍ର ରୂପ ଧାରଣ କରିଥିଲା। ଏହି ସମୟରେ କେହି ପାଖରେ ପଡ଼ିଥିବା ଏକ ଲୁହା ରଡ୍ ପ୍ରମୋଦଙ୍କ ନାକରେ ପୂରାଇ ଦେଇଥିଲେ। ଲୁହା ରଡ୍‌ଟି ପ୍ରମୋଦଙ୍କ ନାକପଟେ ପଶି ଆଖିପଟେ ବାହାରି ଯାଇଥିଲା। ପରେ ନିଶାସେବନ କରିଥିବା ବ୍ୟକ୍ତିମାନେ ତାଙ୍କୁ ଚିକିତ୍ସା ପାଇଁ ବାଲୁଗାଁର ଏକ ଘରୋଇ ନର୍ସିଂହୋମ୍‌କୁ ନେଇଥିଲେ। ସେଠାରେ ଡାକ୍ତର ନ ଥିବାରୁ ସେମାନେ ପ୍ରମୋଦଙ୍କୁ ଛାଡ଼ି ଚାଲିଯାଇଥିଲେ। କିଛି ଲୋକ ଦେଖି ପରିବାର ଲୋକଙ୍କୁ ଖବର ଦେବାରୁ ବୋଦାପଡ଼ା ଗ୍ରାମର ଯୁବକମାନେ ପହଞ୍ଚି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପ୍ରମୋଦଙ୍କ ପୁଅ ବିଶ୍ୱଜିତ ପରିଡ଼ା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିଥିଲା। ବାଲୁଗାଁର କାର୍ତ୍ତିକ ପରିଡ଼ା ୪୦ବର୍ଷ ହେଲା ବଜାରରେ ବେଆଇନ ଭାବେ ଗୁଲି ଭାଟି କରିଥିବା ଜଣାପଡ଼ିଛି। ବକେୟା ଟଙ୍କାକୁ କେନ୍ଦ୍ର କରି କାର୍ତ୍ତିକ ତାଙ୍କ ବାପାଙ୍କୁ ହତ୍ୟା କରିଥିବା ବିଶ୍ୱଜିତ ଅଭିଯୋଗ କରିଛନ୍ତି। ଏ ନେଇ ସଦର ଥାନାରେ କାର୍ତ୍ତିକ ଓ ଅନ୍ୟ ୩ ଜଣଙ୍କ ନାମରେ ମାମଲା (ନଂ. ୫୧/୧୯) ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଅନ୍ନପୂର୍ଣ୍ଣା ବେହେରା ପ୍ରକାଶ କରିଛନ୍ତି। କାର୍ତ୍ତିକ ଓ ତାଙ୍କ ପରିବାର ସମେତ ମଜୁରିଆପଲ୍ଲୀର ପ୍ରଭାତ ଫେରାର ଥିବା ଥାନା ଅଧିକାରୀ ବେହେରା କହିଛନ୍ତି।



ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।



ଜୱାନ ଓ କିଷାନର ଜୟ୍ ହିଁ ଦେଶ ଓ ଜାତିର ଜୟ୍।
- ଲାଲବାହାଦୁର ଶାସ୍ତ୍ରୀ






## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଉତ୍କଳ ସମ୍ମିଳନୀ ପକ୍ଷରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜନ୍ମଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ଏଜି ଛକ, ସକାଳ ୮ଟା ୩୦।
- ଶ୍ରୀଗୌର କଥା ପ୍ରବଚନ, ଇସ୍କନ ମାଉସୀ ମା' ମନ୍ଦିର, ୟୁନିଟ-୮, ସନ୍ଧ୍ୟା ୬ଟାରୁ ରାତି ୯ଟା।

**କଟକ**

- ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟସ୍ଥିତ ଆୟୁର୍ବେଦିକ ହସ୍ପିଟାଲରେ ଓପିଡି ସୁବିଧା ଉଦ୍‌ଘାଟନ, , ଅରିଲୋ, ବିଦ୍ୟାଧରପୁର, ପୂର୍ବାହ୍ନ ୧୧ଟା ୩୦।
- ନ୍ୟାଶନାଲ ମ୍ୟୁଜିକ ଆସୋସିଏଶନ ପକ୍ଷରୁ ଆନ୍ତର୍ଜାତିକ ନୃତ୍ୟ ସଂଗୀତ ସମାରୋହ, ଲକ୍ଷ୍ମଣ ଗରନାଏକ ଶାସ୍ତ୍ରୀୟ ସଂଗୀତ ମଞ୍ଚ, ବକ୍ସିବଜାର, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ରାମଲୀଳାର ନାଟକ ଭରତ ମିଳନ, ଗୋଡଲବିନ୍ଧା ସୀତା ରାମେଶ୍ୱର ମନ୍ଦିର ନିକଟ, ରାତି ୧୨ଟା।
- ରାମଲୀଳାର ନାଟକ ପରିବେଷଣ, କାକରୁଦ୍ରପୁର, ପତିତପାବନ ଦେବ ମନ୍ଦିର, ରାତି ୧୨ଟା।
- ରାମଲୀଳା ପରିବେଷଣ, ବେଣ୍ଟପୁର, ରାମଲୀଳା ପଡ଼ିଆ, ରାତି ୧୨ଟା।

## ପୋଲିସ୍ କମିଶନର, ଡିସିପିଙ୍କୁ 'ଚିନ୍ତା ଓ ଚେତନା ସମ୍ମାନ'

**ଭୁବନେଶ୍ୱର, ୨୫।୪(ବ୍ୟୁରୋ):** ପୋଲିସ୍ କମିଶନର ସତ୍ୟଜିତ ମହାନ୍ତି ଓ ଭୁବନେଶ୍ୱର ଡିସିପି ଅନୂପ କୁମାର ସାହୁ 'ଚିନ୍ତା ଓ ଚେତନା' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପୋଲିସ୍ ସେବା କ୍ଷେତ୍ରରେ ଦକ୍ଷତା ଓ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସାଂସ୍କୃତିକ ଅନୁଷ୍ଠାନ 'ଚିନ୍ତା ଓ ଚେତନା' ପକ୍ଷରୁ ଦୁଇଜଣଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମାନ ଅଧିକ କାର୍ଯ୍ୟଦକ୍ଷତା ଓ ପୋଲିସ୍ ସେବାକୁ ଲୋକାଭିମୁଖୀ କରାଇବାରେ ଅଧିକ ଅନୁପ୍ରେରିତ କରିବ ବୋଲି ଉଭୟ କହିଛନ୍ତି। 'ଚିନ୍ତା ଓ ଚେତନା'ର ମହାସଚିବ ସୁରେନ୍ଦ୍ର ଦାସଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରି ଉଭୟ ଧନ୍ୟବାଦ ଜଣାଇଛନ୍ତି। ଏହି ସମ୍ମାନ ଦୀର୍ଘ ୪୦ ବର୍ଷ ଧରି ଦେଶର ବିଭିନ୍ନ ପ୍ରତିଭାଧାରୀଙ୍କୁ ରାଜ୍ୟପାଳ ପ୍ରଦାନ କରି ଆସୁଛନ୍ତି। ଭାରତ ସରକାରଙ୍କ ସୂଚନା-ପ୍ରସାରଣ ମନ୍ତ୍ରାଳୟ ଓ ସ୍ୱରାଷ୍ଟ୍ରମନ୍ତ୍ରଣାଳୟର ମିଳିତ ସହଯୋଗରେ ବିଭିନ୍ନ ପ୍ରତିଭାମାନଙ୍କୁ ଏହି ସମ୍ମାନ ଲାଗି ଚୟନ କରାଯାଇଥାଏ।

### ଆନ୍ତର୍ଜାତିକ ବେତାର ମହୋତ୍ସବ

## ଆକାଶବାଣୀ କଟକର ସଫଳତା

**କଟକ ଅଫିସ, ୨୫।୪:** ଇସ୍‌ଲାମିକ୍ ରିପବ୍ଲିକ୍ ଅଫ୍ ଇରାନିୟାନ୍ ବ୍ରଡକାଷ୍ଟିଙ୍ଗ୍ ସଂସ୍ଥା, ଇରାନ ଆନୁକୂଲ୍ୟରେ ଗତ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଇରାନରେ ଅନୁଷ୍ଠିତ ହୋଇଛି ଚତୁର୍ଦ୍ଦଶ ଆନ୍ତର୍ଜାତିକ ବେତାର ମହୋତ୍ସବ। ଏଥିରେ ୯୭ଟି ଦେଶର ବେତାର ସଂସ୍ଥାଗୁଡ଼ିକର ପ୍ରଯୋଜକ ସେମାନଙ୍କ ସର୍ବୋତ୍କୃଷ୍ଟ କାର୍ଯ୍ୟକ୍ରମଗୁଡ଼ିକ ପ୍ରତିଯୋଗିତା ପାଇଁ ପଠାଇଥିଲେ। ଏଥିମଧ୍ୟରୁ ଆକାଶବାଣୀ କଟକର କାର୍ଯ୍ୟକ୍ରମ ନିଷ୍ପାଦକ ଲଳିତ କାନୁନ୍‌ଗୋଙ୍କ ପ୍ରଯୋଜିତ ସଙ୍ଗୀତ କାର୍ଯ୍ୟକ୍ରମ 'ସାଇତି ରଖିବା ଆସ ମେଘର ମୂର୍ଚ୍ଛନା' ଶିକ୍ଷା ଓ ମନୋରଞ୍ଜନ ବିଭାଗରେ ପ୍ରଥମ ପୁରସ୍କାର ଲାଭ କରିଛି। ସେହିଭଳି ସହାୟକ ନିର୍ଦ୍ଦେଶକ ତରୁଣକାନ୍ତି ରାଉତଙ୍କ ପ୍ରଯୋଜିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଉପରେ 'ଜନସେବାମୂଳକ ଉଦ୍‌ଘୋଷଣା' ବିଭାଗରେ ଦ୍ୱିତୀୟ ପୁରସ୍କାର ଲାଭ କରିଛି। ସୂଚନାଯୋଗ୍ୟ, ଭାରତରୁ ଏହି ଦୁଇ କାର୍ଯ୍ୟକ୍ରମ ଅନ୍ତିମ ପର୍ଯ୍ୟାୟକୁ ଉନ୍ନୀତ ହୋଇ ଆନ୍ତର୍ଜାତୀକ ବେତାର ମହୋତ୍ସବକୁ ପଠାଯାଇଥିଲା।

# ବିଦେଶୀ ଶିଖାଇଲେ ହିପ୍‌ହପ୍ ନୃତ୍ୟ



ବିଦେଶୀ ନୃତ୍ୟଗୁରୁ ନୃତ୍ୟ ଶିଖାଉଛନ୍ତି।

**ପୁରୀ ଅଫିସ,୨୫।୪**

ୱାନ୍ ପି ଥ୍ରୀ ଏସ୍ ଫାଉଣ୍ଡେଶନ ଏବଂ ଇନ୍‌ଫିନାଇଟ୍ ମୁଭ୍‌ସ ପକ୍ଷରୁ ହୋଟେଲ ହଲିଡେ ରିସର୍ଟରେ ଗତ ତିନିଦିନ ଧରି ଚାଲିଥିବା ହିପ୍‌ହପ୍ ନୃତ୍ୟ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳାରେ ୨ଜଣ ବିଦେଶୀ ନୃତ୍ୟଗୁରୁ ଯୋଗଦେଇ ନୃତ୍ୟ ଶିଖାଇଥିଲେ। ଆମେରିକାର ପ୍ରସନ୍ନଜିତ ଗେ କୁଣ୍ଡୁ ଏବଂ ସ୍ୱିଡେନର ସ୍ମିଥ୍ ଲକ୍ ହିପହପ୍, ଟପ୍ ରକ୍, ପପିଂଲକିଂ ଓ ଲାଇଟ୍ ଫିଟ୍‌ର ବିଭିନ୍ନ ଶୈଳୀ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ପୁରୀ ସମେତ ରାଜ୍ୟର ୩୦ଜଣ କିଶୋର ଏବଂ ଯୁବତୀ ଯୁବକ ଏଥିରେ ଭାଗ ନେଇ ବିଦେଶୀ ନୃତ୍ୟ ଶୈଳୀ ଶିଖିଥିଲେ। ଏହି ବିଦେଶୀ ନୃତ୍ୟ ପ୍ରତି ଭାରତୀୟଙ୍କ ଆଗ୍ରହ ବଢୁଛି। ୟୁଟ୍ୟୁବ୍ ଦେଖି ଭାରତର ଯୁବବର୍ଗ ଏହି ନାଚ ଶିଖୁଥିଲେ। ହେଲେ ଏଭଳି କର୍ମଶାଳା ଆୟୋଜନ ଏବେ ଆଗ୍ରହୀ ପିଲାଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଯାହାଙ୍କ ମଧ୍ୟରେ ବହୁମୁଖୀ ପ୍ରତିଭା ରହିଛି ଏବଂ ଇଣ୍ଟରନ୍ୟାଶନାଲ ଫିଗର ହେବାକୁ ଚାହୁଁଛନ୍ତି ସେମାନଙ୍କୁ ଏହି କର୍ମଶାଳା ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାରେ ବିଶେଷ ସହାୟକ ହେବ ବୋଲି ବିଦେଶୀ ନୃତ୍ୟଗୁରୁ ଦ୍ୱୟ କହିଛନ୍ତି। କର୍ମଶାଳାକୁ ଚଞ୍ଚଳ ପାତ୍ର ସଂଯୋଜନା କରିଥିଲେ।

# 'କ୍ଷତିପୂରଣ'ର ଲୋଭ

**ଭୁବନେଶ୍ୱର, ୨୫।୪(ବ୍ୟୁରୋ)**



ନାଟକ 'କ୍ଷତିପୂରଣ'ର ଏକ ଦୃଶ୍ୟ।

ଛୋଟ ବସ୍ତିଟିଏ। ହସଖୁସିରେ ଚାଲିଥାଏ ସମସ୍ତଙ୍କ ସଂସାର। ୧୦ବର୍ଷ ତଳର ସାମ୍ପ୍ରଦାୟିକ ଦଙ୍ଗାରେ କିଛି ବସ୍ତିବାସିନ୍ଦାଙ୍କ ସଂସାର ଭାଙ୍ଗିଯାଇଥାଏ। ଜୀବନ କିନ୍ତୁ ସେଠି ଅଟକି ଯାଇ ନ ଥାଏ। ସେ ଦଙ୍ଗାର କ୍ଷତକୁ ଧୀରେ ଧୀରେ ସମସ୍ତେ ଭୁଲି ଯାଇଥାନ୍ତି। ହେଲେ ହଠାତ୍ ଆଉ ଏକ ଦଙ୍ଗାର ଆଶଙ୍କା କରାଯାଏ। ପୋଲିସ, ରାଜନେତା, କଳାବଜାରକାରୀ, ଘୁସ୍‌ଖୋରୀ, ଧର୍ମାଧିକାରୀ ଓ ପୁଞ୍ଜିପତିମାନେ ସତର୍କ ହୋଇଉଠନ୍ତି। ଦଙ୍ଗାକୁ ମାଧ୍ୟମ କରି ନିଜ ନିଜର ସ୍ୱାର୍ଥ ଓ ସୁବିଧା ଖୋଜିବାରେ ଲାଗିପଡନ୍ତି। ନିଜ ଲୋଭ ଓ ଲାଭକୁ କିପରି ବଢାଇବେ ସେଥିପାଇଁ ଉପାୟ ପାଞ୍ଚନ୍ତି। ସମ୍ଭାବ୍ୟ ଦଙ୍ଗାର ଆଶଙ୍କାରେ ଗରିବ ବସ୍ତିବାସିନ୍ଦାମାନଙ୍କର ଚରିତ୍ର ମଧ୍ୟ ବଦଳିଯାଏ। ଆଉ ଦଙ୍ଗା ହୁଏନାହିଁ। ହେଲେ ନିର୍ବାଚନକୁ ଆଖିଆଗରେ ରଖି ମିଛ ଦଙ୍ଗା ନାଁରେ ସରକାର ପୀଡ଼ିତଙ୍କ ପାଇଁ କ୍ଷତିପୂରଣ ଘୋଷଣା କରନ୍ତି। କ୍ଷତିପୂରଣ ଲୋଭରେ ଦାରିଦ୍ର୍ୟର କଷାଘାତରେ ପୀଡ଼ିତ ବସ୍ତିବାସିନ୍ଦାମାନେ ନିଜର ଗରିବପଣରୁ ମୁକ୍ତି ପାଇବା ପାଇଁ ଅସଫଳ ଚେଷ୍ଟା କରନ୍ତି। ଛୋଟ ମୋଟ ଚୋରି କରୁଥିବା ଲୋକ ହତ୍ୟାକାରୀରେ ରୂପାନ୍ତରିତ ହୋଇଯାଏ। କିଏ ଆଉ ଦଙ୍ଗାର ସୁଯୋଗ ନେଇ ପାଲଟିଯାଏ ରାଜନେତା। ଏହି କ୍ଷତିପୂରଣ ଆଶାରେ ଗରିବ ଖଟିଖିଆ ବସ୍ତିବାସିନ୍ଦା ଆହୁରି ଗରିବ ହୋଇଯାଏ ଆଉ ପୋଲିସ, ରାଜନେତା, ଧର୍ମାଧିକାରୀ ଓ ପୁଞ୍ଜିପତିମାନେ ଆହୁରି ଧନୀ ହୋଇଯାନ୍ତି। ସମାଜରେ ଘଟୁଥିବା ଏଭଳି କାହାଣୀକୁ ଆଧାର କରି ନାଟକ 'କ୍ଷତିପୂରଣ' ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟାନୁଷ୍ଠାନ 'ଉତ୍ତରପୁରୁଷ' ପକ୍ଷରୁ ଚାଲିଥିବା ବାର୍ଷିକ ନାଟକ ଉତ୍ସବ 'ନାଟକ ପରିକ୍ରମା-୨୦୧୯'ର ଦ୍ୱିତୀୟ ସନ୍ଧ୍ୟାରେ ଭୀଷ୍ମ ସାହାଣୀଙ୍କ ମୂଳ ରଚନାରୁ ଉଦ୍ଧୃତ ଭାରତ ମାଝିଙ୍କ ଦ୍ୱାରା ଅନୁଦିତ ଏବଂ ଦେବଦତ୍ତ ପତିଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକର ବିଭିନ୍ନ ଭୂମିକାରେ ସୋନାଲିନ୍, ସୂର୍ଯ୍ୟସ୍ନାତା, ଶ୍ୱେତା, ପ୍ରସନ୍ନ ମିଶ୍ର, ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ, ଦେବଦତ୍ତ ପତି, ଚକ୍ରଧର ପାତ୍ର, ନିଶିକାନ୍ତ ନାୟକ ପ୍ରମୁଖ ଅଭିନୟ କରିଥିଲେ।

■ ଚନ୍ଦନଯାତ୍ରା ପାଇଁ ବିନ୍ଦୁସାଗର ପ୍ରସ୍ତୁତ

# ବିଶ୍ରାମଘାଟ ନିକଟ ଜଳ ଫୁଆରା ପଏଣ୍ଟ ସାଜିବ ସମସ୍ୟା

**ପୁରୁଣା ଭୁବନେଶ୍ୱର, ୨୫।୪(ଡି.ଏନ.ଏ.)**

ଆସନ୍ତା ଅକ୍ଷୟ ତୃତୀୟାଠାରୁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପବିତ୍ର ଚନ୍ଦନ ଯାତ୍ରା ଆରମ୍ଭ ହେବ। ତେବେ ଏହି ଯାତ୍ରାରେ ଶ୍ରୀଜୀଉମାନେ ପବିତ୍ର ବିନ୍ଦୁସାଗରରେ ଚାପ ଖେଳିବେ। ତେବେ ପ୍ରତିବର୍ଷ ଭଳି ଚଳିତବର୍ଷ ବହୁତ ଦିନ ପୂର୍ବରୁ ବିନ୍ଦୁସାଗରରେ ଦଳ ସଫେଇ ହୋଇଥିବାବେଳେ ଚାପଡଙ୍ଗା ପାଇଁ କୌଣସି ସମସ୍ୟା ଦେଖାଯିବନାହିଁ ବୋଲି କୁହାଯାଇଛି। ବିଶ୍ରାମଘାଟ ନିକଟରେ ୱାଟର ଫାଉଣ୍ଟେନର କେତେକ ପଏଣ୍ଟ ଚାପଡ଼ଙ୍ଗା ଭଉଁରିଦେବାବେଳେ ସମସ୍ୟା ସୃଷ୍ଟି କରିବ ବୋଲି ନାଉରିଆ ସେବାୟତ ବୃନ୍ଦାବନ ବେହେରା କହିଛନ୍ତି। ଏହି ସମସ୍ୟାକୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡରେ ଉପସ୍ଥାପନ କରାଯିବ ବୋଲି ମଧ୍ୟ ସେ କହିଛନ୍ତି। ଚନ୍ଦନଯାତ୍ରାର ଚାପଡଙ୍ଗା ଚଳାଇବା ଗୁରୁଦାୟିତ୍ୱ କୈବର୍ତ୍ତ ସାହିର ବାରଘରିଆ ନାଉରିଆ ସେବାୟତଙ୍କର। ସମୟ ସମୟରେ ୨ ଦିନ ମଧ୍ୟରେ ବର୍ଷା, ପବନ, ଝଡକୁ ମୁକାବିଲା କରିବାକୁ ବିନ୍ଦୁସାଗରର ଅନୁକୂଳ ପରିବେଶ ଜରୁରୀ ବୋଲି ଜଣାପଡିଛି।



ବିନ୍ଦୁସାଗରରେ ଜଳଫୁଆରା।

# ଆଜି ବି ଗୁରୁତ୍ୱ ବଜାୟ ରଖିଛି ଆକାଶବାଣୀ

**'ସଂସ୍କୃତି ଚର୍ଚ୍ଚା'**

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

ସାମାଜିକ ଗଣମାଧ୍ୟମ ଓ ଗଣମାଧ୍ୟମର ବ୍ୟାପକତା ସତ୍ତ୍ୱେ ଆକାଶବାଣୀ ତା'ର ଗୁରୁତ୍ୱ ବଜାୟ ରଖିଛି। ପରିବର୍ତ୍ତିତ ସମୟରେ ମଧ୍ୟ ଆକାଶବାଣୀ ଭାରତୀୟ ପରିବେଶର ବିବିଧତା, ସାଂସ୍କୃତିକ ଚେତନା ଓ ସଂସ୍କୃତିକୁ ଆଧାର କରି ତା'ର କାର୍ଯ୍ୟକ୍ରମ ଜାରି ରଖିଛି। 'ବହୁଜନ ହିତାୟ, ବହୁଜନ ସୁଖାୟ' ପରି ଉପନିଷଦୀୟ ମନ୍ତ୍ରରେ ପ୍ରେରିତ ଆକାଶବାଣୀ ଶିକ୍ଷା, ସମ୍ବାଦ ଓ ମନୋରଞ୍ଜନ କ୍ଷେତ୍ରରେ ତା'ର ଭୂମିକା ତୁଲାଇଛି ବୋଲି ସାହିତ୍ୟିକ ତଥା ଆକାଶବାଣୀର ପୂର୍ବତନ ଭାଷ୍ୟକାର ଶଙ୍କର୍ଷଣ ମଙ୍ଗରାଜ କହିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁବାର ରାଜ୍ୟ ଅଭିଲେଖାଗାର ପରିସରରେ ଅନୁଷ୍ଠିତ 'ସଂସ୍କୃତି ଚର୍ଚ୍ଚା' କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇ ମଙ୍ଗରାଜ 'ଆକାଶବାଣୀ ଅନୁଚିନ୍ତା' ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ। ଏମ୍.ଭି ଗୋପାଳସ୍ୱାମୀଙ୍କ ନାମକରଣରେ ୧୯୩୬ ମସିହାରେ ଭାରତରେ ଆକାଶବାଣୀ ଆରମ୍ଭ ହୋଇଥିଲା। ୧୯୫୭ରେ ଅଲ୍ ଇଣ୍ଡିଆ ରେଡିଓ ତା'ର କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ଆକାଶବାଣୀରେ କାର୍ଯ୍ୟରତ ପ୍ରତ୍ୟେକ ଶିଳ୍ପୀ, ପ୍ରଯୋଜକ ତଥା ଅଧିକାରୀ ଶ୍ରୋତାମାନଙ୍କୁ ଈଶ୍ୱର ଭାବେ ଗ୍ରହଣ କରୁଥିଲେ। କାର୍ଯ୍ୟକ୍ଷେତ୍ରରେ ସେମାନେ ବ୍ୟବହାରିକ ପ୍ରୟୋଗ ଉପରେ ଗୁରୁତ୍ୱ ଦେଉଥିଲେ ଓ ଏବେ ବି ଦେଉଛନ୍ତି। ଆକାଶବାଣୀରେ ସମାଜର ସବୁଶ୍ରେଣୀର ଶ୍ରୋତାଙ୍କ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥାଏ। ଶିଶୁ-କିଶୋର, ଛାତ୍ରୀଛାତ୍ର, ଯୁବତୀ, ଯୁବକ, ମହିଳା, ବରିଷ୍ଠ ନାଗରିକ, କୃଷକ, ବ୍ୟବସାୟୀ, ଶିଳ୍ପୀ, କାରିଗର, କଳାକାର, ଏପରି କି ଜନଜାତିଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥାଏ। ମାନକ ଭାଷା ଉପରେ ଗୁରୁତ୍ୱ ଦିଆଯିବା ସହ ସମାନ୍ତରାଳ ଭାବେ ଭାଷାର ବିବିଧତାକୁ ମଧ୍ୟ ସମ୍ମାନିତ କରାଯାଇଥାଏ ବୋଲି ମଙ୍ଗରାଜ କହିଥିଲେ।

ସାଂସ୍କୃତିକ ଚିନ୍ତା ଓ ଚେତନାର ପରିବର୍ତ୍ତନ, ବିକାଶର ଜୟଯାତ୍ରା ଓ ଟେକ୍‌ନୋଲୋଜିର ପ୍ରଭାବ ବୃଦ୍ଧି ସତ୍ତ୍ୱେ ଆକାଶବାଣୀ ପରି ଏକ ଶ୍ରାବ୍ୟ ଗଣମାଧ୍ୟମ ଆମ ସାମାଜିକ ଓ ସାଂସ୍କୃତିକ ପରିମଣ୍ଡଳକୁ ସମୁନ୍ନତ କରିପାରିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ପୌରୋହିତ୍ୟ କରି ପିଢ଼ି ପିଢ଼ି ଧରି ରେଡିଓ ତଥା ଆକାଶବାଣୀ ଆମକୁ ଅନୁପ୍ରାଣିତ କରିଆସିଛି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟଅତିଥିଙ୍କୁ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭିଲେଖାଗାରର ଅଧୀକ୍ଷକ ସୁଚିସ୍ମିତା ମନ୍ତ୍ରୀ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ରାଜକିଶୋର ମିଶ୍ର, ପ୍ରଶାସକ ପ୍ରଦୀପ ବିଶ୍ୱାଳ, ସାହିତ୍ୟ ଏକାଡେମୀ ସଚିବ ଡ. ଜୟନ୍ତୀ ରଥ, ଭାଷା ପ୍ରତିଷ୍ଠାନ ନିର୍ଦ୍ଦେଶିକା ଡ. ତମସାରାଣୀ ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ବିଶ୍ୱଜିତ



ଜିତୁ



ଚିକୁ



ନମିତା



ଓମ୍



ଲିପ୍ସାରାଣୀ



ଆଶୀର୍ବାଦ



ପପୁ



"ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅ ନାହିଁ -ମହାତ୍ମା ଗାନ୍ଧୀ



# ଘରୋଇ ସ୍କୁଲ୍‌ରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

- ଆତ୍ମହତ୍ୟା ବୋଲି କହିଲେ ସ୍କୁଲ୍ କର୍ତ୍ତୃପକ୍ଷ
- ହତ୍ୟା ଅଭିଯୋଗ ଆଣିଲେ ପରିବାର

**ଭୁବନେଶ୍ୱର,୨୫।୪ (ବ୍ୟୁରୋ)**

ଖଣ୍ଡଗିରି ଥାନାଞ୍ଚଳରେ ଥିବା ଏକ ଘରୋଇ ସ୍କୁଲ୍ ଛାତ୍ରାବାସରୁ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଗୁରୁବାର ଉଦ୍ଧାର କରିଛି। ମୃତ ଛାତ୍ର ଜଣକ ହେଲେ ଚିନ୍ମୟ କୁମାର ବେହେରା। ତାଙ୍କ ଘର ଅନୁଗୋଳ ଜିଲା ମୁଣ୍ଡଳ ଗାଁରେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏନେଇ ୧୧୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ଓ ସ୍କୁଲ୍ କର୍ତ୍ତୃପକ୍ଷ ଆତ୍ମହତ୍ୟା ବୋଲି କହୁଥିବାବେଳେ ମୃତ ଛାତ୍ରଙ୍କ ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏଥିପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି ପରିବାର ଲୋକେ। ତେବେ ହତ୍ୟା ଅଭିଯୋଗକୁ ଗୁରୁତ୍ୱର ସହ ନେଇଛି ପୋଲିସ। କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ତାହାର ତଦନ୍ତ ଆରମ୍ଭ କରିଥିବାବେଳେ ପୋଲିସ ଉକ୍ତ ସ୍କୁଲକୁ ଯାଇ ଚିନ୍ମୟ ରହୁଥିବା ଛାତ୍ରାବାସର ଅନ୍ୟ ଛାତ୍ରମାନଙ୍କୁ ପଚରାଉଚରା କରିଛି। ଏହାସହ ସ୍କୁଲ କର୍ତ୍ତୃପକ୍ଷଙ୍କ ବୟାନ ରେକର୍ଡ କରିଛି ପୋଲିସ।

ସ୍କୁଲ୍ କର୍ତ୍ତୃପକ୍ଷଙ୍କ କହିବାନୁସାରେ, ଚିନ୍ମୟ ଅଧିକାଂଶ ସମୟରେ ଉଦାସ ରହୁଥିଲେ। ବୁଧବାର ସନ୍ଧ୍ୟା ପ୍ରାୟ ୬ଟାରେ ସେ ଛାତ୍ରାବାସରେ ଅନ୍ୟଛାତ୍ରମାନଙ୍କୁ ଆତ୍ମହତ୍ୟା କିଭଳି କରାଯାଏ ତାହାର ଡେମୋ ଦେଖାଉଥିଲେ। ସେ ନିଜ ଗାମୁଛାକୁ ବେକରେ ଲଗାଇ ଛାତ୍ରାବାସର ଏକ ଲୁହାରେ ବାରମ୍ବାର ଝୁଲି ପଡୁଥିଲେ। ସାଙ୍ଗମାନେ ଏଭଳି ନ କରିବା ପାଇଁ ତାଙ୍କୁ ବାରଣ କରିଥିଲେ। ଏହାପରେ ଚିନ୍ମୟ ଆସି ବିଜ୍ଞାନ ପାଠ ଲେଖୁଥିଲେ। ଏହାର କିଛି ସମୟ ପରେ ସାଙ୍ଗମାନେ ଖେଳିବାକୁ ଚାଲିଆସିଥିଲେ। ସେମାନେ ଖେଳି ସାରି ଛାତ୍ରାବାସକୁ ଫେରିବା ପରେ ଚିନ୍ମୟଙ୍କ ମୃତଦେହ ଝୁଲୁଥିବା ଦେଖି ସ୍କୁଲ କର୍ତ୍ତୃପକ୍ଷକୁ ଜଣାଇଥିଲେ। ସ୍କୁଲ୍ କର୍ମଚାରୀ ପହଞ୍ଚି ମୃତଦେହକୁ ତଳକୁ ଓହ୍ଲାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ଖଣ୍ଡଗିରି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି, ଚିନ୍ମୟ ଆତ୍ମହତ୍ୟା କରିଥିବା ସ୍କୁଲ୍ କର୍ତ୍ତୃପକ୍ଷ କହୁଛନ୍ତି। ସେ ସବୁବେଳେ ଚିନ୍ତାରେ ରହୁଥିବା ଓ ଆତ୍ମହତ୍ୟା ଡେମୋ ଦେଖାଇ ଝୁଲି ପଡିଥିବା ଛାତ୍ରାବାସର ଅନ୍ତେବାସୀଙ୍କୁ ପଚରାଉଚରାବେଳେ ସେମାନେ କହିଛନ୍ତି। ଘଟଣା ସମ୍ପର୍କରେ ମୃତ ଚିନ୍ମୟଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ତାଙ୍କ ମାମୁ ଓ ଅନ୍ୟ ଜଣେ ଆସି ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ପୋଲିସ ମୃତ ଚିନ୍ମୟ ସାଙ୍ଗଙ୍କ ବୟାନ ରେକର୍ଡ କରିବା ସହ ଘଟଣାର ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଯାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

- କମେଣ୍ଟମରାକୁ ନେଇ ଦୁଇ ପରିବାର ମଧ୍ୟରେ ସଂଘର୍ଷ

# ସରପଞ୍ଚଙ୍କ ପୁଅ ମୃତ, ଜଣେ ଗିରଫ

**କାକଟପୁର,୨୫।୪(ଡି.ଏନ୍.ଏ.)**



ତୁଷାରକାନ୍ତି ବିଶ୍ୱାଳ

ଅସ୍ତରଙ୍ଗ ପୀର ଜାହାନିଆଁ ବେଳାଭୂମିରେ ମଙ୍ଗଳବାର କମେଣ୍ଟମରାକୁ ନେଇ ମଙ୍ଗଳବାର ଦୁଇ ପରିବାର ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ଗୁରୁତର ହୋଇଥିବା ଛୁରିଅନା ସରପଞ୍ଚ ବିଦ୍ୟୁଲତା ବିଶ୍ୱାଳଙ୍କ ପୁଅ ତୁଷାରକାନ୍ତି ବିଶ୍ୱାଳଙ୍କ ଗୁରୁବାର ମୃତ୍ୟୁ ଘଟିଛି। ଏହି ଘଟଣାରେ ଗୁରୁବାର ଅସ୍ତରଙ୍ଗ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକଣା ଗ୍ରାମର ମସୁଦ ଅଲ୍ଲୀ। ସୂଚନା ଅନୁଯାୟୀ, କାକଟପୁର ଥାନା କଟକଣା ଗ୍ରାମର ମସୁଦଙ୍କ ପରିବାର ଓ ଅସ୍ତରଙ୍ଗ ଥାନା କୋଟ ଗ୍ରାମର ବଂଶୀଧର ନାୟକଙ୍କ ପରିବାର ପକ୍ଷରୁ ପୃଥକ ସ୍ଥାନରେ ଭୋଜି ହେଉଥିଲା। ଅଲ୍ଲୀଙ୍କ ପରିବାରଲୋକେ ସମୁଦ୍ରକୂଳରେ ବୁଲୁଥିବା ବେଳେ ବଂଶୀଧରଙ୍କ ଭୋଜିକୁ ଆସିଥିବା କେତେଜଣ ଯୁବକ କମେଣ୍ଟ କରିଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ପ୍ରଥମେ ବଚସା ପରେ ଗଣ୍ଡଗୋଳର ରୂପ ନେଇଥିଲା। ଏଥିରେ ଉଭୟ ପକ୍ଷର ୪ଜଣ ଗୁରୁତର ହୋଇଥିଲେ। ତେବେ ବଂଶୀଧରଙ୍କ ପରିବାର ସହ ଆସିଥିବା ଛୁରିଅନା ସରପଞ୍ଚଙ୍କ ପୁଅ ତୁଷାରକାନ୍ତି ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ତୁଷାରକାନ୍ତିଙ୍କ ବାପା ବିମ୍ବାଧର ବିଶ୍ୱାଳଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୩୮/୧୯)ରୁଜୁ କରିବା ସହ ମସୁଦଙ୍କୁ ଗିରଫ କରିଥିଲା ବୋଲି ଅସ୍ତରଙ୍ଗ ଥାନା ଆଇଆଇସି ରଞ୍ଜନ କୁମାର ମଲ୍ଲିକ କହିଛନ୍ତି।

## ସଂକ୍ଷେପରେ

### କଟକ ଜିଲାକୁ ଆସିବ ୨୦ପଞ୍ଚାୟତର ଶିକ୍ଷା ବ୍ୟବସ୍ଥା

**କଟକ ସଦର, ୨୫।୪(ଡି.ଏନ୍.ଏ.):** ୧୧୯୩ ମସିହାରୁ କଟକ ଜିଲାର ୨୦ଟି ପଞ୍ଚାୟତର ପ୍ରାଥମିକ ଓ ହାଇସ୍କୁଲ ଶିକ୍ଷା ବ୍ୟବସ୍ଥା ଜଗତ୍‌ସିଂହପୁର ଜିଲା ପ୍ରଶାସନ ଦ୍ୱାରା ନିୟନ୍ତ୍ରିତ ହୋଇ ଆସୁଅଛି। ସମ୍ପୃକ୍ତ ପଞ୍ଚାୟତର ଶିକ୍ଷା ବ୍ୟବସ୍ଥାକୁ କଟକ ଜିଲା ପ୍ରଶାସନ ଅଧୀନକୁ ଆଣିବା ପାଇଁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି ବୋଲି ବିଭାଗୀୟ ଅତିରିକ୍ତ ଶାସନ ସଚିବ ପ୍ରଭାତ କୁମାର ଭୋଇ କହିଛନ୍ତି। ପଞ୍ଚାୟତ ମଧ୍ୟରେ ଥିବା ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ, ମଦ୍ରାସାଗୁଡ଼ିକର ସଂଖ୍ୟା ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସଂଖ୍ୟା ଜଣାଇବା ପାଇଁ ବିଭାଗୀୟ ଅତିରିକ୍ତ ଶାସନ ସଚିବ ପତ୍ର ସଂଖ୍ୟା ୮୮୬୬/୧୭।୪।୧୯ରେ ଜଗତ୍‌ସିଂହପୁର ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିରିଡି ଓ ରଘୁନାଥପୁର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପିଲା ସଂଖ୍ୟା ଜଣାଇବା ପାଇଁ ମଧ ଉକ୍ତ ପତ୍ରରେ ଦର୍ଶାଯାଇଛି। କଟକ ଜିଲା ବିଭାଜନ ପରେ କଟକ ସଦର ବ୍ଲକର ବାରଦା, ଧରିଣା, ଯଶପଡ଼ା, ଅରିଲୋ, ସୋମପୁର, କିଶୋରନଗର ପଞ୍ଚାୟତ ଓ ସାଲେପୁର ବ୍ଲକର ତରିଡୋ, ରଟିଲୋ, ପୁରୁଣାହାଟ, ସୁଦୁଖଣ୍ଡ ପଞ୍ଚାୟତର ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ବିରିଡି ବ୍ଲକ ଅଧୀନରେ ରହିଛି। କଟକ ସଦର ବ୍ଲକର ବୋଧପୁର, ପ୍ରହରାଜପୁର, ନିଶ୍ଚିନ୍ତକୋଇଲି ବ୍ଲକରେ ମାଣପୁର, ଇଶାଣୀ-ବ୍ରହ୍ମପୁର, ଶିର୍ଲୋ, ପାଳଦା, ମଣିଜଙ୍ଗ, ବାବୁଜଙ୍ଗ, ମହମ୍ମଦପୁର ଓ ଉତ୍ତରକୂଳ ପଞ୍ଚାୟତର ଶିକ୍ଷା ରଘୁନାଥପୁର ବ୍ଲକ ଅଧୀନରେ ରହିଛି। ଏହାକୁ ଶୀଘ୍ର କାର୍ଯ୍ୟ କରିବା ପାଇଁ କିଶନନଗର ବିକାଶ ମଞ୍ଚ ପକ୍ଷରୁ ଦାବି ହୋଇଛି।

### ଦୀପ ନିଆଁ ଲାଗି ମା'ଉତ୍ତରମୁଖୀଙ୍କ ବସ୍ତ୍ର ଜଳିଗଲା



**ବାଲିଅନ୍ତା,୨୫।୪(ଡି.ଏନ୍.ଏ.):** ବାଲିଅନ୍ତା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ଉତ୍ତରମୁଖୀଙ୍କ ମନ୍ଦିରରେ ଗୁରୁବାର ଏକ ଅଘଟଣ ଘଟିଛି। ମନ୍ଦିର ଗର୍ଭଗୃହ ଭିତରେ ଜଳୁଥିବା ଦୀପ ନିଆଁ ଲାଗି ମା' ପିନ୍ଧିଥିବା ଶାଢ଼ି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏହି ଘଟଣା ଯୋଗୁ ଦିନସାରା ଗ୍ରାମବାସୀଙ୍କ ମଧ୍ୟରେ ନାନା ଆଶଙ୍କା ଦେଖା ଦେଇଥିଲା। ମା'ଙ୍କର ପୂଜା ନୀତିରେ କିଛି ବ୍ୟାହତ ହେତୁ ଏଭଳି ଘଟଣା ଘଟିଥିବା କୁହାଯାଉଛି। ତେବେ ଗ୍ରାମବାସୀ ମା' ଆସନ୍ନ କୋପରୁ ରକ୍ଷା ପାଇବା ପାଇଁ ହୋମଯଜ୍ଞ ଓ ମାର୍ଜନା କରିଥିଲେ। ଗୁରୁବାର ସକାଳ ୭ଟା ୩୦ମିନିଟରେ ମା'ଙ୍କ ଦ୍ୱାର ଖୋଲାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଜଣେ ଭକ୍ତଙ୍କ ମାନସିକ ପୂରଣ ହୋଇଥିବାରୁ ସେ ମା'ଙ୍କ ପାଇଁ ଏକ ଶାଢ଼ି ଆଣିଥିଲେ। ପୂଜକ ମହେନ୍ଦ୍ର ପଣ୍ଡା ମା'ଙ୍କ ସ୍ନାନ କରିବା ପରେ ସେହି ଶାଢ଼ିକୁ ପିନ୍ଧାଇଥିଲେ। କିନ୍ତୁ ମା'ଙ୍କ ବିଗ୍ରହ ନିକଟରେ ଲାଗିଥିବା ଏକ ଦୀପରୁ ହଠାତ୍ ନିଆଁ ସେହି ଶାଢ଼ିକୁ ଲାଗିଯାଇଥିଲା।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଗୁରୁବାର ଓଡ଼ିଶୀ ସଙ୍ଗୀତ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ସଙ୍ଗୀତ ପରିବେଷଣ।

# ଚମ୍ପୂ-ଛାନ୍ଦ-ଚଉତିଶାରେ କମ୍ପିଲା ମଣ୍ଡପ

## ଓଡ଼ିଶୀ ସଙ୍ଗୀତ ମହୋତ୍ସବ-୨୦୧୯ ଉଦ୍‌ଘାଟିତ

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

ଚମ୍ପୂ, ଛାନ୍ଦ, ଚଉତିଶା, ଭଜନ, ଜଣାଣ ଓ ପାରମ୍ପରିକ ସଙ୍ଗୀତରେ ଗୁରୁବାର ମୁଖରିତ ହୋଇଉଠିଥିଲା ଭଞ୍ଜକଳା ମଣ୍ଡପ ପ୍ରେକ୍ଷାଳୟ। ପ୍ରତିବର୍ଷ ଭଳି ଚଳିତବର୍ଷ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ୪ ଦିନିଆ ଓଡ଼ିଶୀ ସଙ୍ଗୀତ ମହୋତ୍ସବ-୨୦୧୯ର ଉଦ୍‌ଘାଟନୀ ସନ୍ଧ୍ୟାରେ ସୃଷ୍ଟି ହୋଇଥିଲା ସଙ୍ଗୀତର ମହାକୁମ୍ଭ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଥମେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବୃନ୍ଦ ଗାୟନରେ ସଙ୍ଗୀତ ପରିବେଷଣ କରିବାପରେ ବହୁ ବରିଷ୍ଠ କଣ୍ଠଶିଳ୍ପୀଙ୍କ କଣ୍ଠରୁ ଏକକ ଗାୟନ ଶୁଣିବାର ଅବସର ପାଇଥିଲେ ଶ୍ରୋତା। କଣ୍ଠଶିଳ୍ପୀ ଶ୍ୟାମାମଣୀ ପଟ୍ଟନାୟକ, ଗୁରୁ କେଶବ ଚନ୍ଦ୍ର ରାଉତ, ମହାପାତ୍ର ମିନତି ଭଞ୍ଜ, ବିନୋଦ ବିହାରୀ ନନ୍ଦା, ହରପ୍ରିୟା ସ୍ୱାଇଁ, ସୁକାନ୍ତ କୁମାର କୁଣ୍ଡୁ, ସୃଷ୍ଟି ସ୍ୱରୂପା ମିଶ୍ର, ସର୍ବେଶ୍ୱର ବୈଠାରୁ, ବନ୍ଦିତା ରାୟ, ଗୁରୁ ଅଚ୍ୟୁତ ମହାରଣାଙ୍କ ଭଳି କଣ୍ଠଶିଳ୍ପୀମାନେ ଉଦ୍‌ଘାଟନୀ ସନ୍ଧ୍ୟାରେ ପରଷି ଦେଇଥିଲେ ମନଛୁଆଁ ସଙ୍ଗୀତର ପସରା। ସେହିଭଳି ଅଶୋକ କୁମାର ଦାସଙ୍କ କଣ୍ଠରୁ ମାଳଶ୍ରୀ ଗାୟନରେ ସଙ୍ଗୀତ ଶୁଣିବାର ଅବସର ମିଳିଥିଲା। ଗ୍ୟାଲେରିରେ ଉପସ୍ଥିତ ପ୍ରତ୍ୟେକ ଦର୍ଶକ ସନ୍ଧ୍ୟାର ଭରପୂର ମଜା ନେଇଥିଲେ। ସନ୍ଧ୍ୟାରେ ଅତିଥିଭାବେ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ସୁନୀଲ ମିଶ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ରାମକୃଷ୍ଣ ସାହୁ, ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ସଭାପତି ଡି.କେ. ରାୟ, ଉପସଭାପତି କ୍ଷୀରୋଦ ପଟ୍ଟନାୟକ, ସମ୍ପାଦକ ଗୁରୁ ରାମହରି ଦାସ, ଆବାହକ ଅରକ୍ଷିତ ଦାଶ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶୁକ୍ରବାରଠାରୁ ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୩ଟି ପର୍ଯ୍ୟାୟରେ ସଙ୍ଗୀତ ପରିବେଷଣ କରାଯିବ। ପ୍ରାୟ ୫୦୦ ଶିଳ୍ପୀଙ୍କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରମ୍ପରିକ ତଥା ଗ୍ରାମୀଣ କଳାକାର ମୁଖ୍ୟ ଆକର୍ଷଣ ରହିବେ।

# ରାଜ୍ୟପାଳ ଦେଲେ କ୍ଲିନ୍‌ଚିଟ: ହୋଇନି ବେଆଇନ ପଦୋନ୍ନତି

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟ

**କଟକ ଅଫିସ, ୨୫।୪**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ବେଆଇନ ଭାବେ ଆସୋସିଏଟ ପ୍ରଫେସରରୁ ପ୍ରଫେସର ପଦବୀକୁ ପଦୋନ୍ନତି ହୋଇଥିବା ଅଭିଯୋଗକୁ କ୍ଲିନ୍‌ଚିଟ ଦେଇଛନ୍ତି କୁଳାଧିପତି ତଥା ରାଜ୍ୟପାଳ ଗଣେଶୀ ଲାଲ। ଏହି ପଦୋନ୍ନତି ବୈଧ ବୋଲି ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏ ନେଇ ଗତ ମାର୍ଚ୍ଚ ୨୯ରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳସଚିବ ଓ ହାଇକୋର୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ଚିଠି ମଧ ପଠାଯାଇଛି। ଏହାକୁ ନେଇ ପୂର୍ବରୁ ହାଇକୋର୍ଟରେ ମାମଲା ରହିଥିବାବେଳେ ଘଟଣାକୁ କେନ୍ଦ୍ରକରି ବିଶ୍ୱବିଦ୍ୟାଳୟରେ ମଧ୍ୟ ଅନେକ ସମୟ ପ୍ରତିବାଦ, ବିକ୍ଷୋଭ କରାଯାଇଥିଲା। ଅଭିଯୋଗକୁ କ୍ଲିନ ଚିଟ ମିଳିବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆଶ୍ୱସ୍ତ ପ୍ରକଟ କରିଛନ୍ତି। ଏ ସମ୍ପର୍କରେ କୁଳସଚିବ ଅଶୋକ କୁମାର ଦାସ କହିଥିଲେ, ବିଶ୍ୱବିଦ୍ୟାଳୟ ଉପରେ ହୋଇଥିବା ଅଭିଯୋଗ ଭିତ୍ତିହୀନ ବୋଲି ଶେଷରେ ପ୍ରମାଣିତ ହୋଇଛି। କୌଣସି ବେଆଇନ ପଦୋନ୍ନତି ହୋଇନାହିଁ ବୋଲି କୁଳାଧିପତି ସ୍ପଷ୍ଟ କରିଥିବା ଅଶୋକ କହିଛନ୍ତି।

ସୂଚନାଥାଉ କି, ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ୟୁଜିସି ନିୟମର ଉଲ୍ଲଙ୍ଘନ କରାଯାଇ ୧୧ଜଣ ଆସୋସିଏଟ ପ୍ରଫେସରଙ୍କୁ ପ୍ରଫେସର ପଦୋନ୍ନତି ମିଳିଛି ବୋଲି ବାରମ୍ବାର ଅଭିଯୋଗ କରାଯାଉଥିଲା। ଏ ନେଇ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଏର କରାଯାଇଥିଲା। ଏହି ପିଟିଶନକୁ ଗ୍ରହଣ କରି ହାଇକୋର୍ଟ ଘଟଣାର ତଦନ୍ତ ଦେଢ଼ ମାସ ମଧ୍ୟରେ ଶେଷ କରିବାକୁ ରାଜ୍ୟପାଳ ତଥା କୁଳାଧିପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାମଲାର ବିବରଣୀରୁ ପ୍ରକାଶ, ପ୍ରଫେସର ପଦକୁ ଉନ୍ନୀତ ହେବାକୁ ହେଲେ ୟୁଜିସି ରେଗୁଲେସନ ଅନୁସାରେ ଏକାଡେମିକ ପରଫରମାନ୍ସ ଇଣ୍ଡିକେଟର(ଏପିଆଇ) ସ୍କୋର ନିର୍ଦ୍ଧାରଣ କରିବା ଏକାନ୍ତ ଜରୁରୀ। ହେଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ନିୟମ ପାଳନ କରିନାହାନ୍ତି। ୨୦୧୬ରେ ହୋଇଥିବା ଏକ ବିଜ୍ଞପ୍ତି ଅନୁସାରେ ଉକ୍ତ ପଦୋନ୍ନତି ଦିଆଯାଇଥିଲା। କ୍ୟାରିୟର ଆଡଭାନ୍ସମେଣ୍ଟ ସ୍କିମ ଅନୁସାରେ ପଦୋନ୍ନତି ନିମନ୍ତେ କୁଳାଧିପତିଙ୍କ ଠାରୁ ପୂର୍ବରୁ ଅନୁମୋଦନ ନିଆଯିବା ଆଇନତଃ ଜରୁରୀ ଥିଲେ ମଧ ଏହାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବେଖାତିର କରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ସୁବାସ ଚନ୍ଦ୍ର ସାମଲ ହାଇକୋର୍ଟରେ ଏହି ଅଭିଯୋଗ କରିଥିଲେ। ଗତ ମାର୍ଚ୍ଚ ୬ ତାରିଖରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜ୍ୟପାଳଙ୍କ ନିକଟରେ ସମସ୍ତ ରିପୋର୍ଟ ଦାଖଲ କରାଯିବା ପରେ ତଦନ୍ତ ଆଗେଇ ଥିଲା। ପଦୋନ୍ନତି ଦିଆଯିବା କ୍ଷେତ୍ରରେ ସମସ୍ତ କାର୍ଯ୍ୟ ଠିକ୍ ଭାବେ ହୋଇଛି ବୋଲି ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ରିପୋର୍ଟ ଦିଆଯାଇଛି।



କଟକ ମାଲଗୋଦାମ ଓଭରବ୍ରିଜ୍ ନିକଟ ରାସ୍ତାରେ କୃଷ୍ଣଚୂଡ଼ା ଫୁଲ ସମ୍ଭାର ।

### ନୀଳଚକ୍ର ପର୍ଯ୍ୟନ୍ତ ନାବାଳକ ଚଢ଼ିବା ଘଟଣା

# ୩ ଜେଟିପିଙ୍କୁ ନୋଟିସ୍

## ୧୫ ଦିନ ମଧ୍ୟରେ ଉତ୍ତର ଦେବାକୁ ନିର୍ଦ୍ଦେଶ

**ପୁରୀ ଅଫିସ,୨୫।୪**

ଶ୍ରୀମନ୍ଦିର ନୀଳଚକ୍ର ପର୍ଯ୍ୟନ୍ତ ଜଣେ ନାବାଳକ ଚଢିଯିବା ଘଟଣାକୁ ଗୁରୁତ୍ୱର ସହ ନେଇଛି ମନ୍ଦିର ପ୍ରଶାସନ । ଏହାକୁ ନେଇ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାରୁ କେଉଁ ପରିସ୍ଥିତିରେ ନାବାଳକ ଜଣଙ୍କ ମନ୍ଦିର ଉପରକୁ ଚଢିଲେ ସେଥିପାଇଁ ୩ଜଣ ଜେଟିପି (ଜଗନ୍ନାଥ ଟେମ୍ପୁଲ ପୋଲିସ)ଙ୍କୁ ଗୁରୁବାର ନୋଟିସ୍ ଜାରି କରାଯାଇଛି। ୧୫ଦିନ ମଧ୍ୟରେ ଏହାର ଉତ୍ତର ରଖିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଏହି ନୋଟିସ୍‌ରେ ଉଲ୍ଲେଖ କରିଛି।

ପୁରୀ ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି। ଏ ନେଇ ଗୋଇନ୍ଦା ବିଭାଗ ବହୁ ପୂର୍ବରୁ ମନ୍ଦିର କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦେଇସାରିଛି। ସମ୍ଭାବ୍ୟ ଆକ୍ରମଣ ଆଶଙ୍କା କରି ଗତ କିଛିବର୍ଷ ହେଲା ଜାତୀୟ ସୁରକ୍ଷା ବାହିନୀ (ଏନ୍‌ଏସ୍‌ଜି) ଶ୍ରୀମନ୍ଦିରକୁ ଆସି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି। ତଥାପି ଅନେକ ସମୟରେ ସୁରକ୍ଷା ବ୍ୟବସ୍ଥା ଯେ ଢିଲା ତାହା ଏକାଧିକ ଘଟଣାରୁ ସ୍ପଷ୍ଟ ହୋଇଛି। ଗତ ୨୦ତାରିଖରେ ଜଣେ ନାବାଳକ ନୀଳଚକ୍ର ପର୍ଯ୍ୟନ୍ତ ଚଢିଯାଇଥିଲେ। ମନ୍ଦିର ମରାମତି ପାଇଁ ବନ୍ଧା ଯାଇଥିବା ଲୁହା ଭାରାରେ ଚଢି ଚୂଡ଼ାରେ ପହଞ୍ଚିଥିଲେ। ନୀଳଚକ୍ରରେ ବନ୍ଧାଯାଇଥିବା ଏକ ହଳଦିଆ ବାନା ଖୋଲି ଆଣିଥିଲେ। ସେଠାରେ ପୁରୁଣା ଗାମୁଛା ବାନ୍ଧି ଓହ୍ଲାଉଥିବାବେଳେ ଜଣେ ସେବକ ଦେଖିଦେବାରୁ ଘଟଣା ଜଣାପଡ଼ିଥିଲା। ସେହିପରି ଏପ୍ରିଲ ମାସରେ ଶ୍ରୀମନ୍ଦିର ପରିସରରୁ ୨ଥର ଚୋରି ହୋଇଛି। ଗତ ୧ତାରିଖ ରାତିରେ ଦକ୍ଷିଣ ଦ୍ୱାର ନିକଟସ୍ଥ ରାମ ମନ୍ଦିର ଦାନବାକ୍ସ ଭଙ୍ଗାଯାଇ ଟଙ୍କା ଲୁଟ୍ ହୋଇଥିବାବେଳେ ୧୦ତାରିଖ ରାତିରେ ସୁଆର ମହାସୁଆର ନିଯୋଗର ଅନ୍ନଦାନ ଆଟିକା କାର୍ଯ୍ୟାଳୟରୁ ଟଙ୍କା ଚୋରି ହୋଇଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନାବାଳକମାନେ ଏସବୁ କାଣ୍ଡ ଭିଆଇଛନ୍ତି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ୩ଜେଟିପିଙ୍କୁ ନୋଟିସ୍ ଜାରି କରିଛି।



ରାଜସ୍ଥାନର ମାଉଣ୍ଟଆବୁସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଅନ୍ତର୍ଜାତୀୟ ମୁଖ୍ୟାଳୟଠାରେ ଅନୁଷ୍ଠିତ ୮ଦିନିଆ ବାର୍ଷିକ ବୈଠକରେ ଯୋଗଦେଇଥିବା ଓଡ଼ିଶାର ବରିଷ୍ଠ ରାଜଯୋଗୀ ଓ ରାଜଯୋଗିନୀଙ୍କୁ ଈଶ୍ୱରୀୟ ଉପହାର ପ୍ରଦାନ କରାଯାଉଛି।

- ଓୟୁଏଟି କୁଳପତି, କୁଳସଚିବ ହାଇକୋର୍ଟରେ ହାଜର

# ଆବେଦନକାରୀଙ୍କୁ ମିଳିବ ବକେୟା ପ୍ରାପ୍ୟ

**କଟକ ଅଫିସ, ୨୫।୪**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ ପିଜିଆର୍‌ଏଫ୍ (ପୋଷ୍ଟ ଗ୍ରାଜୁଏଟ ରିସର୍ଚ୍ଚ ଫେଲୋ) ଭାବେ ଚାକିରି କରିଥିବା ସୁଶାନ୍ତ କୁମାର ମହାନ୍ତିଙ୍କୁ ୧୯୯୧ରୁ ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ କରାଯିବ। ଓୟୁଏଟି କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ ଓ କୁଳସଚିବ ସୁଷମାରାଣୀ ଦେବୀ ଗୁରୁବାର ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜିରା ହୋଇ ସତ୍ୟପାଠରେ ଏହି କଥା କହିଛନ୍ତି। ଆସନ୍ତା ୩ ମାସ ମଧ୍ୟରେ ବକେୟା ପ୍ରାପ୍ୟ ସହିତ ସୁଶାନ୍ତଙ୍କୁ ବରିଷ୍ଠତା ଭିତିରେ ନିଯୁକ୍ତି ଦେବାକୁ ମଧ କୁଳପତି ଓ କୁଳସଚିବ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ସୂଚନାଥାଉ କି, ସୁଶାନ୍ତ ଓୟୁଏଟିରେ ୧୯୯୧ ଏପ୍ରିଲରେ ପିଜିଆର୍‌ଏଫ୍ ଭାବେ ନିଯୁକ୍ତି ପାଇଥିଲେ। ୨୦୦୯ ପର୍ଯ୍ୟନ୍ତ ସେ ଉକ୍ତ ପଦବୀରେ କାର୍ଯ୍ୟ କରୁଥିଲେ। ୨୦୦୯ରେ ସୁଶାନ୍ତଙ୍କୁ ଓୟୁଏଟି ପକ୍ଷରୁ ନିୟମିତ କର୍ମଚାରୀର ମାନ୍ୟତା ମିଳିଥିଲା। ନିୟମ ଅନୁଯାୟୀ ଜଣେ ପିଜିଆର୍‌ଏଫ୍ ୨ ବର୍ଷ ଉକ୍ତ ପଦବୀରେ କାର୍ଯ୍ୟ କରିଥିଲେ ତାଙ୍କୁ ନିୟମିତ କନିଷ୍ଠ ବୈଜ୍ଞାନିକ ଭାବେ ନିଯୁକ୍ତି ମିଳିବା ସହିତ ପଦ ଅନୁଯାୟୀ ଦରମା ମିଳିବା କଥା। ମାତ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ତାହା କରା ନ ଯିବାରୁ ସୁଶାନ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୫ ଡିସେମ୍ବର ୧୫ ତାରିଖରେ ହାଇକୋର୍ଟ ସୁଶାନ୍ତଙ୍କ ଆବେଦନର ଶୁଣାଣି କରି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ନିର୍ଦ୍ଧାରିତ ସମୟରୁ ନିୟମିତ କରିବା ସହିତ ବରିଷ୍ଠତା ଓ ବକେୟା ଦରମା ଦେବା ପାଇଁ ଆଦେଶ ଦେଇଥିଲେ। ଏହାପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ହାଇକୋର୍ଟଙ୍କ ଆଦେଶ ମୁତାବକ ୨୦୧୬ ଏପ୍ରିଲ ୧୨ରେ ଏକ ଅଫିସ ଆଦେଶନାମା ପ୍ରକାଶ କରିଥିଲେ। ଉକ୍ତ ଆଦେଶନାମାରେ ସୁଶାନ୍ତଙ୍କୁ ବରିଷ୍ଠତା ମିଳିଥିଲେ ମଧ୍ୟ ତାହା ହାଇକୋର୍ଟଙ୍କ ଆଦେଶ ମୁତାବକ ହୋଇ ନ ଥିଲା। ଫଳରେ ସୁଶାନ୍ତ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୯ ଏପ୍ରିଲ ୯ ତାରିଖରେ ସୁଶାନ୍ତଙ୍କ ମାମଲାର ଶୁଣାଣି ହାଇକୋର୍ଟରେ ହୋଇଥିଲା। କେବେ ସୁଦ୍ଧା ହାଇକୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ ହେବ ବୋଲି କୋର୍ଟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଥିଲେ। ଏହାପରେ ଏପ୍ରିଲ ୧୬ରେ ପରବର୍ତ୍ତୀ ଶୁଣାଣି ହୋଇଥିଲା। ମାତ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ସନ୍ତୋଷଜନକ ଉତ୍ତର କୋର୍ଟଙ୍କୁ ଦିଆଯାଇ ପାରି ନ ଥିଲା। ଫଳରେ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିବା ସହିତ କୁଳପତି ଓ କୁଳସଚିବଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ଆଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ହରମୋହନ ଧଳ ମାମଲା ପରିଚାଳନା କରୁଥିଲେ।

# ନୂଆ ମୁହଁକୁ ନେଇ ଆଶା, ଆଶଙ୍କା

**ବିଭୂପ୍ରସାଦ ବେହେରା**
ଭଦ୍ରକ ଅଫିସ, ୨୫।୪


ନିରଞ୍ଜନ ପଟ୍ଟନାୟକ


ଦିଗମ୍ବର ଦାସ


ନଳିନୀକାନ୍ତ ମହାନ୍ତି

ଭଦ୍ରକ ଜିଲାରେ କଂଗ୍ରେସ ୫ ନୂଆ ପ୍ରାର୍ଥୀଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ନିଜେ ନିଜ ଜିଲା ଛାଡ଼ି ଭଣ୍ଡାରିପୋଖରୀ ଆସନରୁ ପ୍ରାର୍ଥୀ ହୋଇଥିବା ବେଳେ ଅନ୍ୟ ୪ଜଣ ତାଙ୍କ ଅନୁଗାମୀ ବୋଲି ଚର୍ଚ୍ଚା ହେଉଛି। ଭଦ୍ରକ ବିଧାୟକ ପ୍ରାର୍ଥୀଭାବେ ନଳିନୀକାନ୍ତ ମହାନ୍ତି ପ୍ରଥମ ଥର ପାଇଁ ନିର୍ବାଚନ ଲଢୁଛନ୍ତି। ସେ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଥିବାରୁ ଦଳ ତାଙ୍କ ଉପରେ ଭରସା କରି ପ୍ରାର୍ଥୀ କରିଛି। ଭଦ୍ରକ ବିଧାନସଭା କ୍ଷେତ୍ରର କୋଣାନୁକୋଣରେ ତାଙ୍କ ଦଖଲ ଥିବା କାରଣରୁ ସେ ଭୋଟରଙ୍କ ସମର୍ଥନ ପାଇବେ ବୋଲି ବେଶ୍ ଆଶାବାଦୀ ଅଛନ୍ତି। ଭଦ୍ରକର ବିଭିନ୍ନ ସମସ୍ୟା ଓ ଶାସକ ଦଳର ମନମୁଖି କାର୍ଯ୍ୟକୁ ସେ ବିଭିନ୍ନ ସମୟରେ ବିରୋଧ କରି ଆସିଛନ୍ତି। ବିଭିନ୍ନ ଆନ୍ଦୋଳନର ନେତୃତ୍ୱ ନେଇଥିବା ମହାନ୍ତି ଭଦ୍ରକବାସୀଙ୍କ ଉପରେ ଆସ୍ଥା ରଖି ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ନିଜ ପ୍ରତିକ୍ରିୟାରେ କହିଛନ୍ତି। ସେହିଭଳି ବାସୁଦେବପୁର ବିଧାନସଭା କ୍ଷେତ୍ର ପାଇଁ ଅଶୋକ ଦାସ ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ସେ ଭଦ୍ରକ ଜିଲା ସଭାପତି ଦାୟିତ୍ୱ ତୁଲାଇ ଆସୁଛନ୍ତି। ଅପରପକ୍ଷେ ସେ ବାସୁଦେବପୁର ପୌରପାଳିକାର ପୌରାଧ୍ୟକ୍ଷ ଥିଲେ। ବାସୁଦେବପୁରରୁ ପାରିବାରିକ ରାଜନୀତିକୁ ପ୍ରତିହତ କରିବା ପାଇଁ ଅଶୋକ ହେଉଛନ୍ତି ଏକ ମାତ୍ର ଅସ୍ତ୍ର ବୋଲି କଂଗ୍ରେସ ଚିନ୍ତା କରିଛି। ତେଣୁ ବିରୋଧୀ ଭୂମିକା ନିଭାଇ ଆସୁଥିବା ଅଶୋକ କେତେ ଜନ ସମର୍ଥନ ପାଇବେ ତାକୁ ରାଜନୈତିକ ସମୀକ୍ଷକମାନେ ଚାହିଁ ରହିଛନ୍ତି।

ଚାନ୍ଦବାଲି ବିଧାନସଭା କ୍ଷେତ୍ର ପାଇଁ ବିଧାୟକ ପ୍ରାର୍ଥୀ ଭାବେ ଦିଗମ୍ବର ଦାସଙ୍କୁ ଦଳ ଟିକେଟ୍ ଦେଇଛି। ଯଦିଓ ସେ ମଧ୍ୟ ନୂଆ ପ୍ରାର୍ଥୀ କିନ୍ତୁ ଚାନ୍ଦବାଲି ବ୍ଲକ କଂଗ୍ରେସ କମିଟି ସଭାପତି ଦାୟିତ୍ୱ ତୁଲାଇ ଆସୁଥିଲେ। ବାଁଶଡା ପଞ୍ଚାୟତରୁ ସେ ନିଜ ରାଜନୈତିକ କ୍ୟାରିୟର ଆରମ୍ଭ କରିଛନ୍ତି। ଏବେ ସେ ନିଜର ପ୍ରଚାରକୁ ଜୋର୍‌ଦାର କରିଛନ୍ତି। କଂଗ୍ରେସର ପ୍ରତି ଗାଁରେ ଥିବା ପକେଟ୍ ଭୋଟ ଓ ସଙ୍ଗଠନ ତାଙ୍କୁ ସାହାର୍ଯ୍ୟ କରିବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ତେବେ ୨୦୦୯, ୨୦୧୪ ସାଧାରଣ ନିର୍ବାଚନ ଏବଂ ୨୦୧୭ ଜିଲା ପରିଷଦ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଆଶାନୁରୂପ ସଫଳତା ମିଳିପାରିନାହିଁ। ଏହା କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ। ବିଜେଡିର ଗୋଷ୍ଠୀ କନ୍ଦଳ, ଭାଜପାର ରଣନୀତି ଓ କଂଗ୍ରେସର ଏକାଧିକ ଆଶାୟୀ ପ୍ରାର୍ଥୀଙ୍କ ଅନ୍ତର୍ଦ୍ୱନ୍ଦ୍ୱ ମଧ୍ୟରେ ଦିଗମ୍ବର କିଭଳି ଫାଇଦା ନେବେ ତାକୁ ନେଇ ସେ ରଣନୀତି ପ୍ରସ୍ତୁତ କରିଥିବା କହିଛନ୍ତି।

**ଭଦ୍ରକ ଜିଲାରେ କଂଗ୍ରେସ ରାଜନୀତି**

ଧାମନଗର ବିଧାନସଭା ପାଇଁ ବିଧାୟକ ପ୍ରାର୍ଥୀ ଭାବେ ଡ. ବିଦ୍ୟାଧର ଜେନାଙ୍କୁ ଦଳ ଟିକେଟ ପ୍ରଦାନ କରିଛି। ଏହି ଅଞ୍ଚଳରେ ବ୍ୟବସାୟୀ ଭାବେ ସେ ପରିଚିତ। ଅପରପକ୍ଷରେ ସେ ହୋମିଓପାଥିକ୍ ଡାକ୍ତର ହୋଇଥିବାରୁ ଅଞ୍ଚଳବାସୀ ତାଙ୍କୁ ଜଣେ ବିଧାୟକ ଭାବେ କେତେଦୂର ସମର୍ଥନ ଦେବେ ତାକୁ ଅପେକ୍ଷା ରହିଛି। ଧାମନଗର ବ୍ଲକ ତଥା ଏନ୍‌ଏସିରେ ଥିବା ଦଳୀୟ ଭୋଟ ଓ ନିଜ ବ୍ୟକ୍ତିତ୍ୱର ପରିଚୟକୁ ପାଥେୟ କରି ଏଥର ବିଜୟୀ ହେବ ବୋଲି ସେ ଆଶା ବାନ୍ଧିଛନ୍ତି।

ସେହିପରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ନିଜେ ସାରା ଓଡିଶା ପାଇଁ ଦଳ ପକ୍ଷରୁ ନିର୍ବାଚନୀ ଷ୍ଟ୍ରାଟେଜି ସ୍ଥିର କରୁଥିବାରୁ ଏହି ନିର୍ବାଚନମଣ୍ଡଳୀ ତାଙ୍କ ପାଇଁ କିଛି ବଡ଼ କଥା ନୁହେଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତଥାପି ସେ ଏହି ନିର୍ବାଚନୀମଣ୍ଡଳୀରେ କଡା ମୁକାବିଲାର ସାମ୍ନା କରିବେ। ଭଣ୍ଡାରିପୋଖରୀ ଅଞ୍ଚଳ ଲୋକମାନେ ନିଜ ଅଞ୍ଚଳର ଅନ୍ୟଦଳର ପ୍ରାର୍ଥୀକୁ ଗୁରୁତ୍ୱ ନ ଦେଇ କାହିଁକି ତାଙ୍କୁ ସମର୍ଥନ କରିବେ ବୋଲି ଏଠାରେ ଆଲୋଚନା ଜୋର ଧରିଛି। ତାଙ୍କ ପାଇଁ ନୂଆ ପ୍ରସଙ୍ଗ କ'ଣ ରହିବ ତାକୁ ନେଇ କଳ୍ପନା ଜଳ୍ପନା ଚାଲିଛି। କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ଏଠି କେତେଦୂର ଭୋଟର ଗ୍ରହଣ କରୁଛନ୍ତି ତାକୁ ନେଇ ସମସ୍ତଙ୍କ ନଜର ରହିଛି।

ଅନ୍ୟପକ୍ଷେ କଂଗ୍ରେସର ଲୋକ ସଭା ପ୍ରାର୍ଥୀ ଇଂ. ମଧୁମିତା ସେଠୀ ମଧ୍ୟ ନୂଆ ମୁହଁ। ସେ ବର୍ତ୍ତମାନର ପିସିସି ଉପସଭାପତି ତଥା ପୂର୍ବତନ ଏମ୍‌ପି ଅନନ୍ତ ସେଠୀଙ୍କ ଝିଅ। ତାଙ୍କ ପାଇଁ ମଧ୍ୟ ଏହି ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ନୂଆ। ବିଜେଡିର ଭ୍ରଷ୍ଟାଚାର ଶାସନକୁ ଦୂରେଇବା ପାଇଁ ସେ ସଂକଳ୍ପବଦ୍ଧ। ଲୋକେ କିଭଳି ତାଙ୍କୁ ଗ୍ରହଣ କରିବେ ତାକୁ ସମସ୍ତଙ୍କ ଅପେକ୍ଷା ରହିଛି।


ବିଦ୍ୟାଧର ଜେନା


ଇଂ. ମଧୁମିତା ସେଠୀ


ଅଶୋକ ଦାସ

■ ଫ୍ଲାଇଂ ସ୍କ୍ୱାଡ୍ ଚଢ଼ାଉ

# ୪.୧୦ କୋଟି ଟଙ୍କାର ମଦ ଜବତ

**୫୫ ଲକ୍ଷ ପୋଷ୍ଟର ହଟିଲା**

ଭୁବନେଶ୍ୱର,୨୫।୪(ବ୍ୟୁରୋ)

ଚଳିତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଏବଂ ସ୍ୱଚ୍ଛ ଓ ନିରପେକ୍ଷତା ଅବଲମ୍ବନ କରିବା ସକାଶେ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରି ରହିଛି। ରାଜ୍ୟରେ ଏପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ୧୪ ହଜାର ୨୬୦ ଜାମିନବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଛି। ସିଆର୍‌ପିସିର ଧାରା ୧୦୭/୧୧୦ ଅନୁଯାୟୀ, ୬୪ ହଜାର ୫୬୧ ଜଣଙ୍କୁ ଅଟକ ରଖାଯାଇଛି। ଲାଇସେନ୍ସପ୍ରାପ୍ତ ୫ ହଜାର ୫୧୯ ଗୋଟି ବନ୍ଧୁକ ସମ୍ପୃକ୍ତ ଜିଲା ପ୍ରଶାସନ ନିକଟରେ ଦାଖଲ କରାଯାଇଛି। ଲାଇସେନ୍ସ ନ ଥିବା ୨୫୦ଟି ଅସ୍ତ୍ରଶସ୍ତ୍ର ଏବଂ ୧୪୬୫.୫୮୪ କିଲୋଗ୍ରାମ୍ ବିସ୍ଫୋରକ ଦ୍ରବ୍ୟ ଜବତ ହୋଇଛି। ଏପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଅବକାରୀ ବିଭାଗ ଓ ପୋଲିସର ମିଳିତ ଚଢ଼ାଉ ଫଳରେ ୧,୫୭,୨୧୪.୪୩୨ ଲିଟର ମଦ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୪ କୋଟି ୧୦ ଲକ୍ଷ ୩୮ ହଜାର ୧୭୪ ଟଙ୍କା ହେବ। ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରି ସର୍ବସାଧାରଣ ସ୍ଥାନରେ ଲାଗିଥିବା ୫୫ ଲକ୍ଷ ୩୧ହଜାର ୬୫୨ ହୋର୍ଡିଂ, ପୋଷ୍ଟର ଆଦିକୁ ହଟାଇ ଦିଆଯାଇଛି। ସେହିପରି ବର୍ତ୍ତମାନ ସୁଦ୍ଧା ବ୍ୟକ୍ତିଗତ ମାଲିକାନାରେ ଥିବା ସ୍ଥାନଗୁଡ଼ିକରେ ବେଆଇନ ଭାବେ ଲାଗିଥିବା ୪ଲକ୍ଷ ୧୫ହଜାର ୧୩୮ଟି ହୋର୍ଡିଂ ଓ ପୋଷ୍ଟରକୁ ମଧ୍ୟ କାଢ଼ି ଦିଆଯାଇଛି। ରାଜ୍ୟରେ ଖୋଲାଯାଇଥିବା ନିୟନ୍ତ୍ରଣ କକ୍ଷକୁ ଏବେ ସୁଦ୍ଧା ୧୨୫୭ଟି କଲ୍ ଏବଂ ଭୋଟ ହେଲ୍‌ପ ଲାଇନ୍ ନମ୍ବର ୧୯୫୦କୁ ୧୭ ହଜାର ୧୧୪ କଲ୍ ମିଳିଥିବା ବେଳେ ଏ ନେଇ ଆବଶ୍ୟକ ପଦକ୍ଷେପ ନିଆଯାଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଏନ୍‌ଡିଏ ଜିତିବ ୩୫୦ରୁ ଅଧିକ ଲୋକ ସଭା ଆସନ

**ଅଠାୱାଲେଙ୍କ ମତ**

ଭୁବନେଶ୍ୱର,୨୫।୪(ବ୍ୟୁରୋ)

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ) ଚଳିତ ଲୋକ ସଭା ନିର୍ବାଚନରେ ୩୫୦ରୁ ଅଧିକ ଆସନରେ ଜିତିବ। ସବୁଠୁ ଅଧିକ ଆସନ ଥିବା ୟୁପିରେ ୬୦ରୁ ଊର୍ଦ୍ଧ୍ୱ ସିଟ୍ ହାତେଇବ। ଏପରି କି ଉତ୍ତର-ପୂର୍ବ ରାଜ୍ୟଗୁଡିକରେ ଭାଜପା ୧୮ରୁ ୧୯ ସିଟ୍ ଦଖଲ କରିବ ବୋଲି କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱାଲେ ଭବିଷ୍ୟବାଣୀ କରିଛନ୍ତି। ନିକଟରେ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ରମନ୍ତ୍ରୀ ଏପରି ମନ୍ତବ୍ୟ ଦେବା ସହ ଡବଲ ଇଞ୍ଜିନ୍ ଥିଓରିକୁ ମଧ୍ୟ ସମର୍ଥନ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ସର୍ବାଙ୍ଗୀନ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ଦଳ କିମ୍ବା ମେଣ୍ଟ ସରକାର ହେବା ଜରୁରୀ। ତେଣୁ ଓଡ଼ିଶାବାସୀ ଏହାକୁ ନଜରରେ ରଖି ଏନ୍‌ଡିଏକୁ ସମର୍ଥନ କରିବାକୁ ଅଠାୱାଲେ ଅନୁରୋଧ କରିଛନ୍ତି। ଅଠାୱାଲେଙ୍କ ଦଳ ଆରପିଆଇ(ଏ) ରାଜ୍ୟର କୌଣସି ସ୍ଥାନରେ ପ୍ରାର୍ଥୀ ନ ଦେଇ ଭାଜପାକୁ ସମର୍ଥନ କରୁଛି।

# ଭାଜପାରେ ଯୋଗଦେଲେ ମୟୂରଭଞ୍ଜ ବିଜେଡି ନେତା ଇସାନ ମିଶ୍ର

ଭୁବନେଶ୍ୱର, ୨୫।୪(ବ୍ୟୁରୋ)

ମୟୂରଭଞ୍ଜ ଜିଲା ବିଜେଡି ଉପସଭାପତି ଇସାନ କୁମାର ମିଶ୍ର ଗୁରୁବାର ତାଙ୍କ ଶତାଧିକ ସମର୍ଥକଙ୍କ ସହ ଭାଜପାରେ ଯୋଗଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ ଦଳର ରାଜ୍ୟ ପ୍ରଭାରୀ ଅରୁଣ ସିଂ ଓ ବରିଷ୍ଠ ନେତା ପ୍ରକାଶ ମିଶ୍ରଙ୍କ ଉପସ୍ଥିତିରେ ଇସାନ ଭାଜପାରେ ସାମିଲ ହୋଇଛନ୍ତି। ଅରୁଣ ନବାଗତ ନେତା ଓ କର୍ମୀଙ୍କୁ ଟୋପି ଏବଂ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ମୟୂରଭଞ୍ଜ ଜିଲାର ବିଭିନ୍ନ ବ୍ଲକ କାର୍ଯ୍ୟକର୍ତ୍ତା, ଜିଲା ପରିଷଦ ସଭ୍ୟ, ସରପଞ୍ଚ ଓ ପୂର୍ବତନ ସରପଞ୍ଚମାନେ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଗୋଟିଏ ପଟେ ବିଜେଡି ସଭାପତି ନବୀନ ପଟ୍ଟନାୟକ ମୟୂରଭଞ୍ଜ ଗସ୍ତରେ ଯାଇ ନିର୍ବାଚନ ପ୍ରଚାର କରୁଥିବାବେଳେ ଅନ୍ୟପଟେ ସ୍ଥାନୀୟ ଅଞ୍ଚଳର ବହୁ ନେତୃବୃନ୍ଦ ବିଜେଡି ପରିତ୍ୟାଗ କରି ଭାଜପାରେ ଯୋଗଦେବା ନେଇ ଅରୁଣ ସିଂ ଶାସକ ଦଳକୁ ସମାଲୋଚନା କରିଛନ୍ତି । ଶାସକ ବିଜେଡି ପ୍ରତି ସାଧାରଣ ଜନତା ବର୍ତ୍ତମାନ ଆସ୍ଥା ହରାଇଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି। ଭାଜପା ପ୍ରତି ରାଜ୍ୟବାସୀଙ୍କ ଆସ୍ଥା ବହୁ ସଂଖ୍ୟାରେ ବୃଦ୍ଧି ପାଇଛି ଏବଂ ଆଗାମୀ ଦିନରେ ଦଳ ଉଭୟ ଲୋକ ସଭା ଏବଂ ବିଧାନସଭାରେ ବିପୁଳ ଜନସମର୍ଥନ ପାଇ ସରକାର ଗଠନ କରିବ ବୋଲି ଅରୁଣ କହିଛନ୍ତି।


ରୋଡ୍‌ଶୋରେ ବଲିଉଡ ଅଭିନେତା ରାଜ୍ ବବର୍ ଓ ଦୁଇ ପ୍ରାର୍ଥୀ।

# ଭଦ୍ରକରେ ରାଜ୍ ବବର୍‌ଙ୍କ ରୋଡ୍ ଶୋ'

ଭଦ୍ରକ ଅଫିସ, ୨୫।୪

**କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଜନସମର୍ଥନ ଲୋଡ଼ିଲେ**

କଂଗ୍ରେସର ଭଦ୍ରକ ବିଧାନସଭା ପ୍ରାର୍ଥୀ ନଳିନୀକାନ୍ତ ମହାନ୍ତି ଓ ଲୋକ ସଭା ପ୍ରାର୍ଥୀ ମଧୁମିତା ସେଠୀଙ୍କ ପାଇଁ ଗୁରୁବାର ନିର୍ବାଚନ ପ୍ରଚାର କରିଛନ୍ତି ବଲିଉଡ୍ ଅଭିନେତା ରାଜ୍ ବବର୍। ଏଥିପାଇଁ ଭଦ୍ରକ ସହରରେ ବିଶାଳ ରୋଡ୍‌ଶୋ କରାଯାଇଥିଲା। ରାଜ୍ ବବର୍ ହେଲିକପ୍ଟର ଯୋଗେ ଆସି ପୂର୍ବାହ୍ନରେ ଭଦ୍ରକ ପୁରୁଣାବଜାର ମହବୀର ପଡ଼ିଆରେ ପହଞ୍ଚିଥିଲେ। ବବର୍‌ଙ୍କ ସହ ଓଡ଼ିଶା ପ୍ରଦେଶ ଦାୟିତ୍ୱରେ ଥିବା ସହପ୍ରଭାରୀ ରୁଦ୍ର ରାଜୁ, ଅନିଲ ଚୌଧୁରୀ, ବିରୋଧୀ ଦଳ ନେତା ନରସିଂହ ମିଶ୍ର ପହଞ୍ଚିବା ପରେ ଲୋକ ସଭା ପ୍ରାର୍ଥୀ ମଧୁମିତା ଓ ବିଧାୟକ ପ୍ରାର୍ଥୀ ନଳିନୀକାନ୍ତଙ୍କ ସମେତ ବହୁ କଂଗ୍ରେସ ନେତା ସ୍ୱାଗତ କରିଥିଲେ। ପରେ ମହାବୀର ପଡ଼ିଆଠାରୁ ଏକ ବିଶାଳ ବାଇକ୍ ରାଲି ସହ ଖୋଲାଜିପ୍‌ରେ ଭଦ୍ରକ ସହରର ପୁରୁଣାବଜାର, ଗରଦପୁର, ପାଟଣାସାହି, ସନ୍ଥିଆ, କଚେରି ବଜାର ଓ ନୂଆବଜାର ଦେଇ ଗୋଶାଳା ଛକ, କୁଆଁସ, କଦମ୍ବେଡା ହୋଇ ପୁଣି ପୁରୁଣାବଜାରରେ ଶୋଭାଯାତ୍ରା ପହଞ୍ଚିଥିଲା। କଂଗ୍ରେସ ନେତୃମଣ୍ଡଳୀ ଭଦ୍ରକ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ବହୁମତ ଦେଇ ଜୟଯୁକ୍ତ କରାଇବା ସହ କେନ୍ଦ୍ରରେ କଂଗ୍ରେସକୁ କ୍ଷମତାସୀନ କରାଇବାକୁ ଅନୁରୋଧ କରିଥିଲେ।

ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ତାଙ୍କ ବକ୍ତବ୍ୟରେ ଭଦ୍ରକର ସାମୂହିକ ବିକାଶ, ଉଭୟ ସମ୍ପ୍ରଦାୟ ମଧ୍ୟରେ ଭାଇଚାରା ରକ୍ଷା କରିବା, ଭଦ୍ରକରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା, ପୁରୁଣାବଜାରରେ ଏକ ଉର୍ଦ୍ଦୁ ସିଟି ସ୍କୁଲ ପ୍ରତିଷ୍ଠା, ଦମକଳ କେନ୍ଦ୍ର ସ୍ଥାପନ ଏବଂ ଭଦ୍ରକ ସହରର ରାସ୍ତା, ପାନୀୟ ଜଳ ସମସ୍ୟା ଦୂର କରିବାକୁ ସେ ସଂକଳ୍ପବଦ୍ଧ ବୋଲି କହିଥିଲେ। ଟାଉନ ସଭାପତି ଅବଦୁଲ ମୋକିତ ଖାଁ, ପିସିସି ସମ୍ପାଦକ ସେକ୍ ଗୁଲାମ ମଇଉଦ୍ଦିନ, ବ୍ଲକ ସଭାପତି ପ୍ରଫୁଲ୍ଲ ସାମଲ, ଜିଲା ଉପସଭାପତି ଅତୁଲ୍ୟ ନାୟକ, କାଉନସିଲର ଦିଲୀପ ନାୟକ, ସେକ୍ ସମ୍‌ଦାନୀ, ଅସ୍‌ରଫ୍ ଅଲ୍ଲି ଖାଁ, ଜିଲା ଛାତ୍ର କଂଗ୍ରେସ ସଭାପତି ବଳରାମ ରାଉତ, ଜିଲା ସେବାଦଳ ମୁଖ୍ୟ ସେକ୍ ନଇମ, ସତ୍ୟ ପୁହାଣ, ଚନ୍ଦ୍ରକାନ୍ତ ମହାପାତ୍ର, ସେକ୍ ଜକିରୁଦ୍ଦିନ, ସେକ୍ ବୁଗ୍‌ଦାଦ ଓ ଅନନ୍ତ ପଣ୍ଡା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।

# ଭୋଟରଙ୍କ ଫୋକସରେ ମୌଳିକ ସୁବିଧା

**ହେମନ୍ତ ନାୟକ/ବିଚିତ୍ରାନନ୍ଦ ସାହୁ**

ପୁରୀ ଅଫିସ/ନିମାପଡ଼ା (ଡି.ଏନ.ଏ) ୨୫।୪

ନିମାପଡ଼ାକୁ ସବ୍‌ଡିଭିଜନ ମାନ୍ୟତା, ବଳଙ୍ଗାରେ ଶୀତଳ ଭଣ୍ଡାର ନିର୍ମାଣ, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାରେ ସୁଧାର ଆଦି ଅନେକ ପ୍ରସଙ୍ଗକୁ ଏଥର ଗଣ୍ଠି କରିଛନ୍ତି ନିମାପଡ଼ା ଭୋଟର। ନିମାପଡ଼ା ନିର୍ବାଚନମଣ୍ଡଳୀର କୌଣସି ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଯୁକ୍ତ ସେବା ମିଳୁନାହିଁ। ପ୍ରାୟ ସବୁ ଜାଗାରେ ଡାକ୍ତର ପଦବୀ ଖାଲି ପଡ଼ିଛି। ତେଣୁ ମୌଳିକ ସୁବିଧା ଯୋଗାଇଦେବାକୁ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ମନସ୍ଥ କରିଛନ୍ତି ନିମାପଡ଼ା ଏବଂ ଗୋପ ଅଞ୍ଚଳର ମତଦାତା। ବିଧାନସଭା ଏବଂ ପାର୍ଲାମେଣ୍ଟରେ ନିମାପଡ଼ାର ହକ୍ ମାଗିବାକୁ ଯୋଗ୍ୟ ବ୍ୟକ୍ତି ହିଁ ଏଥର ଜନମତ ପାଇବେ ତାହା ଭୋଟରଙ୍କ ମୁହଁରୁ ବାରି ହୋଇପଡୁଛି। କାହା କଥାରେ ପ୍ରଲୋଭିତ ହେବେ ନାହିଁ, ବରଂ ନିଜ ବୁଦ୍ଧି ଓ ବିବେକ ଖର୍ଚ୍ଚ କରି ଯୋଗ୍ୟ ପ୍ରାର୍ଥୀଙ୍କୁ ସେମାନଙ୍କ ବହୁମୂଲ୍ୟ ଭୋଟ ଦେଇ ବାଛିବେ ବୋଲି ମତ ଦେଇଛନ୍ତି ମତଦାତା।

ନିମାପଡ଼ା ବ୍ଲକର ୩୨ ଓ ଗୋପ ବ୍ଲକର ୧୪ଟି ପଞ୍ଚାୟତ ଏବଂ ନିମାପଡ଼ା ଏନ୍‌ଏସିର ୧୧ଟି ୱାର୍ଡକୁ ନେଇ ନିମାପଡ଼ା ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ ହୋଇଛି। ପୁରୀ ଜିଲାର ଏହି ନିର୍ବାଚନମଣ୍ଡଳୀ ଜଗତ୍‌ସିଂହପୁର ଲୋକ ସଭା ଅଧୀନରେ ରହିଛି। ଏଠାରେ ଚତୁର୍ଥ ପର୍ଯ୍ୟାୟରେ ଅର୍ଥାତ ଆସନ୍ତା ୨୯ ତାରିଖରେ ଭୋଟ ଗ୍ରହଣ ହେବ। ଏଥିପାଇଁ ପ୍ରଚାର ଜୋର୍‌ଦାର ଚାଲିଛି। ଏହି ନିର୍ବାଚନମଣ୍ଡଳୀରୁ ବିଜେଡିର ପ୍ରାର୍ଥୀ ହୋଇଛନ୍ତି ସମୀର ରଞ୍ଜନ ଦାଶ। ଦଳର ଜଣେ ଆଗଧାଡ଼ିର ନେତା ସମୀର ଗତ ଦୁଇଟି ନିର୍ବାଚନରେ ଜିତିଥିବାବେଳେ ତାଙ୍କୁ ତୃତୀୟଥର ଲାଗି ସୁଯୋଗ ଦେଇଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସମୀର ମଧ୍ୟ ହ୍ୟାଟ୍ରିକ ଲକ୍ଷ୍ୟରେ ରହିଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ବିଜେଡିର ବିକାଶମୂଳକ ଯୋଜନା, ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତାକୁ ପୁଞ୍ଜି କରି ସେ ଭୋଟରଙ୍କୁ ଆକୃଷ୍ଟ କରୁଛନ୍ତି। ଗତ ଦୁଇଟି ନିର୍ବାଚନ ପରି ଏଥର ମଧ୍ୟ ନିମାପଡ଼ା ଓ ଗୋପ ଅଞ୍ଚଳବାସୀ ତାଙ୍କୁ ପୂର୍ଣ୍ଣ ସମର୍ଥନ କରିବେ ବୋଲି ସମୀର ଆଶା ବାନ୍ଧିଛନ୍ତି। ସେହିପରି ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ା। ଗତ ନିର୍ବାଚନରେ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିବା ପ୍ରଭାତୀ ଏଥର ନିମାପଡ଼ାରେ ପଦ୍ମ ଫୁଟାଇବାକୁ ଜୋରଦାର ଉଦ୍ୟମ ଚଳାଇଛନ୍ତି। ରାଜ୍ୟ ସରକାରଙ୍କ ଦୋଷ ଦୁର୍ବଳତାକୁ ଧରି ମହିଳାଙ୍କୁ ଏକାଠି କରି ରାଜରାସ୍ତାକୁ ଓହ୍ଲାଇବାରେ ପାରଙ୍ଗମ ପ୍ରଭାତୀଙ୍କର ରାଜ୍ୟ ରାଜନୀତିରେ ମଧ୍ୟ ପତିଆରା ରହିଛି। ୨୦୧୪ରେ ବିଜେଡିର ସମୀର ରଞ୍ଜନ ୮୬,୯୫୮ ଖଣ୍ଡ ଭୋଟ ପାଇଥିବାବେଳେ ପ୍ରଭାତୀଙ୍କୁ ମିଳିଥିଲା ୫୭,୩୨୧ ଭୋଟ। ଏଥର ପରିବର୍ତ୍ତନର ହାୱା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ ଯୋଜନା ଏବଂ ଭାଜପା ପ୍ରତି ଲୋକଙ୍କ ବିଶ୍ୱାସକୁ ନେଇ ଭୋଟରଙ୍କ ପାଖକୁ ଯାଉଛନ୍ତି ପ୍ରଭାତୀ। ଭାଜପା ସରକାରକୁ ଆସିଲେ ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ବିକାଶ ତାଙ୍କର ପ୍ରମୁଖ ଲକ୍ଷ୍ୟ ରହିବ ବୋଲି ବିଭିନ୍ନ ସଭା, ସମିତିରେ ସେ କହୁଛନ୍ତି। ଅନ୍ୟପକ୍ଷରେ କଂଗ୍ରେସରୁ ଜଣେ ନୂଆମୁହଁଙ୍କୁ ଏଠାରୁ ପ୍ରାର୍ଥୀ କରାଯାଇଛି। ନିମାପଡ଼ା-ଗୋପ ନବ ନିର୍ମାଣ ପରିଷଦର ଅଧ୍ୟକ୍ଷ ଦିଲୀପ ନାୟକଙ୍କୁ ପ୍ରାର୍ଥିପତ୍ର ଦାଖଲର ଅନ୍ତିମ ତାରିଖ ପୂର୍ବ ରାତିରେ ଟିକେଟ ଦେଇଥିଲା କଂଗ୍ରେସ। ଶେଷ ମୁହୂର୍ତ୍ତରେ ଟିକେଟ ପାଇଥିଲେ ବି ବିଜେଡି ଏବଂ ଭାଜପା ପ୍ରାର୍ଥୀଙ୍କୁ କଡ଼ା ଟକ୍କର ଦେବାକୁ ସେ ଲାଗିପଡ଼ିଛନ୍ତି। ପରିଷଦ ବ୍ୟାନରରେ ପୂର୍ବରୁ ଅଞ୍ଚଳବାସୀଙ୍କ ସହ ରହିଥିବା ଦିଲୀପ ବିଭିନ୍ନ ସ୍ଥାନରେ ସଭା, ସମିତି କରି ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦୋଷ ଦୁର୍ବଳତା ବଖାଣୁଛନ୍ତି। ବିକାଶ ବାଟବଣା ହୋଇଛି ବୋଲି କହି ଭୋଟରଙ୍କୁ ନିଜ ସପକ୍ଷରେ ମତଦାନ ପାଇଁ ନିବେଦନ କରୁଛନ୍ତି। ତେବେ ସାମଗ୍ରିକ ଭାବେ ଦେଖିଲେ ଏଥର ନିମାପଡ଼ାରେ ତ୍ରିମୁଖୀ ଲଢେଇ ହେବା ସ୍ପଷ୍ଟ ଜଣାପଡୁଛି। କିନ୍ତୁ ପ୍ରାର୍ଥୀଙ୍କ ଲୋଭନୀୟ ପ୍ରତିଶ୍ରୁତି କିମ୍ବା କାହା କଥାରେ ଭଳିଯାଇ ଭୋଟର ନିଜ ଅଧିକାର ସାବ୍ୟସ୍ତ କରିବେ ନାହିଁ, ବରଂ ଅଞ୍ଚଳର ବିକାଶ ଓ ମୌଳିକ ସୁବିଧା ଯୋଗାଇଦେବା ନିମନ୍ତେ ଯୋଗ୍ୟ ପ୍ରାର୍ଥୀ ବାଛିବାକୁ ନିଷ୍ପତ୍ତି ନେଇଛନ୍ତି।

ଏ ସମ୍ପର୍କରେ ଖେଲାରର ଭୋଟର ରାମଚନ୍ଦ୍ର ପ୍ରଧାନ କହିଛନ୍ତି, ନିମାପଡ଼ାକୁ ସବ୍‌ଡିଭିଜନ ମାନ୍ୟତା ଦେବା ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରିଆସୁଛନ୍ତି। ନିର୍ବାଚନ ସମୟରେ ବିଭିନ୍ନ ଦଳର ପ୍ରାର୍ଥୀ ଏଥିଲାଗି ପ୍ରତିଶ୍ରୁତି ଦେଉଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ଭୁଲି ଯାଉଛନ୍ତି। ନିମାପଡ଼ାକୁ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ ପାଇଁ ଯିଏ ଲଢେଇ କରିବେ ଆମେ ତାଙ୍କୁ ନେତା ବୋଲି ମାନିବୁ ଏବଂ ଭୋଟ ଦେବୁ। ଏଥିପ୍ରତି ଭୋଟର ସଚେତନ ହୋଇ ମତଦାନ କରିବେ ବୋଲି ମୋର ଆଶା। ସେହିପରି ବଳଙ୍ଗାର ସନାତନ ସ୍ୱାଇଁ କହିଛନ୍ତି, ବଳଙ୍ଗା ଏକ କୃଷିବହୁଳ ଅଞ୍ଚଳ ଏବଂ ପନିପରିବା ଚାଷର ପେଣ୍ଠସ୍ଥଳୀ। ହେଲେ ଚାଷୀଙ୍କ ଉତ୍ପାଦିତ ସାମଗ୍ରୀ ରଖିବା ଲାଗି ଏହି ଅଞ୍ଚଳରେ ଶୀତଳ ଭଣ୍ଡାର ନାହିଁ। ତେଣୁ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ଉଦ୍ୟମ କରୁଥିବା ପ୍ରାର୍ଥୀଙ୍କୁ ଚାଷୀ ପରିବାର ଭୋଟ ଦେବା ଦରକାର। ନିମାପଡ଼ାର ମଙ୍ଗୁଳି ଭୋଇଙ୍କ ମତରେ ଆମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ମିଳୁନାହିଁ। ନିମାପଡ଼ା, ଚାରିଛକ, ବଳଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ଫଳରେ ରୋଗୀ ଉତ୍ତମ ସେବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଏଥର ସ୍ୱାସ୍ଥ୍ୟସେବା ପ୍ରମୁଖ ପ୍ରସଙ୍ଗ ରହିବ। ଏହାକୁ ନଜରରେ ରଖି ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବା ଦରକାର। ଚାରିଛକ ଅଞ୍ଚଳର ଭୋଟର ମହେନ୍ଦ୍ର ନାୟକ କହିଛନ୍ତି, ସାମଗ୍ରୀକ ଭାବେ ନିର୍ବାଚନମଣ୍ଡଳୀର ବିକାଶ, ଦ୍ରୁତ ପ୍ରଗତି ଏବଂ ନିମାପଡ଼ା ମାଟିର ସ୍ୱାଭିମାନ ପାଇଁ ଯିଏ ଭୁବନେଶ୍ୱର ଓ ଦିଲ୍ଲୀରେ ଲଢେଇ କରିବେ, ଅଞ୍ଚଳବାସୀଙ୍କ ସୁଖଦୁଃଖରେ ସାମିଲ ହେବେ ସେହିଭଳି ପ୍ରାର୍ଥୀଙ୍କୁ ଭୋଟ ଦେବୁ। କାହା କଥାରେ କିମ୍ବା ଅର୍ଥ ଲାଳସାରେ ନିଜ ଅଧିକାର ସାବ୍ୟସ୍ତ ନ କରିବାକୁ ସେ ମତ ରଖିଛନ୍ତି।

**ନିମାପଡ଼ା ନିର୍ବାଚନମଣ୍ଡଳୀ**


ସମୀର ରଞ୍ଜନ ଦାଶ


ପ୍ରଭାତୀ ପରିଡ଼ା


ଦିଲୀପ ନାୟକ

**ନିମାପଡ଼ା ନିର୍ବାଚନମଣ୍ଡଳୀ**

| ପ୍ରାର୍ଥୀଙ୍କ ନାମ | କେଉଁ ଦଳ |
|---|---|
| ସମୀର ରଞ୍ଜନ ଦାଶ | ବିଜେଡି |
| ପ୍ରଭାତୀ ପରିଡ଼ା | ଭାଜପା |
| ଦିଲୀପ ନାୟକ | କଂଗ୍ରେସ |
| ଶଙ୍କର ପ୍ରସାଦ ଭୋଇ | ବିଏସ୍‌ପି |
| ଦେବାଶିଷ ମିଶ୍ର | ଓଡ଼ିଶା ପ୍ରଗତି ଦଳ |
| ମିହିର ପ୍ରସାଦ ଭୋଇ | ଅଖିଳ ଭାରତ ହିନ୍ଦୁ ମହାସଭା |
| ମିଟୁ ମହାପାତ୍ର | ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ |



ରାଜସ୍ଥାନର ଅଜମେରସ୍ଥିତ ବନ୍ଦନୱାଡାରେ ଏକ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ଉପମୁଖ୍ୟମନ୍ତ୍ରୀ ସଚିନ୍ ପାଇଲଟଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ।



ଅଭିନେତ୍ରୀ ତଥା ଚଣ୍ଡିଗଡ଼ ଏମ୍‌ପି କିରଣ୍ ଖେର ଭାଜପାର ନାମାଙ୍କନପତ୍ର ଦାଖଲ କରୁଛନ୍ତି। ତାଙ୍କ ସହ ସ୍ୱାମୀ ଅନୁପମ୍ ଖେର, ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ଓ ଅନ୍ୟମାନେ ଉପସ୍ଥିତ।

## ବାରାଣସୀ ଲଢ଼େଇ: ଆଜି ନାମାଙ୍କନପତ୍ର ଦାଖଲ କରିବେ ମୋଦି

# ରୋଡ୍ ଶୋ ବେଳେ ଶକ୍ତି ପ୍ରଦର୍ଶନ

ବାରାଣସୀ,୨୫।୪(ପି.ଟି.)

ଭାରତର ୫୪୩ ଲୋକ ସଭା ଆସନରେ ନିର୍ବାଚନ ହେଉଥିବାବେଳେ ଦେଶବାସୀଙ୍କ ସର୍ବାଧିକ ନଜର କେନ୍ଦ୍ରୀଭୂତ ହୋଇ ରହିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂସଦୀୟ ଆସନ ବାରାଣସୀ ଉପରେ। ମେ ୧୯ରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବା ଉତ୍ତରପ୍ରଦେଶର ୧୩ ଆସନ ମଧ୍ୟରୁ ବାରାଣସୀ ଅନ୍ୟତମ। ପ୍ରଧାନମନ୍ତ୍ରୀ ନାମାଙ୍କନପତ୍ର ଦାଖଲର ଦିନକ ପୂର୍ବରୁ ଗୁରୁବାର ବାରାଣସୀ ସହରରେ ମେଗା ରୋଡ୍ ଶୋ କରିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ସମେତ କେତେଜଣ କେନ୍ଦ୍ରମନ୍ତ୍ରୀ ଓ ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି ଏହାକୁ ଅଧିକ ଆକର୍ଷଣୀୟ କରିଛି। ରୋଡ୍ ଶୋ'କୁ ଏନ୍‌ଡିଏର ଶକ୍ତି ପ୍ରଦର୍ଶନ ବୋଲି କୁହାଯାଉଛି।

ପ୍ରଧାନମନ୍ତ୍ରୀ ମୋଦି ବିହାରର ଦରଭଙ୍ଗା ଓ ଉତ୍ତରପ୍ରଦେଶର ବଣ୍ଡାରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବା ପରେ ଅପରାହ୍ନ ୫ଟାରେ ମନ୍ଦିରନଗରୀ ବାରାଣସୀରେ ପହଞ୍ଚିଥିଲେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ) ଗେଟ୍‌ରେ ପହଞ୍ଚି ଶିକ୍ଷାବିତ୍ ମହାମନା ପଣ୍ଡିତ ମଦନମୋହନ ମାଳବ୍ୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେଠାରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରୋଡ୍ ଶୋ'ରେ ବାହାରି ଦଶାଶ୍ୱମେଧ ଘାଟ ପର୍ଯ୍ୟନ୍ତ ଯାଇଥିଲେ। ନିଜ ଲୋକ ସଭା ପ୍ରତିନିଧିଙ୍କୁ ରାସ୍ତାରେ ହଜାର ହଜାର ସମର୍ଥକ ଅପେକ୍ଷା କରିଥିଲେ। ମୋଦି ଏକ ଏସ୍‌ୟୁଭିରେ ଯାଉଥିବାବେଳେ ମନ୍ତ୍ର ଉଚ୍ଚାରଣ ଓ ପୁଷ୍ପବୃଷ୍ଟି କରି ସେମାନେ ସ୍ୱାଗତ କରିଥିଲେ। ସେପଟେ ଭାଜପା ମୁଖ୍ୟ ଅମିତ ଶାହ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ଦଳୀୟ ନେତାମାନେ ପୂର୍ବରୁ ଦଶାଶ୍ୱମେଧ ଘାଟରେ ପହଞ୍ଚିଥିଲେ। ମୋଦି ଲଙ୍କା ଓ ଅସି ଅଞ୍ଚଳ ଦେଇ ୭ କି.ମି. ଅତିକ୍ରମ କରି ସେଠାରେ ପହଞ୍ଚିବା ପରେ ଗଙ୍ଗା ଆରତି କରାଯାଇଥିଲା। ୨୦୧୪ ନିର୍ବାଚନ ବେଳେ ମଧ୍ୟ ମୋଦି ଏଠାରେ ଗଙ୍ଗା ଆରତି କରିଥିଲେ। ମୋଦି ଶୁକ୍ରବାର ୧୧ଟା ୩୦ରେ ଜିଲାପାଳଙ୍କ ଅଫିସ୍‌ରେ ନାମାଙ୍କନପତ୍ର ଦାଖଲ ପୂର୍ବରୁ ପ୍ରସିଦ୍ଧ କାଳଭୈରବ ମନ୍ଦିର ଦର୍ଶନ ସାରି ଭାଜପା କର୍ମୀଙ୍କୁ ସମ୍ବୋଧିତ କରିବେ। ତାଙ୍କ ସହ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଅଧ୍ୟକ୍ଷ ନୀତୀଶ କୁମାର, ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଓ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ନେତା ପ୍ରକାଶ ସିଂ ବାଦଲଙ୍କ ସମେତ ଏନ୍‌ଡିଏ ନେତାମାନେ ଯୋଗଦେବେ।



"ଏନ୍‌ଡିଏ ସରକାର ଆତଙ୍କବାଦୀଙ୍କୁ ସେମାନଙ୍କ ଭାଷାରେ ଜବାବ ଦେଇଛି। ବିଗତ ୫ ବର୍ଷରେ ପରିବର୍ତ୍ତନ ପାଇଁ ମୁଁ କଠିନ ପରିଶ୍ରମ କରିଛି। ଆସନ୍ତା ୫ ବର୍ଷରେ ଭାରତର ପ୍ରତିଷ୍ଠା ଲାଗି ପରିଣାମ ଆସିବ। ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିବା ପରେ ମୁଁ ଫେରିଯିବି ଓ ଜିତିବା ପରେ ଆପଣମାନଙ୍କୁ ଧନ୍ୟବାଦ ଦେବାକୁ ଆସିବି।
**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିର୍ବାଚନ କମିଶନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ପାଇଁ ସୁଯୋଗ ଦେଇଛନ୍ତି। ଏହି ନିର୍ବାଚନରେ ନମୋ ନମୋ ଉଚ୍ଚାରଣ କରୁଥିବା ଲୋକଙ୍କ ପରାଜୟ ସୁନିଶ୍ଚିତ।
**-ମାୟାବତୀ, ବିଏସ୍‌ପି ସୁପ୍ରିମୋ**



"ଉତ୍ତରପ୍ରଦେଶର ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡି ମହାମେଣ୍ଟ ଦେଶକୁ ନୂଆ ପ୍ରଧାନମନ୍ତ୍ରୀ ଦେବ।
**-ଅଖିଳେଶ ଯାଦବ, ଏସ୍‌ପି ଅଧ୍ୟକ୍ଷ**



"ଗଙ୍ଗା ସଫା ହୋଇନାହିଁ କି କାଶୀ କ୍ୟୋଟୋରେ ପରିଣତ ହୋଇନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରାଣସୀ ଲୋକଙ୍କୁ ଧୋକା ଦେଇଛନ୍ତି। ସେ ନିଜ ବିଫଳତା ଲୁଚାଇବା ପାଇଁ ରୋଡ୍ ଶୋ କରୁଥିବାରୁ କ୍ଷମା ମାଗନ୍ତୁ।
**-ରାଗିଣୀ ନାୟକ, କଂଗ୍ରେସ ମୁଖପାତ୍ର**



# ନିର୍ବାଚନ ଲଢ଼ିବେନି ପ୍ରିୟଙ୍କା

ନୂଆଦିଲ୍ଲୀ,୨୫।୪(ପି.ଟି.)

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଲେ ବାରାଣସୀ ଲୋକ ସଭା ଆସନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ପ୍ରାର୍ଥୀ ହେବେ ବୋଲି ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଆସୁଥିଲେ। ଏହାକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଥିଲା। ହେଲେ ଶେଷରେ କଂଗ୍ରେସ ପ୍ରିୟଙ୍କାଙ୍କୁ ପ୍ରାର୍ଥୀ କଲାନାହିଁ। ବାରାଣସୀ ଆସନରୁ ଅଜୟ ରାୟଙ୍କୁ ଗୁରୁବାର ପୁଣିଥରେ ଟିକେଟ ଦେଇଛି ଦଳ। ଫଳରେ ପ୍ରିୟଙ୍କାଙ୍କ ନିର୍ବାଚନ ଲଢ଼ିବା ନେଇ ଚାଲିଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି।

ଉତ୍ତରପ୍ରଦେଶର ୮୦ ଲୋକ ସଭା ଆସନ ମଧ୍ୟରୁ ସବୁଠୁ ଚର୍ଚ୍ଚିତ ଆସନ ହେଉଛି ବାରାଣସୀ। କାରଣ ଏହି ଆସନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୦୧୪ ସାଧାରଣ ନିର୍ବାଚନରେ ଭାଜପା ପ୍ରାର୍ଥୀ ମୋଦି ୫,୮୧,୦୨୨ ଭୋଟ ପାଇ ବିଜୟୀ ହୋଇଥିଲେ। ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ୨,୦୯,୨୩୮ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିବାବେଳେ କଂଗ୍ରେସର ଅଜୟ ରାୟ ମାତ୍ର ୭୫,୬୧୪ ଭୋଟ ହାସଲ କରି ଶୋଚନୀୟ ପରାଜୟ ସ୍ୱୀକାର କରିଥିଲେ। ଚଳିତ ନିର୍ବାଚନରେ ରାହୁଲଙ୍କ ଭଉଣୀ ପ୍ରିୟଙ୍କାଙ୍କୁ ଏଠାରେ କଂଗ୍ରେସ ପ୍ରାର୍ଥୀ କରି ମୋଦିଙ୍କ ବିରୋଧରେ 'ବ୍ରହ୍ମାସ୍ତ୍ର' ପ୍ରୟୋଗ କରିବ ବୋଲି କୁହାଯାଉଥିଲା। କାରଣ ପ୍ରିୟଙ୍କାଙ୍କୁ ଯେଉଁ ପୂର୍ବ ଉତ୍ତରପ୍ରଦେଶର ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି, ତା' ମଧ୍ୟରେ ବାରାଣସୀ ଆସୁଛି। ସେ ଏଠାରେ ଛିଡ଼ା ହେଲେ ଅନ୍ୟ ଆସନଗୁଡ଼ିକରେ ମଧ୍ୟ ଏହାର ପ୍ରଭାବ ପଡ଼ିବ ବୋଲି ମନେକରାଯାଉଥିଲା। ହେଲେ ଶେଷରେ ଦଳ ଅଜୟଙ୍କୁ ପୁଣିଥରେ ଟିକେଟ ଦେଇ ମଇଦାନକୁ ଓହ୍ଲାଇଛି। ଅଜୟ ଏହା ପୂର୍ବରୁ ୫ ଥର ବିଧାୟକ ହୋଇସାରିଛନ୍ତି। କିନ୍ତୁ ଲୋକ ସଭା ନିର୍ବାଚନରେ ତାଙ୍କୁ ସଫଳତା ମିଳିନାହିଁ। କଂଗ୍ରେସରେ ଯୋଗଦେବା ପୂର୍ବରୁ ସେ ଭାଜପାରେ ଥିଲେ। ୨୦୦୯ରେ ଭାଜପା ମୁରଲୀ ମନୋହର ଜୋଷୀଙ୍କୁ ବାରାଣସୀ ଆସନରୁ ଟିକେଟ ଦେବା ପରେ ଅସନ୍ତୁଷ୍ଟ ଅଜୟ ଦଳ ଛାଡ଼ିଥିଲେ। ଅନ୍ୟପକ୍ଷରେ ସୋମବାର ସନ୍ଧ୍ୟାରେ ସମାଜବାଦୀ ପାର୍ଟି (ଏସ୍‌ପି)ରେ ଯୋଗଦେଇଥିବା ଶାଳିନୀ ଯାଦବଙ୍କୁ ବିରୋଧୀ ମହାମେଣ୍ଟ ଏହି ଆସନରୁ ପ୍ରାର୍ଥୀ କରିଛି। ସେହିପରି ଏହି ହଟ୍ ସିଟ୍‌ରୁ ଶତାଧିକ କୃଷକଙ୍କ ସମେତ ବିଏସ୍‌ଏଫ୍‌ର ପୂର୍ବତନ ଯବାନ ତେଜ୍‌ବାହାଦୁର ଯାଦବ ଓ କୋଲକାତା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ସି.ଏସ୍. କର୍ଣ୍ଣନ୍ ପ୍ରାର୍ଥୀ ହୋଇଛନ୍ତି।



**ବାରାଣସୀରେ ଅଜୟ ରାୟ ପୁଣି କଂଗ୍ରେସ ପ୍ରାର୍ଥୀ**

## ଚୁମ୍ବକରେ



- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନକାରାତ୍ମକ ରାଜନୀତି କରୁଛନ୍ତି ଏବଂ ବିକାଶ ପାଇଁ ତାଙ୍କର କୌଣସି ଦୂରଦୃଷ୍ଟି ନାହିଁ ବୋଲି କ୍ରିକେଟରରୁ ରାଜନେତା ସାଜିଥିବା ଗୌତମ ଗମ୍ଭୀର ସମାଲୋଚନା କରିଛନ୍ତି। ଗମ୍ଭୀର ଇଷ୍ଟ ଦିଲ୍ଲୀ ଆସନରୁ ଭାଜପା ପ୍ରାର୍ଥୀ ହୋଇଥିବାବେଳେ ତାଙ୍କ ବିରୋଧରେ ଏଏପି ଅତିଶିଙ୍କୁ ଏବଂ କଂଗ୍ରେସ ଅରବିନ୍ଦର ସିଂ ଲଭ୍‌ଲିଙ୍କୁ ପ୍ରାର୍ଥୀ କରିଛି।
- ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ପୁଅ ନକୁଲନାଥ ସବୁଠୁ ଧନୀ। ଛିନ୍ଦୱାଡା ଲୋକ ସଭା ଆସନର କଂଗ୍ରେସ ପ୍ରାର୍ଥୀ ନକୁଲଙ୍କ ନିକଟରେ ୬୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ସେହିପରି ମୁମ୍ବାଇ ନର୍ଥ ସେଣ୍ଟ୍ରାଲ ଆସନର କଂଗ୍ରେସ ପ୍ରାର୍ଥୀ ପ୍ରିୟା ଦତ୍ତଙ୍କ ବାର୍ଷିକ ଆୟ ସର୍ବାଧିକ ୧୩ କୋଟି ଟଙ୍କା।
- ଚଣ୍ଡିଗଡ଼ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ କିରନ ଖେର୍‌ଙ୍କ ପାଖରେ ୧୬ କେ.ଜି. ସୁନା, ୮ କେ.ଜି. ରୁପା ରହିଛି, ଯାହାର ମୂଲ୍ୟ ୪ କୋଟି ୬୪ ଲକ୍ଷ ଟଙ୍କା ବୋଲି ନାମାଙ୍କନପତ୍ର ଦାଖଲ ବେଳେ କିରନ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି।
- ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହୁଥିବା ଭୋପାଳର ଭାଜପା ପ୍ରାର୍ଥୀ ପ୍ରଜ୍ଞା ସିଂ ଠାକୁର ଅସୁସ୍ଥତା ଯୋଗୁ ହ୍ୱିଲ ଚେୟାରରେ ବସିଥାନ୍ତି। ସେ ଏକ କାର୍ଯ୍ୟକ୍ରମରେ ସିନ୍ଧି ସମ୍ପ୍ରଦାୟର କେତେଜଣ ମହିଳାଙ୍କ ସହ ନାଚୁଥିବା ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି।
- ଆର୍‌ଜେଡି ଅଧ୍ୟକ୍ଷ ଲାଲୁପ୍ରସାଦ ଯାଦବଙ୍କ ଝିଅ ମିସା ଭାରତୀ ଗୁରୁବାର ବିହାରର ପାଟଳିପୁତ୍ର ଲୋକ ସଭା ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।
- ଉତ୍ତରପ୍ରଦେଶର ବୁନ୍ଦେଲଖଣ୍ଡର ଅନଗ୍ରସରତା ପାଇଁ ଏସ୍‌ପି, ବିଏସ୍‌ପି ଏବଂ ଭାଜପା ଦାୟୀ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସମାଲୋଚନା କରିଛନ୍ତି।
- ଦିଲ୍ଲୀରେ ନିର୍ବାଚନ ପ୍ରଚାର ଜୋର ଧରିଥିବାବେଳେ ଏଥର ଭୋଟ ଦେବେନାହିଁ ବୋଲି ଗଣବଳାତ୍କାର ପୀଡ଼ିତା ନିର୍ଭୟାଙ୍କ ମା'ବାପା କହିଛନ୍ତି। ନ୍ୟାୟ ପାଇଁ ବିଭିନ୍ନ ଦଳର ପ୍ରତିଶ୍ରୁତି ଶୁଣି ଆମେ ଅତିଷ୍ଠ ହୋଇପଡିଲୁଣି। ଏବେ ବି ଦେଶର ମହିଳାମାନେ ଅସୁରକ୍ଷିତ ଥିବାରୁ ମତଦାନରୁ ବିରତ ରହିବେ ବୋଲି ଆଶାଦେବୀ ଓ ବଦ୍ରିନାଥ ସିଂ କହିଛନ୍ତି।



## ଏଏପି ନିର୍ବାଚନୀ ଇସ୍ତାହାର

# ଶିକ୍ଷା, ନିଯୁକ୍ତିରେ ୮୫% ସଂରକ୍ଷଣ ପ୍ରତିଶ୍ରୁତି

ନୂଆଦିଲ୍ଲୀ,୨୫।୪(ପି.ଟି.)

ଲୋକ ସଭା ନିର୍ବାଚନ ଲାଗି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଗୁରୁବାର ତାର ଇସ୍ତାହାର ପ୍ରକାଶ କରିଛି। ଦିଲ୍ଲୀକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଏଥିରେ ମୁଖ୍ୟ ପ୍ରସଙ୍ଗ ଥିବାବେଳେ ଦିଲ୍ଲୀବାସୀଙ୍କ ଲାଗି କଲେଜ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୮୫ ପ୍ରତିଶତ ସଂରକ୍ଷଣ ପ୍ରତିଶ୍ରୁତି ଦିଆଯାଇଛି। ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଉକ୍ତ ଇସ୍ତାହାର ଉନ୍ମୋଚନ କରିଛନ୍ତି। ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ଭାଗରେ ପୂର୍ଣ୍ଣ ରାଜ୍ୟ ପାହ୍ୟା ବିନା ଏଏପି କରିଥିବା କାର୍ଯ୍ୟ ଏବଂ ଅନ୍ୟ ଭାଗରେ ଏହି ପାହ୍ୟା ମିଳିଲେ ସେମାନେ କରିବାକୁ ଥିବା କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଇସ୍ତାହାରରେ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳାଙ୍କ ସୁରକ୍ଷା, ପୋଲିସ ବ୍ୟବସ୍ଥାରେ ସଂସ୍କାର, ଦୁର୍ନୀତିମୁକ୍ତ ଶାସନ, ନିଯୁକ୍ତି, ଜମି, ସ୍ୱଚ୍ଛ ପରିବେଶ, ପ୍ରଦୂଷଣ ନିରାକରଣ, ପରିବହନ ଏବଂ ଯମୁନା କାୟାକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି। ଇସ୍ତାହାର ଉନ୍ମୋଚନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ବରିଷ୍ଠ ନେତା ଗୋପାଳ ରାୟ, ସଞ୍ଜୟ ସିଂ ଏବଂ ଦିଲ୍ଲୀର ୭ଟି ଲୋକ ସଭା ନିର୍ବାଚନ ମଣ୍ଡଳୀର ଦଳୀୟ ପ୍ରାର୍ଥୀ ଉପସ୍ଥିତ ଥିଲେ।



ଏଏପିର ନିର୍ବାଚନୀ ଇସ୍ତାହାର ଉନ୍ମୋଚନ ପରେ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ଦଳୀୟ ନେତୃବୃନ୍ଦ।

# ଚିଟ୍‌ଫଣ୍ଡ ଠକେଇ ଶିକାର ପରିବାରଙ୍କୁ ମିଳିବ ସହାୟତା: କଂଗ୍ରେସ

ନୂଆଦିଲ୍ଲୀ,୨୫।୪(ପି.ଟି.)

ପର୍ଲ୍ସ ଚିଟ୍‌ଫଣ୍ଡ ଠକେଇର ଶିକାର ୫.୮୫ କୋଟି ପରିବାରକୁ ସହାୟତା ଯୋଗାଇ ଦେବା ଲାଗି କଂଗ୍ରେସ ପ୍ରତିଶ୍ରୁତି ଦେଇଛି। କଂଗ୍ରେସ କ୍ଷମତାକୁ ଆସିଲେ କ୍ଷତିଗ୍ରସ୍ତ ପରିବାରଙ୍କୁ ୬ ମାସ ମଧ୍ୟରେ ସୁଧ ସହ ସେମାନଙ୍କ ଜମା ଅର୍ଥ ଫେରସ୍ତର ବ୍ୟବସ୍ଥା କରାଯିବ। ପର୍ଲ୍ସଆଗ୍ରୋଟେକ୍‌କର୍ପୋରେଶନ ଲିଃ (ପିଏସିଏଲ୍) ଏବଂ ଅନ୍ୟ ଚିଟ୍‌ଫଣ୍ଡ ସଂସ୍ଥା ଦ୍ୱାରା ଠକାମୀର ଶିକାର ପାଖାପାଖି ୧୨ କୋଟି ଲୋକଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ଦଳ ଦୃଢ଼ ନିନ୍ଦା କରିଛି। ଏଭଳି ଦୁର୍ନୀତି ରୋକିବା ଲାଗି କଠୋର ଆଇନ ପ୍ରଣୟନ ହେବ। ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ପ୍ରତିନିଧିଙ୍କୁ ଭେଟିବା ପରେ ଦଳ ପକ୍ଷରୁ ଉପରୋକ୍ତ ପ୍ରତିଶ୍ରୁତି ଦିଆଯାଇଛି।

## ଶିବରାଜଙ୍କ ହେଲିକପ୍ଟରକୁ ମିଳିଲାନି ଅବତରଣ ଅନୁମତି

ଭୋପାଳ,୨୫।୪(ପି.ଟି.)

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ନିଜ ଜିଲା ଛିନ୍ଦୱାଡାରେ ଭାଜପା ଉପସଭାପତି ଶିବରାଜ ସିଂ ଚୌହାନଙ୍କ ହେଲିକପ୍ଟର ଅବତରଣ କରିବାକୁ ଜିଲାପାଳ ଅନୁମତି ନ ଦେବାରୁ ସେ ଖୁବ୍ ରାଗିଯାଇଥିଲେ। ଜିଲାପାଳଙ୍କ ବଦଳି ଲାଗି ସେ ନିର୍ବାଚନ କମିଶନଙ୍କ ପାଖରେ ଦାବି କରିଛନ୍ତି। ଅନ୍ୟପକ୍ଷରେ ସେ ଜିଲାପାଳଙ୍କୁ ଧମକ ଦେଇଥିବା କଂଗ୍ରେସ ଅଭିଯୋଗ କରିଛି। ବୁଧବାର ରାତିରେ ଶିବରାଜଙ୍କର ଉମ୍ରେଥଠାରେ ଏକ ନିର୍ବାଚନୀ ସଭା ଥିଲା। ଅପରାହ୍ନ ୫ଟା ପରେ ତାଙ୍କ ହେଲିକପ୍ଟର ଅବତରଣ ଚାହୁଁଥିବାବେଳେ ଏଥିପାଇଁ ଜିଲାପାଳ ଅନୁମତି ଦେଇ ନ ଥିଲେ।

# ନିର୍ବାଚନୀ ଖର୍ଚ୍ଚରେ ଆପରାଧିକ ରେକର୍ଡର ବିଜ୍ଞାପନ ଦେବେ ପ୍ରାର୍ଥୀ

ନୂଆଦିଲ୍ଲୀ,୨୫।୪

ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ ସେମାନଙ୍କ ନିର୍ବାଚନୀ ଖର୍ଚ୍ଚରେ ଆପରାଧିକ ରେକର୍ଡ ବିଜ୍ଞାପିତ କରିବେ ବୋଲି ଗୁରୁବାର ନିର୍ବାଚନ କମିଶନ (ଇସି) ସ୍ପଷ୍ଟ କରିଛନ୍ତି। ଟିଭି ଓ ଖବର କାଗଜରେ ପ୍ରାର୍ଥୀ ସେମାନଙ୍କର ବିଜ୍ଞାପନ ଖର୍ଚ୍ଚ ଭରଣ କରୁଥିବାବେଳେ ଏହା ନିର୍ବାଚନୀ ଖର୍ଚ୍ଚରେ ରହିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସମସ୍ତ ପ୍ରାର୍ଥୀଙ୍କ କ୍ଷେତ୍ରରେ ଏହା ବାଧ୍ୟତାମୂଳକ ବୋଲି ନିର୍ବାଚନ ପ୍ୟାନେଲ ପକ୍ଷରୁ କୁହାଯାଇଛି।

### ସ୍ପଷ୍ଟ କଲେ ଇସି

ଅକ୍ଟୋବର ୧୦ରେ ଏ ସମ୍ପର୍କିତ ନିର୍ଦ୍ଦେଶନାମା ଲାଗୁ କରାଯାଇ ଥିଲାବେଳେ ଚଳିତ ଲୋକ ସଭା ନିର୍ବାଚନରେ ଏହା ପ୍ରଥମଥର ପାଇଁ କାର୍ଯ୍ୟକାରୀ କରାଯାଇଛି। ସମସ୍ତ ରାଜନୈତିକ ଦଳଗୁଡ଼ିକୁ ପ୍ରାର୍ଥୀଙ୍କ ବିଜ୍ଞାପନ ଖର୍ଚ୍ଚ ସେମାନଙ୍କ ନିର୍ବାଚନୀ ଖର୍ଚ୍ଚରେ ସାମିଲ କରିବାକୁ ସୂଚନା ଦିଆଯାଇଛି ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି। ବିଜ୍ଞାପନ ଖର୍ଚ୍ଚ ପ୍ରାର୍ଥୀଙ୍କ ଖର୍ଚ୍ଚ ବଦଳରେ ଦଳୀୟ ଖର୍ଚ୍ଚରେ ସାମିଲ କରିବା ଲାଗି କେତେକ ରାଜନୈତିକ ଦଳ ଅନୁରୋଧ କରିଥିଲେ। ତେବେ ଦଳ ପକ୍ଷରୁ ସମସ୍ତ ପ୍ରାର୍ଥୀଙ୍କ ଆପରାଧିକ ରେକର୍ଡ ବିଜ୍ଞାପିତ କରାଯାଇପାରି ନ ଥିଲା। ପ୍ରଚାର ସମୟରେ ବିଭିନ୍ନ ଟିଭି ଚ୍ୟାନେଲ ଓ ଖବର କାଗଜରେ ଦଳ ଓ ପ୍ରାର୍ଥୀ ସେମାନଙ୍କର ଆପରାଧିକ ତଥ୍ୟ ଅତି କମରେ ୩ ଥର ଭିନ୍ନ ଭିନ୍ନ ତାରିଖରେ ପ୍ରକାଶ କରିବା ଜରୁରୀ। ଦଳଗୁଡ଼ିକ ସେମାନଙ୍କ ପ୍ରାର୍ଥୀଙ୍କ ସମ୍ପର୍କରେ ୱେବ୍‌ସାଇଟରେ ସୁଚନା ଦେଇପାରିବେ ବୋଲି ଇସି ଦର୍ଶାଇଛନ୍ତି। ଲୋକ ସଭା ନିର୍ବାଚନ ଲଢୁଥିବା ପ୍ରାର୍ଥୀ ସର୍ବାଧିକ ୭୦ ଲକ୍ଷ ଖର୍ଚ୍ଚ କରିପାରିବେ ବୋଲି ସ୍ଥିର କରାଯାଇଛି। ନିର୍ବାଚନ ଶେଷ ହେବାର ୯୦ ଦିନ ମଧ୍ୟରେ ସମସ୍ତ ପଞ୍ଜୀକୃତ ରାଜନୈତିକ ଦଳ ସେମାନଙ୍କ ଖର୍ଚ୍ଚ ବାବଦ ତଥ୍ୟ ଇସିଙ୍କୁ ଦେବାର ବ୍ୟବସ୍ଥା ରହିଛି। ସେହିଭଳି ନିର୍ବାଚନ ଅଧିକାରୀଙ୍କ ନିକଟରେ ସମସ୍ତ ପ୍ରାର୍ଥୀ ସେମାନଙ୍କ ନିର୍ବାଚନୀ ଖର୍ଚ୍ଚ ସମ୍ପର୍କିତ ତଥ୍ୟ ଭୋଟ ଶେଷ ହେବାର ୩୦ ଦିନ ମଧ୍ୟରେ ଦେବା ବିଧେୟ।



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି,
ତେବେ ତାକୁ ନିଜ ପାଖକୁ ନ ଡକାଇ ତା’ ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ରାହୁଲଙ୍କୁ ଶ୍ରୀକାନ୍ତଙ୍କ ୫ ପ୍ରଶ୍ନ

ଭୁବନେଶ୍ୱର,୨୫।୪(ବ୍ୟୁରୋ): କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ବାଲେଶ୍ୱର ଜିଲାରେ ନିର୍ବାଚନୀ ସଭା କରିବାର କାର୍ଯ୍ୟକ୍ରମ ରହିଛି। ରାହୁଲଙ୍କ ଗସ୍ତ ପୂର୍ବରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ୫ଟି ପ୍ରଶ୍ନ ସର୍ବସାଧାରଣରେ ପଚାରିଛନ୍ତି। ଶ୍ରୀକାନ୍ତ କହିଛନ୍ତି ଯେ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ବରାବର ଲାଞ୍ଚ ଦେଇଥାନ୍ତି। ଏହାକୁ ହାଇକୋର୍ଟରେ ସ୍ୱୀକାର କରି ଅଭ୍ୟାସଗତ ଲାଞ୍ଚଦାତା ଭାବେ ଭର୍ତ୍ସିତ ହୋଇନାହାନ୍ତି କି। ପିସିସି ସଭାପତିଙ୍କ ପରିବାର ଖଣି ଚୋରିରେ ସଂପୃକ୍ତ ଥାଇ ନିକଟରେ ୬୦୦ କୋଟି ଲାଞ୍ଚ ଦେଇଛନ୍ତି ନା ନାହିଁ। ଏଥି ସହିତ ନିରଞ୍ଜନଙ୍କ ପରିବାର ୬୮୦୦ କୋଟି ଟଙ୍କାର ଖଣି ଚୋରିରୁ ଛାଡ ପାଇଛନ୍ତି କି ନାହିଁ । ନିକଟରେ ଏକ ଅର୍ଥନୈତିକ ଠକେଇ ମାମଲାରେ ପିସିସି ସଭାପତି ଏବଂ ତାଙ୍କ ପୁଅଙ୍କ ନିକଟକୁ ଅର୍ଥନୈତିକ ଆପରାଧିକ ଶାଖା(ଇଓଡବ୍ଲ୍ୟୁ) ପକ୍ଷରୁ ନୋଟିସ୍ ଆସିଥିଲା କି ନାହିଁ। ସେହିପରି କିଛିଦିନ ପୂର୍ବେ ରାହୁଲ ଗାନ୍ଧୀ ବରଗଡ ଗସ୍ତରେ ଆସି ଖଣି ଲୁଟେରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ମନ୍ତବ୍ୟ ଦେଇଥିଲା। ଏହାକୁ ଉପଲକ୍ଷ୍ୟ କରି ଶ୍ରୀକାନ୍ତ କହିଛନ୍ତି ଯେ, ରାଜ୍ୟରେ ସରକାର ଆସିଲେ ରାହୁଲ ଗାନ୍ଧୀ ଖଣି ଲୁଟେରାଙ୍କୁ ଜେଲ୍‌କୁ ପଠାଇବେ କି ନାହିଁ, ଏ ସମ୍ପର୍କରେ ବାଲେଶ୍ୱରବାସୀଙ୍କୁ କହିବେ କି ବୋଲି ଶ୍ରୀକାନ୍ତ ପ୍ରଶ୍ନ କରିଛନ୍ତି।

### ୨୭ରେ ଓଡ଼ିଆ ସ୍ୱାଭିମାନ ଦିବସ

ଭୁବନେଶ୍ୱର,୨୫।୪(ବ୍ୟୁରୋ):‘ସଂଭାବନା’ ଅନୁଷ୍ଠାନ ପକ୍ଷରୁ ଚତୁର୍ଦ୍ଦଶ ବର୍ଷ ପାଇଁ ଓଡ଼ିଆ ସ୍ୱାଭିମାନ ଦିବସ ସମାରୋହ ଓ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ ଆସନ୍ତା ୨୭ ତାରିଖରେ ସୂଚନା ଭବନରେ ଅନୁଷ୍ଠିତ ହେବ। ଓଡ଼ିଆ ପରମ୍ପରା ତଥା ଓଡ଼ିଆଣୀମାନଙ୍କ ପରାକାଷ୍ଠାକୁ ଲୋକଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଗୁରୁବାର ସଂଭାବନା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମାରୋହରେ ମଧୁ ଗାଥା ଉପସ୍ଥାପନ ସହ ଓଡ଼ିଆ ମହୋତ୍ସବ-୨୦୧୯ର ମୁଖ୍ୟ ଆକର୍ଷଣ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାରେ ଶୀର୍ଷ ସ୍ଥାନ ପ୍ରାପ୍ତ ଓଡ଼ିଆଣୀଙ୍କୁ ‘ଶ୍ରେଷ୍ଠ ଓଡ଼ିଆଣୀ ୨୦୧୯ ସମ୍ମାନ’ରେ ସମ୍ମାନିତ କରାଯିବ। ଏଥିସହିତ ‘ସହ ଶ୍ରେଷ୍ଠ ଓଡ଼ିଆଣୀ’ ଏବଂ ‘କୃତୀ ଓଡ଼ିଆଣୀ’ମାନେ ମଧ ସମ୍ବର୍ଦ୍ଧିତ ହେବେ। ଏପ୍ରିଲ ୨୮ରେ ଏକାମ୍ର ହାଟଠାରେ ଓଡିଆ ସଙ୍ଗୀତ ଓ ମଧୁଗାଥା ପରିବେଷଣ କରାଯିବ। ଖବରଦାତା ସମ୍ମିଳନୀରେ ସଂଭାବନାର ସମ୍ପାଦକ ଦେବପ୍ରସାଦ ପରିଜା, ସୌଦାମିନୀ ସାମଲ, ସତ୍ୟବ୍ରତ ମହାପାତ୍ର, ସ୍ମୃତି ମହାନ୍ତି ଓ ରାଜଶ୍ରୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ମାର୍ଟସିଟିରେ ବଦଳିବ ସ୍ୱେରେଜ ସଫେଇ ବ୍ୟବସ୍ଥା

କଟକ ରୋଡ,୨୫।୪(ଡି.ଏନ୍.ଏ.)

- ତଦାରଖ କରିବ ସ୍ୱେରେଜ ବୋର୍ଡ
- ସଫେଇ ଦାୟିତ୍ୱରେ ୪ଏଜେନ୍ସି
- ୬ମାସରେ ଖର୍ଚ୍ଚ ହେବ ୭କୋଟି ୩୨ଲକ୍ଷ

ରାଜଧାନୀର ଅଧିକାଂଶ ଅଞ୍ଚଳରେ ସ୍ୱେରେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି। ଅସରାଏ ବର୍ଷା ପରେ ସ୍ୱେରେଜ ପାଣି ଘରେ ପଶୁଛି। ସଫେଇ ଅଭାବରୁ ସହରର ବିଭିନ୍ନ ଜନଗହଳି ଅଞ୍ଚଳରେ ଆବର୍ଜନା ପାଣି ରାସ୍ତାରେ ଭାସୁଛି। ନିୟମିତ ସ୍ୱେରେଜ ଚାମ୍ବର ସଫେଇ ନ ହେବା ନେଇ ଲୋକେ ଅସୁବିଧା ଭୋଗୁଛନ୍ତି। ସ୍ମାର୍ଟସିଟି ମାନ୍ୟତା ପାଇବା ପରେ ମଧ ପରିସ୍ଥିତିରେ ସୁଧାର ଆସିନାହିଁ। ଜନସ୍ୱାସ୍ଥ୍ୟ ବିଭାଗ ଏହି ଦାୟିତ୍ୱରେ ଥିଲେ ମଧ୍ୟ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନ ନେବା ଯୋଗୁ ନଗର ଉନ୍ନୟନ ବିଭାଗ ଏବେ ସ୍ୱେରେଜ ସଫେଇ ବ୍ୟବସ୍ଥାକୁ ଠିକାଦାରଙ୍କ ହାତରେ ନ୍ୟସ୍ତ କରିବା ସହ ଓଡ଼ିଶା ୱାଟର ସପ୍ଲାଇ ଏଣ୍ଡ ସ୍ୱେରେଜ ବୋର୍ଡ(ଓଡବ୍ଲୁଏସଏସବି)କୁ ଏହାର ତଦାରଖ ଦାୟିତ୍ୱ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଗତ ୧୬ତାରିଖରେ ସତ୍ୟନଗରସ୍ଥିତ ଓଡବ୍ଲୁଏସଏସବି କାର୍ଯ୍ୟାଳୟରେ ସ୍ୱେରେଜ ବୋର୍ଡ ଓ ଜନସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ନିଷ୍ପତ୍ତି ହୋଇଥିବା ବୋର୍ଡର ପ୍ରକଳ୍ପ ଯନ୍ତ୍ରୀ ଭରତ ଚରଣ ଦଳେଇ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ୬୭ ୱାର୍ଡକୁ ୬ଟି ଭୁବନେଶ୍ୱର ସ୍ୱେରେଜ ଡିଷ୍ଟ୍ରିକ୍ଟ ଜୋନରେ ବିଭକ୍ତ କରାଯାଇଛି। ଜୋନ-୧ ଅଧୀନରେ ରସୁଲଗଡ଼, ଶହୀଦନଗର, ସତ୍ୟନଗର, ଝାରପଡ଼ା, ଆଚାର୍ଯ୍ୟ ବିହାର ଓ ଜୟଦେବ ବିହାର ଅଞ୍ଚଳ ରହିଥିବା ବେଳେ ଜୋନ-୨ରେ ବିଜେବିନଗର, କଳ୍ପନା ଏରିଆ, ରବିଟକିଜ, ଏୟାରପୋର୍ଟ ଅଞ୍ଚଳ ରହିଛି। ସେହିପରି ଜୋନ-୩ ଅଧୀନରେ ବରମୁଣ୍ଡା, ଜାଗମରା,ପୋଖରୀପୁଟ, କଳିଙ୍ଗନଗର, କଳିଙ୍ଗ ହସ୍ପିଟାଲ, ଜୋନ-୪ ଓ ୫ରେ ଅନ୍ଧାରୁଆ, ପାଇକରାପୁର, ଘାଟିକିଆ ଭଳି କେତେକ ଗ୍ରାମାଞ୍ଚଳ ରହିଥିବା ବେଳେ ଜୋନ-୬ରେ ଆଇଆରସି ଭିଲେଜ, ଚନ୍ଦ୍ରଶେଖରପୁର, କାନନବିହାର, ନୀଳାଦ୍ରିବିହାର ଭଳି ଏକାଧିକ ଅଞ୍ଚଳ ରହିଥିବା ଜଣାପଡିଛି। ତେବେ ଜୋନ-୪ ଓ ୫ରେ ଅଧିକାଂଶ ଗ୍ରାମ ଥିବା ଯୋଗୁ ସେଠାରେ ସ୍ୱେରେଜ ବ୍ୟବସ୍ଥା ହୋଇପାରି ନାହିଁ। ଫଳରେ ଅନ୍ୟ ୪ ଜୋନର ସ୍ୱେରେଜ ଲାଇନ ସଫେଇ ପାଇଁ ୪ଟି ସଫେଇ ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଛି। ଜୋନ-୧ ଦାୟିତ୍ୱରେ ୟୁରେକା ଏଜେନ୍ସି, ଜୋନ-୨ ଶିଶିରକାନ୍ତ ଜେନା, ଜୋନ-୩ ରାଧାମାଧବ ମିଶ୍ର ଓ ଜୋନ-୪ରେ ପୀୟୁଷ ରାୟ ଏଜେନ୍ସିକୁ ଦିଆଯାଇଥିବା ପ୍ରକଳ୍ପ ଯନ୍ତ୍ରୀ ଦଳେଇ କହିଛନ୍ତି। ଅନ୍ୟପକ୍ଷରେ ୪ ଏଜେନ୍ସିକୁ ୬ମାସ ପାଇଁ ସଫେଇ ଦାୟିତ୍ୱ ଟେଣ୍ଡର ମାଧ୍ୟମରେ ଦିଆଯାଇଥିବା ବେଳେ ପ୍ରତ୍ୟେକ ଏଜେନ୍ସିକୁ ୬ମାସରେ ୧କୋଟି ୮୩ଲକ୍ଷ ଟଙ୍କା ପ୍ରଦାନ କରାଯିବ। ମିଟର ଅନୁଯାୟୀ ଏମାନଙ୍କ ଦେୟ ପଇଠ କରାଯିବା ସହ ଯେତିକି କାମ କରିବେ ତଦନୁଯାୟୀ ସେମାନଙ୍କୁ ବିଲ୍ ପଇଠ କରାଯିବ। ସ୍ୱେରେଜ ଲାଇନ ସଫେଇ, ମ୍ୟାନହୋଲ ମରାମତି, ନୂଆ ଲାଇନ ବିଛାଇବା, ଚାମ୍ବରରୁ ମାଟି କାଢିବା ସହ କନଜରଭାନ୍‌ସି ଲେନ ସଫେଇ ଉକ୍ତ ଏଜେନ୍ସି ଦାୟିତ୍ୱରେ ରହିଛି। ପ୍ରତ୍ୟେକ ଅଞ୍ଚଳର ନାଗରିକ ପ୍ରଥମେ ସ୍ଥାନୀୟ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟକୁ ଅଭିଯୋଗ ପ୍ରଦାନ କରିବା ପରେ ଉକ୍ତ ଅଞ୍ଚଳରେ ଦାୟିତ୍ୱରେ ଥିବା ଏଜେନ୍ସି ଅଭିଯୋଗର ସମାଧାନ କରିବେ। ଏହି ୪ ଜୋନରେ ଏଜେନ୍ସି ଠିକ୍ ଭାବେ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି କି ନାହିଁ ତା’କୁ ମଧ ସ୍ୱେରେଜ ବୋର୍ଡର ୪ ସହକାରୀ ଯନ୍ତ୍ରୀ ନିୟମିତ ତଦାରଖ କରିବେ। ଆବଶ୍ୟକସ୍ଥଳେ ଜୋନ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀଙ୍କ ସହ ଏଜେନ୍ସି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ମଧ ମୋବାଇଲ ଫୋନରେ ଲୋକେ ଅଭିଯୋଗ କରିବେ ବୋଲି ନିଷ୍ପତ୍ତି ହୋଇଥିବା ଜଣେ ଅଧିକାରୀ କହିଛନ୍ତି। ସ୍ଥାନୀୟ ଜନସ୍ୱାସ୍ଥ୍ୟ ସେକ୍ସନ କାର୍ଯ୍ୟାଳୟରେ ଜୋନ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ଏଜେନ୍ସି ଅଧିକାରୀଙ୍କ ମୋବାଇଲ ନମ୍ବର ଉଲ୍ଲେଖ ରହିବ। ପ୍ରଥମେ ୬ମାସ ଏଭଳି ବ୍ୟବସ୍ଥାକୁ ପରୀକ୍ଷାମୂଳକ ଭାବେ ଗ୍ରହଣ କରାଯାଇଛି। ଯଦି କୌଣସି ଅଞ୍ଚଳରେ ଏଜେନ୍ସି ଅଭିଯୋଗ ସମାଧାନ କରୁନାହାନ୍ତି କିମ୍ବା ଜନସାଧାରଣଙ୍କ ସମସ୍ୟାରେ ପରିବର୍ତ୍ତନ ହେଉ ନ ଥିବା ଅଭିଯୋଗ ମିଳେ ତେବେ ଏଜେନ୍ସି ପ୍ରାପ୍ୟ ବିଲ୍ ବନ୍ଦ କରାଯିବ ବୋଲି ପ୍ରକଳ୍ପ ଯନ୍ତ୍ରୀ ଦଳେଇ କହିଛନ୍ତି। ଅନ୍ୟପକ୍ଷରେ ଜଣେ ସହକାରୀ ଯନ୍ତ୍ରୀଙ୍କ କହିବାନୁଯାୟୀ, ବର୍ତ୍ତମାନ ପର୍ଯ୍ୟନ୍ତ କେଉଁ ଜୋନ୍ ଦାୟିତ୍ୱରେ କେଉଁ ଯନ୍ତ୍ରୀ ରହିବେ ସେ ନେଇ ନିଷ୍ପତ୍ତି ହୋଇନାହିଁ। ବିଭିନ୍ନ କାର୍ଯ୍ୟାଳୟରେ ମୋବାଇଲ ନମ୍ବର ଦିଆଯାଇଥିବା ଯୋଗୁ ଦୈନିକ ପ୍ରାୟ ୧୦୦ରୁ ଅଧିକ ଅଭିଯୋଗ ଆସୁଥିବା ସେ କହିଥିଲେ। ଏଭଳି ବ୍ୟବସ୍ଥା ଚାଲୁ ହୋଇଥିଲେ ମଧ କେତେକ ସେକ୍ସନ ଅଞ୍ଚଳର ଯନ୍ତ୍ରୀ ଫୋନ ରିସିଭ କରୁ ନ ଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି।

Sewerage Complain
Please Contact :
P.K. Nayak (A.E), Mob.:8763184605
A.K. Acharya (A.E), Mob.:9437921951
Eureka Agency :
Mob.: 9433002804, 9439477882
9437290625

### ସରକାରୀ କ୍ୱାର୍ଟର୍ସରେ ବନ୍ଧୁକ କାରଖାନା ଠାବ ଘଟଣା

## ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ

ଭୁବନେଶ୍ୱର, ୨୫।୪(ବ୍ୟୁରୋ)

ସରକାରୀ କ୍ୱାର୍ଟର୍ସରେ ବନ୍ଧୁକ କାରଖାନା ଠାବ ଘଟଣା ସମ୍ପର୍କରେ ଅଧିକ ପଚରାଉଚରା କରିବା ପାଇଁ ଅଭିଯୁକ୍ତ ନୃସିଂହ ନାୟକଙ୍କୁ ରିମାଣ୍ଡରେ ଆଣିବାକୁ ଗୁରୁବାର କୋର୍ଟରେ ଆବେଦନ କରିଛି ପୋଲିସ। ତାଙ୍କୁ ପଚରାଉଚରା ପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିପାରିବ ବୋଲି ପୋଲିସ ଆଶା ବାନ୍ଧିଛି। ଏପରି କି ନୃସିଂହଙ୍କ ଘରେ ଚଢାଉବେଳେ ଜବତ ହୋଇଥିବା ଡାଏରୀରୁ ମଧ କିଛି ସୁରାକ ମିଳିପାରେ, ଯାହାକି ଏହି ର୍ୟାକେଟର ଗୁମର ଖୋଲିବାରେ ସହାୟକ ହେବା ନେଇ ମଧ ସମ୍ଭାବନା ରହିଛି। ସୂଚନା ଅନୁଯାୟୀ, ସରକାରୀ କ୍ୱାର୍ଟର୍ସରେ ବନ୍ଧୁକ କାରଖାନା କରିଥିଲେ ଓୟୁଏଟିର ସୁପରଭାଇଜର ନୃସିଂହ। ବନ୍ଧୁକ ନିର୍ମାଣ ସମୟରେ ଅସାବଧାନତାବଶତଃ ବିସ୍ଫୋରଣ ହେବାରୁ ଘଟଣା ପଦାକୁ ଆସିଥିଲା। ପୋଲିସ ଗତ ୧୪ତାରିଖ ରାତିରେ ଉକ୍ତ କ୍ୱାର୍ଟର୍ସରେ ଚଢାଉ କରିଥିଲା। ଏହା ପରଦିନ ନୃସିଂହଙ୍କୁ ଗିରଫ କରାଯାଇଥିଲା।

### ■ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ବୈଠକ

## ୮ ଜିଲାର ଏସ୍‌ପିଙ୍କ ସହ ଡିଜିପିଙ୍କ ଆଲୋଚନା

କଟକ ଅଫିସ, ୨୫।୪



ଆସନ୍ତା ୨୯ ତାରିଖରେ ରାଜ୍ୟର ୬ଟି ଲୋକ ସଭା ଓ ୪୨ଟି ବିଧାନସଭା ଆସନ ପାଇଁ ଚତୁର୍ଥ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ନିର୍ବାଚନ ହେବାକୁ ଥିବା ଜିଲାଗୁଡ଼ିକ ମଧ୍ୟରେ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଯାଜପୁର, ଭଦ୍ରକ, ମୟୂରଭଞ୍ଜ ଓ ପୁରୀ ରହିଛି। ଏଥିପାଇଁ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଗୁରୁବାର ଅନୁଷ୍ଠିତ ବୈଠକରେ ଡିଜିପି ଆର୍.ପି. ଶର୍ମା ଉପରୋକ୍ତ ଜିଲାଗୁଡ଼ିକର ଏସ୍‌ପିମାନଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଛନ୍ତି। ଉପରୋକ୍ତ ଅଞ୍ଚଳଗୁଡ଼ିକରେ ପ୍ରଚାର ଶେଷ ହେବାକୁ ଆଉ ୨ ଦିନ ବାକି ରହିଛି। ତେଣୁ ଏହି ୨ ଦିନ ମଧ୍ୟରେ ବିଭିନ୍ନ ଦଳର ତାରକା ପ୍ରଚାରକମାନେ ପ୍ରଚାର ମଇଦାନକୁ ଆସିବେ। ବିଶେଷକରି ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀମାନେ ବାରମ୍ବାର ପ୍ରଚାର ପାଇଁ ଓଡ଼ିଶା ଆସୁଥିବାରୁ ସେମାନଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଡିଜିପି ଶର୍ମା ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପରୋକ୍ତ ଜିଲାଗୁଡ଼ିକ ରାଜନୈତିକ ଦୃଷ୍ଟିରୁ ଉତ୍ତେଜନାପ୍ରବଣ ଥିବାରୁ ଏଥିପ୍ରତି ପୋଲିସ ସଜାଗ ରହିବା ନିମନ୍ତେ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀମାନଙ୍କୁ ପିଏସ୍‌ଓ ଯୋଗାଇ ଦେଇଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଡିଜିପି ଶର୍ମା ପୂର୍ବ ୩ଟି ପର୍ଯ୍ୟାୟରେ ନିର୍ବାଚନ ପରିଚାଳନା ଉପରେ ଆଲୋଚନା କରିବା ସହିତ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ବେଆଇନ ବନ୍ଧୁକ, ମଦ, ଜାମିନବିହୀନ ଗିରଫ ପରୱାନା ଓ ସିଆର୍‌ପିସିର ୧୧୦ ଧାରାର ଅଭିଯୁକ୍ତମାନଙ୍କ ଗିରଫଦାରି ଉପରେ ଡିଜିପି ଏସ୍‌ପିମାନଙ୍କଠାରୁ ତଥ୍ୟ ମାଗିଥିଲେ। ଭାରତୀୟ ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକା ଅନୁଯାୟୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ମୁତୟନ ଉପରେ ଏସ୍‌ପିମାନଙ୍କ ସହିତ ବୈଠକରେ ଆଲୋଚନା କରାଯାଇଥିଲା। ସାଧାରଣ ଘଟଣାରେ ଏହି ବାହିନୀକୁ ବ୍ୟବହାର ନ କରିବା ପାଇଁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। କେବଳ ଉତ୍ତେଜନାପ୍ରବଣ ବୁଥ୍ ଓ ମୋବାଇଲ ପାର୍ଟିରେ ଏହି ସୁରକ୍ଷା ବଳକୁ କାର୍ଯ୍ୟକାରୀ କରିବା ପାଇଁ ଡିଜିପି କହିଥିଲେ। ଏଥିସହିତ ଜିଲାସ୍ତରରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରିତା ଉପରେ ମଧ ଡିଜିପି ଗୁରୁତ୍ୱ ଦେଇଥିଲେ।

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ବାଲିପାଟଣା,୨୫।୪(ଡି.ଏନ୍.ଏ.)

ବାଲିପାଟଣା ବ୍ଲକ ଅନ୍ତର୍ଗତ ପାଳସାହି ଗ୍ରାମର ସୁଧାଂଶୁ ଭୂଷଣଙ୍କୁ ଗୁରୁବାର ଏକ ସାପ କାମୁଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଛି। ପ୍ରକାଶ ଯେ, ସୁଧାଂଶୁ ଗୁରୁବାର ସକାଳୁ ବିଲକୁ ଯାଉଥିବା ବେଳେ ସେଠାରେ ଥିବା ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ସୁଧାଂଶୁଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ନଂ ୨୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବାସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୁଧାଂଶୁ ଏକ ବେସରକାରୀ କଲେଜରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଥିଲେ।

### ଆଲେନ୍ ପକ୍ଷରୁ ଓରିଏଣ୍ଟେଶନ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୫।୪

ପ୍ରମୁଖ କୋଚିଂ ପ୍ରତିଷ୍ଠାନ ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ନୂତନ ଶିକ୍ଷା ଅଧିବେଶନ ପାଇଁ ସ୍ଥାନୀୟ ରେଳ ଅଡିଟୋରିୟମଠାରେ ଏକ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୫ରୁ ପ୍ରତିଷ୍ଠାନରେ ପାଠପଢା ଆରମ୍ଭ ହୋଇଛି। ଅଧିବେଶନକୁ ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟର ବରିଷ୍ଠ ଉପସଭାପତି ସି.ଆର୍.ଚୌଧରୀ ଉନ୍ମୋଚନ କରିଥିଲେ। ଓଡ଼ିଶାରେ ଅନେକ ପ୍ରତିଭାବାନ ଛାତ୍ରୀଛାତ୍ର ରହିଥିବା ଚୌଧୁରୀ ଏଥିରେ ଗୁରୁତ୍ୱାରୋପ କରିଛନ୍ତି। ଏଠାକାର ଛାତ୍ରୀଛାତ୍ର ବହୁତ ପରିଶ୍ରମୀ ହୋଇଥିବା ବେଳେ ଠିକ୍ ମାର୍ଗଦର୍ଶନ ପାଇଲେ ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିବେ ବୋଲି ସେ ମତ ରଖିଛନ୍ତି। ଛାତ୍ରୀଛାତ୍ରଙ୍କ ମେଡିକାଲ ଏବଂ ଇଞ୍ଜିନିୟରିଂ କ୍ଷେତ୍ରରେ କ୍ୟାରିୟର ଗଢିବାର ସ୍ୱପ୍ନକୁ ପୂରଣ କରିବା ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରୁଥିବା ସେ କହିଛନ୍ତି। ଛାତ୍ରୀଛାତ୍ରଙ୍କ ସମସ୍ୟା ସମାଧାନ କରିବା ସହ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ଲାଗି ଅଭିଜ୍ଞ ଫାକଲଟିଙ୍କ ସହ କାର୍ଯ୍ୟ କରୁଥିବା ଭୁବନେଶ୍ୱର ସେଣ୍ଟର ମୁଖ୍ୟ ଅନୁରାଗ ମିଶ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଆଲେନ୍‌ର ଉପସଭାପତି ପଙ୍କଜ ଅଗ୍ରୱାଲ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ।

### ■ ପରିଣତ ବୟସରେ ମାତାପିତା ହନ୍ତସନ୍ତ

## ଲକ୍ଷାଧିକ ଟଙ୍କାର ସୁନା, ଟଙ୍କା ଧରି ଝିଅ ଫେରାର

ଭୁବନେଶ୍ୱର, ୨୫।୪(ବ୍ୟୁରୋ)

ପିଲାମାନଙ୍କୁ ପିତାମାତା ବହୁ ଦୁଃଖ କଷ୍ଟରେ ବଡ଼ କରନ୍ତି। ପିଲା ପାଠ ପଢି ବଡ଼ ମଣିଷ ହେଲେ ପରିଣତ ବୟସରେ ପିତାମାତାଙ୍କ ଦୁଃଖ ଲାଘବ କରିବ ବୋଲି ଆଶାଥାଏ। ମାତ୍ର ବର୍ତ୍ତମାନ ସମୟରେ ପିଲାମାନେ ଏହାର ବିପରିତ ଆଚରଣ କରୁଛନ୍ତି। ଏହି ଭଳି ଏକ ଘଟଣା ଘଟିଛି ରାଜଧାନୀର ଶହୀଦନଗର ଅଞ୍ଚଳରେ। ପିତାମାତାଙ୍କୁ ଦୁଃଖ କଷ୍ଟରେ ଛାଡ଼ି ଘରୁ ଲକ୍ଷାଧିକ ଟଙ୍କାର ସୁନା, ରୁପା ଏବଂ ମା’ଙ୍କ ଅପରେଶନ ପାଇଁ ଥିବା ନଗଦ ୫୫ ହଜାର ଟଙ୍କା ନେଇ ଝିଅ ଘରୁ ଫେରାର ହୋଇଯାଇଛି। ଏ ନେଇ ପିତାମାତା ଥାନାରେ ଅଭିଯୋଗ କରିଛନ୍ତି।

ଶହୀଦନଗର ଥାନା ଅଞ୍ଚଳରେ ଉକ୍ତ ଯୁବତୀ ଜଣକ ପରିବାର ସହ ରହୁଥିବା ବେଳେ ପିତା କାଠମିସ୍ତ୍ରି କାମ କରନ୍ତି। ପାଠ ପଢ଼ା ସରିବା ପରେ ଝିଅ ଏକ ଶାଢ଼ି ଶୋ’ରୁମରେ କାମ କରୁଥିବା ନେଇ ଘରେ କହୁଥିବାବେଳେ ପ୍ରକୃତରେ ସେ ଏକ ମସାଜ ପାର୍ଲରରେ କାମକରୁଥିବା ଘର ଲୋକ ଜାଣିବାକୁ ପାଇଥିଲେ। ପରେ ପରିବାର ଏହାକୁ ବିରୋଧ କରିବା ସହ ତାଙ୍କ ବିବାହ ସ୍ଥିର କରି ପ୍ରାୟ ଦେଢ ଲକ୍ଷ ଟଙ୍କାର ସୁନା ଅଳଙ୍କାର କିଣିଥିଲେ। ମାତ୍ର ଝିଅ ଗତ ୧୭ ତାରିଖରେ ମା’ଙ୍କର ଅପରେଶନ ପାଇଁ ଘରେ ଥିବା ୫୫ ହଜାର ଟଙ୍କା ଏବଂ ସୁନା ନେଇ ଘରୁ କୁଆଡେ ଚାଲିଯାଇଥିଲେ। ପରେ ପରିବାର ଲୋକେ ଖୋଜା ଖୋଜି କରି ରାଜମହଲ ଛକ ନିକଟରେ ଥିବା ଉକ୍ତ ମସାଜ ସେଣ୍ଟରରେ ପହଞ୍ଚିବା ସହ ଝିଅର ଚପଲ ବାହାରେ ଥିବା ଦେଖିଥିଲେ। ପାର୍ଲରର ମାଲିକ ତାଙ୍କୁ ଗାଳି ଗୁଲଜ କରିବା ସହ ଧମକ ଦେଇ ବିଦା କରିଦେଇଥିଲେ। ଏ ନେଇ ଥାନାରେ ପରିବାର ଲୋକ ବୁଧବାର ଅଭିଯୋଗ କରିଥିଲେ। ପୋଲିସ ଗୁରୁବାର ପରିବାର ଲୋକଙ୍କୁ ନେଇ ଉକ୍ତ ମସାଜ ସେଣ୍ଟରରେ ଚଢାଉ କରିଥିଲେ ମଧ ସେଠାରେ ଯୁବତୀ ଜଣକ ନ ଥିଲେ। ଖୁବଶୀଘ୍ର ତାଙ୍କୁ ଠାବ କରାଯିବ ବୋଲି ଥାନାଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି।

## ରୋଟାରି କ୍ଲବ ପକ୍ଷରୁ ନୂତନ ପାଠାଗାର ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୪(ବ୍ୟୁରୋ)

ରୋଟାରି କ୍ଲବ ଭୁବନେଶ୍ୱର ସେଣ୍ଟିନିଆଲ ତରଫରୁ ଗୁରୁବାର ଶହୀଦନଗର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଲାଗି ଏକ ନୂତନ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ଏହି ପାଠାଗାର ପାଇଁ କ୍ଲବ ତରଫରୁ ୫୦୦ ଇଂଲିଶ ଏବଂ ଓଡ଼ିଆ ବହି ପ୍ରଦାନ କରାଯିବା ସହିତ ସେଲ୍‌ଫ, ଚେୟାର ଓ ବେଞ୍ଚର ବ୍ୟବସ୍ଥା କରାଯାଇଛି। ରୋଟାରି ଡିଷ୍ଟ୍ରିକ୍ଟ ୩୨୬୨ର ଗଭର୍ନର ରୋଟାରିୟାନ ଭବାନୀ ପ୍ରସାଦ ଚୌଧୁରୀ ଓ ପୂର୍ବତନ ଗଭର୍ନର ଶିବବ୍ରତ ଦାସ, ଡିଜିଏନ୍‌ଡି ଶାନ୍ତନୁ ପାଣି ପ୍ରମୁଖ ଅତିଥିଭାବେ ଯୋଗଦେଇ ନୂତନ ପାଠାଗାରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ କହିଲେ, ଶିକ୍ଷା ବିନା ଜଣେ ନିଜର ପରିଚୟ ସୃଷ୍ଟି କରିବା ଅସମ୍ଭବ। ଆଜି ବି ଆମ ରାଜ୍ୟରେ ଅଧିକାଂଶ ପିଲା ଶିକ୍ଷାଠାରୁ ବହୁ ଦୂରରେ। ଭୁବନେଶ୍ୱରର ବସ୍ତି ଅଞ୍ଚଳରେ ରହୁଥିବା ଅଧିକାଂଶ ପିଲା ପାଠପଢାରୁ ଏବେ ବି ବଞ୍ଚିତ। ସହରର ସବୁ ପିଲା ଯେପରି ନିଜ ଶିକ୍ଷା ଅଧିକାର ପାଇପାରିବେ ଓ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବେ ତାହାକୁ ଦୃଷ୍ଟିରେ ରଖି ଏହି ପାଠାଗାର ପ୍ରତିଷ୍ଠା କରାଯାଇଥିବା ସେମାନେ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ଶାଶ୍ୱତୀ ମିଶ୍ର, ସ୍କୁଲ୍ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ରାୟ, ରୋଟାରି ଉପଗଭର୍ଣ୍ଣର ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କ୍ଲବ ସଭାପତି ଶୁଭକାନ୍ତ ସାମନ୍ତସିଂହାର ଆଗାମୀ ଦିନରେ ପାଠାଗାରର ଉନ୍ନତି ତଥା ଛାତ୍ରୀଛାତ୍ରଙ୍କ ପାଠପଢା ପାଇଁ ଯେଉଁସବୁ ସାମଗ୍ରୀର ଆବଶ୍ୟକତା ପଡ଼ିବ ତାହାକୁ ପୂରଣ କରାଯିବ ବୋଲି କହିଥିଲେ। କ୍ଲବ ସଦସ୍ୟ ପ୍ରଭାତ ମହାନ୍ତି, ଶୁଭକାନ୍ତ ପାଢୀ, ଶାକ୍ୟସିଂ ଷଡ଼ଙ୍ଗୀ, ଆଦିତ୍ୟ ମହାନ୍ତି, ଶାନ୍ତନୁ ମାନସିଂ, ବି.କେ. ପାୟଜୋଷୀ, ସୁଧାକର ପତ୍ରୀ ଓ ଦୁର୍ଯ୍ୟୋଧନ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ୪ଜଣଙ୍କୁ ସ୍ୱର୍ଣ୍ଣ ପଦକ, ୮ଜଣଙ୍କୁ ଚକାଡୋଳା ସମ୍ମାନ

ଭୁବନେଶ୍ୱର,୨୫।୪(ବ୍ୟୁରୋ)

### ଆରସିଏମ୍‌ର ସମାବର୍ତ୍ତନ ଉତ୍ସବ




ରିଜିଓନାଲ ମ୍ୟାନେଜ୍‌ମେଣ୍ଟ କଲେଜର ପଞ୍ଚମ ସମାବର୍ତ୍ତନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖରପୁରସ୍ଥିତ କଲେଜ କ୍ୟାମ୍ପସ ପରିସରରେ ଆୟୋଜିତ ଉତ୍ସବରେ ସ୍ୱାମୀ ଜନାନନ୍ଦ ସରସ୍ୱତୀ ମହନ୍ତ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା, ନେତୃତ୍ୱ, ଯୋଗ ଓ ଆଧ୍ୟାତ୍ମିକତା ଉପରେ ସୂଚନା ଦେଇଥିଲେ। କଲେଜର ଚେୟାରମ୍ୟାନ ପ୍ରଫେସର ଡ. ପ୍ରବୀର ପାଲ ସମାବର୍ତ୍ତନ ଉତ୍ସବକୁ ଆରମ୍ଭ କରିବା ପରେ ଅଧ୍ୟକ୍ଷ ପ୍ରଫେସର ଡ.ପ୍ରୀତିରଞ୍ଜନ ମାଝି କଲେଜ ରିପୋର୍ଟ ପାଠ କରିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କମଳାକାନ୍ତ ମିଶ୍ର ଏହି ଅବସରରେ ଉପସ୍ଥିତ ରହି ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ଡା. ସୌମିତ୍ରୀ ପାଣିଗ୍ରାହୀ, ଇଂ. ଅଶୋକ କୁମାର ବାଶା, ଦୀପକ କୁମାର ଭଞ୍ଜ, ଦିଲୀପ କୁମାର ମହାନ୍ତି, ପଲ୍ଲି ପଟ୍ଟନାୟକ, ଦିବ୍ୟକିଶୋର ଗଡନାୟକ, ପ୍ରଫେସର ଏଲ୍.ଏନ୍.ଡି ପଣ୍ଡା ଏବଂ ପ୍ରଫେସର ଡ. ସୁଜାତା ମଙ୍ଗରାଜଙ୍କୁ ‘ଚକାଡୋଳା ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ୧୦୦ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ମାନପତ୍ର ଏବଂ ଜଣେ ଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ଶେଷରେ ପିଜିଡିଏମ୍ ଡିନ୍ ପ୍ରଫେସର ଡ. ସଙ୍ଘମିତ୍ରା ଗୌତମ ପାଲ୍ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀଛାତ୍ର, କର୍ମଚାରୀ, ଅଧ୍ୟାପିକା ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ।

### ■ ଡେଲାଙ୍ଗ ଡିଷ୍ଟ୍ରିବ୍ୟୁଟାରୀ କେନାଲ ବନ୍ଧ ଭାଙ୍ଗିଲା

## ପାଣିରେ ବୁଡ଼ିଲା ରବି ଫସଲ

ପୁରୁଣା ଭୁବନେଶ୍ୱର,୨୫।୪(ଡି.ଏନ.ଏ.)



ଭାଙ୍ଗିଯାଇଥିବା କେନାଲ ବନ୍ଧ।

ବିଭାଗୀୟ ଅଧିକାରୀମାନଙ୍କ ବେପରୁଆ ଓ ଦାୟିତ୍ୱହୀନତା କାର୍ଯ୍ୟ ଯୋଗୁ ବହୁ ସମୟରେ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେବା ନଜିର ରହିଛି। ସେହିଭଳି ପ୍ରଶାସନର ଉଦାସୀନତା ନେଇ ଅନେକ ସମୟରେ ଚାଷୀମାନେ ବ୍ୟାପକ କ୍ଷତି ସହିବାକୁ ପଡୁଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଭାର୍ଗବୀ ସାଇଫନ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଟେ। ଏହି କାର୍ଯ୍ୟାଳୟ ଅଧୀନରେ ଥିବା ନଦୀ ଓ କେନାଲ ବନ୍ଧ ସମ୍ପ୍ରତି ଜମି ମାଫିଆ ଓ ବିଲଡରଙ୍କ କବ୍‌ଜାକୁ ଯାଇଛି। କାର୍ଯ୍ୟରତ ପ୍ରଶାସନିକ ଅଧିକାରୀ ସେମାନଙ୍କୁ ଓଲଟା ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି। ରାଜଧାନୀ ଉପକଣ୍ଠ ଉତ୍ତରା ଫାଣ୍ଡି ଅଧୀନ ଡେଲଟା ଡିଷ୍ଟ୍ରିବ୍ୟୁଟାରୀର ୮ ନମ୍ବର ଆଉଟଲେଟ (ଦିନଉଦ୍ଧାରଣ, ବାଙ୍କଡୁବା) ନିକଟରେ ମଝି ବନ୍ଧରେ ଏକ ଘଳିଆ ପଡି ୪ ଫୁଟ ଓସାରର ବନ୍ଧ ଭାଙ୍ଗି ଯାଇଥିଲା। ଏହା ଗୁରୁବାର ସକାଳ ୯ ଟାରେ ଘଟିବା ପରେ ଚାଷୀମାନଙ୍କର ରବି ଫସଲକୁ ପାଣି ମାଡି ଯାଇଥିଲା। କଳରା, ବାଇଗଣ, ଝୁଡ଼ଙ୍ଗ, କାକୁଡ଼ି, କଖାରୁ, ପୋଟଳ, ରାଶି, ମୁଗ ଆଦି ଫସଲରେ ପାଣି ମାଡିଯିବା ଦେଖି ଚାଷୀମାନେ ଫସଲକୁ ରକ୍ଷା କରିବାକୁ ଯାଇ ଉତ୍ତରାସ୍ଥିତ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ବନ୍ଧ ବାନ୍ଧିବା ପଛରେ ଥାଉ ବରଂ ଉପରମୁଣ୍ଡରୁ ପାଣି ବନ୍ଦ କରି ଦେଲେ ହୁଏତ ଫସଲ ରକ୍ଷା ପାଇଯିବ ନେଇ ଚାଷୀମାନେ ଦାବି କରିଥିଲେ। ଅପରାହ୍ଣ ସାଢେ ୫ଟା ଯାଏ ପାଣିରେ ଅନେକ ଚାଷୀଙ୍କର ରବି ଫସଲ କ୍ଷତିଗ୍ରସ୍ତ ହୋଇଯାଇଥିଲା। କ୍ଷତି ପୂରଣ ପାଇଁ ଚାଷୀମାନେ ଆଶା ଆଶଙ୍କାରେ ରହିଛନ୍ତି। ଏ ନେଇ ଚାଷୀ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ କୁହନ୍ତି, ସକାଳ ୯ ଟାରେ କାର୍ଯ୍ୟରତ ବିଭାଗୀୟ ଅଧିକାରୀଙ୍କୁ ପାଣି ବନ୍ଦ କରିବାକୁ କହିଥିଲୁ। ମାତ୍ର ସେ ଘଟଣାକୁ ହାଲୁକା ଭାବେ ନେବାରୁ ଆମର ଏଇ ଦଶା ହୋଇଛି। ସେହିଭଳି ଚାଷୀ ବସନ୍ତ ସାହୁ କୁହନ୍ତି, ଏହି ଜାଗାରେ ବନ୍ଧରେ ଚାରିଦିନ ଆଗରୁ ଘଳିଆ ପଡ଼ିବା ଦେଖି ତୁରନ୍ତ ମରାମତି ପାଇଁ ଲିଖିତ ଅଭିଯୋଗ ମଧ କରିଥିଲୁ। କେହି ନ ଶୁଣିବାରୁ ଆମର ପ୍ରାୟ ୨ ଏକର ଶୁଖିଲା ମୁଗ ପାଣିରେ ଗଲା। ଏ ନେଇ ବିଭାଗୀୟ କନିଷ୍ଠଯନ୍ତ୍ରୀ ପି.କେ. ପରିଜାଙ୍କୁ ପଚାରିବାରୁ ଅଭିଯୋଗ ପାଇଛୁ ଉପରମୁଣ୍ଡରୁ ପାଣି ବନ୍ଦ କରିଛୁ। ଧୀରେ ଧୀରେ ଜଳସ୍ତର ଖସିଯିବ। ଅନ୍ୟପକ୍ଷେ ସନ୍ଧ୍ୟା ୬ଟାରେ ବନ୍ଧ ମରାମତି ନେଇ ଠିକାଦାରମାନେ ଅଧିକାରୀଙ୍କୁ ଯୋଗାଯୋଗ କରି ଘଟଣାସ୍ଥଳରେ ପହଞ୍ଚି ତାହାର ସମୀକ୍ଷା କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ଏହିବନ୍ଧରେ ବିଲଡରମାନେ ନିଜ ପ୍ଲଟ୍‌କୁ ରାସ୍ତା ନେବାକୁ ଯାଇ ବିଭାଗୀୟ ଅଧିକାରୀମାନଙ୍କୁ ହାତ କରି ବନ୍ଧ କାଟିଥିବା ଜଣାପଡ଼ିଛି। ୪ ଦିନ ଆଗରୁ ଯଦି ଘଳିଆ ମରାମତି କରାଯାଇଥାନ୍ତା ତାହା ହେଲେ ଚାଷୀମାନଙ୍କ ଏହି କ୍ଷତି ହୋଇ ନ ଥାନ୍ତା ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ନରେନ୍ଦ୍ର ସ୍ୱାଇଁ, ରସାନନ୍ଦ ତ୍ରିପାଠୀ, ନରେଇ ପ୍ରଧାନ, ବେଣୁଧର ସ୍ୱାଇଁ ପ୍ରମୁଖ ଚାଷୀଙ୍କ ରବି ଫସଲ ନଷ୍ଟ ହୋଇଥିବା କୁହାଯାଇଛି।

# ସୁନ୍ଦର ଆରମ୍ଭର ଉଜ୍ଜ୍ୱଳ ଭବିଷ୍ୟତ

**୧୧ ବର୍ଷ ତଳେ ରାଜ୍ୟରେ ମାତ୍ର ୬୦ ଅନ୍ତର୍ଜାତୀୟ ରେଟେଡ୍ ଖେଳାଳି ଓ ୨ ଅନ୍ତର୍ଜାତୀୟ ମାଷ୍ଟର ଥିବାବେଳେ ଅଲ୍ ଓଡ଼ିଶା ଚେସ୍ ସଂଘର ଟିମ୍ ୱର୍କ ଯୋଗୁ ବର୍ତ୍ତମାନ ଏହି ସଂଖ୍ୟା ୧୦୦୦ ଅତିକ୍ରମ କରିବା ସହ ୧ ଗ୍ରାଣ୍ଡମାଷ୍ଟର, ୮ ଅନ୍ତର୍ଜାତୀୟ ମାଷ୍ଟର, ୧ ମହିଳା ଗ୍ରାଣ୍ଡ ମାଷ୍ଟର, ୨ ଫିଡେ ମାଷ୍ଟର, ୩ ମହିଳା ଫିଡେ ମାଷ୍ଟର ଓ ୨ ମହିଳା କ୍ୟାଣ୍ଡିଡେଟ୍ ମାଷ୍ଟର ସୃଷ୍ଟି ହୋଇ ପାରିଛନ୍ତି...**

## ଓଡ଼ିଶା ଚେସ୍ (ଶେଷ ଭାଗ)

ମହତ୍ ଉଦ୍ଦେଶ୍ୟ ଏବଂ ଉତ୍ସର୍ଗୀକୃତ ମନୋଭାବ କେବେ ବ୍ୟର୍ଥ ହୁଏନାହିଁ। ତାହା ହିଁ ଘଟିଛି ଓଡ଼ିଶା ରାଜ୍ୟ ଚେସ୍ ସଂଘରେ । ୧୧ ବର୍ଷ ତଳେ ରାଜ୍ୟରେ କେବଳ ୬ଟି ସ୍ୱୀକୃତିପ୍ରାପ୍ତ ଜିଲା, ମାତ୍ର ୬୦ ଅନ୍ତର୍ଜାତୀୟ ରେଟେଡ୍ ଖେଳାଳି ଓ ୨ ଜଣ ଅନ୍ତର୍ଜାତୀୟ ମାଷ୍ଟର ଥିବାବେଳେ ଅଲ୍ ଓଡ଼ିଶା ଚେସ୍ ସଂଘ(୨୦୧୦ରେ ପ୍ରତିଷ୍ଠିତ) ର ଟିମ୍ ୱର୍କ ଯୋଗୁ ବର୍ତ୍ତମାନ ଏହା ସଫଳତାର ପାରଦ ବଢ଼ି ୧ ଗ୍ରାଣ୍ଡମାଷ୍ଟର, ୮ ଅନ୍ତର୍ଜାତୀୟ ମାଷ୍ଟର, ୧ ମହିଳା ଗ୍ରାଣ୍ଡ ମାଷ୍ଟର, ୨ ଫିଡେ ମାଷ୍ଟର, ୩ ମହିଳା 'ଫିଡେ ମାଷ୍ଟର' ଓ ୨ 'ମହିଳା କ୍ୟାଣ୍ଡିଡେଟ୍' ମାଷ୍ଟର ସହ, ୨ ବିଶ୍ୱ ଚାମ୍ପିୟନ(ଏଜ୍ ଗ୍ରୁପ), ୮ ଏସୀୟ ଚାମ୍ପିୟନ, ୧୨ ରାଜ୍ୟଗୋଷ୍ଠୀ ଚେସ୍ ବିଭିନ୍ନ ବୟସବର୍ଗ ଚାମ୍ପିୟନରେ ପହଞ୍ଚିଛି। ଏହା ଛଡ଼ା ସିନିୟର ଫିଡେ ଟ୍ରେନର(ଏଫଏସଟି) ଶେଖର ସାହୁ, ସ୍ୱୟଂଶୁ ସତ୍ୟପ୍ରଜ୍ଞ, ସ୍ୱୟମ୍ଭ ମିଶ୍ର ଫିଡେ ଟ୍ରେନର (ଏଫଟି) , ୬ ଜଣ ଫିଡେ ଇନ୍‌ଷ୍ଟ୍ରକ୍ଟର(ଏଫଆଇ) ସତ୍ୟରଞ୍ଜନ ପଟ୍ଟନାୟକ, ରଞ୍ଜନ ମହାନ୍ତି, ଗୌରହରି ମହାପାତ୍ର, ଦେବାଶିଷ ଚକ୍ରବର୍ତ୍ତୀ, ଅପରାଜିତା ଗୋଚ୍ଛିକାର, ସୁବାଷ ଚନ୍ଦ୍ର ସାହୁ, ଓ ଜଣେ ନ୍ୟାଶନାଲ ଇନ୍‌ଷ୍ଟ୍ରକ୍ଟର(ଏନ୍ଆଇ) ସ୍ମାରକୀ ମହାନ୍ତି, ୩ ଅନ୍ତର୍ଜାତୀୟ ଆର୍ବିଟର(ନିହାର ରଞ୍ଜନ ସାସମଲ, ସୁରେଶ ଚନ୍ଦ୍ର ସାହୁ, ତାପସ ମହାନ୍ତି) ୮ ଫିଡେ ଆର୍ବିଟର(ଭବେଶ ମହାନ୍ତି, ସନ୍ତୋଷ ମହାପାତ୍ର, ଅପରାଜିତା ଗୋଚ୍ଛିକାର, ରଞ୍ଜନ ମହାନ୍ତି, ଜ୍ୟୋତି ପ୍ରକାଶ ନନ୍ଦ, ଗଜେନ୍ଦ୍ର ବେହେରା, ଅର୍ଘ୍ୟଅର୍ପଣ ପରିଡ଼ା, ବିଶ୍ୱଜିତା ମହାନ୍ତି(ପ୍ରଥମ ମହିଳା) ଓ ୭ ଜାତୀୟ ଚେସ୍ ଆର୍ବିଟର (ପ୍ରଦୀପ୍ତ ରଞ୍ଜନ ପଟ୍ଟନାୟକ, କେଶର ରଞ୍ଜନ ପ୍ରଧାନ, ଜି.ସି. ମହାପାତ୍ର, ସଞ୍ଜୟ ମହାପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ଓମ୍ ପ୍ରକାଶ ରଥ, ଦେବାଶିଷ ମିଶ୍ର) ଏବଂ ୧୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବୟସ ବର୍ଗର ଜାତୀୟ ଚାମ୍ପିୟନ ସୃଷ୍ଟି କରି ଓଡ଼ିଶା ଦେଶର ଅନ୍ୟତମ ଚେସ୍ ପାୱାରହାଉସ ହୋଇପାରିଛି।

ସେହିପରି ୬୦ ଅନ୍ତର୍ଜାତୀୟ ଏଲୋ ରେଟେଡ୍ ଖେଳାଳି ତାଲିକା ଏବେ ପ୍ରାୟ ୧୦୦୦ ଅତିକ୍ରମ କରିଛି। ୧୯ଟି ସ୍ୱୀକୃତିପ୍ରାପ୍ତ ଜିଲା, ୪୦୦୦ରୁ ଅଧିକ ସ୍ୱୀକୃତିପ୍ରାପ୍ତ ଖେଳାଳି ରାଜ୍ୟ ଚେସ୍ ସଂଘ ନିକଟରେ ରହିଛି। ବର୍ତ୍ତମାନ ରାଜ୍ୟରେ ଅନୁଷ୍ଠିତ ସମସ୍ତ ରାଜ୍ୟ, ଜାତୀୟ ଓ ମେଗା ଇଭେଣ୍ଟକୁ ସଫଳତାର ସହ ପରିଚାଳନା କରିବାର କ୍ଷମତା ଓଡ଼ିଶା ଚେସ୍ ସଂଘ ରଖିଛି। ଦୀର୍ଘ ୧୧ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଓଡ଼ିଶାରେ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଚେସ୍ ପ୍ରତିଯୋଗିତା ଆୟୋଜନ, ୧୨ଟି ଜାତୀୟ ସ୍ୱୀକୃତିପ୍ରାପ୍ତ ପ୍ରତିଯୋଗିତା, ଅତି ମର୍ଯ୍ୟାଦାଜନକ ବିଶ୍ୱ ଜୁନିୟର ଚେସ୍ (୨୦୧୬), ଇଣ୍ଡୋ ଚାଇନା ଦଳଗତ ଚେସ୍ (୨୦୧୮), ନ୍ୟାଶନାଲ ସିଟିଜ, ଏସିଆ ସିଟିଜ(ଦଳଗତ ଚେସ୍) ନ୍ୟାଶନାଲ ମହିଳା 'ଏ', ନ୍ୟାଶନାଲ ଦୃଷ୍ଟିହୀନ ଚେସ୍ ଏବଂ ବର୍ଷକୁ ପ୍ରାୟ ୫୦ ଲକ୍ଷ ଟଙ୍କାର ଅର୍ଥ ପୁରସ୍କାର ଓ ୩୦ରୁ ଅଧିକ ଟୁର୍ନାମେଣ୍ଟ ଆୟୋଜନ କରି ୫ଟି ମହାଦେଶର ୫୦ରୁ ଊର୍ଦ୍ଧ୍ୱ ଦେଶର ନାମୀ ଗ୍ରାଣ୍ଡମାଷ୍ଟରଙ୍କୁ ଓଡ଼ିଶାକୁ ଆକର୍ଷିତ କରିବା ଓଡ଼ିଶା ଚେସ୍‌ରେ ଏକ ପରିବର୍ତ୍ତନର ଆଭାଷକୁ ସୁଚାଉଛି।

### ଟାଇଟଲଧାରୀ

| | |
|---|---|
| ଫିଡେ ସିନିୟର ଟ୍ରେନର | : ୧ |
| ସିନିୟର ଟ୍ରେନର | : ୨ |
| ଫିଡେ ଇନ୍‌ଷ୍ଟ୍ରକ୍ଟର | : ୬ |
| ନ୍ୟାଶନାଲ ଇନ୍‌ଷ୍ଟ୍ରକ୍ଟର | : ୧ |
| ଗ୍ରାଣ୍ଡମାଷ୍ଟର | : ୧ |
| ଅନ୍ତର୍ଜାତୀୟ ମାଷ୍ଟର | : ୮ |
| ମହିଳା ଗ୍ରାଣ୍ଡମାଷ୍ଟର | : ୧ |
| ଫିଡେ ମାଷ୍ଟର | : ୨ |
| ମହିଳା ଫିଡେ ମାଷ୍ଟର | : ୩ |
| କ୍ୟାଣ୍ଡିଡେଟ ମାଷ୍ଟର | : ୨ |

## ଚେସ୍ କିମ୍ବଦନ୍ତୀ

### କେ.ଡି. ପିଲାଇ



ଓଡ଼ିଶା ଚେସ୍ ସାମ୍ରାଜ୍ୟର ଭୀଷ୍ମ ପିତାମହ ତଥା ଗ୍ରାଣ୍ଡ ଓଲ୍ଡମ୍ୟାନ କେ.ଡି. ପିଲାଇ ଅତୀତରେ ୧୧ ଥର ରାଜ୍ୟ ସିନିୟର ଚାମ୍ପିୟନ ହେବା ସହ ଜାତୀୟ ଚେସ୍‌ରେ ଓଡ଼ିଶାର ଏକକ ପ୍ରତିନିଧିତ୍ୱ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ୧୯୫୯ରେ କ୍ଷିତିଶ ଚନ୍ଦ୍ର ମିତ୍ରଙ୍କ ଉଦ୍ୟମରେ ଗଠିତ ଓଡ଼ିଶା ରାଜ୍ୟ ଚେସ୍ ସଂଘକୁ ଜଣେ ନୀରବ ସଂଗଠକ ଭାବେ ପାଣି ଛିଞ୍ଚି ବଞ୍ଚେଇବାରେ ତାଙ୍କର ଅବିରାମ ଅବଦାନ ରହିଥିଲା । ୧୯୩୫ରେ ଜନ୍ମିତ କେ.ଡି. ବର୍ତ୍ତମାନ ସେ ଆମ ଗହଣରେ ନାହାନ୍ତି ସତ, ମାତ୍ର ଓଡ଼ିଶା ଚେସ୍ ପାଇଁ ତାଙ୍କ ଅବଦାନ ପ୍ରଣିଧାନଯୋଗ୍ୟ। ୨୦୨୭ ତାଙ୍କର ସର୍ବୋଚ୍ଚ ରେଟିଂ ଥିଲା। ପି.ଏମ୍. ମହାନ୍ତିଙ୍କ ପରେ ଦ୍ୱିତୀୟ ସର୍ବାଧିକ ୧୧ ଥର ରାଜ୍ୟ ସିନିୟର ଚେସ୍ ଚାମ୍ପିୟନ ହୋଇଥିବା ପିଲାଇ ୧୯୬୮ରେ ପାଇଥିଲେ ସବୁଠାରୁ ବଡ ସଫଳତା ଏସ୍.କେ. ବୈଦ୍ୟ ସ୍ମାରକୀ ପ୍ରତିଯୋଗିତାରେ ୯ ରାଉଣ୍ଡରୁ ୮ ପଏଣ୍ଟ ହାସଲକରି ସେ ଜାତୀୟ ସ୍ତରରେ ପ୍ରଥମ ଚାମ୍ପିୟନ୍ ହୋଇ ୪୦୦ ଟଙ୍କା ପୁରସ୍କାର ପାଇଥିଲେ ।

### ପବିତ୍ର ମୋହନ ମହାନ୍ତି



ଜଣେ ଭିନ୍ନ ଧରଣର କୁଶଳୀ ଖେଳାଳି ଭାବରେ ଜାତୀୟ ସ୍ତରରେ ବେଶ୍ ସୁପରିଚିତ ପବିତ୍ର ମୋହନ ମହାନ୍ତି ୧୯୭୯(ହାଇଦ୍ରାବାଦ) ଓ ୧୯୮୧(କାନପୁର)ରେ ଜାତୀୟ 'ବି' ଚାମ୍ପିୟନ ହେବା ସହ ଜାତୀୟ 'ଏ'(୧୯୮୩)ରେ ରନର୍ସ ଅପ୍ ହୋଇ ରାଜ୍ୟ ପାଇଁ ସଫଳତାର ଏକ ନୂଆ ଯୁଗର ସୂତ୍ରପାତ କରିଥିଲେ। ୧୯୫୨ ନଭେମ୍ବର ୧୩ରେ ଜନ୍ମିତ ପବିତ୍ର ମୋହନ ବିରଳ ରେକର୍ଡ ୧୬ ଥର (୧୯୭୭ରୁ ୨୦୦୨)ଓଡ଼ିଶା ରାଜ୍ୟ ସିନିୟର ଚେସ୍ ଚାମ୍ପିୟନ ଏବଂ ଦେଶର ଜଣେ ପ୍ରତିଷ୍ଠିତ ଏଣ୍ଡ ଗେମ୍ ଚେସ୍ ବିଶାରଦ ଭାବେ ବେଶ୍ ସୁପରିଚିତ । ସେ ମର୍ଯ୍ୟାଦା ଜନକ ଜାତୀୟ 'ଏ' ଚେସ୍‌କୁ ୮ ଥର ମନୋନୀତ ହୋଇଥିଲେ। ରାଉରକେଲାରେ ଅନେକ ପ୍ରତିଷ୍ଠିତ ଚେସ୍ ଖେଳାଳିଙ୍କ ଶିକ୍ଷା ତାଙ୍କ ଘରୁ ଆରମ୍ଭ ହୋଇଥିଲା। ଚେସ୍ ଖେଳ ପାଇଁ ୧୯୭୧ରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ନିଜର ଜୀବିକା ଜୀବନ ଆରମ୍ଭ କରିଥିବା ପି.ଏମ୍. ମହାନ୍ତି ୨୦୧୭ ମେ ୫ରେ ମୃତ୍ୟୁବରଣ କରିଥିଲେ ମଧ୍ୟ ଅନ୍ତର୍ଜାତୀୟ ମାଷ୍ଟର ଉତ୍କଳ ରଞ୍ଜନ ସାହୁ ଓ ରାଉରକେଲାର ଅନେକ ଦକ୍ଷ ଖେଳାଳିଙ୍କ କୋଚ୍ ଭାବେ ଅମ୍ଳାନ ତାରକା ଭଳି ଝଟକୁଛନ୍ତି ଓ ପିଲା ତାଙ୍କୁ ଝୁରୁଛନ୍ତି ।

### କ୍ୱାଲିଟି ଖେଳାଳି

### ମାନସ ରଞ୍ଜନ ପରିଡ଼ା

ରାଜ୍ୟ ଚେସ୍‌ରେ ଜଣେ କ୍ୱାଲିଟି ଖେଳାଳିଭାବେ ପରିଚିତ ମାନସ ରଞ୍ଜନ ପରିଡ଼ା ୧୯୯୧ରେ ରାଜ୍ୟ ସିନିୟର ଚାମ୍ପିୟନ ଓ ୧୯୯୨ରେ ରାଜ୍ୟ ୨୫ ବର୍ଷରୁ କମ୍ ଚାମ୍ପିୟନ ହୋଇଥିଲେ। ୧୯୮୭ରୁ ୧୯୮୯ ଉତ୍କଳ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ଥିଲେ। ୪ ଥର ସେ ଓଡ଼ିଶାରୁ ଜାତୀୟ 'ବି' ଚେସ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ସେ ୧୯୮୪ରୁ ୮୬ ମଧ୍ୟରେ ୨ ଥର ଜାତୀୟ ଜୁନିୟର ଚେସ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ୧୯୮୨ ଓ ୧୯୮୩ରେ ସେ ଜାତୀୟ ସବ୍‌ଜୁନିୟର ମଧ୍ୟ ଖେଳିଛନ୍ତି।



ମାନସ ରଞ୍ଜନ ପରିଡ଼ା

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ(ଓସ୍କା) ଆନୁକୂଲ୍ୟରେ ଆୟୋଜିତ ମାଖନଲାଲ ହାଲଦାର ଚେସ୍, ଭୁବନେଶ୍ୱର ଓପନ ଏବଂ ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବ ଚେସ୍‌ରେ ସେ ଅନେକଥର ଚାମ୍ପିୟନ ହୋଇଛନ୍ତି। ରାଜ୍ୟ ସରକାରଙ୍କ ୱାଟର ରିସର୍ଚ୍ଚ ଡିପାର୍ଟମେଣ୍ଟରେ ଜଣେ ସିଭିଲ ଇଞ୍ଜିନିୟରଭାବେ କାର୍ଯ୍ୟରତ ମାନସ ଏବେ ଖେଳାଳିମାନଙ୍କୁ କୋଚିଂ ଦେବା ଜାରି ରଖିଛନ୍ତି। ୧୯୮୦ରୁ ୯୦ ଦଶକରେ ସେ ବହୁ ଚର୍ଚ୍ଚିତ ଖେଳାଳି ଥିଲେ। ତାଙ୍କ ସମୟରେ ବ୍ରହ୍ମପୁରର ପି.କେ. ସାବତ ଓ ପୁରୀର ସୁବାସ ଚନ୍ଦ୍ର ସାହୁ ମଧ୍ୟ ବେଶ୍ ଚର୍ଚ୍ଚାରେ ରହିଥିଲେ।

### ଗାର୍ଗି ମହାପାତ୍ର

୧୯୮୨ରେ ଓଡ଼ିଶାର ସର୍ବପ୍ରଥମ ଜାତୀୟ 'ବି' ମହିଳା ଚାମ୍ପିୟନ ହୋଇ ଓଡ଼ିଶାର ଗୌରବ ବଢ଼ାଇଥିବା ଗାର୍ଗି ମହାପାତ୍ର ଚେସ୍‌ରେ ଜଣେ ବିସ୍ମୟ ବାଳିକା ଥିଲେ। ୧୯୭୯,୮୦,୮୧ରେ କ୍ରମାଗତ ୩ ଥର ପାଇଁ ରାଜ୍ୟ ମହିଳା ଚାମ୍ପିୟନ ମୁକୁଟ ପିନ୍ଧିଥିଲେ।

### ସାଇ ମୀରା ରବି

ଓଡ଼ିଆ ଝିଅ ସାଇମୀରା ବିବାହ କରିଛନ୍ତି ତାମିଲନାଡୁରେ । ସାଇ ମୀରା ଚେସ୍‌ରେ ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବଲ୍ୟୁଆଇଏମ) ଟାଇଟଲ ଧାରୀ। ତାଙ୍କ ସ୍ୱାମୀ ଟି.ଏସ. ରବି ଅନ୍ତର୍ଜାତୀୟ ମାଷ୍ଟର(ଆଇଏମ୍)। ତାଙ୍କ ଝିଅ ରକ୍ଷିତା ରବି ମଧ୍ୟ ମହିଳା ଅନ୍ତର୍ଜାତୀୟ ମାଷ୍ଟର। ସେ ନ୍ୟାଶନାଲ ଚାମ୍ପିୟନ ଏବଂ ୱାର୍ଲ୍ଡ ୟୁଥ୍ ମେଡାଲିଷ୍ଟ। କୌଣସି ପରିବାରରେ ମା, ବାପା ଓ ସନ୍ତାନ ଆଇଏମ୍ ହେବା ଭାରତରେ ଏହା ପ୍ରଥମ ଦୃଷ୍ଟାନ୍ତ। ଚେସ୍ ପାଇଁ ଇଣ୍ଡିଆନ ଅଏଲରେ ଚାକିରି ପାଇଥିବା ସାଇ ମୀରା ନ୍ୟାଶନାଲ ସିନିୟର ମହିଳା ଚାମ୍ପିୟନ ଏବଂ ଜୁନିୟର ଚାମ୍ପିୟନ। ଏବେ ଚାକିରି ଛାଡ଼ି ଝିଅର ଚେସ୍ ଭବିଷ୍ୟତ ଗଢ଼ିବା ଉପରେ ସେ ମନୋନିବେଶ କରିଛନ୍ତି।



ସାଇ ମୀରା ରବି

### ଚେସ୍‌ରୁ ଡାକ୍ତର



ସୌମ୍ୟଦର୍ଶନ ନାୟକ ୧୯୯୮ରେ ରାଜ୍ୟ ଜୁନିୟର ଚେସ୍ ପ୍ରତିଯୋଗିତାରେ ସ୍ୱୟଂଶୁ ସତ୍ୟପ୍ରଜ୍ଞଙ୍କ ପଛକୁ ରହି ରନର୍ସଅପ୍ ହୋଇଥିଲେ। ସେ ଜାତୀୟ ଚେସ୍‌ରେ ଅନେକଥର ଓଡ଼ିଶାରୁ ପ୍ରତିନିଧିତ୍ୱ କରିଛନ୍ତି। ସେ ଜଣେ ଉତ୍ତମ ଖେଳାଳି ସହ ମେଧାବୀ ଛାତ୍ରଭାବେ ମଧ୍ୟ ପରିଚିତ ଥିଲେ। ଏକା ସାଙ୍ଗରେ ସେ ମେଡିକାଲ ଓ ଇଞ୍ଜିନିୟରିଂ ପାଇଥିଲେ। ଡାକ୍ତରୀକୁ ଜୀବିକାଭାବେ ଆପଣେଇ ନେଇଥିବା ସୌମ୍ୟଦର୍ଶନ ଏବେ ଏସସିବି ମେଡିକାଲ କଲେଜରେ ଆସିଷ୍ଟାଣ୍ଟ ପ୍ରଫେସରଭାବେ କାର୍ଯ୍ୟରତ। ଅଷ୍ଟ୍ରେଲିଆ ଓ ଜର୍ମାନୀରେ ସେ ଅନେକଥର କନ୍‌ଫରେନ୍ସରେ ଯୋଗ ଦେଇଛନ୍ତି। ସେ ଅଷ୍ଟ୍ରେଲିଆରେ ନ୍ୟୁରୋରେ ଫିଲୋସଫି କରିଛନ୍ତି।

**–ସତ୍ୟରଞ୍ଜନ ପଟ୍ଟନାୟକ**

---

## ସମ୍ବାଦ

ମିଡ୍-ଅନ୍‌କୁ ଶହେ ଏଗାର ମିଟର
ଛକା ମାରି ଧୋନୀ ଟୋକା
ଆଇପିଏଲରେ ଉମେଶ ଯାଦବ
ବୋଲର ବିଚରା ବୋକା
ଓମାନ ଓ ଆମେରିକା
ଅନ୍ତର୍ଜାତୀୟ ୱାନ୍‌ଡେ ଖେଳିବାକୁ
ମାନ୍ୟତା ମିଳିଲା ପକ୍କା।
ଫୁଟବଲ ଦକ୍ଷତା କ୍ରିକେଟ ବିକାଶ
ଶିବିର ଖରାରେ ଜଟି
ଖରା କାଟିବାରୁ ରାଜ୍ୟ ସରକାର
କରିଦେଲେ ସ୍କୁଲ ଛୁଟି
ରାଜନୀତି ପାଇଁ ବେଟୀ
ପିଲା ଭବିଷ୍ୟତ ଅନ୍ଧକାରମୟ
ଶିକ୍ଷା ମାନ ଏଠି ମାଟି।
ବିଦେଶେ ଓଡ଼ିଆ ଝିଅଙ୍କ କମାଲ
ଚାନ୍ଦ ଆମ ଦୂତୀ, ଝିଲ୍ଲୀ



ଦୌଡ଼ ସହ ଭାରୋତ୍ତୋଳନରେ ଜିତିକି
ବ୍ରୋଞ୍ଜ, ରୁପା ପାଇ ନାଲି
ଆଜି କାମ ଏବେ ମିଳି
ଯେ କରେ ସେ ଜିତେ, ହାରେ ଅଳସୁଆ
ଭାବି ଭାବି ହେବ କାଲି।

**–ସୁବାସ ଚନ୍ଦ୍ର ପ୍ରଧାନ**

## ସମର କ୍ରିକେଟ

**• ଆମ ରାଜ୍ୟରେ କ୍ରିକେଟର ବିକାଶରେ କ୍ଲବଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ୩ଟି ଫର୍ମାଟରେ ମ୍ୟାଚ ଆୟୋଜନ କରିବା ସହ ସମର କ୍ୟାମ୍ପ ମାଧ୍ୟମରେ କ୍ରିକେଟ ପ୍ରତିଭାଙ୍କୁ ଆଗକୁ ବଢ଼ିବାରେ ବିଶେଷ ସହାୟକ ହେଉଛନ୍ତି...**

ବିଶ୍ୱରେ କ୍ରିକେଟର ଲୋକପ୍ରିୟତା କ୍ରମେ ବଢ଼ିବାରେ ଲାଗିଛି। ପୂର୍ବରୁ କ୍ରିକେଟ୍ ଖେଳୁ ନ ଥିବା ଦେଶଗୁଡିକ ମଧ୍ୟ ଏବେ ଏଥିପ୍ରତି କ୍ରମେ ଆଗ୍ରହ ଦେଖାଉଥିବା ପରିଲକ୍ଷିତ ହୋଇଛି। ଫଳରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ୍ (ଆଇସିସି)ର କଳେବର ବୃଦ୍ଧିପାଇଛି। ଏହା ଗେମ୍ ପାଇଁ ବେଶ୍ ଶୁଭସୂଚକ। ଏବେ ବିଶ୍ୱରେ ଅନ୍ୟ ଲୋକପ୍ରିୟ ଖେଳ ତୁଳନାରେ କ୍ରିକେଟ ଅଧିକ ଦିନଧରି ଖେଳାଯାଉଛି ଏବଂ ଏବେ ଏହାର ଫର୍ମାଟ ମଧ୍ୟ ବଢ଼ିବାରେ ଲାଗିଛି। ଆମ ଦେଶ ଏବଂ ରାଜ୍ୟରେ ଏହି ଖେଳ ଯୁବପିଢ଼ିକୁ ବେଶ ଆକୃଷ୍ଟ କରିଛି। ସ୍କୁଲ, କଲେଜଠାରୁ ଆରମ୍ଭ କରି ଗାଁରୁ ସହର ପର୍ଯ୍ୟନ୍ତ ଏହା ବେଶ୍ ଲୋକପ୍ରିୟ ହୋଇପାରିଛି। ପୂର୍ବରୁ କ୍ରିକେଟ ମୁଖ୍ୟତଃ ଶୀତଋତୁରେ ଖେଳାଯାଉଥିଲା। ମାତ୍ର ଏବେ ବର୍ଷର ସବୁ ଋତୁରେ ଖେଳାଯିବା ଏହାର ଲୋକପ୍ରିୟତାକୁ ଦର୍ଶାଉଛି।

ଆମ ରାଜ୍ୟରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ହେଉଛି ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ (ଓସିଏ)। ବିସିସିଆଇ ତତ୍ତ୍ୱାବଧାନରେ ପ୍ରତିବର୍ଷ ଅନୁଦାନ ମାଧ୍ୟମରେ ତୃଣମୂଳ ସ୍ତରରୁ କ୍ରିକେଟ୍‌ର ବିକାଶ କରିବା ସହିତ ବିଭିନ୍ନ ବର୍ଗର ଟୁର୍ନାମେଣ୍ଟ ଆୟୋଜନ କରି ଏହା ଯୁବଖେଳାଳି ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଓସିଏ ବ୍ୟତୀତ ଆମ ରାଜ୍ୟର ଜିଲା ଗୁଡ଼ିକରେ ଥିବା କ୍ଲବ ଗୁଡ଼ିକ ମଧ୍ୟ ନିଜସ୍ୱ ଉଦ୍ୟମରେ ବର୍ଷର ବିଭିନ୍ନ ସମୟରେ ଟୁର୍ନାମେଣ୍ଟମାନ ଆୟୋଜନ କରି ଲୁଚ୍ଛାୟିତା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ସହାୟକ ହୋଇଥାନ୍ତି। କ୍ରିକେଟ୍‌ର ୩ଟି ଫର୍ମାଟରେ ମ୍ୟାଚ ଆୟୋଜନ କରିବା ସହ ସମର କ୍ୟାମ୍ପ ମାଧ୍ୟମରେ କ୍ରିକେଟ ପ୍ରତିଭାଙ୍କୁ ଆଗକୁ ବଢ଼ିବାରେ ବିଶେଷ ସହାୟକ ହେଉଛନ୍ତି। ଲୋଧା କମିଟିର କଟକଣା ଯୋଗୁ ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ ବ୍ୟାପକ ଅସୁବିଧାର ସମ୍ମୁଖୀନ ହୋଇଥିବାବେଳେ ରାଜ୍ୟ କ୍ରିକେଟ୍ ମଧ୍ୟ ଅନେକ ସମସ୍ୟା ଦେଇ ଗତି କରୁଛି। ଉପଯୁକ୍ତ ଅଭ୍ୟାସ ନ ପାଇବା ଯୋଗୁ ଏବଂ ଓସିଏ ଦ୍ୱାରା ପରିଚାଳିତ ସମସ୍ତ ବର୍ଗର ଟୁର୍ନାମେଣ୍ଟ ବାଧାପ୍ରାପ୍ତ ହେବା ଯୋଗୁ ବିସିସିଆଇ ଘରୋଇ ଟୁର୍ନାମେଣ୍ଟ ଗୁଡ଼ିକରେ ଓଡ଼ିଶାର ପ୍ରଦର୍ଶନ ଆଖିଦୃଶିଆ ହୋଇ ପାରୁନାହିଁ। ଯାହାକି ରାଜ୍ୟ କ୍ରିକେଟ୍ ପାଇଁ ବେଶ ଚିନ୍ତାର କାରଣ ହୋଇଛି।

ଗତ କିଛିବର୍ଷହେବ କ୍ରିକେଟରେ ଆମ ରାଜ୍ୟ ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ରାଜ୍ୟ କ୍ରିକେଟ୍‌ର ଭାଗ୍ୟ ବର୍ତ୍ତମାନ ପ୍ରତିଷ୍ଠିତ କ୍ଲବ ଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ହେଉଛି କହିଲେ ଚଳେ। କ୍ଲବ ଗୁଡ଼ିକ ବିଭିନ୍ନ ସମୟରେ ଟୁର୍ନାମେଣ୍ଟମାନ ଆୟୋଜନ କରୁଛନ୍ତି। କ୍ଲବ ଟୁର୍ନାମେଣ୍ଟ ଆୟୋଜନ କରିବାରେ ସମ୍ବଲପୁର, ବାଲେଶ୍ୱର, କେନ୍ଦୁଝର, ଭୁବନେଶ୍ୱର, ପୁରୀ, ଯାଜପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, ଭଦ୍ରକ, ରାଉରକେଲା, ବ୍ରହ୍ମପୁର, ବୌଦ୍ଧ, ଝାରସୁଗୁଡା, ନୂଆପଡା, ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି, ତଥାପି ସେମାନଙ୍କର ଅନେକ ସମସ୍ୟା ରହିଛି। କଟକ, ଭୁବନେଶ୍ୱରକୁ ଛାଡିଦେଲେ ରାଜ୍ୟର ଅନ୍ୟ ସ୍ଥାନରେ ପର୍ଯ୍ୟାପ୍ତ ପରିମାଣରେ ଟର୍ଫ ଉଇକେଟ୍ ନ ଥିବାରୁ ଏହା କ୍ୱାଲିଟି ଟୁର୍ନାମେଣ୍ଟ ଆୟୋଜନରେ ସମସ୍ୟା ସୃଷ୍ଟି କରୁଛି। କ୍ଲବଗୁଡିକ ସମର କ୍ରିକେଟ୍ ପ୍ରତି ଆଗ୍ରହ ପ୍ରକାଶ କରିବା ବେଶ୍ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ କ୍ରିକେଟ୍‌କୁ ଭବିଷ୍ୟତ କରିବା ପାଇଁ ସ୍ୱପ୍ନ ଦେଖୁଥିବା ଯୁବଖେଳାଳିମାନେ କଟକ, ଭୁବନେଶ୍ୱର ପରି ନାମୀ କ୍ଲବଗୁଡିକରେ ଯୋଗଦେଇ ଭାଗ୍ୟ ପରୀକ୍ଷା କରୁଥିବା ଦେଖାଯାଉଛି। ଚଳିତ ବର୍ଷ ରାଜ୍ୟର ଅନ୍ୟତମ ଅଗ୍ରଣୀ ଏବଂ ପୁରାତନ କ୍ଲବ ପାରାମାଉଣ୍ଟ ଦ୍ୱାରା ଆୟୋଜିତ ୧୫ ବର୍ଷରୁ କମ୍ ଟୁର୍ନାମେଣ୍ଟ, ଓସ୍କାର କ୍ଲବ ଦ୍ୱାରା ଆୟୋଜିତ ୧୪ ବର୍ଷରୁ କମ୍ ଟୁର୍ନାମେଣ୍ଟ ଏବଂ ସହିଦ ସ୍ପୋର୍ଟିଂ ବିଭିନ୍ନ କ୍ଲବମାନଙ୍କୁ ନେଇ ଜୁନିୟର ଟୁର୍ନାମେଣ୍ଟ ଆୟୋଜନ କରିବା ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା। କଟକର ୟୁନିୟନ ସ୍ପୋର୍ଟିଂ ଦ୍ୱାରା ଆୟୋଜିତ ୧୬ ବର୍ଷରୁ କମ୍ ଟୁର୍ନାମେଣ୍ଟ ବେଶ୍ ଲୋକପ୍ରିୟତା ହାସଲ କରିଛି। ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍‌କ୍ଲବ ପକ୍ଷରୁ ମୂଳା ପଡ଼ିଆରେ ଚାଲିଥିବା କ୍ରିକେଟ ଦକ୍ଷତା ବିକାଶ ଶିବିର ମଧ୍ୟ ବେଶ୍ ଉପାଦେୟ ହୋଇଛି। ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) କୋଚ୍ ମୀର ସୟଦଉଦ୍ଦିନ ଓ ସନ୍ଦୀପ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ ବୟସ ବର୍ଗରେ ଏହି ଶିବିର ପିଲାମାନଙ୍କୁ ଖେଳର ମୌଳିକତା ଜ୍ଞାନ ବଢ଼ାଇବାରେ ବେଶ୍ ସହାୟକ ହୋଇପାରିଛି।

ରାଜ୍ୟର ପ୍ରାୟ ସମସ୍ତ ଜିଲାରେ ଟି୨୦ ଟୁର୍ନାମେଣ୍ଟ ବେଶ୍ ଲୋକପ୍ରିୟତା ହାସଲ କରିଛି। ସମର କ୍ରିକେଟର ମଧ୍ୟ ଚାହିଦା ବଢ଼ିଛି। କ୍ରିକେଟ୍‌ର ସଂକ୍ଷିପ୍ତ ଫର୍ମାଟ ଟୁର୍ନାମେଣ୍ଟ ରାତ୍ରି ସମୟରେ ଧଳାବଲ୍‌ରେ ଖେଳାଯାଉଥିବାରୁ ଯୁବ ଖେଳାଳିଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନରେ ସହାୟକ ହୋଇଛି। ଟୁର୍ନାମେଣ୍ଟ ଆୟୋଜନ କରି ଓଡ଼ିଶା କ୍ରିକେଟ୍‌କୁ ଆଗେଇ ନେବାପାଇଁ କ୍ଲବ ଗୁଡ଼ିକର ଉଦ୍ୟମ ନିଶ୍ଚିତ ପ୍ରଶଂସନୀୟ। ବିସିସିଆଇ ଏବଂ ଲୋଧା କମିଟିର କଟକଣା ଯୋଗୁ ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛି ତାହା ଶୀଘ୍ର ଦୂରହେଲେ ରାଜ୍ୟ କ୍ରିକେଟ୍‌ର ବିଶେଷ ଅଗ୍ରଗତି ହୋଇପାରିବ। ରାଜ୍ୟର ଶକ୍ତିଶାଳୀ କ୍ଲବ ଗୁଡ଼ିକର ପୁନର୍ଗଠନ ହେବା ଏବଂ ଯୁବ ଖେଳାଳିମାନଙ୍କୁ ଉପଯୁକ୍ତ ସୁଯୋଗ ଦେବା, ରାଜ୍ୟ କ୍ରିକେଟ୍ ଆସୋସିଏଶନ୍ ଦ୍ୱାରା ଗଢି ଉଠିଥିବା କ୍ରିକେଟ୍ ଏକାଡେମୀ ଯୁବ ଖେଳାଳିମାନଙ୍କୁ ଚିହ୍ନଟ କରି ଉପଯୁକ୍ତ ତାଲିମ ମାଧ୍ୟମରେ ଜାତୀୟ ଦଳରେ ସ୍ଥାନ ଦେବା ପାଇଁ ସୁଯୋଗ ସୃଷ୍ଟି କରିବାର ସମୟ ଉପନୀତ ହୋଇଛି। ଅନ୍ତର୍ଜାତୀୟ ଖେଳାଳି ବାହାର କରିବାରେ ଆମେ ଏବେ ବହୁ ପଛରେ ପଡ଼ିଯାଇଛୁ। ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ଖେଳାଳି ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଆସିବା ଆବଶ୍ୟକ। ଯଦିଓ ଚଳିତ ସିଜନ୍‌ରେ ଅନେକ ଯୁବଖେଳାଳୀ ବିଭିନ୍ନ ବର୍ଗରେ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିଥିଲେ ତଥାପି ସେମାନଙ୍କର ପ୍ରଦର୍ଶନରେ ସ୍ଥିରତା ନ ରହିବା ରାଜ୍ୟ ଆସୋସିଏଶନ୍ ପାଇଁ ଚିନ୍ତାର କାରଣ ହୋଇଛି। ରାଜ୍ୟ କ୍ରିକେଟ୍ ବର୍ତ୍ତମାନ ଯେଉଁ ସମସ୍ୟା ମଧ୍ୟରେ ଗତି କରୁଛି ତାର ଶୀଘ୍ର ସମାଧାନ ନ ହେଲେ ଏବଂ କ୍ଲବଗୁଡିକ ସହିତ ଉପଯୁକ୍ତ ସମନ୍ୱୟ ନ ରହିଲେ ଆମେ ଅନ୍ୟ ରାଜ୍ୟ ତୁଳନାରେ ସେମିତି ପଛରେ ପଡ଼ିବା ଆଶଙ୍କା ରହିଛି। ସମର କ୍ରିକେଟ୍ ଦ୍ୱାରା ଅଫ୍ ସିଜନରେ ମଧ୍ୟ ବ୍ୟାପକ ଅଭ୍ୟାସ ସୁଯୋଗ ସୃଷ୍ଟି ହେଉଛି। ପରୀକ୍ଷା ଜନିତ ଚାପର କୌଣସି ଭୟ ନାହିଁ, ଫଳରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ବିଭିନ୍ନ କ୍ଲବମାନଙ୍କ ଦ୍ୱାରା ଆୟୋଜିତ କ୍ୟାମ୍ପ ଏବଂ ଟୁର୍ନାମେଣ୍ଟଗୁଡିକରେ ଭାଗ ନେବାକୁ ଉତ୍ସାହିତ କରିବା ସହିତ ସେମାନଙ୍କର ଖେଳକୁ ଉପଭୋଗ କରିବାର ସୁଯୋଗ ପାଉଛନ୍ତି।



ଟାଉନ୍ କ୍ଲବ ପଡିଆରେ କ୍ରିକେଟ ଦକ୍ଷତା ବିକାଶ ଶିବିର।

**–ନିର୍ମଳ କୁମାର ମିଶ୍ର**

ଫିନଟେକ୍ କମ୍ପାନୀଙ୍କ ଆର୍ଥିକ ବଜାରରେ ଉପସ୍ଥିତି ବୃଦ୍ଧି ଯୋଗୁ ରିଜର୍ଭ ବ୍ୟାଙ୍କ ଏହାର ନଜର ରଖିବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରୁଛି।

–ଶକ୍ତିକାନ୍ତ ଦାସ, ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର



ବାୟୋଲଜିକ୍ସ ଏବଂ ରିସର୍ଚ୍ଚ ସର୍ଭିସ ବିଜନେସରେ ବାୟୋକନ ଭଲ ଅଭିବୃଦ୍ଧି ହାସଲ କରିଛି। ଫଳରେ କମ୍ପାନୀର ଲାଭ ବୃଦ୍ଧି ପାଇଛି।

– କିରଣ ମଜୁମଦାର ସ’, ଅଧ୍ୟକ୍ଷ ତଥା ଏମ୍‌ଡି, ବାୟୋକନ



■ ଚିପ୍ସରେ ବ୍ୟବହୃତ ଆଳୁ କିସମ ଚାଷ

# ଚାଷୀଙ୍କୁ ଅଦାଲତକୁ ଟାଣିଲା ପେପ୍ସିକୋ

ନୂଆଦିଲ୍ଲୀ,୨୫-୪



- ଗୁଜରାଟର ୯ ଚାଷୀଙ୍କ ବିରୋଧରେ କମ୍ପାନୀର ମାମଲା
- ପେପ୍ସିକୋର ଜୁଲମ ବିରୋଧରେ ଏକାଠି ହେଲେ ଚାଷୀ ସଂଗଠନ
- ସରକାରଙ୍କ ହସ୍ତକ୍ଷେପ ଲୋଡି ଲେଖାଗଲା ପତ୍ର
- ଆଜି ପରବର୍ତ୍ତୀ ଶୁଣାଣି

ଆଳୁ ଚାଷ କରି ଏବେ ଗୁଜରାଟର ୯ ଜଣ ଚାଷୀ ଅଡୁଆରେ ପଡିଯାଇଛନ୍ତି। ସେମାନଙ୍କୁ ଏବେ ଅଦାଲତଙ୍କ ଚକ୍କର କାଟିବାକୁ ପଡୁଛି। ସେମାନେ ସ୍ୱତନ୍ତ୍ର କିସମର ଆଳୁ ଏଫ୍ଏଲ୍-୨୦୨୭ ଚାଷ କରିବା କାରଣରୁ ଅଦାଲତ ଦୌଡିବାକୁ ବାଧ୍ୟ ହେଉଛନ୍ତି। ପେପ୍ସି ଏବଂ ଲେଜ୍ ଚିପ୍ସ ତିଆରି କରୁଥିବା କମ୍ପାନୀ ପେପ୍ସିକୋ ଇଣ୍ଡିଆ ଗୁଜରାଟର ସେହି ୯ ଜଣ ଚାଷୀଙ୍କ ବିରୋଧରେ ଉକ୍ତ ଆଳୁ କିସମ ବ୍ୟବହାର କରିବା ଏବଂ ଆଳୁ ବିକ୍ରି କରିବା ଅଭିଯୋଗ ଆଣି ମାମଲା ଦାଏର କରିବା ସହ ପ୍ରତ୍ୟେକ ୧.୦୫ କୋଟି ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଦାବି କରିଛି। ଏହା ଜଣାପଡିବା ପରେ ଚାଷୀ ସଂଗଠନଗୁଡ଼ିକ କମ୍ପାନୀ ବିରୋଧରେ ବଡ଼ ଧରଣର ଅଭିଯାନ ଆରମ୍ଭ କରିଛନ୍ତି।

ଗୁଜରାଟର ସେହି ୯ ଜଣ ଚାଷୀ ଯେଉଁ ଆଳୁ ଉତ୍ପାଦନ କରୁଛନ୍ତି, ତା’ର ଏକମାତ୍ର ଅଧିକାର କେବଳ କମ୍ପାନୀ ନିକଟରେ ରହିଛି ବୋଲି ପେପ୍ସିକୋ ଯୁକ୍ତି ଦର୍ଶାଇଛି। ଏହି ସ୍ୱତନ୍ତ୍ର ଧରଣର ଆଳୁକୁ କମ୍ପାନୀ ଲେଜ୍ ବ୍ରାଣ୍ଡର ଚିପ୍ସ ତିଆରିରେ ବ୍ୟବହାର କରୁଛି ବୋଲି ଦର୍ଶାଇଛି। ଏହି ଘଟଣା ଜଣାପଡିବା ପରେ ଏବେ ସାରା ଦେଶରେ ଚାଷୀଙ୍କ ମଧ୍ୟରେ ପେପ୍ସିକୋ ବିରୋଧରେ ବିରୋଧର ସ୍ୱର ଉଠିଛି। ଚାଷୀଙ୍କ ଅଧିକାର ପାଇଁ କାମ କରୁଥିବା ଏନ୍‌ଜିଓ ଓ ଗୋଷ୍ଠୀ ଏବଂ ବ୍ୟକ୍ତିବିଶେଷଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖାଯାଇ ହସ୍ତକ୍ଷେପ ପାଇଁ ଅନୁରୋଧ କରାଯାଇଛି। ଏହି ପତ୍ରରେ ୧୯୨ ଜଣ ସ୍ୱାକ୍ଷର କରିଥିବାରୁ ଏହାର ଗୁରୁତ୍ୱ କେତେ ତାହା ସହଜେ ଅନୁମେୟ। ଏହି ୧୯୨ ଲୋକଙ୍କ ସ୍ୱାକ୍ଷରରେ ଲିଖିତ ପତ୍ର ପ୍ରୋଟେକ୍ସନ ଅଫ୍ ପ୍ଲାଣ୍ଟ ଭେରାଇଟିଜ ଆଣ୍ଡ ଫାର୍ମର୍ସ ରାଇଟ୍ସ (ପିପିଭିଆଣ୍ଡଏଫ୍ଆର୍)ର ଅଧ୍ୟକ୍ଷ ଏବଂ ରେଜିଷ୍ଟ୍ରାରଙ୍କ ନିକଟକୁ ପଠାଯାଇଛି। କେନ୍ଦ୍ର କୃଷି ଏବଂ ଚାଷୀ କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଏହି ପିପିଭିଆଣ୍ଡଏଫ୍ଆର୍ କାର୍ଯ୍ୟ କରିଥାଏ। କୌଣସି ଘରୋଇ କମ୍ପାନୀ ଚାଷୀ ଏବଂ ଜିଲା କୃଷି କାର୍ଯ୍ୟାଳୟ ବିନାନୁମତିରେ ଖେତରେ ପ୍ରବେଶ କରିପାରିବେ ନାହିଁ ଜଣାଇ ସରକାର ଏକ ବିଜ୍ଞପ୍ତି ପ୍ରକାଶ କରିବାକୁ ପତ୍ରରେ ଦାବି କରାଯାଇଛି। ପତ୍ରରେ ଦର୍ଶାଯାଇଛି ଯେ, ଏହି ମାମଲା ଦେଶର ଚାଷୀମାନଙ୍କ ବିରୋଧରେ ଏକ ଉଦାହରଣ ହେବାକୁ ଯାଉଛି। ଏହାଦ୍ୱାରା ଚାଷ ଉପରେ ଅଙ୍କୁଶ ଲାଗିଯିବ। ମଲ୍ଟି ନ୍ୟାଶନାଲ କମ୍ପାନୀଗୁଡ଼ିକ ଚାଷକୁ ନିଜ ନିୟନ୍ତ୍ରଣକୁ ନେଇଯିବେ,ଯାହା ଆଦୌ ଗ୍ରହଣୀୟ ନୁହେଁ। ନିୟମ ଦୃଷ୍ଟିରୁ ପଞ୍ଜୀକୃତ ବ୍ୟତୀତ ଚାଷୀ ଯେକୌଣସି ବିହନ ଓ ମଞ୍ଜିକୁ ବ୍ୟବହାର କରିପାରିବେ। ପିପିଭିଆଣ୍ଡଏଫ୍ଆର ସମ୍ପୃକ୍ତ ଚାଷୀଙ୍କ ସପକ୍ଷରେ ଅଦାଲତରେ ମାମଲା ଲଢ଼ିବାକୁ ପତ୍ରରେ ଅନୁରୋଧ କରାଯାଇଛି। ନ୍ୟାଶନାଲ ଜିନ୍ ପାଣ୍ଠିରୁ ଉକ୍ତ ଚାଷୀଙ୍କ ଅଦାଲତ ଖର୍ଚ୍ଚ ବହନ କରିବାକୁ କୁହାଯାଇଛି। ରେଜିଷ୍ଟ୍ରାର ଟି.କେ.ନାଗରାଥନା କହିଛନ୍ତି ଯେ, ଚାଷୀଙ୍କ ମାମଲା ବିରୋଧରେ ସେ ଅବଗତ ଅଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ପେପ୍ସିକୋ ଇଣ୍ଡିଆର ଆବେଦନର ବିଚାର କରି ଅହମ୍ମଦାବାଦ ସିଟି ସିଭିଲ କୋର୍ଟ ଚଳିତ ମାସ ଆରମ୍ଭରେ ସାବରକାଣ୍ଠାର ୪ ଜଣ ଚାଷୀ ବିପିନ ପଟେଲ, ଛବିଲ ପଟେଲ, ବିନୋଦ ପଟେଲ ଏବଂ ହରିଭାଇ ପଟେଲ ୨୬ ଏପ୍ରିଲ ଯାଏ ଉକ୍ତ କିସମର ଆଳୁ ଚାଷ ଓ ବିକ୍ରି କରିପାରିବେ ନାହିଁ ବୋଲି କଟକଣା ଜାରି କରାଯାଇଛି। ମାମଲାର ଯାଞ୍ଚ ସହ ରିପୋର୍ଟ ଉପସ୍ଥାପନ କରିବା ଲାଗି ଜଣେ ଓକିଲଙ୍କୁ କମିଶନର ଭାବେ ନିଯୁକ୍ତ କରାଯାଇଛି। ଶୁକ୍ରବାର ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏଥିପୂର୍ବରୁ କମ୍ପାନୀ ୨୦୧୮ରେ ଆରାବଲୀ ଜିଲାର ୫ ଜଣ ଚାଷୀ ପ୍ରଭୁଦାସ ପଟେଲ, ଭାରତ ପଟେଲ, ଜିତୁ ପଟେଲ, ବିନୋଦ ପଟେଲ ଏବଂ ଜିଗରକୁମାର ପଟେଲଙ୍କ ବିରୋଧରେ ମାମଲା ଦାଏର କରିଛି। ଏହାର ଶୁଣାଣି ସ୍ଥାନୀୟ ଜିଲା ଅଦାଲତରେ ଚାଲିଛି। ମିଡିଆରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଅହମ୍ମଦାବାଦ୍‌ରେ ଏକ ଏନ୍‌ଜିଓରେ କାର୍ଯ୍ୟରତ ବିନୟ ମହାଜନ ଏହାକୁ ଚାଷୀଙ୍କ ବ୍ୟକ୍ତିଗତ ଅଧିକାର ଉପରେ ହସ୍ତକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି। ତାଙ୍କ ମତରେ କମ୍ପାନୀ ଚାଷୀଙ୍କ ଜମିର ଗୋଇନ୍ଦାଗିରି କରିଛି ଏବଂ ସେମାନଙ୍କ ଆଳୁର ନମୁନା ସଂଗ୍ରହ କରିଛି। ଏହା ପୂର୍ଣ୍ଣ ମାତ୍ରାରେ ଚାଷୀଙ୍କ ଗୋପନୀୟତା ଭଙ୍ଗ ବୋଲି ସେ ଦର୍ଶାଇଛନ୍ତି।

ଅର୍ଥ ଅଭାବ

## ଛିଡା ହେଲା ଏୟାର ଇଣ୍ଡିଆର ୧୯ ବିମାନ

ନୂଆଦିଲ୍ଲୀ,୨୫-୪

ଜେଟ୍ ଏୟାରୱେଜ ଭଳି ଏୟାର ଇଣ୍ଡିଆରେ ଆର୍ଥିକ ସଙ୍କଟ ଦେଖାଦେଇଛି। ଅର୍ଥର ଅଭାବ କାରଣରୁ କମ୍ପାନୀର ୧୯ ବିମାନ ଏବେ ବିମାନ ବନ୍ଦରରେ ଛିଡା ହୋଇଛି। ଏଥିରେ ବୋଇଂ ୭୭୭, ବୋଇଂ ୭୮୭ ଏବଂ ଏୟାରବସ୍ ଏ୩୨୦ ଭଳି ବିମାନ ରହିଛି। ଏଗୁଡ଼ିକ ଗତ କିଛି ମାସ ହେଲା କାର୍ଯ୍ୟକ୍ଷମ ନାହାନ୍ତି। ଇତିମଧ୍ୟରେ ଜେଟ୍ ଏୟାରୱେଜର ବୋଇଂ ୭୭୭ ବିମାନ ଲିଜ୍‌ରେ ନେବାକୁ ଏୟାର ଇଣ୍ଡିଆ ଆଗ୍ରହ ପ୍ରକାଶ କରିଛି। ଏଥିପାଇଁ କମ୍ପାନୀ ଷ୍ଟେଟ ବ୍ୟାଙ୍କକୁ ଅନୁରୋଧ କରିଛି। ତେବେ ଏୟାର ଇଣ୍ଡିଆକୁ ଏବେ ଅନ୍ତତଃପକ୍ଷେ ଏବେ ୫୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି। ଏହି ଅର୍ଥରେ ପଡି ରହିଥିବା ବିମାନଗୁଡ଼ିକୁ ସଜାଡି କମ୍ପାନୀ ଉଡ଼ାଇବାକୁ ଚାହୁଁଛି। ଏୟାର ଇଣ୍ଡିଆର ଅବସ୍ଥା ଏପରି ସାଂଘାତିକ ଯେ, କମ୍ପାନୀ ନୂଆ ବିମାନରୁ ପାର୍ଟ୍ସ ବାହାର କରି ପୁରୁଣା ବିମାନରେ ଲଗାଇବାକୁ ବାଧ୍ୟ ହେଉଛି। ନୂଆ ପାର୍ଟ୍ସ କିଣିବାକୁ ଏହା ନିକଟରେ ଅର୍ଥ ନାହିଁ। ସୂଚନାଥାଉ କି, ଏୟାର ଇଣ୍ଡିଆ ନିକଟରେ ୧୮ ବୋଇଂ ୭୭୭,୨୭ ବୋଇଂ ୭୮୭, ୪ ବୋଇଂ ୭୪୭ ବିମାନ ରହିଛି। ଏଗୁଡ଼ିକୁ ଅନ୍ତର୍ଜାତୀୟ ରୁଟ୍‌ରେ ଉଡ଼ାଯାଇଥାଏ। ହଜ୍ ଯାତ୍ରା, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ବୋଇଂ ୭୪୭ରେ ଯାତ୍ରା କରିଥାନ୍ତି।

## ସଂକ୍ଷେପରେ

### ଭିଡିଓ ଲିଙ୍କ୍ ଜରିଆରେ ହାଜର ହେବେ ନୀରବ ମୋଦି



**ଲଣ୍ଡନ,୨୫-୪:** ପ୍ରତ୍ୟର୍ପଣ ମାମଲାରେ ପଳାତକ ହୀରା ବ୍ୟବସାୟୀ ନୀରବ ମୋଦି ଭିଡିଓ ଲିଙ୍କ ଜରିଆରେ ଜେଲ୍‌ରୁ ହାଜର ହେବେ। ଶୁକ୍ରବାର ୱେଷ୍ଟମିନିଷ୍ଟର କୋର୍ଟରେ ଏହି ମାମଲାର ଶୁଣାଣି ହେବାକୁ ଯାଉଛି। ଗତ ମାସରେ ଗିରଫ ହେବା ପରେ ତାଙ୍କୁ ଦକ୍ଷିଣ ପଶ୍ଚିମ ଲଣ୍ଡନର ୱାଣ୍ଡସୱର୍ଥ ଜେଲ୍‌ରେ ରଖାଯାଇଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ଋଣ ଜାଲିଆତି ମାମଲାରେ ନୀରବଙ୍କୁ ଗିରଫ କରାଯାଇଥିଲା। ବ୍ରିଟେନର ନିୟମାନୁଯାୟୀ ଏଭଳି ମାମଲାରେ ବିଚାର ବିଭାଗୀୟ ହାଜତବାସ ୨୮ ଦିନ ପାଇଁ ହୋଇଥାଏ। ନୀରବଙ୍କ ପକ୍ଷରୁ ଆଗତ ଜାମିନ ଆବେଦନକୁ ଖାରଜ କରି ଚିଫ ମାଜିଷ୍ଟ୍ରେଟ ଇମା ଆର୍ବୁଥନଟ୍ କହିଥିଲେ ଯେ, ହୀରା ବ୍ୟବସାୟୀ ଆତ୍ମସମର୍ପଣ କରିବା ନେଇ ଯଥେଷ୍ଟ ସନ୍ଦେହ ରହିଛି। ପ୍ରାୟ ୧ରୁ ୨ ବିଲିୟନ ଡଲାର ଜାଲିଆତି ହୋଇଥିବାରୁ ଭାରତର ଚିନ୍ତାକୁ ଦେଖି ନୀରବଙ୍କୁ ଜାମିନ ଦିଆଯାଇପାରିବ ନାହିଁ ବୋଲି ବିଚାରପତି କହିଥିଲେ। ଭାରତ ପକ୍ଷରୁ ମାମଲା ଲଢୁଥିବା କ୍ରାଉନ ପ୍ରସିକ୍ୟୁଶନ ସର୍ଭିସ କହିଛି ଯେ, ୱେଷ୍ଟମିନିଷ୍ଟର କୋର୍ଟରେ ଜାମିନ ଖାରଜ ହେବା ପରେ ନୀରବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଆଗ୍ରହୀ। ତେବେ ଏ ସଂକ୍ରାନ୍ତରେ ଅଦ୍ୟାବଧି କୌଣସି ଆବେଦନ ହାଇକୋର୍ଟରେ ହୋଇନାହିଁ।

### ଋଣ ସମାଧାନ ଲାଗି ଆର୍‌ବିଆଇ ଦେଇପାରେ ଅତିରିକ୍ତ ସମୟ

**ମୁମ୍ବାଇ,୨୫-୪:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଅସୁଲ ହେଉ ନ ଥିବା ଋଣ(ଏନ୍‌ପିଏ) ମାମଲାର ସମାଧାନ ଲାଗି ନିୟମରେ ସଂଶୋଧନ କରିବାକୁ ପ୍ରସ୍ତୁତ ହେଉଛି। ସଂଶୋଧିତ ନିୟମରେ ବକେୟା ଋଣ ଫେରସ୍ତ ଦେବାକୁ ଆର୍‌ବିଆଇ ଅତିରିକ୍ତ ୬୦ ଦିନ ସମୟ ଦେଇପାରେ। ଏହାଦ୍ୱାରା ସଚ୍ଚୋଟ ଋଣଗ୍ରହୀତାଙ୍କ କଷ୍ଟ ଅନେକାଂଶରେ ଲାଘବ ହୋଇଯିବ। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ସୁପ୍ରିମକୋର୍ଟ ଆର୍‌ବିଆଇର ଫେବୃୟାରୀ ୧୨ ସର୍କୁଲାରକୁ ରଦ୍ଦ କରିଦେବା ପରେ କେନ୍ଦ୍ରୀୟ ବ୍ୟାଙ୍କ ସଂଶୋଧିତ ସର୍କୁଲାର ଜାରି କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏନ୍‌ପିଏର ନୂଆ ରୂପରେଖ ଅଧୀନରେ ବିଭିନ୍ନ ବିକଳ୍ପ ଉପରେ ବିଚାର କରାଯାଉଛି। ବର୍ତ୍ତମାନ ଏନ୍‌ପିଏ ସମାଧାନ ଲାଗି ଆର୍‌ବିଆଇ ୯୦ ଦିନର ସମୟ ଦେଉଛି।

### ମାରୁତି ଆସନ୍ତାବର୍ଷ ଏପ୍ରିଲରୁ ବିକିବନି ଡିଜେଲ କାର୍



**ନୂଆଦିଲ୍ଲୀ,୨୫-୪:** ଦେଶର ସର୍ବବୃହତ କାର୍ ନିର୍ମାତା କମ୍ପାନୀ ମାରୁତି ସୁଜୁକି ଆସନ୍ତାବର୍ଷ ଏପ୍ରିଲ ପହିଲାରୁ ଡିଜେଲ ଇଞ୍ଜିନ କାର୍ ଉତ୍ପାଦନ ବନ୍ଦ କରିଦେବ। ବର୍ତ୍ତମାନ କମ୍ପାନୀ ୨୩% ଡିଜେଲ ଇଞ୍ଜିନ କାର ବିକୁଛି। ଉଲ୍ଲେଖଥାଉ କି, ୨୦୨୦ ଏପ୍ରିଲରୁ ବିଏସ୍ ୬ ନିୟମ ଲାଗୁ ହେବାକୁ ଯାଉଛି। ବାୟୁ ପ୍ରଦୂଷଣକୁ ହ୍ରାସ କରିବା ନେଇ ଏହି ମାନଦଣ୍ଡ ଧାର୍ଯ୍ୟ ହୋଇଛି। କମ୍ପାନୀ ଅଧ୍ୟକ୍ଷ ଆର୍.ସି.ଭାର୍ଗବ କହିଛନ୍ତି ଯେ, ଅଧିକ ଚାହିଦା ହେଲେ କମ୍ପାନୀ ୧୫୦୦ସିସିର ଡିଜେଲ ଇଞ୍ଜିନଯୁକ୍ତ କାର୍ ତିଆରି କରିବ। ତେବେ ଏସମ୍ପର୍କରେ ସେତେବେଳେ ନିଷ୍ପତ୍ତି ନିଆଯିବ। ସୂଚନାଯୋଗ୍ୟ ଯେ, ମାରୁତିର ନୂଆ କାର୍ ବିଏସ୍ ୬ ଇଞ୍ଜିନ ସହିତ ବଜାରକୁ ଆସୁଛି। ନିକଟରେ ଏହା ବିଏସ୍ ୬ ଇଞ୍ଜିନଯୁକ୍ତ ବଲେନୋ ଲଞ୍ଚ କରିଛି। ଆଗାମୀ ଦିନରେ ବିଏସ୍ ୬ର ଅଲ୍‌ଟୋ ବଜାରକୁ ଆସିଯିବ। ଏହି ମାନଦଣ୍ଡ ସହିତ ତାଳ ଦେଇ ଡିଜେଲ ଇଞ୍ଜିନକୁ ନବୀକରଣ କରିବା ମହଙ୍ଗା ହେଉଥିବାରୁ କମ୍ପାନୀ ଏହାର ଉତ୍ପାଦନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି ବୋଲି ଯୁକ୍ତି ଦର୍ଶାଯାଉଛି। ବିଏସ୍ ୬ ଇଞ୍ଜିନର ପେଟ୍ରୋଲ ଓ ସିଏନ୍‌ଜି କାର୍ ଉପଲବ୍ଧ ହେବ ବୋଲି ଭାର୍ଗବ କହିଛନ୍ତି।

## ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୨୫-୪

ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ଏହାର କଲିକତାସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ୧୫୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ୟାଙ୍କର ଏମ୍‌ଡି ତଥା ସିଇଓ ସିଏଚ୍ ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଟେକ୍ନୋଲୋଜି ଦ୍ୱାରା ଗ୍ରାହକ କୈନ୍ଦ୍ରିକ ସେବା ଯୋଗାଣ ଉପରେ ଏହି ଅବସରରେ ରାଓ ଗୁରୁତ୍ୱାରୋପ କରିଥିଲେ। ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆଞ୍ଚଳିକ ମୁଖ୍ୟ କେ.ମୁରଲୀ କ୍ରିଷ୍ଣା, ଆର୍‌ବିଆଇ କ୍ଷେତ୍ରୀୟ ପ୍ରବନ୍ଧକ ଏମ୍.କେ. ମଲ୍ଲ, ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଏ.ଚନ୍ଦ୍ରଶେଖର, ପ୍ରଶାନ୍ତ ପଣ୍ଡା, ଗୁପ୍ତା ପାୱାରର ଏମ୍‌ଡି ଏମ୍.କେ. ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

## ଭି-ଗାର୍ଡର ନୂଆ ରାଇସ୍ କୁକର

ଭୁବନେଶ୍ୱର,୨୫-୪



ଭିଗାର୍ଡ ପକ୍ଷରୁ ନୂଆ ରାଇସ୍ କୁକର ବଜାର ପ୍ରବେଶ କରାଯାଇଛି। କମ୍ପାନୀ ଏହାର ୩ଟି ମଡେଲ ଆଣିଛି। ଏଗୁଡିକ ୧ଲିଟର, ୨.୨ ଲିଟର ଏବଂ ୨.୮ ଲିଟର ବିଶିଷ୍ଟ। ଗ୍ରାହକଙ୍କ ପକ୍ଷରୁ ଏହି ପ୍ରଡକ୍ଟକୁ ଭଲ ରେସପନ୍ସ ମିଳିବ ବୋଲି କମ୍ପାନୀର ଶାଖା ମୁଖ୍ୟ ସୁମନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଏହି ପ୍ରଡକ୍ଟଗୁଡିକର ଆରମ୍ଭ ମୂଲ୍ୟ ୨୨୯୦ ଟଙ୍କା ରହିଛି। ଏହା ଉପରେ ୫ ବର୍ଷର ୱାରେଣ୍ଟି ରହିଥିବା ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ କମ୍ପାନୀର ଅନ୍ୟ ଅଧିକାରୀ ଏବଂ ଚ୍ୟାନେଲ ପାର୍ଟନର ମାନେ ଉପସ୍ଥିତ ଥିଲେ।

ଇଣ୍ଟରନେଟ ୟୁଜରଙ୍କ ସଂଖ୍ୟା

## ୨୦୨୩ ସୁଦ୍ଧା ୪୦% ବଢ଼ିବ

ନୂଆଦିଲ୍ଲୀ,୨୫-୪



ଦେଶରେ କ୍ରମାଗତ ଡାଟା ଶସ୍ତା ହେଉଥିବାରୁ ୨୦୨୩ ସୁଦ୍ଧା ଇଣ୍ଟରନେଟ ୟୁଜରଙ୍କ ସଂଖ୍ୟା ପ୍ରାୟ ୪୦% ବୃଦ୍ଧି ପାଇବ। ସେହିପରି ଏହି ଅବଧି ମଧ୍ୟରେ ସ୍ମାର୍ଟଫୋନଧାରୀଙ୍କ ସଂଖ୍ୟା ମଧ୍ୟ ଦୁଇଗୁଣା ହୋଇଯିବ ବୋଲି ମ୍ୟାକିନ୍ସେ ରିପୋର୍ଟରେ କୁହାଯାଇଛି। ଏଥିରେ କୁହାଯାଇଛି ଯେ, ୨୦୧୩ରୁ ଅଦ୍ୟାବଧି ଡାଟା ଖର୍ଚ୍ଚ ୯୫% ହ୍ରାସ ପାଇଛି। ମୁଖ୍ୟ ଡିଜିଟାଲ କ୍ଷେତ୍ର ୨୦୨୫ ସୁଦ୍ଧା ଦୁଇଗୁଣା ବୃଦ୍ଧି ପାଇ ୩୫୫ରୁ ୪୩୫ ବିଲିୟନ ଡଲାରରେ ପହଞ୍ଚିଯିବ। ମ୍ୟାକିନ୍ସେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ରିପୋର୍ଟ ‘ଡିଜିଟାଲ ଇଣ୍ଡିଆ-ଟେକ୍ନୋଲୋଜି ଟୁ ଟ୍ରାନ୍ସଫର୍ମ ଏ କନେକ୍ସନ ନେଶନ’ରେ କୁହାଯାଇଛି ଯେ, ଭାରତ ଡିଜିଟାଲ ଉପଭୋକ୍ତାଙ୍କ ଲାଗି ଦ୍ରୁତଗତିରେ ବୃଦ୍ଧି ପାଉଥିବା ବଜାର ମଧ୍ୟରୁ ଅନ୍ୟତମ। ଦେଶରେ ୨୦୧୮ ସୁଦ୍ଧା ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ମାତ୍ର ୫୬ କୋଟି ଯାହାକି ଚାଇନାଠାରୁ କମ୍। ରିପୋର୍ଟ ଅନୁସାରେ ଦେଶରେ ମୋବାଇଲ ଡାଟା ବ୍ୟବହାରକାରୀ ହାରାହାରି ପ୍ରତି ମାସରେ ୮.୩୦ ଜିବି ଡାଟା ବ୍ୟବହାର କରିଥାଆନ୍ତି। ଚାଇନାରେ ଏହା ୫.୫ଜିବି ହୋଇଥିବା ବେଳେ ଦକ୍ଷିଣ କୋରିଆ ଭଳି ଉନ୍ନତ ଡିଜିଟାଲ ବଜାରରେ ୮ରୁ ୮.୫ ଜିବି ରହିଛି। ରିପୋର୍ଟରେ କୁହାଯାଇଛି ଯେ, ୨୦୧୭ରେ ପରିପକ୍ୱ ଏବଂ ବିକାଶଶୀଳ ବଜାରକୁ ନେଇ ବିଶ୍ଳେଷଣ କରାଯିବାରୁ ଜଣାପଡିଛି ଯେ, ଭାରତ ଅନ୍ୟ କେତେକ ଦେଶ ତୁଳନାରେ ଅଧିକ ଦ୍ରୁତଗତିରେ ଡିଜିଟାଲ ହେଉଛି। ସରକାରଙ୍କ ସହାୟତାରେ ଅର୍ଥନୀତିକୁ ଡିଜିଟାଲ କରାଯାଉଛି। ରିଲାଏନ୍ସ ଜିଓ ଭଳି ଘରୋଇ କମ୍ପାନୀଙ୍କ କାରଣରୁ ଦେଶରେ ୨୦୧୩ରୁ ଡାଟା ଖର୍ଚ୍ଚ ୯୫% ପର୍ଯ୍ୟନ୍ତ କମିଛି ବୋଲି ରିପୋର୍ଟରେ ସ୍ପଷ୍ଟ କରାଯାଇଛି।

## ଅନ୍ତର୍ଜାତୀୟ ଭଡ଼ା ଉପରେ ଏୟାର ଏସିଆର ରିହାତି

ଭୁବନେଶ୍ୱର,୨୫-୪

ଏୟାର ଏସିଆ ପକ୍ଷରୁ ଅନ୍ତର୍ଜାତୀୟ ବିମାନ ଯାତ୍ରା ଉପରେ ରିହାତି ଘୋଷଣା କରାଯାଇଛି। ଭାରତରୁ କୁଆଲାଲମ୍ପୁର ଏବଂ ବ୍ୟାଙ୍କକ ଭଳି ସ୍ଥାନକୁ କମ୍ପାନୀ ୭୦% ରିହାତିରେ ଯାତ୍ରା ସୁବିଧା ପ୍ରଦାନ କରୁଛି। ଯାତ୍ରୀମାନେ ବାଙ୍ଗାଲୋର, ଭୁବନେଶ୍ୱର, କୋଲ୍‌କାତା, କୋଚି, ଚେନ୍ନାଇ, ତ୍ରିଚି, ବିଶାଖାପାଟଣା, ଦିଲ୍ଲୀ, ଜୟପୁର, ଅହମ୍ମଦାବାଦ, ଅମୃତସର ଏବଂ ହାଇଦ୍ରାବାଦ ଭଳି ସ୍ଥାନରୁ ନିର୍ଦ୍ଧାରିତ ଅନ୍ତର୍ଜାତୀୟ ଡେଷ୍ଟିନେଶନକୁ ଯାତ୍ରା କରିପାରିବେ। ଅନ୍ତର୍ଜାତୀୟ ଉଡାଣ ଚାହିଦା ବୃଦ୍ଧି ଘଟୁଥିବାରୁ ସୁଲଭ ମୂଲ୍ୟରେ ଗ୍ରାହକଙ୍କୁ ଯାତ୍ରା ସୁବିଧା ପ୍ରଦାନ କରିବା ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା ଏୟାର ଏସିଆ ପକ୍ଷରୁ ସୂଚନା ରହିଛି। ୨୨ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଅଫରର ଲାଭ ଗ୍ରାହକମାନେ ଚଳିତ ମାସ ୨୮ ଯାଏ ନେଇ ପାରିବେ। ଅଫର ଏୟାର ଏସିଆ ଗ୍ରୁପର ସବୁ ନେଟ୍‌ୱର୍କରେ ଉପଲବ୍ଧ।

## ଜିଓ ଦ୍ୱିତୀୟ ସର୍ବବୃହତ୍ ଟେଲିକମ୍ କମ୍ପାନୀ

**ନୂଆଦିଲ୍ଲୀ,୨୫-୪:** ମୁକେଶ ଅମ୍ବାନୀଙ୍କ ମାଲିକାନାରେ ଥିବା ରିଲାଏନ୍ସ ଜିଓ ଆରମ୍ଭ ହେବାର ମାତ୍ର ଅଢ଼େଇ ବର୍ଷ ମଧ୍ୟରେ ଆଉ ଏକ ସଫଳତା ହାସଲ କରିଛି। ଗ୍ରାହକ ସଂଖ୍ୟା ଆଧାରରେ ଏହା ଭାରତୀ ଏୟାରଟେଲକୁ ପଛରେ ପକାଇ ଦେଶର ଦ୍ୱିତୀୟ ସର୍ବବୃହତ ଟେଲିକମ୍ କମ୍ପାନୀ ହୋଇଛି। ନଂ ୧ କମ୍ପାନୀ ହେବାଠାରୁ ଏହା ପାଦେ ଦୂରରେ ରହିଛି। ୩୦.୬ କୋଟି ଗ୍ରାହକ ସହ ଜିଓ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଭୋଡ଼ାଫୋନ-ଆଇଡିଆ ପ୍ରଥମ ସ୍ଥାନରେ ରହିଛି। ଏୟାରଟେଲ ନିକଟରେ ୨୮.୪ କୋଟି ଗ୍ରାହକ ରହିଥିବା ବେଳେ ଭୋଡ଼ାଫୋନ-ଆଇଡିଆ ନିକଟରେ ଡିସେମ୍ବର ୨୦୧୮ ସୁଦ୍ଧା ୩୮.୭ କୋଟି ଗ୍ରାହକ ରହିଛି। ଏୟାରଟେଲ ଗ୍ରାହକ ସଂଖ୍ୟା ସ୍ୱୀକାର କରିଛି। ଜଣେ ଟେଲିକମ୍ ବିଶେଷଜ୍ଞ କହିଛନ୍ତି ଯେ, ଜିଓ ଖୁବଶୀଘ୍ର ଭୋଡ଼ାଫୋନ-ଆଇଡିଆକୁ ପଛରେ ପକାଇ ଦେବ। ଏଥିପାଇଁ କମ୍ପାନୀକୁ ୩ରୁ ୪ ତ୍ରୈମାସ ସମୟ ଲାଗିବ। ସୂଚନାଥାଉ କି, ଭାରତୀୟ ଟେଲିକମ୍ ସେକ୍ଟରରେ ଦୁଇ ଦଶନ୍ଧି ଧରି ଏୟାରଟେଲ ସର୍ବବୃହତ କମ୍ପାନୀ ସ୍ଥାନ ଦଖଲରେ ରଖିଥିଲା। ତେବେ ଭୋଡ଼ାଫୋନ-ଆଇଡିଆ ମିଶ୍ରଣ ପରେ ଏହା ଦ୍ୱିତୀୟ ସ୍ଥାନକୁ ଖସିଆସିଥିଲା। ଏବେ ଜିଓ ଦ୍ୱିତୀୟ ସ୍ଥାନକୁ ଉଠିଆସିଛି। ଅତ୍ୟନ୍ତ ଶସ୍ତା ଟାରିଫ ପ୍ଲାନ ଯୋଗୁ ଜିଓ ଉକ୍ତ ଉପଲବ୍ଧି ହାସଲ କରିପାରିଛି।

**NOTICE**

**IN THE DEBTS RECOVERY TRIBUNAL, CUTTACK**
C-71, Sector-7, CDA, Cuttack-753014
**O.A. No. 375 of 2018**

**State Bank of India, SARB, Bhadrak,** Master Babu Complex, Chapulia, By Pass Road, PO/Dist.: Bhadrak-756100 .....Applicant
AND
Duryodhan Mohapatra .....Defendant
To,
1. **Duryodhan Mohapatra,** S/o- Sankarsan Mohapatra, Vill: Maniabeda, PO: Kamalang, Via: Meramandali, Dist.: Dhenkanal.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 375 of 2018** in the Court of Debts Recovery Tribunal at Cuttack for a recovery of **Rs.25,98,736.20** only together with current and future interest, costs and other relief's. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **1st day of June, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **15th day of April, 2019.**

Sd/- Registrar (I/C),
Debts Recovery Tribunal

**PARADIP PORT TRUST**
**CORRIGENDUM-II**
To E-Tender Call Notice No. EM/MM/PE/04/2018/1902TDR41 Dt. 28.02.2019 for Supply of Electrical Items. The due date of submission of Tender & opening of EMD Bid is hereby further extended as bellow. 1. Last Date of submission of tender **up to 5.00 P.M. of Dt.08.05.2019**. 2. Opening of EMD Bid at **3.30 P.M. of Dt.10.05.2019**. All other terms and conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the undersigned.
Sd/- Sr. Dy. Material Manager
PPT/PR/21/19-20 Dt. 25.04.2019

**PARADIP PORT TRUST**
**e-TENDERING NOTICE**
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufactureres for Supply of **Aqueous Film Forming Foam (AFFF).** The last date and time of submission of the tender is **17.15 Hours** on **Dt.15/05/2019.** For details, log on to website : https://eprocure.gov.in/eprocure/app
Sr. Dy. Materials Manager
PPT/PR/23/19-20 Dt-25.04.19

idco | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022
IDCO/HO/FD/Cash/7693/17-18 (Part-III)/ 7689 Dated: 22.04.2019

**EXPRESSION OF INTEREST**

*Sealed bids are invited for rate of interest in the following prescribed format for fixed deposit amounting to Rs.225.00 Crore **(interest compounded quarterly)** from Bhubaneswar based eligible Govt. approved Banks only as per Finance Department Order No-32648/F, dated. 10.10.2018 Govt. of Odisha (Except BOI, HDFC Bank, Odisha Gramya Bank and Utkal Grameen Bank.)*

| Sl No | Period | % Rate of Interest Per Annum (Only-Callable) | |
|---|---|---|---|
| | | Rs. 1.00 Crore to Rs.10.00 Crore | Above Rs. 10.00 Crore to Rs. 225.00 Crore |
| 1 | One Year | | |

*The Bid should be super scribed in red – **“Rate of Interest”** & must reach the undersigned in sealed cover by Speed Post / Special Messenger on or before 1.00 P.M. on 07.05.2019 and the same will be opened at 3.30 P.M. on the same day in the office chamber of CGM (Finance) IDCO, Bhubaneswar in the presence of the representatives of the participating Banks. Interest offer of bank shall remain valid from 08.05.2019 to 10.05.2019. The interest rate quoted by Bank is final & in no circumstances change of rate can be entertained. The decision of the Management will be final.*

Sd/-
Chief General Manager (Finance)

"ଆଇପିଏଲ୍‌ରେ ରିକି ପଣ୍ଟିଂ ଓ ସୌରଭ ଗାଙ୍ଗୁଲିଙ୍କ ଭଳି କିମ୍ବଦନ୍ତୀଙ୍କଠାରୁ ମୁଁ ଯେଉଁ ଶିକ୍ଷା ପାଇଛି ତାହା ବିଶ୍ୱକପ୍‌ରେ ବ୍ୟବହାର କରିବି ।
–ଶିଖର ଧାୱନ, ଭାରତୀୟ କ୍ରିକେଟ ଦଳର ଓପନର



"ଆଇପିଏଲ୍‌ରେ କ୍ରମାଗତ ୬ଟି ପରାଜୟ ଆମ ଦଳକୁ ଖୁବ୍ ବାଧିଥିଲା। ବର୍ତ୍ତମାନ କୌଣସି ଚାପରେ ନ ରହି ଖେଳକୁ ଉପଭୋଗ କରିବୁ ।
–ବିରାଟ କୋହଲି, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଧିନାୟକ



## ସଂକ୍ଷେପରେ

### ଭେଲୋସିଟି ଦଳରେ ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ

ନୂଆଦିଲ୍ଲୀ, ୨୫।୪ (ପି.ଟି.): ଆସନ୍ତା ମେ ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ଜୟପୁରସ୍ଥିତ ସୱାଇ ମାନସିଂ ଷ୍ଟାଡିୟମରେ ମହିଳା ଟି୨୦ ଚ୍ୟାଲେଞ୍ଜ ସିରିଜ ଖେଳାଯିବ। ଏଥିରେ ଭାଗନେବାକୁ ଥିବା ତିନୋଟି ଦଳ ସୁପରନୋଭାସ, ଟ୍ରେଲ୍‌ବ୍ଲେଜର୍ସ ଏବଂ ଭେଲୋସିଟି ଦଳର ଅଧିନାୟକତ୍ୱ ଯଥାକ୍ରମେ ହରମନପ୍ରୀତ କୌର, ସ୍ମୃତି ମନ୍ଧାନା ଓ ମିଥାଲି ରାଜ କରିବେ। ଓଡ଼ିଶା ଅଫ୍ ସ୍ପିନର ତଥା ଡାହାଣହାତୀ ବ୍ୟାଟ୍ସୱମ୍ୟାନ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ଭେଲୋସିଟି ଦଳରେ ସ୍ଥାନ ପାଇଛନ୍ତି। ସିରିଜରେ ଭାଗନେବାକୁଥିବା ତିନୋଟି ଦଳରେ ପ୍ରତିନିଧିତ୍ୱ କରିବାକୁଥିବା ଅନ୍ତର୍ଜାତୀୟ ଖେଳାଳିଙ୍କ ମଧରେ ରହିଛନ୍ତି, ଇଂଲଣ୍ଡର ନାଟାଲି ସ୍କିଭର,ଡାନିଲି ୟାଟ୍, ସୋଫି ଏକ୍ଲେଷ୍ଟୋନ୍, ନ୍ୟୁଜିଲାଣ୍ଡର ସୋଫି ଡିଭାଇନ୍, ସୁଜି ବେଟ୍ସ, ଆମେଲିଆ କେର୍ ଏବଂ ୱେଷ୍ଟଇଣ୍ଡିଜର ଷ୍ଟିଫାନି ଟେଲର। ଡବ୍ଲ୍ୟୁଭି ରମଣ ସୁପରନୋଭାସ ଦଳର କୋଚ୍ ରହିଥିବାବେଳେ ଟ୍ରେଲ୍‌ବ୍ଲେଜର୍ସ ଓ ଭେଲୋସିଟି ଦଳର କୋଚ୍ ଭାବେ ବିଜୁ ଜର୍ଜ ଓ ମମତା ମାବେନଙ୍କୁ ମନୋନୀତ କରାଯାଇଛି।

### ସୋଲାରକୁ ହରାଇଲା ବିଶ୍ୱଭାରତୀ

କଟକ ଅଫିସ,୨୫।୪- ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ ଚାଲିଥିବା ୨ୟ ସୁମିତ ବୋଷ ସ୍ମାରକୀ ୧୬ବର୍ଷରୁ କମ୍ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ବିଶ୍ୱଭାରତୀ କ୍ଲବ ୧୭ରନରେ ସୋଲାର କ୍ଲବକୁ ପରାସ୍ତ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିଶ୍ୱଭାରତୀ ସମସ୍ତ ଉଇକେଟ ହରାଇ ୧୭୧ରନ କରିଥିଲା। ରଶ୍ମିରଞ୍ଜନ ଷଡ଼ଙ୍ଗୀ ୩୬ ଓ ମହମ୍ମଦ ଜିସାନ ୩୩ରନ କରିଥିଲେ । ସୋଲାର ପକ୍ଷରୁ ସ୍ନେହାଶିଷ ମହାନ୍ତି ୩ଟି, ପ୍ରତୀକ ଦାସ ୨ଟି ଉଇକେଟ ଅକ୍ତିଆର କରିଥିଲେ। ସୋଲାର ୧୫୪ରନରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଅରବିନ୍ଦ ଜେନା ସର୍ବାଧିକ ୩୯ରନ କରିଥିବା ବେଳେ ବିଶ୍ୱଭାରତୀ କ୍ଲବର ପ୍ରୀତମ କୁମାର ଦାସ ୩ଟି, ଅଂଶୁମାନ ପାତ୍ର ଓ ମହେଶ ମହନ୍ତ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି । ପ୍ରୀତମ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ । ରଣଜୀ ଖେଳାଳି ସୁବିତ ବିଶ୍ୱାଳ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ।

# ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ରୁଷିଆ

ଭୁବନେଶ୍ୱର, ୨୫।୪(କ୍ରୀଡ଼ା ପ୍ରତିନିଧି)

ଅଲିମ୍ପିକ୍ କ୍ୱାଲିଫାୟର ଇଭେଣ୍ଟ ଭାବେ ବିବେଚିତ ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସିରିଜ ଫାଇନାଲ୍ସ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଜୁନ ୬ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ପାଇଁ ଗୁରୁବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଏଥିରେ ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେବ ରୁଷିଆ। ଭାରତ ଏବେ ର୍‍ୟାଙ୍କିଂର ୫ମ ସ୍ଥାନରେ ଥିବାବେଳେ ରୁଷିଆ ୨୨ତମ ସ୍ଥାନରେ ରହିଛି। ତେଣୁ ଭାରତପାଇଁ ସହଜ ବିଜୟ ସହ ଅଭିଯାନ ଆରମ୍ଭର ସୁଯୋଗ ରହିଛି। ପ୍ରଥମ ଦିବସରେ ଭାରତ–ରୁଷିଆ ମ୍ୟାଚ ବ୍ୟତୀତ ଦକ୍ଷିଣ ଆଫ୍ରିକା–ଆମେରିକା ଓ ପୋଲାଣ୍ଡ–ଉଜ୍‌ବେକିସ୍ତାନ ମ୍ୟାଚ ମଧ ଅନୁଷ୍ଠିତ ହେବ।



ଭାରତ ପୁଲ୍ 'ଏ'ରେ ପୋଲାଣ୍ଡ (ର୍‍ୟାଙ୍କ୍ ୨୧), ରୁଷିଆ ଓ ଉଜବେକିସ୍ତାନ(ର୍‍ୟାଙ୍କ୍ ୪୩) ସହିତ ସ୍ଥାନ ପାଇଛି। ପୁଲ୍ 'ବି'ରେ ରହିଛନ୍ତି ଦକ୍ଷିଣ ଆଫ୍ରିକା(୧୬), ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଜାପାନ(୧୮), ଆମେରିକା(୨୫) ଓ ମେକ୍ସିକୋ(୩୯)। ତେଣୁ ଭାରତକୁ ଟୁର୍ନାମେଣ୍ଟ ଫେଭରାଇଟ କୁହାଯାଉଛି। ୬ ତାରିଖରେ ରୁଷିଆ ପରେ ଭାରତ ୭ ରେ ପୋଲାଣ୍ଡ ଓ ୧୦ରେ ଉଜବେକିସ୍ତାନକୁ ଭେଟିବ। ପ୍ରତିଯୋଗିତାର ଫାଇନାଲ ୧୫ ତାରିଖରେ ଅନୁଷ୍ଠିତ ହେବ। ନୂଆ କୋଚ୍ ଗ୍ରାହାମ୍ ରିଡ୍‌ଙ୍କ ପ୍ରଶିକ୍ଷଣରେ ଭାରତର ଏହା ପ୍ରଥମ ଟୁର୍ନାମେଣ୍ଟ ହେବ।

ଏଠାରେ ସ୍ପଷ୍ଟ କରାଯାଇପାରେ ଯେ, ଏଫଆଇ ସିରିଜ ଫାଇନାଲ୍ସ ୨୦୧୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ନୁହେଁ। ଏହି ପ୍ରତିଯୋଗିତାର ଟପ୍–୨( ଚାମ୍ପିୟନ ଓ ରନର୍ସଅପ୍) ଦଳ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବ। ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଆସନ୍ତା ଅକ୍ଟୋବର–ନଭେମ୍ବରରେ ଅନୁଷ୍ଠିତ ହେବ। ଏହାର ଭେନ୍ୟୁ ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇନାହିଁ।

ଏଫଆଇଏଚ୍ ସିରିଜ ଫାଇନାଲ୍ସ ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଏହାର ପ୍ରଥମ ପର୍ଯ୍ୟାୟ ଶୁକ୍ରବାରଠାରୁ କୁଆଲାଲମ୍ପୁରଠାରେ ଆରମ୍ଭ ହେବ। ଏଥିରେ ଅଷ୍ଟ୍ରେଲିଆ, ବେଲାରୁଷ, କାନାଡ଼ା, ୱେଲ୍ସ, ବ୍ରାଜିଲ, ଚାଇନା, ଇଟାଲୀ ଓ ଆୟୋଜକ ମାଲେସିଆ ଭାଗନେବ। ଦ୍ୱିତୀୟ ପର୍ଯ୍ୟାୟ ଭୁବନେଶ୍ୱରରେ ଜୁନ ୬ରୁ ୧୫ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ଫ୍ରାନ୍ସ ଲି ଟୌକ୍ୱେଟଠାରେ ଜୁନ ୧୫ରୁ ଆରମ୍ଭ ହେବ। ଏଥିରେ ଇଜିପ୍ଟ, ଆୟର୍ଲାଣ୍ଡ, ସ୍କଟଲାଣ୍ଡ, ସିଙ୍ଗାପୁର, ଚିଲି, ଫ୍ରାନ୍ସ, ଦକ୍ଷିଣ କୋରିଆ ଓ ୟୁକ୍ରେନ ଅଂଶଗ୍ରହଣ କରିବ।

ସୂଚନା ଅନୁସାରେ ଯଦି ଜାପାନ, ସ୍କଟଲାଣ୍ଡ ଓ ୱେଲ୍ସ ନିଜ ନିଜ ପ୍ରତିଯୋଗିତାରେ ଟପ୍–୨ ଫିନିଶ୍ କରନ୍ତି ତେବେ ତାକୁ ଅଲିମ୍ପିକ୍ ଗେମ୍ସ କ୍ୱାଲିଫାୟର୍ସ ଭାବେ ବିବେଚିତ ହେବେ ନାହିଁ। ଆୟୋଜକ ଏବଂ ଏସିଆନ ଗେମ୍ସ ବିଜେତା ଭାବେ ଜାପାନ ଅଲିମ୍ପିକ୍ସ ଯୋଗ୍ୟତା ପାଇ ସାରିଛି। ଯୋଗ୍ୟତା ପର୍ଯ୍ୟାୟ ପାଇଁ ଇଂଲଣ୍ଡ ଗ୍ରେଟ୍ ବ୍ରିଟେନର ମନୋନୀତ ଦଳ ହୋଇଥିବାରୁ ସ୍କଟଲାଣ୍ଡ ଓ ୱେଲ୍ସ କଥା ମଧ ବିଚାରକୁ ନିଆଯିବ ନାହିଁ। ତେଣୁ ଏହି ତିନୋଟି (ଜାପାନ, ସ୍କଟଲାଣ୍ଡ ଓ ୱେଲ୍ସ) ଦଳରୁ କେହି ଟପ୍–୨ ଫିନିଶ୍ କଲେ ସେହି ପ୍ରତିଯୋଗିତାର ୩ୟ ସ୍ଥାନୀୟ ଦଳ ଆପେଆପେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବ ନାହିଁ। ଏ କ୍ଷେତ୍ରରେ ୨୦୧୯ ସେପ୍ଟେମ୍ବର ୮ ମହାଦେଶୀୟ ଚାମ୍ପିୟନଶିପ୍‌ଗୁଡ଼ିକ ସରିବା ପରେ ଏଫଆଇଏଚ୍ ବିଶ୍ୱ ର୍‍ୟାଙ୍କିଙ୍ଗ୍‌କୁ ଅଗ୍ରାଧିକାର ଦିଆଯିବ।

### ଉରୁଗୁଏ ବିପକ୍ଷରୁ ମହିଳା ଦଳର ଅଭିଯାନ

ଜାପାନର ହିରୋସିମାରେ ଏଫଆଇଏଚ୍ ମହିଳା ହକି ସିରିଜ ଜୁନ ୧୫ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାରତ ପୁଲ୍ 'ଏ'ରେ ପୋଲାଣ୍ଡ, ଉରୁଗୁଏ ଓ ଫିଜି ସହିତ ସ୍ଥାନ ପାଇଥିବାବେଳେ ପୁଲ୍'ବି'ରେ ରହିଛନ୍ତି ଜାପାନ, ଚିଲି, ରୁଷିଆ ଓ ମେକ୍ସିକୋ। ପ୍ରଥମ ଦିବସରେ ଉରୁଗୁଏ ସହିତ ମ୍ୟାଚ ଖେଳି ଭାରତୀୟ ମହିଳା ଦଳ ଅଭିଯାନ ଆରମ୍ଭ କରିବ। ଜୁନ ୧୬ରେ ପୋଲାଣ୍ଡ ଓ ୧୮ରେ ଫିଜି ସହିତ ଖେଳିବ। ୨୩ ତାରିଖରେ ଫାଇନାଲ ଖେଳାଯିବ।

### କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ | ସମୟ |
|---|---|---|
| ଜୁନ ୬ | ଦକ୍ଷିଣ ଆଫ୍ରିକା ବନାମ ଆମେରିକା | ସକାଳ ୮ଟା ୪୫ |
| | ପୋଲାଣ୍ଡ ବନାମ ଉଜ୍‌ବେକିସ୍ତାନ | ଅପରାହ୍ନ ୫ଟା |
| | **ଭାରତ ବନାମ ରୁଷିଆ** | **ରାତି ୭ଟା** |
| ଜୁନ ୭ | ଜାପାନ ବନାମ ମେକ୍ସିକୋ | ସକାଳ ୮ଟା ୪୫ |
| | ରୁଷିଆ ବନାମ ଉଜ୍‌ବେକିସ୍ତାନ | ଅପରାହ୍ନ ୫ଟା |
| | **ଭାରତ ବନାମ ପୋଲାଣ୍ଡ** | **ରାତି ୭ଟା** |
| ଜୁନ ୮ | ଆମେରିକା ବନାମ ମେକ୍ସିକୋ | ଅପରାହ୍ନ ୫ଟା |
| | ଜାପାନ ବନାମ ଦକ୍ଷିଣ ଆଫ୍ରିକା | ରାତି ୭ଟା |
| ଜୁନ ୯ | ରୁଷିଆ ବନାମ ପୋଲାଣ୍ଡ | ରାତି ୭ଟା |
| ଜୁନ ୧୦ | ଆମେରିକା ବନାମ ଜାପାନ | ସକାଳ ୮ଟା ୪୫ |
| | ଦକ୍ଷିଣ ଆଫ୍ରିକା ବନାମ ମେକ୍ସିକୋ | ଅପରାହ୍ନ ୫ଟା |
| | **ଭାରତ ବନାମ ଉଜ୍‌ବେକିସ୍ତାନ** | **ରାତି ୭ଟା** |
| ଜୁନ ୧୧ | ବିଶ୍ରାମ ଦିବସ | |
| ଜୁନ ୧୨ | ୭–୮ ପ୍ଲେସିଂ ମ୍ୟାଚ | ସକାଳ ୮ଟା୪୫ |
| | କ୍ରସ୍ ଓଭର–୧ | ଅପରାହ୍ନ ୫ଟା |
| | କ୍ରସ୍ ଓଭର–୨ | ରାତି ୭ଟା୧୫ |
| ଜୁନ ୧୩ | ବିଶ୍ରାମ ଦିବସ | |
| ଜୁନ ୧୪ | ୫–୬ ପ୍ଲେସିଂ ମ୍ୟାଚ | ସକାଳ ୮ଟା ୪୫ |
| | ସେମିଫାଇନାଲ–୧ | ଅପରାହ୍ନ ୫ଟା |
| | ସେମିଫାଇନାଲ–୨ | ରାତି ୭ଟା୧୫ |
| ଜୁନ ୧୫ | ତୃତୀୟ ସ୍ଥାନ ପ୍ଲେ–ଅଫ୍ | ଅପରାହ୍ନ ୫ଟା |
| | **ଫାଇନାଲ** | **ରାତି ୭ଟା ୧୫** |

# ଏସିଆ ବ୍ୟାଡ୍‌ମିଣ୍ଟନ କ୍ୱାର୍ଟରରେ ସାଇନା, ସିନ୍ଧୁ

ଉହାନ (ଚାଇନା), ୨୫।୪(ପି.ଟି.)

ଭାରତର ଦୁଇ ଷ୍ଟାର୍ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ଓ ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ଏସିଆ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଲଣ୍ଡନ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ମହିଳା ସିଙ୍ଗଲ୍ସ ରାଉଣ୍ଡ–୧୬'ର ଏକ ମ୍ୟାଚ୍‌ରେ କୋରିଆର କିମ୍ ଗା ଏଉନ୍‌ଙ୍କୁ ୨୧–୧୩, ୨୧–୧୩ ସିଧାସଳଖ ଗେମ୍‌ରେ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ସାଇନାଙ୍କୁ ୩୮ ମିନିଟ୍ ସମୟ ଲାଗିଥିଲା। କ୍ୱାର୍ଟର ଫାଇନାଲରେ ସାଇନାଙ୍କ ମୁକାବିଲା ୩ୟ ସିଡ୍ ଜାପାନର ଅକେନା ୟାମାଗୁଚିଙ୍କ ସହ ହେବ। ସେହିଭଳି ମହିଳା ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚ୍‌ରେ ସିନ୍ଧୁ ୩୩ ମିନିଟ୍‌ରେ ଇଣ୍ଡୋନେସିଆର ଚୋଇରୁନିସାଙ୍କୁ ହରାଇଛନ୍ତି। ତୃତୀୟ ସିଡ୍ ସିନ୍ଧୁ ଏହି ମ୍ୟାଚ୍‌କୁ ୨୧–୧୫, ୨୧–୧୯ ସିଧାସଳଖ ଗେମ୍‌ରେ ଜିତିନେଇଥିଲେ। ରାଉଣ୍ଡ–୮ରେ ସେ ଚାଇନାର କାଇ ୟାନୟାନଙ୍କୁ ଭେଟିବେ। ପୁରୁଷ ବର୍ଗରେ ସମୀର ବର୍ମା ମଧ ପ୍ରଭାବୀ ପ୍ରଦର୍ଶନ ଜାରି ରଖି କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ପ୍ରି–କ୍ୱାର୍ଟରରେ ସମୀର ୨୧–୧୨, ୨୧–୧୯ରେ ହଂକଂର ଏନ୍. କା ଲଙ୍ଗ୍‌ଅନଗୁସ୍‌ଙ୍କୁ ମାତ୍ ଦେଇଛନ୍ତି। ଅନ୍ତିମ–୮ରେ ସମୀର ଚାଇନାର ସହି ୟୁକିଙ୍କ ସହ ମୁକାବିଲା କରିବେ। ଅନ୍ୟ ଭାରତୀୟ ପ୍ରତିଯୋଗୀଙ୍କ ମଧରେ ମିକ୍ସଡ ଡବଲ୍ସରେ ଉତ୍କର୍ଷ ଆରୋରା ଓ କରିସ୍ମା ୱାଡେକର ଯୋଡ଼ିଙ୍କୁ ନିରାଶ ହେବାକୁ ପଡ଼ିଛି।



ପ୍ରି–କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅବସରରେ ପି.ଭି. ସିନ୍ଧୁ।

# ଜାତୀୟ ମହିଳା ହକି କ୍ୟାମ୍ପ୍: ଫେରିଲେ ରାନୀ

ନୂଆଦିଲ୍ଲୀ, ୨୫।୪(ପି.ଟି.)

ବେଙ୍ଗାଲୁରୁଠାରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ଜାତୀୟ ମହିଳା ହକି କ୍ୟାମ୍ପ୍ ଲାଗି ହକି ଇଣ୍ଡିଆ ପକ୍ଷରୁ ୬୦ ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ଷ୍ଟାର୍ ଖେଳାଳି ତଥା ଅଧିନାୟିକା ରାନୀ ରାମପାଲ ସ୍ଥାନ ପାଇଛନ୍ତି। ଆଘାତଜନିତ ସମସ୍ୟା ଲାଗି ରାନୀ ନିକଟରେ ଅନୁଷ୍ଠିତ ମାଲେସିଆ ବିପକ୍ଷ ଦ୍ୱିପାକ୍ଷିକ ସିରିଜ୍ ଖେଳିପାରି ନ ଥିଲେ। ଦୁଇ ସପ୍ତାହ ଧରି ହେବାକୁ ଥିବା ଏହି କ୍ୟାମ୍ପ୍‌କୁ କିନ୍ତୁ ରାନୀ ଫିଟ୍ ହୋଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆସନ୍ତା ୪ରେ ଏହି ୬୦ ଜଣିଆ ଖେଳାଳି ତାଲିକାରୁ ୩୩ ଜଣିଆ କୋର୍ ଗ୍ରୁପ୍ ଚୟନ କରାଯିବ ବୋଲି ହକି ଇଣ୍ଡିଆ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। 'ଏହି କ୍ୟାମ୍ପ୍‌କୁ କିଛି ନୂତନ ପ୍ରତିଭାଧାରୀ ଖେଳାଳି ଆସିଛନ୍ତି, ଯାହାଙ୍କ ଦକ୍ଷତାକୁ ଏଠାରେ ପରଖାଯିବ। ଖେଳାଳିମାନେ ସେମାନଙ୍କ ସାମର୍ଥ୍ୟ ଅନୁସାରେ ପ୍ରଦର୍ଶନ କରିବେ' ବୋଲି ଜାତୀୟ ମହିଳା ହକି ଦଳର କୋଚ୍ ଜୋର୍ଡ ମାରିଜନେ କହିଛନ୍ତି। ଏହି ୬୦ ଜଣିଆ କ୍ୟାମ୍ପ୍‌ରେ ଦୀପ୍‌ଗ୍ରେସ ଏକ୍କା, ଲିଲିମା ମିଞ୍ଜ, ସୁନୀତା ଲାକ୍ରା, ନମିତା ଟପ୍ପୋଙ୍କ ପରି ଓଡ଼ିଶାର କିଛି ପ୍ରମୁଖ ଖେଳାଳି ସ୍ଥାନ ପାଇଛନ୍ତି।

# ୧୯୭୯: ଗ୍ରୀନିଜ, ହେଣ୍ଡ୍ରିକ୍ସ ସଫଳ

ଆନ୍ତର୍ଜାତିକ କ୍ରିକେଟ କାଉନ୍‌ସିଲ (ଆଇସିସି) ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣ ଇଂଲଣ୍ଡରେ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି ମେଗା ଇଭେଣ୍ଟରେ ଭାରତୀୟ ଦଳ ସାଂଘାତିକ ଭାବେ ବିଫଳ ହୋଇଥିଲା। କୌଣସି ଭାରତୀୟ ବୋଲର ଓ ବ୍ୟାଟ୍ସମ୍ୟାନ ଏହି ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିପାରି ନ ଥିଲେ। ତେବେ କ୍ରମାଗତ ଦ୍ୱିତୀୟଥର ପାଇଁ ଟାଇଟଲ ଜିତିଥିବା ୱେଷ୍ଟଇଣ୍ଡିଜ୍ ଓପ୍‌ନର ଗର୍ଡନ ଗ୍ରୀନିଜ୍ ସଫଳତମ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଥିବା ବେଳେ ଇଂଲଣ୍ଡ ପେସ୍‌ର ମାଇକ୍ ହେଣ୍ଡ୍ରିକ୍ସ ସଫଳତମ ବୋଲର ଭାବେ ବିବେଚିତ ହୋଇଥିଲେ।

ସର୍ବାଧିକ ଦଳୀୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଚାମ୍ପିୟନ ୱେଷ୍ଟଇଣ୍ଡିଜ ତାଲିକା ଶୀର୍ଷରେ ରହିବ। ଲଣ୍ଡନର ଓଭାଲଠାରେ ୱେଷ୍ଟଇଣ୍ଡିଜ୍ ପାକିସ୍ତାନ ବିପକ୍ଷରେ ସର୍ବାଧିକ ୨୯୩/୬ ରନ୍ ସ୍କୋର କରିଥିଲା। ସେହିପରି ପାକିସ୍ତାନ ଅଷ୍ଟ୍ରେଲିଆ ବିପକ୍ଷରେ ଟ୍ରେଣ୍ଟବ୍ରିଜ୍‌ରେ ୨୮୬/୭ ସ୍କୋର କରି ଦ୍ୱିତୀୟ ଓ ଲର୍ଡ୍ସରେ ୱେଷ୍ଟଇଣ୍ଡିଜ୍ ପୁଣିଥରେ ଇଂଲଣ୍ଡ ବିପକ୍ଷରେ ୨୮୬/୯ ରନ୍‌ର ସ୍କୋର କରି ତୃତୀୟ ସ୍ଥାନରେ ରହିଥିଲା। ଏହି ତାଲିକାରେ ୧୦ଟି ଦଳ ସ୍ଥାନ ପାଇଥିବା ବେଳେ ଭାରତର ସ୍ଥାନ ନ ଥିଲା।

ବ୍ୟାଟିଂରେ ଦେଖିବାକୁ ଗଲେ ଗ୍ରୀନିଜ୍ ଟୁର୍ନାମେଣ୍ଟରେ ସର୍ବାଧିକ ୨୫୩ ରନ୍ ସଂଗ୍ରହ କରିଥିଲେ। ୪ଟି ମ୍ୟାଚ୍ ଖେଳି ୪ଟି ଇନିଂସ୍‌ରୁ ୮୪.୩୩ ରନ୍‌ହାରରେ ୬୨.୩୧ ଷ୍ଟ୍ରାଇକ୍ ରେଟ୍‌ରେ ସେ ରନ୍ ସଂଗ୍ରହ କରିଥିଲେ। ସେ ଗୋଟିଏ ଶତକ ଓ ୨ଟି ଅର୍ଦ୍ଧଶତକ ସହ ୧୭ ଚୌକା ଓ ୩ଟି ଛକା ମାରିଥିଲେ। ଗ୍ରୀନିଜ୍‌ଙ୍କ ସର୍ବାଧିକ ସ୍କୋର ଥିଲା ଅପରାଜିତ ୧୦୬। ଏହି କ୍ରମରେ ଦେଖିବାକୁ ଗଲେ ବ୍ୟାଟିଂ ତାଲିକାରେ ୱେଷ୍ଟଇଣ୍ଡିଜ୍‌ର ଭିଭିଆନ ରିଚାର୍ଡ୍ସ ୪ଟି ମ୍ୟାଚ୍ ଖେଳି ୪ଟି ଇନିଂସ୍‌ରୁ ୨୧୭ ରନ୍ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ୧୦୮.୫୦ ଆଭରେଜ୍‌ରେ ୭୪.୦୬ ଷ୍ଟ୍ରାଇକ୍ ରେଟ୍‌ରେ ସେ ଗୋଟିଏ ଶତକ ହାସଲ କରିଥିଲେ ଓ ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା ଅପରାଜିତ ୧୩୮। ତାଲିକାର ତୃତୀୟ ସ୍ଥାନରେ ରହିଥିଲେ ଇଂଲଣ୍ଡର ଗ୍ରାହମ ଗୁଚ୍। ଗୁଚ୍ ୫ଟି ମ୍ୟାଚ୍ ଖେଳି ୫ଟି ଇନିଂସ୍ ସହ ୨୧୦ ରନ୍ ସଂଗ୍ରହ କରିଥିଲେ। ତାଙ୍କର ସର୍ବାଧିକ ସ୍କୋର ଥିଲା ୭୧। ୫୨.୫୦ ହାରରେ ଓ ୬୩.୮୨ ରନ୍‌ହାରରେ ସେ ରନ୍ ସଂଗ୍ରହ କରିବା ସହ ୨ଟି ଅର୍ଦ୍ଧଶତକ ହାସଲ କରିଥିଲେ। ଏହି କ୍ରମରେ ଦେଖିବାକୁ ଗଲେ ଗ୍ଲେନ୍ ଟର୍ନର ୧୭୬ ଓ ଜନ୍ ରାଇଟ୍ ୧୬୬ ରନ୍ କରି ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ।



ମାଇକ୍ ହେଣ୍ଡ୍ରିକ୍ସ

ସର୍ବାଧିକ ବ୍ୟକ୍ତିଗତ ସ୍କୋର ତାଲିକାରେ ଭିଭିଆନ ରିଚାର୍ଡ୍ସ ୧୫୭ଟି ବଲ୍‌ର ସମ୍ମୁଖୀନ ହୋଇ ଅପରାଜିତ ୧୩୮ ରନ୍ ସଂଗ୍ରହ କରିଥିଲେ। ଏହି ଇନିଂସ୍‌ରେ ସେ ୧୧ଟି ଚୌକା ଓ ୩ଟି ଛକା ମାରିଥିଲା। ଗ୍ରୀନିଜ୍ ଅପରାଜିତ ୧୦୬, ପାକିସ୍ତାନର ଜାହିର ଆବାସ ୯୩, ୱେଷ୍ଟଇଣ୍ଡିଜର କଲିସ୍ କିଙ୍ଗ୍ ୮୬ ଓ ନ୍ୟୁଜିଲାଣ୍ଡର ବ୍ରୁସ୍ ଏଡ୍‌ଗାର ଅପରାଜିତ ୮୪ ରନ୍ କରି ଏହି ତାଲିକାରେ ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ।

ସର୍ବାଧିକ ପାର୍ଟନରଶିପ୍ ତାଲିକାରେ ୱେଷ୍ଟଇଣ୍ଡିଜର ଗ୍ରୀନିଜ୍ ଓ ଡେସ୍‌ମଣ୍ଡ ହେନ୍ସ ଭାରତ ବିପକ୍ଷରେ ପ୍ରଥମ ଉଇକେଟରେ ସର୍ବାଧିକ ୧୩୮ ରନ୍ ସଂଗ୍ରହ କରିଥିଲେ। ସେହିପରି ଦ୍ୱିତୀୟ ଉଇକେଟରେ ପାକିସ୍ତାନର ମାଜିଦ ଖାଁ ଓ ଜାହିର ଆବାସ ୱେଷ୍ଟଇଣ୍ଡିଜ ବିପକ୍ଷରେ ସର୍ବାଧିକ ୧୬୬ ରନ ସଂଗ୍ରହ କରିଥିଲେ। ତୃତୀୟ ଉଇକେଟ ଯୋଡ଼ିରେ ଇଂଲଣ୍ଡର ମାଇକ ବିୟରଲି ଓ ଗ୍ରାହମ ଗୁଚ୍ ଅଷ୍ଟ୍ରେଲିଆ ବିପକ୍ଷରେ ସର୍ବାଧିକ ୧୦୮ ରନ୍ ସଂଗ୍ରହ କରିଥିଲେ। ତେବେ ରନ୍ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ୱେଷ୍ଟଇଣ୍ଡିଜ ବିପକ୍ଷରେ ପାକିସ୍ତାନର ମାଜିଦ ଖାଁ ଓ ଜାହିର ଆବାସ ଦ୍ୱିତୀୟ ଉଇକେଟରେ ସର୍ବାଧିକ ୧୬୬ ରନ୍ କରି ତାଲିକାର ପ୍ରଥମ ସ୍ଥାନରେ ରହିଥିଲେ। ସେହିପରି ଭିଭିଆନ ରିଚାର୍ଡ୍ସ ଓ କଲିସ କିଙ୍ଗ୍ ପଞ୍ଚମ ଉଇକେଟ ଯୋଡିରେ ଇଂଲଣ୍ଡ ବିପକ୍ଷରେ ୧୩୯ ରନ୍ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ୱେଷ୍ଟଇଣ୍ଡିଜ୍‌ର ଗର୍ଡନ ଗ୍ରୀନିଜ୍ ଓ ଡେସ୍‌ମଣ୍ଡ ହେନ୍ସ ଭାରତ ବିପକ୍ଷରେ ପ୍ରଥମ ଉଇକେଟରେ ୧୩୮ ରନ୍ କରି ତୃତୀୟ ସ୍ଥାନ ପାଇଥିଲେ।




ବୋଲିଂରେ ଇଂଲଣ୍ଡର ହେଣ୍ଡ୍ରିକ୍ସ ୫ଟି ମ୍ୟାଚ୍ ଖେଳି ୧୪.୯୦ ରନ୍‌ହାରରେ ସର୍ବାଧିକ ୧୦ ଉଇକେଟ ହାସଲ କରିଥିଲେ। ୪/୧୫ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ସେହିପରି ନ୍ୟୁଜିଲାଣ୍ଡର ବ୍ରାଏନ ମ୍ୟାକେଞ୍ଜି ୪ଟି ମ୍ୟାଚ୍ ଖେଳି ୧୫.୬୬ ରନ୍‌ହାରରେ ୯ ଉଇକେଟ ଅକ୍ତିଆର କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ପାକିସ୍ତାନର ଆସିଫ ଇକ୍‌ବାଲ ୪ଟି ମ୍ୟାଚ୍ ଖେଳି ୧୭.୪୪ ରନ୍‌ହାରରେ ୯ ଉଇକେଟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ଇଂଲଣ୍ଡର କ୍ରିସ୍ ଓଲ୍ଡ ୫ଟି ମ୍ୟାଚ୍ ଖେଳି ୯ ଓ ୱେଷ୍ଟଇଣ୍ଡିଜର ମାଇକେଲ ହୋଲ୍ଡିଂ ୪ଟି ମ୍ୟାଚ୍ ଖେଳି ୮ ଉଇକେଟ ନେବା ସହ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ। ଶ୍ରେଷ୍ଠ ବୋଲିଂ ଫିଗରରେ ଅଷ୍ଟ୍ରେଲିଆର ଆଲାନ ହର୍ଷ୍ଟ କାନାଡ଼ା ବିପକ୍ଷରେ ୧୦ ଓଭରରେ ୨୧ ରନ୍ ବ୍ୟୟକରି ୫ ଉଇକେଟ ନେଇ ପ୍ରଥମ ସ୍ଥାନରେ ରହିଥିଲେ। ସେହିପରି ଗାର୍ନର ଇଂଲଣ୍ଡ ବିପକ୍ଷରେ ୧୧ ଓଭର ବୋଲିଂ କରି ୫/୩୮ ସହ ଦ୍ୱିତୀୟ, ଇଂଲଣ୍ଡର କ୍ରିସ୍ ଓଲ୍ଡ କାନାଡ଼ା ବିପକ୍ଷରେ ୧୦ ଓଭରରେ ୪/ ୮ ସହ ତୃତୀୟ, ଇଂଲଣ୍ଡର ବବ୍ ୱିଲ୍ସ କାନାଡ଼ା ବିପକ୍ଷରେ ୧୦.୩ ଓଭର ବୋଲିଂ କରି ୪/୧୧ ସହ ଚତୁର୍ଥ ଓ ଇଂଲଣ୍ଡର ମାଇକ୍ ହେଣ୍ଡ୍ରିକ୍ସ ପାକିସ୍ତାନ ବିପକ୍ଷରେ ୧୨ ଓଭର ବୋଲିଂ କରି ୪/୧୫ ସହ ପଞ୍ଚମ ସ୍ଥାନରେ ରହିଥିଲେ।

କିପିଂରେ ୱେଷ୍ଟଇଣ୍ଡିଜର ଡେରିକ ମୁରେ ୪ ମ୍ୟାଚ୍‌ରୁ ୭ଟି କ୍ୟାଚ୍ ନେଇ ସଫଳତମ ଉଇକେଟ କିପର ସାବ୍ୟସ୍ତ ହୋଇଥିଲେ। ପାକିସ୍ତାନର ୱାସିମ ବାରି ୪ଟି ମ୍ୟାଚ୍‌ରୁ ୬ଟି କ୍ୟାଚ୍ ଓ ଗୋଟିଏ ଷ୍ଟମ୍ପିଂ କରି ତାଲିକାର ଦ୍ୱିତୀୟ, ନ୍ୟୁଜିଲାଣ୍ଡର ୱାରେନ ଲିସ୍ ୪ଟି ମ୍ୟାଚ୍‌ରୁ ୬ଟି କ୍ୟାଚ୍ ନେଇ ତୃତୀୟ, ଅଷ୍ଟ୍ରେଲିଆର କେଭିନ୍ ରାଇଟ୍ ୩ଟି ମ୍ୟାଚ୍ ଖେଳି ୫ଟି କ୍ୟାଚ୍ ନେଇ ଚତୁର୍ଥ ଓ ଇଂଲଣ୍ଡର ବବ୍ ଟେଲର ୫ଟି ମ୍ୟାଚ୍ ଖେଳି ୪ଟି କ୍ୟାଚ୍ ନେବା ସହ ପଞ୍ଚମ ସ୍ଥାନରେ ରହିଛନ୍ତି।

ଆଉଟ୍‌ଫିଲ୍ଡିଂରେ ପାକିସ୍ତାନର ୱାସିମ ବାରି ୪ ମ୍ୟାଚ୍‌ରୁ ସର୍ବାଧିକ ୪ କ୍ୟାଚ୍ ନେଇ ପ୍ରଥମ, ୱେଷ୍ଟଇଣ୍ଡିଜର ଅଲଭିନ୍ କାଲିଚରନ ୪ ମ୍ୟାଚରୁ ୪ କ୍ୟାଚ୍ ନେଇ ଦ୍ୱିତୀୟ, ଇଂଲଣ୍ଡର ମାଇକ ବ୍ରେୟରଲି ୫ଟି ମ୍ୟାଚ୍‌ରୁ ୪ଟି କ୍ୟାଚ୍ ନେଇ ତାଲିକାର ତୃତୀୟ ସ୍ଥାନରେ ରହିଥିଲେ। ଏହି କ୍ରମରେ ଦେଖିବାକୁ ଗଲେ ନ୍ୟୁଜିଲାଣ୍ଡର ଜେରେମି କୋନି ୩ କ୍ୟାଚ୍ ନେଇ ଚତୁର୍ଥ, ୱେଷ୍ଟଇଣ୍ଡିଜର କ୍ଲାଇଭ ଲୟଡ ୩ କ୍ୟାଚ୍ ନେଇ ପଞ୍ଚମ, ଭିଭି ରିଚାର୍ଡ୍ସ ୩ କ୍ୟାଚ୍ ନେଇ ଷଷ୍ଠ, ପାକିସ୍ତାନର ସାଦିକ ମହମ୍ମଦ ୩ କ୍ୟାଚ୍ ନେଇ ସପ୍ତମ ଓ ଇଂଲଣ୍ଡର ମାଇକ୍ ହେଣ୍ଡ୍ରିକ୍ସ ଟୁର୍ନାମେଣ୍ଟରେ ୩ କ୍ୟାଚ୍ ନେଇ ଅଷ୍ଟମ ସ୍ଥାନରେ ରହିଥିଲେ। କୌଣସି ଭାରତୀୟ କ୍ରିକେଟର ଏହି ତାଲିକାଗୁଡ଼ିକରେ ସ୍ଥାନ ହାସଲ କରିପାରି ନ ଥିଲେ। ବୋଲିଂ, ବ୍ୟାଟିଂ, ଫିଲ୍ଡିଂ ଓ ଉଇକେଟ କିପିଂରେ ଭାରତୀୟ ଖେଳାଳିମାନେ ମାମୁଲି ପ୍ରଦର୍ଶନ କରିଥିଲେ ଏବଂ ବିଶ୍ୱକପ୍ ଇତିହାସରେ ଭାରତ ଏହି ସଂସ୍କରଣରେ ସବୁଠାରୁ ଖରାପ ପ୍ରଦର୍ଶନ କରିଥିଲା।



ଗର୍ଡନ ଗ୍ରୀନିଜ




# କାକରାନ, ମଞ୍ଜୁ ଜିତିଲେ ବ୍ରୋଞ୍ଜ

କି ଆନ୍ (ଚାଇନା), ୨୫।୪ (ପି.ଟି.)

ଭାରତର ଦିବ୍ୟା କାକରାନ ଏବଂ ମଞ୍ଜୁ କୁମାରୀ ଏସିଆନ ମହିଳା ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏସିଆନ ଗେମ୍ସ ବ୍ରୋଞ୍ଜ ପଦକ ବିଜୟିନୀ କାକରାନ ୬୮କେଜି କାଟେଗୋରି ପ୍ଲେ-ଅଫ୍‌ରେ ମଙ୍ଗୋଲିଆର ବ୍ୟାଟସେଟସେଗ୍ ସୋରୋନଜୋନ୍‌ବୋଲ୍ଡଙ୍କୁ ହରାଇ ପୋଡିୟମ୍ ଫିନିଶ କରିଥିଲେ। ପୂର୍ବରୁ ଭିଏତ୍‌ନାମର ଥି ହୁଅଙ୍ଗ୍ ଦାଓଙ୍କୁ ୧୧-୨ରେ ପରାସ୍ତ କରି ମଞ୍ଜୁ ଭାରତ ପାଇଁ ଆଉ ଏକ ବ୍ରୋଞ୍ଜ ପଦକ ଆଣିଦେଇଥିଲେ। ଭାରତର ଅନ୍ୟତମ ରେସ୍‌ଲର ସୀମା ମଧ୍ୟ ପ୍ଲେ-ଅଫ୍‌କୁ ଉନ୍ନୀତ ହୋଇଥିଲେ। ସେ କିନ୍ତୁ ୫୦ କେଜି କାଟେଗୋରିରେ ଜାଜାଖସ୍ତାନର ଭାଲେଣ୍ଟିନା ଇଭାନୋଭାନା ଇସ୍‌ଲାମୋଭାଙ୍କଠାରୁ ୫-୧୧ରେ ପରାଜିତ ହୋଇଯାଇଥିଲେ। ସୂଚନାଯୋଗ୍ୟ, ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍ ୨୦୧୭ ସଂସ୍କରଣର ୬୯ କେଜି କାଟେଗୋରିରେ ରୌପ୍ୟ ଜିତିଥିବା କାକରାନ ଏଠାରେ ତାଙ୍କ ସେମିଫାଇନାଲ ମୁକାବିଲାରେ ଚାଇନାର ଫେଙ୍ଗ୍ ଝୋଙ୍କଠାରୁ ୪-୧୪ରେ ପରାସ୍ତ ହୋଇଯାଇଥିଲେ। ଗୋଇଠି ଇଞ୍ଜୁରିରୁ ମୁକ୍ତି ପାଇବା ପରେ ତାଙ୍କ କ୍ୱାର୍ଟର ଫାଇନାଲରେ ହଂକଂର ଥୁଇ ଏନଗୁୟେନଙ୍କୁ ୧୦-୦ରେ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ ମଞ୍ଜୁ ୫୯କେଜି କାଟେଗୋରି ସେମିଫାଇନାଲରେ ମଙ୍ଗୋଲିଆର ବ୍ୟାଟସେଟସେଗ୍ ଆଟଲାଣ୍ଟସେଟସେଗ୍‌ଙ୍କଠାରୁ ୬-୧୫ରେ ହାରିଯିବାରୁ ବ୍ରୋଞ୍ଜ ପଦକ ରାଉଣ୍ଡରେ ଲଢିବାକୁ ପଡ଼ିଥିଲା।


ଦିବ୍ୟା କାକରାନ

# ରାଜସ୍ଥାନ ୩ ଉଇକେଟରେ ବିଜୟୀ

କୋଲକାତା,୨୫।୪(ପି.ଟି.)

ଷ୍ଟିଭେନ୍ ସ୍ମିଥ୍‌ଙ୍କ ନେତୃତ୍ୱାଧୀନ ରାଜସ୍ଥାନ ରୟାଲ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୪୩ତମ ମ୍ୟାଚ୍‌ରେ ଘରୋଇ କୋଲକାତା ନାଇଟ ରାଇଡର୍ସଙ୍କୁ ୪ଟି ବଲ ବାକିଥାଇ ୩ ଉଇକେଟରେ ପରାସ୍ତ କରି ଚତୁର୍ଥ ବିଜୟ ହାସଲ କରିଛି। ସ୍ଥାନୀୟ ଇଡେନ ଗାର୍ଡେନ ଗ୍ରାଉଣ୍ଡରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା କୋଲକାତା ୬ ଉଇକେଟ ହରାଇ ୧୭୫ ରନ ସଂଗ୍ରହ କରିଥିଲା। ଜବାବରେ ରାଜସ୍ଥାନ ୧୯.୨ ଓଭରରେ ୭ ଉଇକେଟ ହରାଇ ୧୭୭ ରନ କରି ବିଜୟୀ ହୋଇଥିଲା। ଏଥିସହିତ ୧୧ଟି ମ୍ୟାଚ୍ ଖେଳି ୪ଟି ବିଜୟ ଓ ୭ଟି ପରାଜୟ ସହ ୮ ପଏଣ୍ଟ ହାସଲ କରି ରାଜସ୍ଥାନ ତାଲିକାର ସପ୍ତମ ସ୍ଥାନକୁ ଉଠିଛି। କୋଲକାତା ଅଧିନାୟକ ଦୀନେଶ କାର୍ତ୍ତିକଙ୍କ ଅପରାଜିତ ୯୭ ରନର ଦ୍ରୁତ ପାଳି ବେକାର ସାବ୍ୟସ୍ତ ହୋଇଛି। ୨୦ ରନ ଦେଇ ଗୋଟିଏ ମେଡେନ ନେବା ସହ କୋଲକାତାର ଦୁଇ ଓପନରଙ୍କୁ କ୍ଲିନ୍ ବୋଲ୍ଡ କରିଥିବା ଦ୍ରୁତ ବୋଲର ବରୁଣ ଆରୋନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୭୬ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ରାଜସ୍ଥାନ ଭଲ ଆରମ୍ଭ କରିଥିଲେ ମଧ୍ୟ ନିୟମିତ ଅନ୍ତରରେ ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ପ୍ରଥମ ଉଇକେଟ ଯୋଡିରେ ଅଜିଙ୍କ୍ୟ ରାହାନେ ଓ ସଞ୍ଜୁ ସାମସନ ୩୨ ବଲରୁ ୫୩ ରନ ସଂଗ୍ରହ କରିଥିଲେ। ରାହାନେ ୩୪ ରନ କରି ସୁନୀଲ ନାରିନଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହେବାପରେ ସାମସନ ୨୨ ରନ କରିଥିବା ବେଳେ ପୀୟୂଷ ଚାୱଲାଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ମାତ୍ର ୨ ରନ କରିଥିବା ବେଳେ କ୍ଲିନ୍ ବୋଲ୍ଡ ହୋଇ ନାରିନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ୧୧ ରନ କରିଥିବା ବେଳେ ବେନ୍ ଷ୍ଟୋକ୍ସ ଚାୱଲାଙ୍କ ବଲ୍‌ରେ ଆନ୍ଦ୍ରେ ରସେଲଙ୍କୁ କ୍ୟାଚ୍ ଦେଇଥିଲେ। ଷ୍ଟୁଆର୍ଟ ବିନ୍ନୀ ୧୧ ରନ କରି ରିଙ୍କୁ ସିଂଙ୍କୁ କ୍ୟାଚ୍ ଦେଇ ଚାୱଲାଙ୍କ ତୃତୀୟ ଶିକାର ହୋଇଥିଲେ। ଶ୍ରେୟାସ ଗୋପାଲ ୯ ବଲରୁ ୪ ଚୌକା ସହ ୧୮ ରନ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ଦ୍ୱାରା ଆଉଟ ହୋଇଥିଲେ। ୩୧ ବଲରୁ ୫ ଚୌକା ଓ ୨ ଛକା ସହ ୪୭ ରନ କରି ଦଳକୁ ବିଜୟ ଆଡକୁ ନେଇଥିବା ବେଳେ ରିୟାନ ପରାଗ ରସେଲଙ୍କ ବଲ୍‌ରେ ହିଟ୍ ଉଇକେଟ ହୋଇଥିଲେ। ତେବେ ଏହାପରେ ଜୋଫ୍ରା ଆର୍ଚର ୧୨ ବଲରୁ ୨ ଚୌକା ଓ ୨ ଛକା ସହ ଅପରାଜିତ ୨୭ ରନ କରି ଦଳକୁ ଜିତାଇଥିଲେ। ବୋଲିଂରେ କୋଲକାତା ତରଫରୁ ଚାୱଲା ୩, ନାରିନ ୨, କ୍ରିଷ୍ଣା ଓ ରସେଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଗୋଟିଏ ପଟେ ନିୟମିତ ବ୍ୟବଧାନରେ ଉଇକେଟର ପତନ ହେଉଥିବା ବେଳେ ଅଧିନାୟକ ଦୀନେଶ କାର୍ତ୍ତିକ ଉପଯୋଗୀ ତଥା ଦ୍ରୁତ ଇନିଂସ ଖେଳି କୋଲକାତାକୁ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ। କାର୍ତ୍ତିକ ୫୦ଟି ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୯ ଛକା ସହ ୯୭ ରନ କରି ଅପରାଜିତ ରହିଥିଲେ ଓ ମାତ୍ର ୩ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଓପନର କ୍ରିସ୍ ଲିନ୍‌ଙ୍କୁ ତୃତୀୟ ବଲରେ ହରାଇ ଦଳ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଲିନ୍ ଖାତା ଖୋଲି ନ ପାରି ବରୁନ ଆରୋନଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଯୁବ ବ୍ୟାଟ୍ସମ୍ୟାନ ଶୁବମନ ଗିଲ ୧୪ ବଲରୁ ୨ ଚୌକା ସହ ୧୪ ରନ କରିଥିବା ବେଳେ କ୍ଲିନ୍ ବୋଲ୍ଡ ହେବା ସହ ଆରୋନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଇନ୍‌ଫର୍ମ ନୀତୀଶ ରାଣା ୨୬ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ସହ ମାତ୍ର ୨୧ ରନ କରି ଶ୍ରେୟାସ ଗୋପାଲଙ୍କ ବଲ୍‌ରେ ଆରୋନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୫ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ସୁନୀଲ ନାରିନ ୮ ବଲରୁ ୧ ଚୌକା ଓ ୧ ଛକା ସହ ୧୧ ରନ କରିଥିବା ବେଳେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। ଫଳରେ କୋଲକାତା ୮୦ ରନରେ ୪ ଉଇକେଟ ହରାଇଥିଲା। ତେବେ ପଞ୍ଚମ ଉଇକେଟ ଯୋଡିରେ ଅଧିନାୟକ ଦୀନେଶ କାର୍ତ୍ତିକ ଓ ଆନ୍ଦ୍ରେ ରସେଲ ୩୯ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ତେବେ ରସେଲ ୧୪ ବଲରୁ ୧ ଛକା ସହ ୧୪ ରନ କରି ଓଶେନ୍ ଥୋମାସଙ୍କ ବଲ୍‌ରେ ଓ କାର୍ଲୋସ ବ୍ରାଥୱେଟ ୫ ରନ କରିଥିବା ବେଳେ ଉନାଡକଟଙ୍କ ଦ୍ୱାରା ଆଉଟ ହୋଇଥିଲେ। ରିଙ୍କୁ ସିଂ ୫ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ରାଜସ୍ଥାନ ତରଫରୁ ଆରୋନ ୨, ଥୋମାସ, ଗୋପାଲ ଓ ଉନାଡ଼କଟ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


ରିୟାନ ପରାଗ

## ସଂକ୍ଷିପ୍ତ ସ୍କୋର

- କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୭୫/୬ (କାର୍ତ୍ତିକ- ୯୭*, ରାଣା- ୨୧, ଗିଲ- ୧୪, ରସେଲ- ୧୪, ନାରିନ- ୧୧, ଆରୋନ- ୨/୨୦, ଥୋମାସ- ୧/୩୨, ଗୋପାଲ- ୧/୩୧, ଉନାଡକଟ- ୧/୫୦)।
- ରାଜସ୍ଥାନ ରୟାଲ୍ସ ୧୯.୨ ଓଭରରେ ୧୭୭/୭ (ପରାଗ- ୪୭, ରାହାନେ- ୩୪, ଆର୍ଚର- ୨୭*, ସାମସନ-୨୨, ଚାୱଲା- ୩/୨୦, ନାରିନ- ୨/୨୫)।

## ଆଜିର ମ୍ୟାଚ



ଚେନ୍ନାଇ ସୁପର କିଙ୍ଗ୍ସ
ବନାମ
ମୁମ୍ବାଇ ଇଣ୍ଡିଆନ୍ସ

ପ୍ରସାରଣ
ସ୍ଥାନ : ଚେନ୍ନାଇ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୧୧ | ୮ | ୩ | ୧୬ | ୦.୦୯୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୭ | ୪ | ୧୪ | ୦.୧୮୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୧୨ | ୦.୩୫୭ |
| ସନ୍‌ରାଇଜର୍ସ | ୧୦ | ୫ | ୫ | ୧୦ | ୦.୬୫୪ |
| କିଙ୍ଗ୍ସ ଇଲେଭେନ | ୧୧ | ୫ | ୬ | ୧୦ | -୦.୧୧୭ |
| ନାଇଟ ରାଇଡର୍ସ | ୧୧ | ୪ | ୭ | ୮ | -୦.୦୫ |
| ରାଜସ୍ଥାନ ରୟାଲ୍ସ | ୧୧ | ୪ | ୭ | ୮ | -୦.୩୯ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୧ | ୪ | ୭ | ୮ | -୦.୬୮୩ |

## ଫାଇନାଲରେ ୬ ଭାରତୀୟ ବକ୍ସର

ବ୍ୟାଙ୍କକ୍, ୨୫।୪(ପି.ଟି.)–ଏସିଆନ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ଗୁରୁବାର ୬ଜଣ ଭାରତୀୟ ବକ୍ସର ଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ଏହି ଚାମ୍ପିୟନଶିପ୍‌ରେ ଭାରତ ପାଇଁ ଏହା ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ସାବ୍ୟସ୍ତ ହୋଇଛି। ୫୨ କେ.ଜି.ରେ ଅମିତ ପଙ୍ଘାଲ ଓ ୫୬ କେ.ଜି.ରେ କବିନ୍ଦର ସିଂ ବିଷ୍ଟ ଫାଇନାଲରେ ପ୍ରବେଶ କରି ଚଳିତ ବର୍ଷ କ୍ରମାଗତ ଦ୍ୱିତୀୟ ଆନ୍ତର୍ଜାତିକ ସ୍ୱର୍ଣ୍ଣପଦକ ହାସଲ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ତେବେ ୬୦ କେ.ଜି.ରେ ଶିବ ଥାପା କ୍ରମାଗତ ଚତୁର୍ଥଥର ପାଇଁ ସେମିଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପରାସ୍ତ ହୋଇ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଦୀପକ ସିଂ ୪୯ କେ.ଜି. ଓ ଆଶିଷ କୁମାର ୭୫ କେ.ଜି.ରେ ଫାଇନାଲକୁ ଉଠିଛନ୍ତି। ସେହିପରି ପୂଜାରାନୀ ୮୧ କେ.ଜି. ବର୍ଗରେ ଓ ସିମରନଜିତ୍ କୌର ୬୪ କେ.ଜି. ମହିଳା ଡ୍ର'ର ଫାଇନାଲରେ ପ୍ରବେଶ କରି ରୌପ୍ୟପଦକ ନିଶ୍ଚିତ କରିଛନ୍ତି।

## ଆଡଭାନୀଙ୍କୁ ଏସିଆନ ସ୍ନୁକର ଟୁର୍ ଟାଇଟଲ

ବେଙ୍ଗାଲୁରୁ, ୨୫।୪ (ପି.ଟି.)

ଇରାନର ଏହେସାନ ହେଦାରି ନେଜହାଦ୍‌ଙ୍କୁ ୬-୪ରେ ପରାସ୍ତ କରି ଭାରତର ଅଗ୍ରଣୀ କ୍ୟୁଇଷ୍ଟ ପଙ୍କଜ ଆଡଭାନୀ ଏଠାରେ ଉଦ୍‌ଘାଟନୀ ଏସିଆନ ସ୍ନୁକର ଟୁର୍ ଟାଇଟଲ ହାସଲ କରିଛନ୍ତି। ୨୧ଥର ବିଶ୍ୱ ସ୍ନୁକର ଓ ବିଲିୟାର୍ଡ୍ସ ଚାମ୍ପିୟନ ଆଡଭାନୀ ସେମିଫାଇନାଲରେ ମ୍ୟାନ୍‌ମାରର ଅଙ୍ଗ୍ ଫାଇଓଙ୍କୁ ୫-୨ରେ ହରାଇ ଦେଇଥିଲେ। ଆଡଭାନୀ ଏହା ପୂର୍ବରୁ ଚାଇନାରେ ଅନୁଷ୍ଠିତ ଦ୍ୱିତୀୟ ଲେଗ୍‌ରେ ବିଜୟ ହାସଲ କରିସାରିଛନ୍ତି। ଟୁର୍‌ର ଫାଇନାଲ ଲେଗ୍ ବେଙ୍ଗାଲୁରୁରେ ହେବ। ଏଥିରେ ଓଭରାଲ ଏସିଆନ ଟୁର୍ ଚାମ୍ପିୟନ ନିର୍ଦ୍ଧାରିତ ହେବ।

## ଆଇପିଏଲ-୧୨ରୁ ଷ୍ଟେଇନ ଆଉଟ୍

ବେଙ୍ଗାଲୁରୁ,୨୫।୪(ପିଟି)

ଚଳିତ ଆଇପିଏଲରେ ହ୍ୟାଟ୍ରିକ ବିଜୟ ହାସଲ କରିବା ପରେ ପ୍ଲେ-ଅଫ୍‌କୁ ପ୍ରବେଶ କରିବା ଆଶା ରଖିଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ଗୁରୁବାର ଶକ୍ତ ଧକ୍କା ଲାଗିଛି। ବଦଳ ଖେଳାଳି ଭାବେ ଦଳରେ ସାମିଲ ହୋଇଥିବା ଡେଲ ଷ୍ଟେଇନ ଅବଶିଷ୍ଟ ମ୍ୟାଚ୍ ଖେଳିପାରିବେ ନାହିଁ। ଗତ ୨୧ ତାରିଖରେ ଖେଳାଯାଇଥିବା ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ତାଙ୍କ କାନ୍ଧରେ ଆଘାତ ଲାଗିଥିଲା। ଏଥିଯୋଗୁ କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ତାଙ୍କୁ ବିଶ୍ରାମ ଦିଆଯାଇଥିଲା। କିନ୍ତୁ ଫିଟ୍ ହେବାରେ ସମୟ ଲାଗିବାକୁ ଥିବାରୁ ଷ୍ଟେଇନ ସ୍ୱଦେଶ ଫେରିବେ। ସେଠାରେ ସେ କାନ୍ଧ ସମସ୍ୟାର ସ୍ପେଶାଲିଷ୍ଟଙ୍କ ସହ ପରାମର୍ଶ କରିବେ। ଏ ସମ୍ପର୍କରେ ବାଙ୍ଗାଲୋର ଫ୍ରାଞ୍ଚାଇଜ ଗୁରୁବାର ସୂଚନା ଦେଇଛି। ଦକ୍ଷିଣ ଆଫ୍ରିକୀୟ ପେସରଙ୍କୁ ବିଶ୍ରାମ ନେବାକୁ କୁହାଯାଇଛି। ଏଣୁ ସେ ଚଳିତ ଆଇପିଏଲରେ ଖେଳି ପାରିବ ନାହିଁ। ତାଙ୍କ ଉପସ୍ଥିତିରେ ଦଳକୁ ଭଲ ପ୍ରଦର୍ଶନ କରିବାରେ ସହାୟକ ହୋଇଥିଲା। ଆରସିବି ତାଙ୍କ ଅନୁପସ୍ଥିତି ଅନୁଭବ କରିବ ବୋଲି ଫ୍ରାଞ୍ଚାଇଜ ଅଧ୍ୟକ୍ଷ ସଞ୍ଜୀବ ଚୁରିୱାଲା କହିଛନ୍ତି। ଷ୍ଟେଇନ ଉପଲବ୍ଧ ନ ଥିବାରୁ ନ୍ୟୁଜିଲାଣ୍ଡ ପେସର ଟିମ ସୌଦି ଏବେ ଠାରୁ ଆରସିବି ବୋଲିଂ ବିଭାଗର ନେତୃତ୍ୱ ନେବେ।

## ଭାରତୀୟ ମିକ୍ସଡ ଟିମ୍ ଜିତିଲେ ୨ ସ୍ୱର୍ଣ୍ଣ

ବେଜିଂ, ୨୫।୪(ପି.ଟି.)

ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ଶୁଟିଂ ପ୍ରତିଯୋଗିତାରେ ଗୁରୁବାର ଭାରତର ଯୁବ ମିକ୍ସଡ ଟିମ୍ ପ୍ରାଧାନ୍ୟ ବିସ୍ତାର କରି ୨ଟି ସ୍ୱର୍ଣ୍ଣପଦକ ଲାଭ କରିଛି। ସ୍ୱଳ୍ପବୟସ୍କ ଯୋଡ଼ି ମନୁ ଭାକର ଓ ସୌରଭ ଚୌଧାରୀ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଛନ୍ତି। ସେହିପରି ଦିବ୍ୟାଂଶ ପନ୍‌ୱର ତାଙ୍କ ପାର୍ଟନର ଅଞ୍ଜୁମ ମୋଦଗିଲଙ୍କ ସହ ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଦିବ୍ୟାଂଶଙ୍କର ଏହା ଥିଲା ଦ୍ୱିତୀୟ ସିନିୟର ପ୍ରତିଯୋଗିତା। ଅଞ୍ଜୁମ ତାଙ୍କ ନୂଆ ପାର୍ଟନର କରି ସ୍ୱର୍ଣ୍ଣ ପଦକ ମୁକାବିଲାରେ ଚାଇନାର ଲିୟୁ ରକ୍ସୁଆନ ଏବଂ ୟାଙ୍ଗ୍ ହାଓରାନଙ୍କୁ ୧୭-୧୫ରେ ହରାଇ ଦେଇଥିଲେ। ବେଜିଂରେ ମିକ୍ସଡ ଇଭେଣ୍ଟ ପାଇଁ ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ପକ୍ଷରୁ ନୂଆ ଫର୍ମାଟ ପରୀକ୍ଷାମୂଳକ ଭାବେ ସାମିଲ କରାଯାଇଛି। ଏକଦା ଚାଇନିଜ୍ ଯୋଡ଼ି ଜିତିବେ ବୋଲି ମନେ ହେଉଥିଲା। ଭାରତୀୟ ଟିମ୍ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ୧୫-୧୫ ସମାନ ସ୍ଥିତିକୁ ଆଣିପାରିଥିଲା। ଦିବ୍ୟାଂଶ ଓ ଅଞ୍ଜୁମ ଚାପରେ ଥାଇ ଟାଇବ୍ରେକରରେ ବିଜୟ ହାସଲ କରିନେଇଥିଲେ। ଏହି ଇଭେଣ୍ଟରେ ଭାଗ ନେଇଥିବା ଦ୍ୱିତୀୟ ଭାରତୀୟ ଟିମ୍ ଅପୂର୍ବୀ ଚାଣ୍ଡେଲା ଓ ଦୀପକ କୁମାର ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ, ହେଲେ ୬ଷ୍ଠ ସ୍ଥାନ ସହ ସେମାନଙ୍କ ଅଭିଯାନ ଶେଷ କରିଥିଲେ। ଅନ୍ୟପକ୍ଷରେ ମନୁ ଓ ସୌରଭ ସେମାନଙ୍କ ସ୍ୱର୍ଣ୍ଣପଦକ ମ୍ୟାଚ୍‌ରେ ପୂର୍ବତନ ଅଲିମ୍ପିକ ଚାମ୍ପିୟନ ପ୍ୟାଙ୍ଗ୍ ୱି ଓ ୨୦୧୯ ନୂଆଦିଲ୍ଲୀ ବିଶ୍ୱକପ୍ ଫାଇନାଲିଷ୍ଟ ଜିଆଙ୍ଗ ରାନକ୍ସିନଙ୍କୁ ୧୬-୬ ବ୍ୟବଧାନରେ ପରାସ୍ତ କରିଥିଲେ। ସୂଚନାଯୋଗ୍ୟ, ଦୁଇ ମାସ ପୂର୍ବେ ନୂଆଦିଲ୍ଲୀ ପର୍ଯ୍ୟାୟ ବିଶ୍ୱକପ୍‌ରେ ମନୁ ଓ ସୌରଭ ଟପ୍ କ୍ଲାସ୍ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଥିଲେ। ଫାଇନାଲ ପ୍ରବେଶ ପଥରେ ଏହି ଯୋଡ଼ି କ୍ୱାର୍ଟର ଫାଇନାଲରେ ଅଭିଜ୍ଞ ଜର୍ମାନ ଯୋଡ଼ି ଏବଂ ସେମିଫାଇନାଲରେ ଅନ୍ୟ ଏକ ଚାଇନିଜ୍ ଯୋଡ଼ିଙ୍କୁ ହରାଇ ଦେଇଥିଲେ। ନୂଆ ଫର୍ମାଟ୍‌ରେ ୮ଟି ଟିମ୍ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହେବେ। ଏହି ପର୍ଯ୍ୟାୟରେ ୪ଟି କ୍ୱାର୍ଟର ଫାଇନାଲ, ଦୁଇଟି ସେମିଫାଇନାଲ ଏବଂ ସ୍ୱର୍ଣ୍ଣ ପଦକ ପାଇଁ ଗୋଟିଏ ଫାଇନାଲର ବ୍ୟବସ୍ଥା ରହିଛି।


# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ ନାରାୟଣ ପ୍ରସାଦ ପଟ୍ଟନାୟକ
ଜାଆଁଳା, ଭୁବନେଶ୍ୱର
ଆବିର୍ଭାବ :୧୯୩୨ ମସିହା
ତିରୋଧାନ:୧୬.୦୪.୨୦୧୯
ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ତ୍ୟାଗ ଚିରସ୍ମରଣୀୟ । ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ
D-61916

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱ ଗୀତାରାଣୀ ମହାନ୍ତି
୧୩୫, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ଆବିର୍ଭାବ - ୧.୭.୧୯୪୪
ତିରୋଧାନ - ୧୬.୪.୨୦୧୯
ବୋଉ, ଆପଣଙ୍କର ସ୍ନେହ, ଶ୍ରଦ୍ଧା, ନିଷ୍ଠା, କର୍ତ୍ତବ୍ୟ ପରାୟଣତା, ତ୍ୟାଗ, ପରୋପକାର ଆମ ପାଇଁ ପ୍ରେରଣାର ଉତ୍ସ ହେଉ, ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି, ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଆପଣ ଯେଉଁଠି ବି ଥାଆନ୍ତୁ ଭଲରେ ଥାଇ ଆମକୁ ଆଶୀର୍ବାଦ କରନ୍ତୁ।
ଶୋକସନ୍ତପ୍ତ - ସ୍ୱାମୀ, ପୁତ୍ର, କନ୍ୟା, ପୁତ୍ରବଧୂ, ଜାମାତା ଓ ନାତି-ନାତୁଣୀମାନେ। ମହାନ୍ତି ପରିବାର
D-66100

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଏକାଦଶାହ ଉପଲକ୍ଷେ



ସ୍ୱ ଶୁଶିଳା ବେହେରା
ସ୍ୱା-ସ୍ୱ ରାମ ଚନ୍ଦ୍ର ବେହେରା, ହାଟବଜାର (ରିଲାୟାନସ୍ ଟାୱାର ନିକଟସ୍ଥ) ଜଟଣୀ, ଖୋର୍ଦ୍ଧା
ଆବିର୍ଭାବ-୦୨.୦୬.୧୯୪୩
ତିରୋଧାନ-୧୫.୦୪.୨୦୧୯
ଆପଣଙ୍କର ଅନାବିଳ ସ୍ନେହ ଓ ଶ୍ରଦ୍ଧା ନିକଟରେ ଆମେ ସମସ୍ତେ ଚିର ଋଣୀ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମାଁ ମଙ୍ଗଳା ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକ ସନ୍ତପ୍ତ-
ପୁତ୍ର-ମନୋଜ(ମୁନା), ମହେଶ(ମଣ୍ଟୁ), ମଧୁ, ମହେନ୍ଦ୍ର (ଟୁନା), ବୋହୂ-ସଂଜୁକ୍ତା, ଶର୍ମିଳା (ଝିନି), ଶୌଭାଗିନି (ଛୋଟ), ସୁନିତା (ମାମି), ନାତି ନାତୁଣୀ-ଗୁଡ଼ି, ନିକି, ସିମି, ଶିଖା, ବିଶାଲ, ରିଶାଲ, ସୋନୁ, ମୋନୁ, ବନ୍ଧୁ ଓ ପରିଜନ
D-12309

**ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ତାରାମଣୀ ମିଶ୍ର
ସ୍ୱାମୀ– ସ୍ୱର୍ଗତ ଉଦୟନାଥ ମିଶ୍ର
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୪।୨୦୧୦
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୬୧୩୦

**ଶ୍ରଦ୍ଧାଞ୍ଜଳି**



ଦିବଂଗତ ଅଭିଷେକ (ପିଣ୍ଟୁ)
ଆବିର୍ଭାବ: ୨୨।୦୧।୧୯୮୩
ତିରୋଧାନ: ୨୬।୦୪।୨୦୦୪
ଯେତିକି ଲୁହ ତୁ ଦେଇ ଚାଲିଗଲୁ ଆମ ସମସ୍ତଙ୍କ ପାଇଁ ସାରା ଜୀବନ ବି କାନ୍ଦିଲେ ବାବୁରେ ହୁଏତ ସରିବ ନାହିଁ। କୁଆଡ଼େ ଗଲା ସେ ଦିନ କାନ୍ଦି କାନ୍ଦି ଆଜି କବିତା ଲେଖୁଛି ଆଜି ତୁ ସାତ ସପନ– ତୋ'ର ଦୁଃଖିନୀ, ମମି, ବାପା, ରିଣ୍ଟୁ, ସେଲି ଦେଇ, ଜଲିଦେଇ।
ଧ-୬୬୧୩୧

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରତାପ ଚନ୍ଦ୍ର ପଟ୍ଟନାୟକ
ଆଡଭୋକେଟ୍ ଭଞ୍ଜନଗର
ତିରୋଧାନ: ୧୧।୦୪।୧୯୮୫
ଶୋକସନ୍ତପ୍ତ
ସ୍ତ୍ରୀ–ପ୍ରେମଲତା
ପୁତ୍ର – ବିଶ୍ୱନାଥ, ଲାଲୁ, ଗୁଲୁ
ପୁତ୍ରବଧୂ – ନିନା
ଝିଅ – ନଳିନୀ, ମଂଜୁ, ସୁଧା, କୁନି, ଶୁଭଲକ୍ଷ୍ମୀ, ଇତି, ମାମି, ଲିନା
ନାତି – ହାପି, ହନି, ପ୍ରିତ୍, ଶ୍ରିତ୍
ନାତୁଣୀ – ଇରା, ରିମି
ଧ-୧୨୩୨୪

**ଚତୁର୍ଥ ଶ୍ରାଦ୍ଧବାର୍ଷିକ**



ସ୍ୱର୍ଗତ ଭୀମସେନ ମିଶ୍ର
ଗ୍ରାମ– କାଶୀଜଗନ୍ନାଥପୁର, ପୁରୀ
ଆବିର୍ଭାବ: ୨୯।୦୭।୧୯୪୨
ତିରୋଧାନ: ୧୧।୦୪।୨୦୧୫
(ବୈଶାଖ କୃଷ୍ଣପକ୍ଷ ସପ୍ତମୀ ତିଥି)
ମନେପଡ଼େ ବୈଶାଖର ସେ କ୍ରୁର ଅପରାହ୍ଣ ଯେ ଛଡ଼ାଇ ନେଇଥିଲା ଆପଣଙ୍କୁ ଆମଠାରୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମର ଶ୍ରେୟ ଓ ଧ୍ୟେୟ। ଆପଣଙ୍କର ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ପରିବାରବର୍ଗ ଓ ଆତ୍ମୀୟସ୍ୱଜନବୃନ୍ଦ।
ଧ-୬୪୦୫୮

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ରାଧାମଣି ମହାନ୍ତି
ଦଇତାପଡ଼ା ସାହି, ପୁରୀ
ଆବିର୍ଭାବ: ୧୯୨୯
ତିରୋଧାନ: ୧୬।୦୪।୨୦୧୯
ଆଜି ଏକାଦଶାହ ଦିବସରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଚିରଶାନ୍ତି ପାଉ ଏହାହିଁ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁତ୍ର ଓ ବୋହୂ– ବାବୁଲି, ନମି, ମୁନା, ବବି, ପୁତ୍ର– ବାପି, ଗୁନା, ଝିଅ– ତରୁ, ଛେଡି, ମାମି, ନାତି– ଗୁଗୁଲ, ନାତୁଣୀ– ବର୍ଷା, ଗୁଡିଲି, ଲବଲି, ଅଣନାତି, ନାତୁଣୀ ଓ ବନ୍ଧୁ ପରିବାରବର୍ଗ । ଧ-୬୪୭୬୮

**ଦ୍ୱାଦଶାହ ଉପଲକ୍ଷେ**



ସ୍ୱର୍ଗତା ମହାଲକ୍ଷ୍ମୀ ବଢ଼େଇ
(ଗୁରୁବାରୀ)
ବୁଗୁଡ଼ା, ଭଞ୍ଜନଗର
ଆବିର୍ଭାବ: ୧୬।୦୨।୧୯୬୬
ତିରୋଧାନ: ୧୫।୦୪।୨୦୧୯
ଆଜି ତୁମର ପୁଣ୍ୟ ଦ୍ୱାଦଶ ଦିବସ, ବିଶ୍ୱାସ କରି ହେଉନି ତୁମେ ନାହିଁ ବୋଲି। ତୁମର ସ୍ନେହ, ଶ୍ରଦ୍ଧା, ସ୍ୱାଭିମାନ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ସର୍ବୋପରି ଇଷ୍ଟ ନିଷ୍ଠା ଆମ୍ଭମାନଙ୍କ ହୃଦୟରେ ସ୍ମୃତି ହୋଇ ରହିଛି ଓ ରହିଥିବ। ଏହି ପୁଣ୍ୟ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁରଙ୍କ ରାତୁଳ ଚରଣରେ ଏକାନ୍ତ ବିନମ୍ର ପ୍ରାର୍ଥନା ଜଣାଉଛୁ। ତୁମର: ସ୍ୱାମୀ–ଭଗବାନ ବଢ଼େଇ, ସ.ପ୍ର.ର, ପୁତ୍ର–ଅଶେଷ କୁମାର ବଢ଼େଇ, ପୁତ୍ରବଧୂ–ଶୁଭସ୍ମିତା ବଢ଼େଇ, ପୁତ୍ର–ଆଶୁତୋଷ ବଢ଼େଇ, ନାତୁଣୀ– ସଞ୍ଚିତା ରାଣୀ ବଢ଼େଇ, ପରିବାରବର୍ଗ ଓ ସମସ୍ତ ଗୁରୁଭାଇ, ମା'। ଧ-୧୨୩୨୩

**Birthday Wish**



Jagmohan(Bapu)
Plot no. 309/5, Wireless Road, BBSR
Wish you a very happy birthday. Hope this is the best year ever. May your day be as special as you are to us. There are only two times we wish you to be with us and that is now and forever **Best wishes**: Jeje bapa, Jeje maa, Daddy, Mummy, Mamuni, Tuku dada, Gudu, Rai singh, Saubhagya, Nani, Didi, Bhauja and all family & friends.
D-12295

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



(ରୁଦ୍ର)
ଶୁଭ୍ରାଂଶୁ ବରାଳ
ବେଗୁନିଆବସ୍ତା ପାଟଣା, ଅସ୍ତରଙ୍ଗ
ଆଜି ତୋର ପ୍ରଥମ ଜନ୍ମବାର୍ଷିକ ଅବସରରେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ ସରସ, ସୁନ୍ଦର ଓ ଦୀର୍ଘାୟୁ କରନ୍ତୁ। **ଶୁଭେଚ୍ଛା ସହ: ଜେଜେବାପା, କେକେମା, ବାପା, ବୋଉ, ଦାଦା (ଚନ୍ଦ୍ର), ପିଉସା, ପିଉସୀ, ରିସା, ରିସି, କାହ୍ନା, ଗୁଗୁ, ପଦ୍ମ, ଅଜା, ଆଈ।**
ଧ-୧୨୩୩୧

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୬/୨୦୧୯ Bhubaneswar, Friday, April 26/2019







■ ଖୋର୍ଦ୍ଧା ରେଳ ଷ୍ଟେଶନରୁ ଗଞ୍ଜେଇ ଜବତ ମାମଲା

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ

**ଭୁବନେଶ୍ୱର,୨୫।୪ (ବ୍ୟୁରୋ)**

ଖୋର୍ଦ୍ଧା ରେଳ ଷ୍ଟେଶନରୁ ୬୯ କେଜି ଗଞ୍ଜେଇ ଧରାହେବା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଭୁବନେଶ୍ୱର ଅତିରିକ୍ତ ଜିଲା ଦୌରା ଜଜ୍ ଅରୁଣ କୁମାର ମଲିକ ମାମଲାର ବିଚାର କରି ଅଭିଯୁକ୍ତ ପୁରୀ ଜିଲା ଅନ୍ତର୍ଗତ ସତ୍ୟବାଦୀ ଭୂତପଡା ଗ୍ରାମର ବନମାଳୀ ପ୍ରଧାନ(୪୦)ଙ୍କୁ ୧୦ବର୍ଷ ଜେଲ୍ ଦଣ୍ଡ ଶୁଣାଇବା ସହ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୬ମାସ ଜେଲ୍ ଭୋଗିବାକୁ ପଡ଼ିବ। ୪ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ୨୯ କାଗଜପତ୍ର ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ସୂଚନା ଅନୁଯାୟୀ, ବନମାଳୀ ରାଜ୍ୟ ବାହାରକୁ ଟ୍ରେନରେ ଗଞ୍ଜେଇ ଚାଲାଣ କରନ୍ତି। ଏହି କାରବାରରେ ଏକ ବଡ଼ ର୍‍ୟାକେଟ କାମ କରୁଥିବା ସୂଚନା ମିଳିଥିଲା। ୨୦୧୬ ଏପ୍ରିଲ ୩ ସକାଳ ୧୦ଟା ୩୦ରେ ବନମାଳୀ ୫ଟି ବସ୍ତାରେ ୬୯ କେଜି ଗଞ୍ଜେଇ ଟ୍ରେନ୍ ନେବାକୁ ଯୋଜନା କରିଥିଲେ। ଖୋର୍ଦ୍ଧା ଷ୍ଟେଶନ ପ୍ଲାଟଫର୍ମ ନଂ-୭ରେ ଟ୍ରେନକୁ ଅପେକ୍ଷା କରିଥିବା ଖବରପାଇ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ସେଠାରେ ଚଢାଉ କରି ବନମାଳୀଙ୍କୁ ଗିରଫ କରିବା ସହ ଗଞ୍ଜେଇ ଜବତ କରିଥିଲା। ପରେ ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇ ବନମାଳୀଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏନେଇ କୋର୍ଟରେ ଟ୍ରାଲ୍ ନଂ.୫୨/୧୬ରେ ମାମଲା ଚାଲିଥିଲା। ଏହି ମାମଲାରେ ସରକାରୀ ଅତିରିକ୍ତ ପିପି ଭାବେ ପ୍ରଦୀପ୍ତ କୁମାର ମିଶ୍ର, ସରୋଜ କୁମାର ଦାଶ ଓ ମନୋଜ ଦାଶ କାର୍ଯ୍ୟ କରିଥିଲେ।

ସୂଚନାଯୋଗ୍ୟ, ଗତ ସପ୍ତାହରେ ଭୁବନେଶ୍ୱର ଷ୍ଟେଶନରୁ ୪୦ କେଜିରୁ ଊର୍ଦ୍ଧ୍ୱ ପରିମାଣର ଗଞ୍ଜେଇ ଜବତ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ ସହ ୧ ଲକ୍ଷ ଜରିମାନା ଶୁଣାଇଥିଲେ ଅତିରିକ୍ତ ଜିଲା ଦୌରା ଜଜ୍।

# ନାବାଳିକାଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

**ବାଲିପାଟଣା,୨୫।୪(ଡି.ଏନ୍.ଏ.)**

ବାଲିପାଟଣା ଥାନା ଅନ୍ତର୍ଗତ ଧାନହରା ଗ୍ରାମରେ ବୁଧବାର ରାତିରେ ଜଣେ ନାବାଳିକାଙ୍କ ମୃତଦେହ ଉଦ୍ଧାର ହୋଇଛି। ଏ ନେଇ ନାବାଳିକାଙ୍କ ବାପା ତାଙ୍କ ଝିଅକୁ କେହି ହତ୍ୟା କରିଥିବା ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ନଂ ୨୩/୧୯ରେ ଏକ ମାମଲା ରୁଜୁ କରିଛି। ମୃତକାର ବାପାଙ୍କ ଅଭିଯୋଗକ୍ରମେ, ଉକ୍ତ ନାବାଳିକାଙ୍କ ସେହି ଗ୍ରାମର ଜଣେ ଯୁବକଙ୍କ ସହ ସମ୍ପର୍କ ଥିଲା। କିନ୍ତୁ ବୁଧବାର ରାତିରେ ନାବାଳିକା ଜଣକ ଘରେ ନ ଥିବାର ଜାଣି ପରିବାର ଲୋକ ଖୋଜାଖୋଜି କରିଥିଲେ। ବହୁ ଖୋଜାଖୋଜି କରିବା ପରେ ବାରିପଟେ ଥିବା ଏକ ଓଉ ଗଛରେ ଲୁଗାରେ ବାନ୍ଧି ହୋଇ ଝିଅ ଝୁଲୁଥିବାର ଦେଖିଥିଲେ। ସଙ୍ଗେ ସଙ୍ଗେ ସେଠାରୁ ତାକୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ଝିଅକୁ ମୃତ ଘୋଷଣା କରିଥିଲେ। ପରେ ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବାସହ ଗୁରୁବାର ବ୍ୟବଚ୍ଛେଦ ପାଇଁ ପଠାଇଛି। ଅପରପକ୍ଷେ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ କରିଥିବା ବେଳେ ପୋଲିସ ଏହା ଏକ ଆତ୍ମହତ୍ୟା ବୋଲି ପ୍ରକାଶ କରିଛି।

■ ଆନନ୍ଦ ବଜାର ମଧ୍ୟ ଦେଇ ର୍‍ୟାମ୍ପକୁ ବିରୋଧ

# କୋର୍ଟ ଦ୍ୱାରସ୍ଥ ହେବାକୁ ସେବାୟତଙ୍କ ଧମକ

**ପୁରୀ ଅଫିସ,୨୫।୪**

ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଦିବ୍ୟାଙ୍ଗ ଭକ୍ତଙ୍କ ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ର୍‍ୟାମ୍ପ (ସ୍ୱତନ୍ତ୍ର ରାସ୍ତା) ତିଆରି ଚାଲିଛି। ପୂର୍ବରୁ ଉତ୍ତର ଦ୍ୱାର ଦେଇ ଏହି ର୍‍ୟାମ୍ପ ରହିଥିଲା। ଦିବ୍ୟାଙ୍ଗ ଭକ୍ତମାନେ ଏହା ମାଧ୍ୟମରେ ସିଧା କୀର୍ତ୍ତନ ଚକଡ଼ାକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ଏହି ର୍‍ୟାମ୍ପ ଖରାପ ହୋଇଯିବାରୁ ଏବେ ସ୍ଥାୟୀ ର୍‍ୟାମ୍ପ ପଥରରେ ତିଆରି କରାଯାଉଛି। ତେବେ ଏହି ର୍‍ୟାମ୍ପ ଆନନ୍ଦ ବଜାର ମଧ୍ୟ ଦେଇ ଯାଉଥିବାରୁ ଏହାକୁ ସୁଆର ସେବକ ବିରୋଧ କରିଛନ୍ତି। ବାରମ୍ବାର ଏ ନେଇ ସେମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ମାତ୍ର ପଦକ୍ଷେପ ନିଆଯାଉ ନ ଥିବାରୁ ସେମାନେ ଅସହଯୋଗ କରିବେ। ଏପରି କି ଅଦାଲତଙ୍କ ଦ୍ୱାରସ୍ଥ ହେବେ ବୋଲି ଧମକ ଦେଇଛନ୍ତି। ଏ ସଂକ୍ରାନ୍ତରେ ସେମାନେ ଏକ ସ୍ମାରକପତ୍ର ଗୁରୁବାର ଡାକ ଯୋଗେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟକୁ ପଠାଇଛନ୍ତି।

ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ର୍‍ୟାମ୍ପ ନିଶ୍ଚିତ ସ୍ୱାଗତଯୋଗ୍ୟ। ଏହାଦ୍ୱାରା ସେମାନେ ମହାପ୍ରଭୁଙ୍କୁ ଦର୍ଶନ କରିବାରେ ବେଶ୍ ଉପକୃତ ହୋଇପାରିବେ। କିନ୍ତୁ ଆନନ୍ଦ ବଜାର ଭିତରେ ର୍‍ୟାମ୍ପ ନ ନେଇ ପୂର୍ବରୁ ଯେପରି ଥିଲା କିମ୍ବା ପଶ୍ଚିମ ଦ୍ୱାରବାଟେ କରିବା ଲାଗି ସୁଆର ମହାସୁଆର ନିଯୋଗ ଶ୍ରୀମନ୍ଦିର ପ୍ରଶାସନକୁ ଗତ ଡିସେମ୍ବରରେ ଚିଠି ଲେଖିଥିଲା। ଏହାର ମାସକ ପରେ ପୁନଶ୍ଚ ସୁଆର ସେବକମାନେ ଆନନ୍ଦ ବଜାର ଦେଇ ର୍‍ୟାମ୍ପ ଗଲେ କ'ଣ ଅସୁବିଧା ହେବ ତାହା ପ୍ରଶାସନକୁ ଜଣାଇଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି ମଧ୍ୟ ପରିଚାଳନା କମିଟିରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାସତ୍ତ୍ୱେ ପ୍ରଶାସନ କିଛି ନ ଶୁଣି ଆନନ୍ଦ ବଜାର ମଧ୍ୟ ଦେଇ ର୍‍ୟାମ୍ପ ତିଆରି କରୁଥିବାରୁ ସୁଆର ସେବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଦିନକୁ ଦିନ ଆନନ୍ଦ ବଜାର ସଙ୍କୁଚିତ ହେଉଛି। ଫଳରେ ଭୋଗ ରଖିବାକୁ ସେମାନଙ୍କୁ ଅସୁବିଧା ହେଉଛି । ଅନେକ ସୁଆର ସେବକ ବରାଦି ଭୋଗ ରାନ୍ଧି ଭୋଗ ଲଗାଇ ଆନନ୍ଦ ବଜାର ଆସିବା ବେଳକୁ ସ୍ଥାନ ପାଉନାହାନ୍ତି। ତେଣୁ ବାଧ ହୋଇ ସେମାନେ ଅମୁଣିଆ ରହୁଥିବା ସ୍ଥାନରେ, ମହାପ୍ରଭୁଙ୍କ ଶଙ୍ଖୁଡ଼ି ଭୋଗ ଯାଉଥିବା ରାସ୍ତାରେ ରଖୁଛନ୍ତି। ଆଉ କିଛି ସେବକ ଆନନ୍ଦ ବଜାରରେ ସ୍ଥାନାଭାବରୁ ଦକ୍ଷିଣ ଦ୍ୱାର ଓ ଉତ୍ତର ଦ୍ୱାରରେ ଜରିପାଲ ଟାଣି ଅତି ଦୟନୀୟ ଅବସ୍ଥାରେ ଭୋଗ ରଖୁଛନ୍ତି। ଏବେ ର୍‍ୟାମ୍ପ ଯୋଗୁ ଆନନ୍ଦ ବଜାର ଆହୁରି ସଙ୍କୁଚିତ ହେବ।



ତେଣୁ ଏସବୁକୁ ବିଚାର କରିବା ପାଇଁ ସୁଆର ସେବକମାନେ ପ୍ରଶାସନକୁ ଜଣାଇଛନ୍ତି। ଯଦି ଏ ଦିଗରେ ପଦକ୍ଷେପ ନିଆ ନ ଯାଏ ତେବେ ସେମାନେ ପ୍ରଶାସନକୁ ଅସହଯୋଗ କରିବେ, ଆବଶ୍ୟକ ପଡ଼ିଲେ ଅଦାଲତଙ୍କ ଆଶ୍ରୟ ନେବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ କହିଛନ୍ତି ଯେ, ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ ସକାଶେ ସ୍ୱତନ୍ତ୍ର ସୁବିଧା କରିବା ଲାଗି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଏହାକୁ ପାଳନ କରିବା ଲାଗି ର୍‍ୟାମ୍ପ ତିଆରି କରୁଛି। କେଉଁବାଟେ ର୍‍ୟାମ୍ପ ଗଲେ ଦିବ୍ୟାଙ୍ଗ ଭକ୍ତମାନେ ସୁବିଧାରେ ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଫେରିଆସିବେ ତାହା ଟେକ୍ନିକାଲ ଟିମ୍ ସ୍ଥିର କରିଛନ୍ତି।






■ ବାଉଳି ମଠକୁ ଗୁରୁଦ୍ୱାର ହାତକୁ ଟେକିଦେବା ଘଟଣା

# ଆଇନ ଅନୁଯାୟୀ ପଦକ୍ଷେପ ନିର୍ଦ୍ଦେଶ

**କଟକ ଅଫିସ, ୨୫।୪–** ପୁରୀରେ ଥିବା ବାଉଳି ମଠକୁ ଶ୍ରୀମନ୍ଦିର ପ୍ରଶାସନ ଗୁରୁଦ୍ୱାର ହାତକୁ ଟେକି ଦେବାକୁ ବସିଛି। ମନ୍ଦିର ପ୍ରଶାସନର ଏଭଳି ଉଦ୍ୟମକୁ ଚାଲେଞ୍ଜ କରି ହାଇକୋର୍ଟରେ ରୁଜୁ ହୋଇଥିଲା ଏକ ମାମଲା। ମାମଲାର ଶୁଣାଣି କରି ହାଇକୋର୍ଟ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଆବେଦନକାରୀଙ୍କୁ ଏ ସମ୍ପର୍କିତ ଏକ ସ୍ମାରକପତ୍ର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନ ଅନୁଯାୟୀ, ଆବେଦନକାରୀଙ୍କ ଆବେଦନକୁ ଆଧାର କରି ମନ୍ଦିର ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ସୂଚନାଥାଉ କି, ୫୦୦ ବର୍ଷ ତଳର ବାଉଳି ମଠକୁ ଶ୍ରୀମନ୍ଦିର ପ୍ରଶାସନ ଗୁରୁଦ୍ୱାର ହାତକୁ ଟେକିଦେବାକୁ ନିଷ୍ପତ୍ତି ନେଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ମଠ ମହନ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ମାନସ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।






■ ବୋମାମାଡ଼ ଘଟଣା

# ମୁଖ୍ୟ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨୫।୪(ବ୍ୟୁରୋ)**

କଟକ, ଭୁବନେଶ୍ୱର ସମେତ ବିଭିନ୍ନ ଜିଲାରେ ବୋମାମାଡ, ଆକ୍ରମଣ ଓ ଲୁଟ୍ ଘଟଣାରେ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗୁରୁବାର କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ସେ ହେଲେ ନୟାଗଡ ଜିଲା ଶରଣକୂଳ ଥାନା ଅଞ୍ଚଳର ରାଜେଶ ନାୟକ(୨୨)। ସେ କ୍ୟାପିଟାଲ ଥାନା ଅଧୀନ ରାଧାକୃଷ୍ଣ ବସ୍ତିରେ ରହୁଥିଲେ। ରାଜେଶଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ମାମଲା ରହିଛି। ଗତ ଅକ୍ଟୋବର ୩ରେ ରାଜେଶ ତାଙ୍କ ସହଯୋଗୀଙ୍କୁ ଧରି ଏୟାରପୋର୍ଟ ଫାଣ୍ଡି ନିକଟ ମା'ତାରିଣୀ ବସ୍ତିର ବବୁଲ ନାୟକଙ୍କୁ ଖଣ୍ଡାରେ ଆକ୍ରମଣ କରିବା ସହ ବାଇକ୍ ଭଙ୍ଗାରୁଜା କରିଥିଲେ। ଏ ନେଇ ବବୁଲ ଥାନାରେ ଅଭିଯୋଗ କରିବାପରେ ପୋଲିସ ୪୫୯/୧୮ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ସଂପୃକ୍ତି ନେଇ ବାସୁଦେବ ପ୍ରଧାନ ଓରଫ ରାଙ୍ଗା ସହ ତାଙ୍କର ଅନ୍ୟଜଣେ ସହଯୋଗୀଙ୍କୁ ପୂର୍ବରୁ ପୋଲିସ ଗିରଫ କରିଥିଲା। ତେବେ ସେମାନଙ୍କଠାରୁ ଖବର ପାଇ ଗୁରୁବାର ଖଣ୍ଡଗିରି ଅଞ୍ଚଳରେ ଚଢ଼ାଉ କରି ମୁଖ୍ୟଅଭିଯୁକ୍ତ ରାଜେଶଙ୍କୁ ଗିରଫ କରିଥିଲା। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି।








1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି,
ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କୁ ମାଡ଼ ଅଭିଯୋଗ

**ଖୁଣ୍ଟୁଣୀ, ୨୫।୪(ଡି.ଏନ୍.ଏ.):** ଆଠଗଡ ବ୍ଲକ କୁମାରପୁର ଗ୍ରାମର ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟଙ୍କୁ ତାଙ୍କର ଜଣେ ସମର୍ଥକ ମାଡ ମାରିଥିବା ଗୁରୁଡିଝାଟିଆ ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୪୦/୧୯) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ବଳିପୁର ଭୋଟ୍ ଗ୍ରହଣ କେନ୍ଦ୍ରରେ ମତଦାନ ଚାଲିଥିବାବେଳେ ରଞ୍ଜନ ବାହାରେ ଛିଡା ହୋଇଥିଲେ। ପୂର୍ବରୁ ଶତ୍ରୁତା ଥିବା ବଳିପୁର ଗ୍ରାମର ରବୀନ୍ଦ୍ର ବିଶୋଇ ହଠାତ୍ ସେଠାରେ ପହଞ୍ଚି ରଞ୍ଜନଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିବା ଏତଲାରେ ଦର୍ଶାଯାଇଛି।

### ଘରେ ପଶି ମହିଳାଙ୍କୁ ଗାଳିଗୁଲଜ

**ଖୁଣ୍ଟୁଣୀ, ୨୫।୪(ଡି.ଏନ୍.ଏ.):** ଗୁରୁଡିଝାଟିଆ ଥାନା ଅଧୀନ ବାଲୀ ଗ୍ରାମର ଜଣେ ମହିଳାଙ୍କ ଘରେ ଦୁଇଜଣ ଦୁର୍ବୃତ୍ତ ପଶି ତାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗୁରୁବାର ମଧ୍ୟାହ୍ନରେ ମହିଳା ଜଣଙ୍କ ଘରେ ଏକୁଟିଆ ଥିଲେ। ଏହି ସମୟରେ ଉକ୍ତ ଗ୍ରାମର ଅମୀୟ ମହାନ୍ତି ଓ ବିଶ୍ୱଜିତ ମହାରଣା ତାଙ୍କ ଘରେ ପଶି ଗାଳିଗୁଲଜ କରିବା ସହ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ମହିଳା ଜଣଙ୍କ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୪୨/୧୯) ରୁଜୁ କରି ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଧିକାରୀ ସୁଧାକର ମହାନ୍ତି କହିଛନ୍ତି।

### ୨ରେ ରାମଲୀଳା ମହୋତ୍ସବ

**ବାରଙ୍ଗ,୨୫।୪(ଡି.ଏନ୍.ଏ.):** ବାରଙ୍ଗ ଅଞ୍ଚଳର ପ୍ରସିଦ୍ଧ ରାମଲୀଳା ମହୋତ୍ସବ ଆସନ୍ତା ୨ତାରିଖରୁ ତ୍ରିଶୁଳିଆ ଶ୍ରୀରାମ ମଣ୍ଡପରେ ଆରମ୍ଭ ହେବାକୁ ଯାଉଛି। ମେ ୧ତାରିଖରେ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ କଳସ ଶୋଭାଯାତ୍ରା ଓ ଅଗ୍ନିସ୍ଥାପନ କରାଯାଇ ଅଞ୍ଚଳର ୩ଟି ସଂକୀର୍ତ୍ତନମଣ୍ଡଳୀ ଦ୍ୱାରା ରାତିରେ ସଙ୍କୀର୍ତ୍ତନ ପରିବେଷଣ କରାଯିବ। ୨ତାରିଖରେ ପୂର୍ଣ୍ଣାହୁତି କରାଯାଇ ରାତି ୮ଟାରେ ରାମଲୀଳା ସମିତି ଆନୁକୂଲ୍ୟରେ ରାମଲୀଳାର ୪୮ତମ ମହୋତ୍ସବର ଅୟାରମ୍ଭ ହେବ। ସେହି ରାତିରେ ଆଠଗଡର ସୀତାରାମପୁର ରାମଲୀଳା ସମିତି ପକ୍ଷରୁ ରାମଜନ୍ମ ଶୀର୍ଷକ ନାଟକ କରି ଏହି ମହୋତ୍ସବର ଉଦ୍‌ଘାଟନ ହେବ। ୪ତାରିଖରେ ମା'କନକଦୁର୍ଗା ରାମଲୀଳା ସମିତି ମୁଣ୍ଡମୁହାଣ ପକ୍ଷରୁ ରାମଲୀଳା ନାଟକ ରାମ ବନବାସ, ୫ରେ ସୀତାକାନ୍ତ ରାମଲୀଳା ସମିତି ମଧୁପୁର ପକ୍ଷରୁ ନାଟକ ସୀତାଚୋରି, ୬ରେ କଟକ ଅମଣିଆପାଟଣା ତରଫରୁ ଇନ୍ଦ୍ରଜିତ ବଦ୍ଧ, ୭ ଅନ୍ତିମ ରାତିରେ ରାମଲୀଳାରେ ଉରାଳି ପକ୍ଷରୁ ଜନାଦୃତ ନାଟକ ମହିରାବଣ ବଦ୍ଧ କରାଯାଇ ମହୋତ୍ସବ ଉଦ୍‌ଯାପିତ ହେବ ବୋଲି ସମିତିର କାର୍ଯ୍ୟକାରି ସଭାପତି ସୁରେଶ କୁମାର ମହାନ୍ତି କହିଛନ୍ତି। ଚଳିତବର୍ଷ ପ୍ରତି ସମିତିର ଶ୍ରେଷ୍ଠ ୫ଜଣ କଳାକାରଙ୍କୁ ସମ୍ମାନିତ କରାଯିବାର ସ୍ଥିର ହୋଇଛି। ଏହି ଉପଲକ୍ଷେ ବୁଧବାର ରାତିରେ ତ୍ରିଶୁଳିଆ ଶ୍ରୀରାମ ମଣ୍ଡପରେ ଆୟୋଜିତ ନିଷ୍ପତ୍ତିଚକ୍ରରେ ସଭାପତି ଦୁର୍ଗାଚରଣ ସ୍ୱାଇଁ, ସମ୍ପାଦକ ଦିବାକର ମୁଦୁଲି, ସଭ୍ୟ ଅରୁଣ ସାହୁ, ସୁବାସ ବାରିକ, ପୀତାମ୍ବର ବିଶ୍ୱାଳ, ବାବୁଲି ସ୍ୱାଇଁ, ଅକ୍ଷୟ ବେହେରା, ଉପେଶ ପାଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

■ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ବୈଠକ

# ୮ ଜିଲ୍ଲାର ଏସ୍‌ପିଙ୍କ ସହିତ ଆଲୋଚନା କଲେ ଡିଜିପି

**କଟକ ଅଫିସ, ୨୫।୪**

ଆସନ୍ତା ୨୯ ତାରିଖରେ ରାଜ୍ୟର ୬ଟି ଲୋକ ସଭା ଓ ୪୨ଟି ବିଧାନସଭା ଆସନ ପାଇଁ ଚତୁର୍ଥ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ନିର୍ବାଚନ ହେବାକୁ ଥିବା ଜିଲାଗୁଡ଼ିକ ମଧ୍ୟରେ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଯାଜପୁର, ଭଦ୍ରକ, ମୟୂରଭଞ୍ଜ ଓ ପୁରୀ ରହିଛି। ଏଥିପାଇଁ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଗୁରୁବାର ଅନୁଷ୍ଠିତ ବୈଠକରେ ଡିଜିପି ଆର୍.ପି. ଶର୍ମା ଉପରୋକ୍ତ ଜିଲାଗୁଡ଼ିକର ଏସ୍‌ପିମାନଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଛନ୍ତି। ଉପରୋକ୍ତ ଅଞ୍ଚଳଗୁଡ଼ିକରେ ପ୍ରଚାର ଶେଷ ହେବାକୁ ଆଉ ୨ ଦିନ ବାକି ରହିଛି। ତେଣୁ ଏହି ୨ ଦିନ ମଧ୍ୟରେ ବିଭିନ୍ନ ଦଳର ତାରକା ପ୍ରଚାରକମାନେ ପ୍ରଚାର ମଇଦାନକୁ ଆସିବେ। ବିଶେଷକରି ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀମାନେ ବାରମ୍ବାର ପ୍ରଚାର ପାଇଁ ଓଡ଼ିଶା ଆସୁଥିବାରୁ ସେମାନଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଡିଜିପି ଶର୍ମା ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପରୋକ୍ତ ଜିଲାଗୁଡ଼ିକ ରାଜନୈତିକ ଦୃଷ୍ଟିରୁ ଉତ୍ତେଜନାପ୍ରବଣ ଥିବାରୁ ଏଥିପ୍ରତି ପୋଲିସ ସଜାଗ ରହିବା ନିମନ୍ତେ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀମାନଙ୍କୁ ପିଏସ୍‌ଓ ଯୋଗାଇ ଦେଇଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଡିଜିପି ଶର୍ମା ପୂର୍ବ ୩ଟି ପର୍ଯ୍ୟାୟର ନିର୍ବାଚନ ପରିଚାଳନା ଉପରେ ଆଲୋଚନା କରିବା ସହିତ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ବେଆଇନ ବନ୍ଧୁକ, ମଦ, ଜାମିନବିହୀନ ଗିରଫ ପରୱାନା ଓ ସିଆର୍‌ପିସିର ୧୧୦ ଧାରାର ଅଭିଯୁକ୍ତମାନଙ୍କ ଗିରଫଦାରି ଉପରେ ଡିଜିପି ଏସ୍‌ପିମାନଙ୍କଠାରୁ ତଥ୍ୟ ମାଗିଥିଲେ। ଭାରତୀୟ ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକା ଅନୁଯାୟୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ମୁତୟନ ଉପରେ ଏସ୍‌ପିମାନଙ୍କ ସହିତ ବୈଠକରେ ଆଲୋଚନା କରାଯାଇଥିଲା। ସାଧାରଣ ଘଟଣାରେ ଏହି ବାହିନୀକୁ ବ୍ୟବହାର ନ କରିବା ପାଇଁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। କେବଳ ଉତ୍ତେଜନାପ୍ରବଣ ବୁଥ୍ ଓ ମୋବାଇଲ ପାର୍ଟିରେ ଏହି ସୁରକ୍ଷା ବଳକୁ କାର୍ଯ୍ୟକାରୀ କରିବା ପାଇଁ ଡିଜିପି କହିଥିଲେ। ଏଥିସହିତ ଜିଲାସ୍ତରରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରିତା ଉପରେ ମଧ୍ୟ ଡିଜିପି ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଡିଜିପିଙ୍କ ସହ ଅନ୍ୟମାନେ।

## ଭାଜପାର ପଥପ୍ରାନ୍ତ ସଭା



ଭାଜପା ପକ୍ଷରୁ ଅନୁଷ୍ଠିତ ପଥପ୍ରାନ୍ତ ସଭା।

**କଣ୍ଟାପଡ଼ା,୨୫।୪(ଡି.ଏନ୍.ଏ.)**

ଆସନ୍ତା ୨୯ତାରିଖରେ ଚତୁର୍ଥ ପର୍ଯ୍ୟାୟ ଭୋଟ ଗ୍ରହଣ ହେବ। ଏନେଇ ନିଆଳି ନିର୍ବାଚନମଣ୍ଡଳୀରେ ବିଭିନ୍ନ ଦଳର ପ୍ରାର୍ଥୀମାନେ ଜୋରଦାର ପ୍ରଚାର ଚଳାଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଭାଜପା ଆଇନଜୀବୀ ସେଲ ପକ୍ଷରୁ ବାଇରୋଇ, ଅଡଶପୁର, ଉରାଢ଼ ବଜାରରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ମିଳନ କୁମାର ବଡ୍ଡ, ସାମାଜିକ କର୍ମୀ ଭରତ ଶେଖର ଷଡ଼ଙ୍ଗୀ ଯୋଗଦେଇ ରାଜ୍ୟରେ ଥିବା ବିଜେଡି ସରକାରକୁ ହଟାଇବାକୁ ପଡିବ ବୋଲି କହିଥିଲେ। ଏହା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ବାକାଶମୂଳକ ଯୋଜନା ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ରବିନାରାୟଣ ମହାପାତ୍ର, ପ୍ରଭାତ ମହାପାତ୍ର, କୁନା ଭୋଇ, ସୁବାସ ବିଶ୍ୱାଳ, ବିଭୂତି ସିଂହ ପ୍ରମୁଖ ଯୋଗଦେଇଥିଲେ।




କଟକ ସିଡିଏମ୍‌ଓ ଅଫିସ ପରିସରରେ ଥିବା ଜିଲା ସ୍ୱାସ୍ଥ୍ୟ ଭବନରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ଅବସରରେ ଗୁରୁବାର ଅନୁଷ୍ଠିତ ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।

■ କୋଠଘରକୁ କେନ୍ଦ୍ରକରି ଗଣ୍ଡଗୋଳ

## ଗ୍ରାମବାସୀଙ୍କ ଆକ୍ରମଣରେ ୪ ଗୁରୁତର

**ବାଙ୍କୀ,୨୫।୪(ସ୍ୱ.ପ୍ର.)**

ଏକ କୋଠଘରକୁ କେନ୍ଦ୍ରକରି ଟିଗିରିଆ ବ୍ଲକ ଅନ୍ତର୍ଗତ ଶୁଳିଆପଦା ଗ୍ରାମବାସୀଙ୍କ ଆକ୍ରମଣରେ ଗୁରୁବାର ଗୋଟିଏ ପରିବାରର ୪ ସଦସ୍ୟ ଗୁରୁତର ହୋଇଛନ୍ତି। ବାଙ୍କୀ ବ୍ଲକ ଅନ୍ତର୍ଗତ ବନ୍ଦାଳ ଓ ଟିଗିରିଆ ବ୍ଲକ ଅନ୍ତର୍ଗତ ଶୁଳିଆପଦା ଗ୍ରାମ ମଧ୍ୟରେ ଥିବା ଦୋସମ୍ଭାଳି ହାଟମାଳଠାରେ ପୂର୍ବରୁ ଏକ କୋଠଘର ନିର୍ମାଣ କରାଯାଇଥିଲା। ସେଠାକୁ ଉଭୟ ଗ୍ରାମର ଲୋକେ ଯାତୟାତ କରୁଥିଲେ। ଗତ ରାମ ନବମୀରେ ଶୁଳିଆପଦାର ରମେଶ ପଣ୍ଡାଙ୍କ ପୁଅ ରାଜା ଚନ୍ଦ୍ରଭାନୁ ପ୍ରତାପ ପଣ୍ଡା କେତେଜଣ ସହଯୋଗୀଙ୍କୁ ନେଇ ସେଠାରେ ତାଲା ପକେଇଦେଇଥିଲେ। ଉକ୍ତ ଗ୍ରାମର କେତେଜଣ ଲୋକ ଏହାକୁ ବିରୋଧ କରି ସେତେବେଳେ ଟିଗିରିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ଏନେଇ ଥାନାରେ ମାମଲା ରୁଜୁ କରାଯାଇ ରାଜା ଚନ୍ଦ୍ରଭାନୁ ଓ ତାଙ୍କ ସହଯୋଗୀମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଗତ କିଛିଦିନ ପୂର୍ବେ ସେମାନେ ଜେଲରୁ ଜାମିନରେ ମୁକୁଳି ଥିଲେ। ଖବରପାଇ ଗୁରୁବାର ଅଭିଯୋଗକାରୀମାନେ ରମେଶଙ୍କ ଘରକୁ ଯାଇ ତାଙ୍କ ସହ ପୁଅ ଚନ୍ଦ୍ରଭାନୁ, ସ୍ତ୍ରୀ ଓ ଝିଅଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ପରିବାର ଲୋକଙ୍କୁ ଉଦ୍ଧାର କରି ବାଙ୍କୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏନେଇ ବାଙ୍କୀ ଥାନାରେ ୨ଟି ମାମଲା (ନଂ ୧୦୩,୧୦୪/୧୯) ରୁଜୁ କରାଯାଇଛି। ଏହାପରେ ବାଙ୍କୀ ଆଇଆଇସି ସମୀର କୁମାର ପଣ୍ଡା, ଡିଏସ୍‌ପି ପ୍ରସନ୍ନ କୁମାର ବିଶ୍ୱାଳ ପୋଲିସ ଫୋର୍ସ ସହ ଘଟଣା ସ୍ଥଳରେ ପହଞ୍ଚି ଏହାର ତଦନ୍ତ କରୁଛନ୍ତି।

### ଶ୍ରୀସତ୍ୟସାଇ ବାବାଙ୍କ ଆରାଧନା ମହୋତ୍ସବ

**ବାଙ୍କୀ, ୨୫।୪(ସ୍ୱ.ପ୍ର.)**

ବାଙ୍କୀର ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ଶ୍ରୀ ସତ୍ୟସାଇ ବାବାଙ୍କ ଆରାଧନା ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାତଃ ୪.୩୦ମିନିଟ୍‌ରେ ନଗର ପରିକ୍ରମା କରି ନାମ ସଂକୀର୍ତ୍ତନ କରାଯାଇଥିଲା। ପରେ ସକାଳ ୮ଟା ବେଳେ ସମିତିର ଆବାହକ ପ୍ରସନ୍ନ କୁମାର ପାଣିଗ୍ରାହୀଙ୍କ ଦ୍ୱାରା ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ କରାଯାଇଥିଲା। ୯ଟା ବେଳେ ସତ୍ୟସାଇ ମନ୍ଦିର ପ୍ରାଙ୍ଗଣରେ ଷୋଡ଼ଶ ଉପଚାରରେ ପୂଜା ଅର୍ଚ୍ଚନା କରାଯାଇଥିଲା। ଏଥିସହ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୧୦୮ ନାମ ଉଚ୍ଚାରଣ କରାଯାଇଥିଲା। ମନ୍ଦିର ସଂଗଠନ ପକ୍ଷରୁ ବାବାଙ୍କ ଫଟୋ ଓ ବିଭୂତି ବଣ୍ଟନ କରାଯାଇଥିଲା। ଅପରାହ୍ନରେ ମନ୍ଦିର ସେବା ସଂଯୋଜକ ମନୋଜ କୁମାର ଦଳେଇ ପ୍ରଶାନ୍ତି ଧ୍ୱଜା ଅବତରଣ କରିଥିଲେ। ସନ୍ଧ୍ୟା ୬ଟା ବେଳେ ସମିତି ପକ୍ଷରୁ ବେଦପାଠ ଓ ଭଜନ ଗାନ କରାଯାଇଥିଲା। ଶେଷରେ ମଙ୍ଗଳ ଆଳତି କରାଯିବା ପରେ ମହାମନ୍ତ୍ର ପାଠ କରାଯାଇ କାର୍ଯ୍ୟକ୍ରମକୁ ସମାପ୍ତ କରାଯାଇଥିଲା। ଏଥିରେ ପ୍ରସନ୍ନ କୁମାର ପାଣିଗ୍ରାହୀ, ମନୋଜ କମାର ଦଳେଇ, ପ୍ରତିମା ବେହେରା, ସିଦ୍ଧାନ୍ତ ଶେଖର ମହାପାତ୍ର, ସୁଜାତା ମହାପାତ୍ର ଓ ଗୋବିନ୍ଦ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ।

## ୩ ବଖରା ଜଳିଗଲା

**ନରସିଂହପୁର,୨୫।୪ (ଡି.ଏନ୍.ଏ.)**



ନରସିଂହପୁର ତହସିଲ ଅନ୍ତର୍ଗତ ନିମସାହି ପଞ୍ଚାୟତର ଆଇଁସିଆଠାରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୨ ପରିବାରର ୩ ବଖରା ଜଳିଯାଇଛି। ଏଥିରେ ଗ୍ରାମର ବସନ୍ତ ସାହୁଙ୍କ ୨ ବଖରା ଓ କୃଷ୍ଣ ସାହୁଙ୍କ ୧ବଖରା ପୋଡିଯାଇଛି। ସେମାନଙ୍କ ସମସ୍ତ ଆସବାବପତ୍ର ସମେତ, ଧାନ ଚାଉଳ ସବୁ ଜଳିପୋଡି ନଷ୍ଟ ହୋଇଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ନରସିଂହପୁର ଅଗ୍ନିଶମ ସେବା ସଂସ୍ଥାରେ ଖବର ଦିଆଯାଇଥିଲା। ବିଳମ୍ବରେ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁ ଜଳିଯାଇଥିଲା। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।



କଟକ ବାରବାଟୀ ଷ୍ଟାଡିୟମ ରାସ୍ତାପାର୍ଶ୍ୱରେ ସ୍ଥାନୀୟ ଜାଭିୟର ହାଇସ୍କୁଲ ଛାତ୍ରୀଛାତ୍ରମାନେ ବାଟୋଇଙ୍କୁ ଦହିପାଣି ବଣ୍ଟନ କରୁଛନ୍ତି।

## ଧବଳେଶ୍ୱର ପୀଠରେ ଭକ୍ତଙ୍କୁ ମାଡ଼ ଅଭିଯୋଗ

**ଖୁଣ୍ଟୁଣୀ, ୨୫।୪(ଡି.ଏନ୍.ଏ.)**

ଆଠଗଡର ପ୍ରସିଦ୍ଧ ଧବଳେଶ୍ୱରଙ୍କୁ ଦର୍ଶନ କରିବା ପାଇଁ ଆସିଥିବା ଭକ୍ତଙ୍କୁ ମାଡ ମରାଯାଇଥିବା ଗୁରୁବାର ଧବଳେଶ୍ୱର ଫାଣ୍ଡିରେ ଅଭିଯୋଗ ହୋଇଛି। ଏ ନେଇ ଗୁରୁଡିଝାଟିଆ ଥାନାରେ ଏକ ମାମଲା(ନଂ.୪୧/୧୯) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଗୁରୁବାର ପୂର୍ବାହ୍ନରେ କଟକରୁ ଉର୍ମିଳା ପଣ୍ଡା ଓ ତାଙ୍କ ପରିବାର ଲୋକେ ଧବଳେଶ୍ୱରଙ୍କୁ ଦର୍ଶନ ପାଇଁ ଆସିଥିଲେ। ସେମାନେ ଚପଲ ଷ୍ଟାଣ୍ଡ ଜାଣି ନ ପାରି ବାହାରେ ଚପଲ ରଖି ଦେଇଥିଲେ। ଏତେସଂଖ୍ୟକ ଚପଲ ବାହାରେ ରଖାଯାଇଥିବା ଦେଖିବା ପରେ ଚପଲ ଷ୍ଟାଣ୍ଡ ନିଲାମଧାରୀଙ୍କ ଦ୍ୱାରା ନିୟୋଜିତ ଯୁବକ ଏହାକୁ ନେଇ ଷ୍ଟାଣ୍ଡରେ ରଖିଥିଲେ। ଉର୍ମିଳା ଓ ତାଙ୍କ ପରିବାର ଲୋକେ ଫେରିବା ପରେ ସେଠାରେ ଚପଲ ନ ଥିବା ଦେଖି ଚପଲଷ୍ଟାଣ୍ଡରେ ଥିବା ଯୁବକଙ୍କୁ ପଚାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଚପଲ ଷ୍ଟାଣ୍ଡଧାରୀ ଯୁବକମାନେ ତାଙ୍କୁ ଓ ତାଙ୍କର ପରିବାର ଲୋକଙ୍କୁ ମାଡ ମାରିଥିବା ଉର୍ମିଳା ଅଭିଯୋଗ କରିଛନ୍ତି।

■ ଅସରାଏ ବର୍ଷାରେ ରାସ୍ତାରେ ଲହଡି ଭାଙ୍ଗୁଛି ନାଳପାଣି

# ରାତିଅଧରେ ହେଲା ପଙ୍କ ଉଦ୍ଧାର

**କଟକ ଅଫିସ,୨୫।୪**

କଟକ ମହାନଗର ନିଗମ (ସିଏମ୍‌ସି)କୁ ଡରାଇଛି ଜଳବନ୍ଦୀ ସମସ୍ୟା। କିଛିଦିନ ତଳେ ହୋଇଥିବା କାଳବୈଶାଖୀ ବର୍ଷାରେ ସହରର ରାସ୍ତା ପାଣିରେ ଭାସୁଥିଲା। ସହରରେ ଥିବା ଡ୍ରେନେଜ୍‌ରୁ ପଙ୍କ ଉଦ୍ଧାର ନ ହେବା କାରଣରୁ ଅଳ୍ପବର୍ଷାରେ ପାଣି ଲହଡି ମାରୁଛି। ଫଳରେ ଜଳବନ୍ଦୀ ସମସ୍ୟାରୁ ରକ୍ଷା ପାଇବା ପାଇଁ ସିଏମ୍‌ସି ପକ୍ଷରୁ ପଙ୍କଉଦ୍ଧାର କାର୍ଯ୍ୟ ପୁଣିଥରେ ଆରମ୍ଭ ହୋଇଛି। ସିଏମ୍‌ସି ପକ୍ଷରୁ ଭୋଟ ପୂର୍ବରୁ ପଙ୍କ ଉଦ୍ଧାର କାର୍ଯ୍ୟ ଜୋରସୋରରେ ଚାଲିଥିଲା। ଭୋଟକୁ ଦୃଷ୍ଟିରେ ରଖି ସଫେଇ କାର୍ଯ୍ୟ ବନ୍ଦ ଥିଲା। ଗୁରୁବାରଠାରୁ ପୁନର୍ବାର ସିଏମ୍‌ସି ନର୍ଦ୍ଦମାଗୁଡ଼ିକରୁ ପଙ୍କ ସଫେଇ କରିଛି, ସେ ପୁଣି ବିଳମ୍ବିତ ରାତିରେ। ଅଳ୍ପ ବର୍ଷାରେ କଟକ ଜଳବନ୍ଦୀ ହେବା ନୂଆ କଥା ନୁହେଁ। ପାଣିପାଗ ବିଭାଗ ପକ୍ଷରୁ ବର୍ଷା ହେବାର ସମ୍ଭାବନା ଥିବା ଘୋଷଣା କରାଯିବା ପରେ ସିଏମ୍‌ସି ତତ୍ପର ହୋଇ ଉଠିଛି। ସିଏମ୍‌ସି ପକ୍ଷରୁ ସଫେଇ କର୍ମଚାରୀଙ୍କୁ ନେଇ ଗୁରୁବାର ରାତି ପ୍ରାୟ ୧୦ଟା ୩୦ମିନିଟ୍‌ରୁ ଅରୁଣୋଦୟ ମାର୍କେଟ ଅଞ୍ଚଳ ସମେତ ସହରର ଅନ୍ୟାନ୍ୟ ଅଞ୍ଚଳରେ ଥିବା ଡ୍ରେନେଜ୍‌ଗୁଡ଼ିକରୁ ପଙ୍କ ଉଦ୍ଧାର କରାଯାଇଥିଲା ବୋଲି ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ସଫେଇ କାର୍ଯ୍ୟରେ ଅତ୍ୟାଧୁନିକ ସ୍କାବମେଶିନ,୨ଟି ଜେସିବି, ଟ୍ରାକ୍ଟର ନିୟୋଜିତ କରାଯାଇଥିଲା। ଏହା ପୂର୍ବରୁ ଫ୍ରେଣ୍ଡସ କଲୋନୀ ଅଞ୍ଚଳ ସମେତ ବାଦାମବାଡିରୁ ଲିଙ୍କ୍ ରୋଡ ପର୍ଯ୍ୟନ୍ତ ଓ ମଙ୍ଗଳାବାଗ ଅଞ୍ଚଳରେ ଏହି ସଫେଇ କାର୍ଯ୍ୟ କରାଯାଇଥିଲା। ଗତ ଫେବୃୟାରୀ ୧୨ ତାରିଖରୁ ସିଏମ୍‌ସି କାଉନସିଲ୍‌ର କାର୍ଯ୍ୟକାଳ ଶେଷ ହେବା ପରେ ଏବେ ସହରର ସମସ୍ତ ୱାର୍ଡର ଦାୟିତ୍ୱ ରହିଛି ପ୍ରଶାସନିକ ଅଧିକାରୀଙ୍କ ହାତରେ। ପୂର୍ବରୁ ଡ୍ରେନ୍‌ରୁ ପଙ୍କ ଉଦ୍ଧାର କରିବା ପାଇଁ ଆର୍‌ଡିସି ବୈଠକ ଡାକିଥିଲେ। ହେଲେ ଏ ପର୍ଯ୍ୟନ୍ତ ବୈଠକରେ ହୋଇଥିବା ନିଷ୍ପତ୍ତିକୁ କାର୍ଯ୍ୟରେ ପରିଣତ କରାଯାଇ ନ ଥିଲା। ବର୍ଷା ଲାଗି ରହିଲେ ନିଗମକୁ ଜଳବନ୍ଦୀ ଚିନ୍ତା ଘାରୁଛି। ବର୍ଷା ସରିଗଲେ ଯେଉଁ ଅବସ୍ଥାକୁ ସେହି ଅବସ୍ଥା ଦେଖାଦେଇଛି। ଡ୍ରେନ୍ ଭିତରୁ କଢାଯାଉଥିବା ଆବର୍ଜନାକୁ ବାହାରେ ପକା ନ ଯାଇ ଡ୍ରେନ୍ ପାର୍ଶ୍ୱରେ ଗଦା କରାଯାଉଛି। ବର୍ଷା ହେଲେ ପୂନର୍ବାର ସେହି ଆବର୍ଜନା ଡ୍ରେନ୍ ଭିତରେ ପଶି ଜଳ ନିଷ୍କାସନରେ ବାଧକ ସାଜୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କିନ୍ତୁ ସିଏମ୍‌ସି କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି। ଡ୍ରେନ୍‌ରୁ ବାହାରିଥିବା ଆବର୍ଜନାକୁ ଟ୍ରାକ୍ଟର ମାଧ୍ୟମରେ ତୁରନ୍ତ ସ୍ଥାନାନ୍ତର କରାଯାଉଥିବା ମହାନଗର ନିଗମ ନିର୍ବାହୀ ଯନ୍ତ୍ରୀ ଦିବ୍ୟ ରଞ୍ଜନ ତ୍ରିପାଠୀ କହିଛନ୍ତି।



ଖରାଦିନରେ ଚାହିଦାକୁ ନେଇ କଟକ ରାଣୀହାଟ କେନାଲ ରୋଡ୍ ପାର୍ଶ୍ୱରେ ବେଣାଚେରରେ ପରଦା ପ୍ରସ୍ତୁତ କରୁଥିବା ପରିବାର ସଦସ୍ୟ।



କଟକ କ୍ୟାଣ୍ଟନମେଣ୍ଟ ରାସ୍ତାପାର୍ଶ୍ୱରେ ଯୁବକମାନେ ତରଭୁଜ ଖାଇ ତୃଷା ମେଣ୍ଟାଉଛନ୍ତି।



କଟକସ୍ଥିତ ମାତାମଠ ରିଂବନ୍ଧ ରାସ୍ତା ପାର୍ଶ୍ୱରେ ବିକ୍ରି ହେଉଥିବା ତାଳସଜ।



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି,
ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ଚିଲିକା ନିର୍ବାଚନମଣ୍ଡଳୀ ବିଜୟ୍ ନେଇ ବିଜେଡି ଓ ଭାଜପା ଦୃଢ଼ ନିଶ୍ଚିତ

ବାଲୁଗାଁ,୨୫।୪(ଡି.ଏନ.ଏ.)- ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଉପଲକ୍ଷେ ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀରେ ଗତ ୨୩ ତାରିଖରେ ଭୋଟଗ୍ରହଣ ଶେଷ ହୋଇଛି। ନିର୍ବାଚନ ପରେ ବର୍ତ୍ତମାନ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ହାରଜିତ୍ ନେଇ ଅଙ୍କକଷା ଚାଲିଛି । ପାନ ଦୋକାନଠାରୁ ଆରମ୍ଭ କରି ବିଭିନ୍ନ ଖଟି ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ଶଙ୍ଖ ଜିତିବ ନା ଫୁଲ ଜିତିବ ସେ ନେଇ ଚର୍ଚ୍ଚା ଜୋର ଧରିଛି । ଅନ୍ୟପକ୍ଷରେ ଦୁଇ ପ୍ରମୁଖ ରାଜନୈତିକ ଦଳ ଭାଜପା ଓ ବିଜେଡି ବିପୁଳ ଭୋଟ୍ ବ୍ୟବଧାନରେ ବିଜୟ୍ ଲାଭ କରିବେ ବୋଲି ଦୃଢ଼ ନିଶ୍ଚିତ ହୋଇଛନ୍ତି । ଚିଲିକା ନିର୍ବାଚନମଣ୍ଡଳୀ ନିର୍ବାଚନ ରଣାଙ୍ଗନରେ ମୋଟ ୯ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ସେମାନଙ୍କ ଭାଗ୍ୟ ଏବେ ଷ୍ଟ୍ରଙ୍ଗ୍ ରୁମ୍‌ରେ ସିଲ୍ ହୋଇଛି । ମେ ୨୩ ତାରିଖରେ ଫଳାଫଳ ପ୍ରକାଶ ପାଇବାକୁ ଥିବା ବେଳେ ଦିନକୁ ଦିନ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି । ବିଜୁ ଜନତା ଦଳ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀଙ୍କୁ ୬ ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ବ୍ୟବଧାନରେ ପରାସ୍ତ କରି ବିଜୟ୍ ହାସଲ କରିବେ ବୋଲି ବାଣପୁର ବ୍ଲକ୍ ପୂର୍ବତନ ଅଧକ୍ଷ ମାନସ ରଞ୍ଜନ ପ୍ରଧାନ ମତ ରଖିଛନ୍ତି। ଅନ୍ୟପକ୍ଷେ ଭାଜପା ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ ୭ ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ବ୍ୟବଧାନରେ ବିଜୟୀ ହେବେ ବୋଲି ଖୋର୍ଦ୍ଧା ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସତ୍ୟନାରାୟଣ ସେନାପତି କହିଛନ୍ତି । ସେହିପରି କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ ମଧ୍ୟ ଆଶ୍ଚର୍ଯ୍ୟଜନକ ଫଳାଫଳକୁ ଅପେକ୍ଷା କରନ୍ତୁ ବୋଲି କହିଛନ୍ତି । ଅନ୍ୟ ଦଳୀୟ୍ ପ୍ରାର୍ଥୀମାନେ ମଧ୍ୟ ବିଜୟ୍ ନେଇ କିଛି ଅଲୌକିକ ଫଳାଫଳ ମିଳିପାରେ ବୋଲି ଆଶା ପ୍ରକଟ କରିଛନ୍ତି । ଚିଲିକା ନିର୍ବାଚନମଣ୍ଡଳୀରେ ମୋଟ ୨ ଲକ୍ଷ ୧୯ ହଜାର ୩୪୦ ଭୋଟର ଥିବାବେଳେ ଚଳିତ ନିର୍ବାଚନରେ ୭୧% ମତଦାନ ହୋଇଛି। ଏବେ ଫଳାଫଳ ନେଇ ବିଭିନ୍ନ କଳ୍ପନା ଜଳ୍ପନା ପ୍ରକାଶ ପାଇଛି ।

### ମନ୍ଦିରରୁ ଚୋରି

ଯାଁଳା,୨୫।୪(ଡି.ଏନ.ଏ.):ଚନ୍ଦକା ଥାନା ଅନ୍ତର୍ଗତ ଗଙ୍ଗପଡ଼ା ଗ୍ରାମସ୍ଥିତ ମା' ବାଟଭୁଆସୁଣି ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ଗେଟ୍ ତାଲା ଭାଙ୍ଗି ଠାକୁରାଣୀଙ୍କ ମୁକୁଟ, ରୁପା ସୁନା ଓ ଅଳଙ୍କାର ଚୋରି କରି ନେଇଛନ୍ତି। ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଚନ୍ଦକା ଥାନାରେ ଅଭିଯୋଗ କରାଯାଇଛି।

### ପୂର୍ବତନ ପୌରାଧ୍ୟକ୍ଷ ଗୁରୁତର

ଖୋର୍ଦ୍ଧା ଅଫିସ,୨୫।୪:ଖୋର୍ଦ୍ଧା ଏନଏସିର ପୂର୍ବତନ ଅଧକ୍ଷ, ଖୋର୍ଦ୍ଧା ଜିଲା ଗଠନର ପୂର୍ବତନ ବିନ୍ଧାଣି, ବୟୋଜ୍ୟେଷ୍ଠ ଖବରଦାତା ରାଜ କିଶୋର ରାମ (୯୪) ଗୁରୁତର ହୋଇଛନ୍ତି। ସେ ଏବେ ଖୋର୍ଦ୍ଧା ଦୁଲଣାସାହିସ୍ଥ ନିଜ ବାସଭବନରେ ବୟାସାଧିକ ରୋଗରେ ପୀଡିତ ଅବସ୍ଥାରେ ଅଛନ୍ତି।

■ ଭାଜପା ନେତା ମଙ୍ଗୁଳି ଜେନା ହତ୍ୟା ଘଟଣା

# ଅନ୍ଧାରରେ ବାଡ଼ି ବୁଲାଉଛି କ୍ରାଇମବ୍ରାଞ୍ଚ

## ୩ ସନ୍ଦିଗ୍ଧଙ୍କ ଫୁଟେଜ୍ ଜାରି ପରେ ବି ତ୍ୱରାନ୍ୱିତ ହେଉନି ତଦନ୍ତ

ଖୋର୍ଦ୍ଧା ଅଫିସ,୨୫।୪:

ବହୁ ଚର୍ଚ୍ଚିତ ଭାଜପା ନେତା ମଙ୍ଗୁଳି ଜେନା ହତ୍ୟା ଘଟଣାର ହତ୍ୟାକାରୀଙ୍କୁ ଧରିବା ଓ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିବାରେ କ୍ରାଇମବ୍ରାଞ୍ଚ ବିଫଳ ହୋଇଛି। ୩ ସନ୍ଦିଗ୍ଧଙ୍କ ଫୁଟେଜ ଜାରି କରିବାର ୫ ଦିନ ବିତିଯିବାକୁ ବସିଥିବାବେଳେ କ୍ରାଇମବ୍ରାଞ୍ଚର ହାତ ଖାଲିକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି।

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ୯ ନଂ. ଜୋନ ଭାଜପା ମଣ୍ଡଳ ସଭାପତି ତଥା ନିରାକାରପୁର ଥାନା ବଡପୋଖରିଆର ପୂର୍ବତନ ସରପଞ୍ଚ ମଙ୍ଗୁଳିଙ୍କୁ ୧୪ ତାରିଖ ରାତିରେ ହତ୍ୟା କରାଯାଇଥିଲା। ଏହି ହତ୍ୟା ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ କାଲୁ ଚରଣ ଖଣ୍ଡାଇତରାୟଙ୍କର ନବୀନାବାଗସ୍ଥିତ ଘର ସମ୍ମୁଖରେ ହୋଇଥିଲା। ଏହାକୁ ନେଇ ଭାଜପା ବିଜେଡିକୁ ଦାୟୀ କରି ଆନ୍ଦୋଳନକୁ ଓହ୍ଲାଇଥିଲା। ଗତ ୧୪ ତାରିଖ ରାତିରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଗତ ୧୫ ତାରିଖ ୬ ଘଣ୍ଟିଆ ଖୋର୍ଦ୍ଧା ବନ୍ଦ କରାଯାଇଥିଲା। ସେହିପରି ନିହତ ମଙ୍ଗୁଳିଙ୍କ ଭାଇ ପୋଲିସ ନିକଟରେ ବଡପୋଖରିଆର ସରପଞ୍ଚ ସାଗର ବଳିଆରସିଂହ ଓ ସହଯୋଗୀ ସଚିନ୍ ବଳିଆରସିଂଙ୍କ ସମେତ ଅନ୍ୟ କେତେଜଣ ସମ୍ପୃକ୍ତ ବୋଲି ଅଭିଯୋଗ କରିଥିଲେ। ଏ ନେଇ ଆଇପିସି ଦଫା ୩୦୨, ୩୪, ୨୫ ଓ ୨୭ ଆର୍ମସ୍ ଆକ୍ଟରେ ନଂ. ୧୧୯/୧୯ରେ ମାମଲା ରୁଜୁ ହୋଇଥିଲା। ୧୬ ତାରିଖରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଖବରଦାତା ସମ୍ମିଳନୀ କରି ହତ୍ୟାକାଣ୍ଡରେ ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି। ମଙ୍ଗୁଳି ହତ୍ୟାକାଣ୍ଡର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ନେଲା ବୋଲି କହିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଦୁଇ ସନ୍ଦିଗ୍ଧ ବ୍ୟକ୍ତି ସମ୍ପୃକ୍ତ ନ ଥିବା ଦର୍ଶାଇ ଛାଡି ଦିଆଗଲା। ସେହିଭଳି ୨୧ ତାରିଖରେ କ୍ରାଇମବ୍ରଞ୍ଚ ପକ୍ଷରୁ ଗୋଟିଏ ୧ ମିନିଟ୍ ଓ ଅନ୍ୟଟି ୩୬ ସେକେଣ୍ଡର ଏପରି ଦୁଇଟି ଫୁଟେଜ ଜାରି କରାଯାଇଥିଲା। ଦୁଇ ଫୁଟେଜରେ ୩ ଜଣ ଯୁବକ ହତ୍ୟାକାଣ୍ଡ ସ୍ଥଳଠାରୁ କିଛି ଦୂର ଏକ ଛକରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ଦୃଶ୍ୟ ରହିଛି। ଗୋଟିଏ ଫୁଟେଜରେ ୩ ଜଣ ଯୁବକ ଗୋଟିଏ ବାଇକ୍‌ରେ ଆସିଥିଲେ। ଏଥିରୁ ୨ ଜଣ ଓହ୍ଲାଇ ଛକରେ ବସିଥିବାବେଳେ ବାଇକ୍ ଚାଳକ ଭାଜପା ବିଧାୟକ ପ୍ରାର୍ଥୀ କାଲୁଙ୍କର ଘର ଦେଇ ଯାଇଥିଲେ। ଅନ୍ୟ ଭିଡିଓରେ ବାଇକ୍ ଚାଳକ ଫେରି ଆସି ଛାଡି ଯାଇଥିବା ଦୁଇ ଯୁବକଙ୍କ ସହ ଆଲୋଚନା କରିଥିଲେ। ତେବେ ଗୁଳିକାଣ୍ଡ ସମୟର କୌଣସି ଫୁଟେଜ୍ କ୍ରାଇମବ୍ରାଞ୍ଚ ପାଇଥିବା ପ୍ରକାଶ କରିନାହିଁ। ତେବେ ୩ଟି ଗୁଳି ଲକ୍ଷ୍ୟଭ୍ରଷ୍ଟ ହୋଇ କାନ୍ଥରେ ଲାଗିଥିଲା। ଗୁଳିର ସ୍ଥାନକୁ କ୍ରାଇମବ୍ରାଞ୍ଚର ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଥିଲେ। ତେବେ ପୋଲିସ ପରି କ୍ରାଇମବ୍ରାଞ୍ଚ ମଙ୍ଗୁଳି ହତ୍ୟାକାଣ୍ଡରେ ଫେଲ ମାରିଲାଣି ବୋଲି କୁହାଯାଉଛି। ଅନ୍ୟପକ୍ଷେ ନିର୍ବାଚନ ସମୟରେ ଭାଜପା ମଙ୍ଗୁଳି ହତ୍ୟାକାଣ୍ଡକୁ ଗୁରୁତ୍ୱ ଦେଇ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରିଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ହତ୍ୟାକାରୀଙ୍କୁ ଧରିବାକୁ ଚାପ ପ୍ରୟୋଗ କରିଥିଲେ। ତେବେ ନିର୍ବାଚନ ଶେଷ ପରେ ଏହି ପ୍ରସଙ୍ଗ ଏବେ ଶୀତଳଭଣ୍ଡାରକୁ ଚାଲି ଯାଇଛି। ହତ୍ୟାକାରୀଙ୍କୁ ଧରିବା ଦିଗରେ କ୍ରାଇମବ୍ରାଞ୍ଚର ଅସଫଳତାକୁ ନେଇ ଭାଜପା ଚୁପ ହୋଇ ବସି ରହିବାର କାରଣ ବୁଝାପଡୁନି। ସେପଟେ ବଡପୋଖରିଆରେ ଉତ୍ତେଜକ ପରିସ୍ଥିତି ଲାଗି ରହିଛି। ଏହି ଗାଁର ଦୁଇଜଣଙ୍କର ହତ୍ୟା ପରେ ଯଦି କ୍ରାଇମବ୍ରାଞ୍ଚ ଓ ପୋଲିସ କିଛି ପଦକ୍ଷେପ ନ ନିଏ ତେବେ ଆଉ କିଛି ଲୋକଙ୍କ ଜୀବନ ନ ଯାଇ ପାରେ ବୋଲି କିଏବା କହିବ। କାରଣ ଏଠାର ବାସିନ୍ଦା ଏବେ ବି ଭୟଭୀତ ଅବସ୍ଥାରେ କଳାତିପାତ କରୁଥିବା ଅଭିଯୋଗ ରହିଛି।



ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ରାସ୍ତା ଅବରୋଧ କରୁଛନ୍ତି।

## ଏସ୍‌ଏଚ୍‌ଜି ମହିଳାଙ୍କ ରାସ୍ତା ଅବରୋଧ

ବୋଲଗଡ଼,୨୫।୪(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ କାର୍ଯ୍ୟାଳୟଠାରେ ଗୁରୁବାର ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି। ଏସ୍‌ଏଚ୍‌ଜି ମହିଳାମାନଙ୍କ ପାଇଁ ପ୍ରଦାନ କରାଯାଇଥିବା ଅର୍ଥ ସେମାନେ ପାଇ ନ ଥିବା ଦାବି କରି ରାସ୍ତା ଅବରୋଧ କରିଛନ୍ତି ବୋଲି ଅନ୍ଦୋଳନକାରୀ କହିଥିଲେ। ଉକ୍ତ ପଞ୍ଚାୟତସ୍ଥ ଗର୍ଭଣୀପଡ଼ା ଗ୍ରାମର କେତେଜଣ ମହିଳା ବାଙ୍କୋଇଦେଶ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନ ହେବାରୁ ମହିଳାମାନେ ରାଜସୁନାଖଳା-ଧଳାପଥର ରାସ୍ତା ଅବରୋଧ କରିଥିଲେ। ଖବରପାଇ ବୋଲଗଡ଼ ବ୍ଲକ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

■ ଜଟଣୀ ନିର୍ବାଚନମଣ୍ଡଳୀ

## ମତଦାନ ପରେ ନୀରବତା

### ଦ୍ୱନ୍ଦ୍ୱରେ ପ୍ରାର୍ଥୀ ଓ ସମର୍ଥକ

ଜଟଣୀ,୨୫।୪(ଡି.ଏନ.ଏ.)

ଜଟଣୀ ନିର୍ବାଚନମଣ୍ଡଳୀରେ ୨୩ ତାରିଖ ମତଦାନର ଠିକ ପୂର୍ବଦିନ ପର୍ଯ୍ୟନ୍ତ ପ୍ରାର୍ଥୀମାନଙ୍କ ସପକ୍ଷ ଓ ବିପକ୍ଷରେ ଚାଲିଥିଲା ଅନେକ ହାୱା। ଏଥିରେ କାହା ସପକ୍ଷରେ ଭୋଟ୍ ଯିବ ନ ଯିବ ସେ ନେଇ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନେ ଅନୁମାନ କରି ପାରୁଥିଲେ। ଏହାକୁ ନେଇ ଚାଲିଥିଲା ନାନା ଚର୍ଚ୍ଚା। ତେବେ ମତଦାନର ଠିକ୍ ପରେ ସୃଷ୍ଟି ହୋଇଥିଲା ନୀରବତା। ମତଦାନର ପୂର୍ବ ଓ ପରେ ସୃଷ୍ଟି ହେଉଥିବା ହାୱାକୁ ନେଇ ପ୍ରାର୍ଥୀଙ୍କ ହାରଜିତ୍ ଅନୁମାନ ଲଗାଯାଇ ପାରୁଥିଲା। ତେବେ ମତଦାନ ଶେଷ ହେବା ପରେ ଖେଳି ଯାଇଥିବା ନୀରବତାକୁ ନେଇ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସହିତ ନାନା ଆଶଙ୍କା ଦେଖାଦେଇଛି। ଏହି ନୀରବତା ପଛର କାରଣ ଖୋଜୁଛନ୍ତି ବିଭିନ୍ନ ଦଳର ନେତା ଓ କର୍ମୀ। ଏଠାରେ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ରାଜନୀତି ସମୀକ୍ଷକମାନେ କହୁଛନ୍ତି। ଜଟଣୀ ରାଜନୀତିରେ ପୂର୍ବରୁ ଅନୁଷ୍ଠିତ ଅଧିକାଂଶ ନିର୍ବାଚନରେ ମ୍ୟୁନିସିପାଲିଟି ଭୋଟ ନିର୍ଣ୍ଣାୟକ ଭୂମିକା ନେଇଥାଏ। ତେବେ ୨୦୧୯ ନିର୍ବାଚନରେ ମ୍ୟୁନିସିପାଲିଟି ଭୋଟ୍ ସହ ଏହି ନିର୍ବାଚନମଣ୍ଡଳୀରେ ମିଶିଥିବା ଖୋର୍ଦ୍ଧା ବ୍ଲକର ୭ଟି ପଞ୍ଚାୟତର ୨୫ ହଜାରରୁ ଅଧିକ ଭୋଟ୍ ହାରଜିତ୍‌ର ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି। ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସ ଦଳର କୁହାଯାଉଥିବା ପାରମ୍ପରିକ ତଥା ରହିଥିବା ପକେଟ୍ ଭୋଟ୍ ବହୁସଂଖ୍ୟାରେ ହ୍ରାସ ପାଇଥିବା ବେଳେ ଦଳୀୟ ପ୍ରାର୍ଥୀ ସୁରେଶ କୁମାର ରାଉତରାୟ ଲଗାତର ୩ ଥର ହାରିବା ଯୋଗୁ ତାଙ୍କ ସପକ୍ଷରେ ସୃଷ୍ଟି ହୋଇଥିବା ସହାନୁଭୂତି, ଲୋକ ସମ୍ପର୍କ ଓ ନିଜସ୍ୱ ସଙ୍ଗଠନକୁ ଆୟୁଧ କରି ସେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ। ସେହିପରି ୧୯ ବର୍ଷର ବିଜେଡି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ ଅନ୍ୟ ବିକାଶମୂଳକ କାର୍ଯ୍ୟକୁ ଦଳୀୟ ପ୍ରାର୍ଥୀ ବିଭୂତି ବଳବନ୍ତରାୟ ଭୋଟରଙ୍କ ନିକଟରେ ଫୋକସ୍ କରିଥିଲେ। ଭାଜପାର ପରିବର୍ତ୍ତନ ଆହ୍ୱାନ ଓ କେନ୍ଦ୍ର ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ନେଇ ଦଳୀୟ ପ୍ରାର୍ଥୀ ବିଶ୍ୱରଞ୍ଜନ ବଡଜେନା ଏହି ନିର୍ବାଚନକୁ ଓହ୍ଲାଇଥିଲେ। ଏସବୁ ମଧ୍ୟରୁ ଭୋଟର କାହାକୁ ଅଧିକ ଅଗ୍ରାଧିକାର ଦେଇଛନ୍ତି ତାହା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହେବ। ତେବେ ପ୍ରାର୍ଥୀମାନେ ନିଜ ନିଜର ବିଜୟର ଆଶା ରଖି ନିର୍ବାଚନ ଫଳାଫଳକୁ ଅପେକ୍ଷା କରିଛନ୍ତି।




ବର୍ଷାରେ ଧୋଇ ହୋଇଥିବା ରାସ୍ତାର ମରାମତି କରାଯାଉନାହିଁ ।

## ମରାମତି ହେଉନି ବଧା ପୋଖରୀ ରାସ୍ତା

ଖୋର୍ଦ୍ଧା ଅଫିସ,୨୫।୪

ଖୋର୍ଦ୍ଧା ସହରର ସାମନ୍ତରାପୁରରୁ ବରୁଣେଇକୁ ସଂଯୋଗ କରୁଥିବା ରାସ୍ତାର ଜରିନାଳ ସମ୍ମୁଖ ବଧା ପୋଖରୀଠାରେ ରାସ୍ତା ମରଣଯନ୍ତା ହୋଇରହିଛି। ପ୍ରାୟ ବର୍ଷେ ତଳେ ହୋଇଥିବା ବର୍ଷାରେ ଏହି ରାସ୍ତାଟିର କିଛି ଅଂଶ ପୋଖରୀ ଭିତରକୁ ଭୁଶୁଡି ପଡିଥିଲା। ପୋଖରୀ ଭିତର ସୁରକ୍ଷା ପ୍ରାଚୀର କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଭୁଶୁଡି ପଡିଥିଲା। ତେବେ ଏହାର ମରାମତି କରାଯାଉନି। ଅନ୍ୟପକ୍ଷେ ପୋଖରୀ ଭିତରେ ଏକ ପୋଲିସ ଚେକ ପୋଷ୍ଟ ପଡି ରହି ନଷ୍ଟ ହେଉଥିଲେ ମଧ୍ୟ ଏହାକୁ ବାହାରକୁ କଢା ଯାଉନାହିଁ।

## ରେଳ ଓଭରବ୍ରିଜ ପାଖରୁ ମୃତଦେହ ଉଦ୍ଧାର

ଖୋର୍ଦ୍ଧା ଅଫିସ,୨୫।୪:

ବଲାଙ୍ଗୀର ଖୋର୍ଦ୍ଧା ରେଳପଥର ଜରିପୁଟ ଓଭରବ୍ରିଜ ନିକଟରୁ ଗୁରୁବାର ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ମଙ୍ଗୁଳି ମହାରଣା(୬୩)। ତାଙ୍କ ଘର ନୟାଗଡ ଜିଲା ଶରଣକୁଳ ଥାନା ଧୁସୁମା ଗାଁର ବୋଲି ଜଣାପଡିଥିଲା। ମଙ୍ଗୁଳି କିପରି ଜରିପୁଟ ରେଳ ଓଭରବ୍ରିଜ ତଳକୁ ଆସିଲେ ଜଣାପଡିନି। ତେବେ ବୁଧବାର ରାତି ପ୍ରାୟ ୮ଟା ୫୫ରେ ଏହି ଅଘଟଣ ଘଟିଛି। ନୟାଗଡ ଯାଉଥିବା ଟ୍ରେନ ତଳେ ମଙ୍ଗୁଳି ରହି କଟି ଯାଇଛନ୍ତି। ଖବରପାଇ ଖୋର୍ଦ୍ଧା ଟାଉନ ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟ ଅମୂଲ୍ୟ ସାହୁଙ୍କ ଅଭିଯୋଗ ପରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ (୨୦/୧୯) ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଦୁର୍ବୃତ୍ତ ଚୋରି କରି ନେଲେ ସୁନା ଅଳଙ୍କାର, ଟଙ୍କା

ଖୋର୍ଦ୍ଧା ଅଫିସ,୨୫।୪

ଖୋର୍ଦ୍ଧା ଆଦର୍ଶ ଥାନାର ପଲ୍ଲା ନୂଆପୋଖରୀସ୍ଥ ବୋଲଗଡ ବ୍ଲକ ଗେଡିଆପଲ୍ଲୀର ପୂର୍ବତନ ସରପଞ୍ଚ ରାଜ କିଶୋର ମହାପାତ୍ରଙ୍କ ଘରୁ ବୁଧବାର ପୂର୍ବାହ୍ନ ୧୦ଟାରେ ଚୋରି ହୋଇଛି। ଚୋରମାନେ ବାରିପିଟ ଝରକା ଓ ଗ୍ରିଲ ଭାଙ୍ଗି ୨ ସୁନା ହାର, ସୁନା ମୁଦି ୨, ଲକେଟ ୧ଟା, ଏପରି ଏକ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରାଇ ନେଇଛନ୍ତି। ସେହିପରି ୧୫ ହଜାର ଟଙ୍କା ମଧ୍ୟ ଅନୁରୂପ ଭାବେ ଚୋରି କରି ନେଇଛନ୍ତି। ରାଜଙ୍କର ଘରେ ଥିବା ଆଟାଚ୍‌ରୁ ଏହି ସୁନା ଓ ଟଙ୍କା ଚୋରି ହୋଇଥିବା ଜଣାପଡିଛି। ଚୋରି ଜଣାପଡିବା ପରେ ରାଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଯୁବକଙ୍କ ଆତ୍ମହତ୍ୟା

ଯାଁଳା,୨୫।୪(ଡି.ଏନ.ଏ.)

ଜଟଣୀ ଥାନା ଯାଁଳା ଫାଣ୍ଡ ଅଧୀନ କାଇମାଟିଆ ପଟଣା ଗାଁର ଜଣେ ଯୁବକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ଚିକନ୍ ଛୋଟରାୟ(୨୪)। ଚିକନ ଗୁରୁବାର ସକାଳ ୮ଟାରେ ତାଙ୍କର ତମାଣ୍ଡୋ ଥାନା ନିକଟ ସିଜୁପୁଟୁ ଅଞ୍ଚଳରେ ଥିବା ନିଜ ବିଲ ଦେଖିବାକୁ ଯାଇଥିଲେ। ବିଲ ନିକଟରେ ଥିବା ଏକ କଦମ୍ବ ଗଛରେ ସେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ହେଲେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ତମାଣ୍ଡୋ ଥାନାରେ ଅପମୃତ୍ୟୁ ମାମଲା (୭/୧୯) ରୁଜୁ ହୋଇଛି। ପୋଲିସ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।



ଖୋର୍ଦ୍ଧାଠାରେ ଷ୍ଟ୍ରଙ୍ଗ୍ ରୁମ୍‌ରେ ଇଭିଏମ ରଖାଯାଇଛି, ଭୋଟ ଗଣତି ପାଇଁ ଅପେକ୍ଷା।

## ଭାଗବତଦେବଙ୍କ ମେଳଣରେ ୨୮ରୁ ଉର୍ଦ୍ଧ୍ୱ ବିମାନ

ନିରାକାରପୁର,୨୫।୪(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ମନ୍ଦାକିନୀ ନଦୀକୂଳସ୍ଥିତ ଭାଗବତଦେବଙ୍କ ମେଳଣ ପଡ଼ିଆରେ ବୁଧବାରଠାରୁ ଭାଗବତଦେବଙ୍କ ମେଳଣ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୭୦ ବର୍ଷର ପରମ୍ପରା ବହନ କରୁଥିବା ଏହି ମେଳଣ ରାମେଶ୍ୱର ଗ୍ରାମବାସୀଙ୍କ ସହଯୋଗରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଖୋର୍ଦ୍ଧା ଓ ପୁରୀ ଜିଲାର ଆଖପାଖ ଗ୍ରାମର ୨୮ରୁ ଉର୍ଦ୍ଧ୍ୱ ଭାଗବତଦେବଙ୍କ ବିମାନ ମେଳଣ ପଡିଆରେ ବିଜେ କରିଥିଲେ । ମୁଖ୍ୟତଃ ଜଙ୍କିଆ, ରମାବିଲି, ନୂଆଗାଁ, ଛଣଗିରି, ଚନ୍ଦନପୁର, ଯାଜପୁର, ମିରିଗଦୟଣୀ, ତଇଲା, ଭଗବତୀପଡ଼ା, ତାଳପଡ଼ା, ମଧୁବନ, ଖଜୁରିପଡ଼ା, ଷଠିପଦର ଆଦି ବିଭିନ୍ନ ସ୍ଥାନରୁ ଭାଗବତଦେବ ସୁସଜ୍ଜିତ ବିମାନରେ ଆସି ମେଳଣ ପଡ଼ିଆରେ ଭୋଗ ଖାଇ ଭକ୍ତଙ୍କୁ ଦର୍ଶନ ଦେଇ ସ୍ୱସ୍ଥାନକୁ ଫେରିଥିଲେ । ମେଳଣ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଘଟିଥିଲା। ଏହି ଅବସରରେ ଉଠାଦୋକାନ, ବଜାର ଆଦି ବ୍ୟବସାୟ ପ୍ରତିଷ୍ଠାନ ଖୋଲିଥିଲା। ଖୋଲା ଅପେରା ଦେଖିବା ପାଇଁ ମଧ୍ୟ ଭିଡ଼ ଲାଗିଥିଲା । ଏହି ପ୍ରାଚୀନ ପରମ୍ପରା ଲୋକମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରେ ବୋଲି ରାମେଶ୍ୱର ଗ୍ରାମର ଚନ୍ଦ୍ର ମୋହନ ପଟ୍ଟନାୟକ ଓ ବୀରେନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି ।



ମେଳଣ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼।

## ବେଆଇନ ପଥରଖଣିକୁ ନେଇ ବଢୁଛି ବିବାଦ

**ବେଗୁନିଆ ତହସିଲ**
■ ଅହରହ ଗର୍ଜୁଛି ବ୍ଲାଷ୍ଟିଂ, ଲୋକେ ଆତଙ୍କିତ
■ ପ୍ରଶାସନ ଚୁପ୍

ବେଗୁନିଆ,୨୫।୪(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରେ ଥିବା ବେଆଇନ ମାଙ୍କଡାପଥର ଖଣିକୁ ନେଇ ଦିନକୁ ଦିନ ବିବାଦ ବଢିବାରେ ଲାଗିଛି। ବିଶେଷକରି ପଥର ମାଫିଆମାନଙ୍କ ମଧ୍ୟରେ ସୃଷ୍ଟ ବିବାଦରେ ସ୍ଥାନୀୟ ଅଞ୍ଚଳବାସୀ ଛନ୍ଦି ହୋଇପଡୁଛନ୍ତି। ପଥର ଖଣି ପାଇଁ ଗଣ୍ଡଗୋଳ, ହତ୍ୟା ଓ ପୋଡାଜଳା, ବୋମାମାଡ ଆଦି ଘଟୁଛି। ଅନ୍ୟପକ୍ଷରେ ଉକ୍ତ ଖଣିରେ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟୁଛି। ଏପରିକି ଏହି ତହସିଲ ଅଧୀନରେ ଥିବା ପାହାଡରେ ପଥର ଉତ୍ତୋଳନ ପାଇଁ ଅହରହ ବ୍ଲାଷ୍ଟିଂ ଚାଲିଛି। ଫଳରେ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ସେହିପରି ଅନେକ ସମୟରେ ଖଣିରୁ ବେଆଇନ ପଥର ବୋଝେଇ ଗାଡି ଗ୍ରାମାଞ୍ଚଳ ରାସ୍ତାଗୁଡିକରେ ଯାତାୟାତ କରୁଥିବାରୁ ଦୁର୍ଘଟଣା ଘଟୁଛି। ଏଥିସହ ବହୁ ବନ୍ଦ ହୋଇପଡିଥିବା ପଥର ଖଣିକୁ ତହସିଲ ପ୍ରଶାସନ ନିଲାମ ଦେଉ ନ ଥିଲେ ମଧ୍ୟ ସେଥିରୁ ବେଆଇନ ଭାବେ ଖନନ ଚାଲିଛି। ହେଲେ ପ୍ରଶାସନର ପଦକ୍ଷେପ ଏଠି ଢିଲା ବୋଲି କୁହାଯାଉଛି। ଖଣି ନିଲାମ ନ ଦେଇ ପ୍ରଶାସନିକ ଅଧିକାରୀମାନେ ମୁଣ୍ଡରୁ ବୋଝ ଖସାଇ ଦେଇଥିବା ବେଳେ ଭିତିରି ସମ୍ପର୍କକୁ ନେଇ ବେଶ୍ ଲାଭ ଉଠାଉଛନ୍ତି। ଅଭିଯୋଗ କିମ୍ବା ଚାପ ପଡିଲେ ତହସିଲ ପକ୍ଷରୁ ନାମକୁ ମାତ୍ର ଚଢାଉ କରାଯାଉଛି। ଏଥିଯୋଗୁ ସୃଷ୍ଟି ହେଉଥିବା ବିବାଦ ତୀବ୍ର ହେଉଥିବା ବେଳେ ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି।

ତହସିଲ ଅଧୀନରେ ଡିଙ୍ଗର, ରାଉତପଡା, ବରପଦା, ବିଞ୍ଝଣି, ଗୌଡିଆପଡା, କୋତଲାଙ୍ଗ, ଡାଲତୋଳା, ନିଆଁମୁହାଁ, ଲୋକିପୁର ଆଦି ଅଞ୍ଚଳରେ ୧୨ ଶହ ଡେସିମିଲ ପଥର ଖଣି ରହିଛି। ସେଥିମଧ୍ୟରୁ ୪ ଶହରୁ ଉର୍ଦ୍ଧ୍ୱ ଡେସିମିଲର ମୃତପଥର ଖଣି (ବେଆଇନ ଖନନ ପରେ ମାଫିଆମାନେ ଛାଡି ଦେଇଥିବା ଖୋଲା ଖଣି) ରହିଛି। ଏହା ଅଞ୍ଚଳବାସୀଙ୍କ ଜୀବନ ପ୍ରତି ବିପଦ ସାଜିଛି। ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଥିଲେ ମଧ୍ୟ ପ୍ରଶାସନ ଚୁପ ହୋଇ ରହିଛି। ପୁରୀର ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତି କାଳଚୁଆ ମୁଣ୍ଡିଆ ଏବେ ଅବକ୍ଷୟମୁଖୀ ହୋଇପଡିଛି। ତେବେ କଳାମୁଗୁନି ପଥର ଚାଲାଣକାରୀମାନେ ଏଥିପ୍ରତି ଭ୍ରୂକ୍ଷେପ ନ କରି ଅବାଧରେ ମୁଣ୍ଡିଆକୁ ଖୋଳି ଚାଲିଛନ୍ତି। ଫଳରେ ମୁଣ୍ଡିଆର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସବୁଜିମା ହରାଇବା ସହ ବିଭିନ୍ନ ଔଷଧୀୟ ବୃକ୍ଷ ଲୋପ ପାଇବାରେ ଲାଗିଛି। ଗୋସମ୍ପଦ ମଧ୍ୟ ଚରିବାକୁ ସଙ୍କଟରେ ପଡିଛନ୍ତି। ଅହରହ ବ୍ଲାଷ୍ଟିଂ ଶବ୍ଦରେ ଜନସାଧାରଣ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଡଙ୍ଗରପଡା ଗ୍ରାମବାସୀ ବାରମ୍ବାର ଅଭିଯୋଗ କରୁଛନ୍ତି। ହେଲେ ପ୍ରଶାସନ ପକ୍ଷରୁ କୌଣସି କଡା ପଦକ୍ଷେପ ନ ନେବା ଯୋଗୁ ତାହା ମାଫିଆମାନଙ୍କ ରାଜ ପାଇଁ ସୁଯୋଗ ସୃଷ୍ଟି କରୁଛି। ଅନ୍ୟପକ୍ଷରେ ଏହି ଭୂସମ୍ପତ୍ତିକୁ ସରକାରଙ୍କ ପକ୍ଷରୁ ନିଲାମ ଦିଆ ନ ଯାଇ ସ୍ଥାନୀୟ ମାଫିଆଙ୍କ ହାତକୁ ଟେକି ଦିଆଯାଇଛି। ଫଳରେ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ଉପୁଜୁଛି। ଗତ ୧ ମାସ ମଧ୍ୟରେ ୩ ସ୍ଥାନରେ ଗୁଳିମାଡ ଘଟିଛି। ଏଥିରେ ୪ ଜଣ ଗୁରୁତର ଆହତ ହୋଇଥିଲେ। ଏଥିସହ ନିରୀହ ଜନସାଧାରଣ ମଧ୍ୟ ଗୁଳିମାଡରୁ ବର୍ତ୍ତି ନ ଥିଲେ। ତେବେ ଏଯାଏ ପୋଲିସ କେବଳ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଛି ବୋଲି ଆଳ ଦେଖାଇ ଚୁପ ହୋଇ ବସିପଡିଛି। ମାତ୍ର କାହାରିକୁ ଏଯାଏ ଗିରଫ କରିପାରିନାହିଁ। ଏ ସମ୍ପର୍କରେ ତହସିଲଦାର ବିବେକାନନ୍ଦ ପରିଡା କୁହନ୍ତି, କିଛିଦିନ ହେଲା କାଳଚୁଆ ପାହାଡକୁ ନେଇ ମାଫିଆମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦକୁ ପ୍ରଶାସନ ପକ୍ଷରୁ ଆୟତ୍ତକୁ ଅଣାଯାଇଛି। ତେବେ ଭୋଟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଉକ୍ତ ଖଣିରେ ଚଢାଉ କରାଯାଇ ମାଫିଆମାନଙ୍କ ଉପରେ କଡା ପଦକ୍ଷେପ ନିଆଯାଇ ପାରିନାହିଁ। ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କୁହନ୍ତି, ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଜାରି ରହିଛି। ଅଭିଯୁକ୍ତମାନେ ଫେରାର ଥିବାରୁ ଗିରଫ କରାଯାଇ ପାରିନାହିଁ।



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି,
ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ବ୍ରହ୍ମଗିରିରୁ ହରିଣ ଉଦ୍ଧାର



ବ୍ରହ୍ମଗିରି, ୨୫।୪(ଡି.ଏନ୍.ଏ.)-ବ୍ରହ୍ମଗିରି ରେଞ୍ଜ ଅଧୀନ ସାନପଲ୍ଲୀ ଗ୍ରାମରୁ ଗୁରୁବାର ସକାଳୁ ଏକ ହରିଣ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଏକ ହରିଣ ସକାଳୁ ସକାଳୁ ଗ୍ରାମ ମଧ୍ୟକୁ ପଶିଯାଇଥିଲା । ସ୍ଥାନୀୟ ଲୋକେ ଏହି ହରିଣଟିକୁ ଉଦ୍ଧାର କରି ବ୍ରହ୍ମଗିରି ବନ ବିଭାଗକୁ ଖବର ଦେଇଥିଲେ । ବ୍ରହ୍ମଗିରି ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହରିଣଟିକୁ ଉଦ୍ଧାର କରି ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ହରିଣଟି ସୁସ୍ଥ ହେବା ପରେ ତାକୁ ଜଙ୍ଗଲରେ ଛଡାଯିବ ବୋଲି ବନ ଅଧିକାରୀ ରଜତ ମହାପାତ୍ର କହିଛନ୍ତି।

### ନିରାପତ୍ତା, ସ୍ୱଚ୍ଛତା ସଂକ୍ରାନ୍ତ କର୍ମଶାଳା

ପୁରୀ ଅଫିସ,୨୫।୪: ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ୍ ଆନୁକୂଲ୍ୟରେ ଗୁରୁବାର ନିରାପତ୍ତା ଓ ସ୍ୱଚ୍ଛତା ସଂକ୍ରାନ୍ତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଷ୍ଟେଶନ ସିନିୟର ସିଡିଓ ଲିଙ୍ଗରାଜ ତ୍ରିପାଠୀ,ସମ୍ମାନିତ ଅତିଥି ଭାବେ ଷ୍ଟେଶନ ନିର୍ଦ୍ଦେଶକ ବି.କେ. ପରିଜା, ଡିଇଇ ବିନାୟକ ବେହେରା, ଏଡିଏମଇ ଏମକେ ସାହୁ ଯୋଗଦେଇଥିଲେ। କର୍ମଚାରୀମାନେ ଷ୍ଟେଶନ ପରିସରରେ କାର୍ଯ୍ୟ କରିବା ବେଳେ ନିରାପତ୍ତା ପ୍ରତି ଯତ୍ନବାନ ହେବା ଉଚିତ ବୋଲି ଅତିଥିମାନେ କହିଥିଲେ। ଅନୁଷ୍ଠାନର ପୁରୀ ଶାଖା ସମ୍ପାଦକ ଅମିତ ମିଶ୍ର, ସଭାପତି କେ.ସି. ରଥ, ଶଶୀକାନ୍ତ ମିଶ୍ର, କୈଳାସ ପାତ୍ର, ଶ୍ରୀଧର ସ୍ୱାଇଁ, ଭୀମସେନ ରାଉତ ଓ ରମାକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ।

### ଯୌତୁକ ନିର୍ଯାତନା ଅଭିଯୋଗ

ପୁରୀ ଅଫିସ,୨୫।୪:ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ବାସେଲି ସାହି ଅଞ୍ଚଳର ଜଣେ ମହିଳା ଅଭିଯୋଗ ଆଣିଛନ୍ତି। ଏ ନେଇ ସେ ଗୁରୁବାର ବାସେଲି ସାହି ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ଦଫା ୪୯୮(କ), ୩୪ ଆଇପିସି, ଯୌତୁକ ନିର୍ଯାତନା ଆକ୍ଟ ୪ରେ କେସ୍ ନଂ. ୩୦/୧୯ ରୁଜୁ ହୋଇଛି। ପୋଲିସ ପକ୍ଷରୁ ଏହାର ତଦନ୍ତ ଜାରି ରହିଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ବାସେଲି ସାହି ଗାଣ୍ଡୁଆ ଚଉରା ଛକ ଅଞ୍ଚଳର ନଟବର ବେହେରାଙ୍କ ଝିଅ ସୋନମ(୨୩) ବୈଦିକ ରୀତିରେ ଭୁବନେଶ୍ୱର ବରମୁଣ୍ଡାର ସନ୍ତୋଷ କୁମାର ବେହେରା (୩୬)ଙ୍କୁ ବିବାହ କରିଥିଲେ। ବିବାହ ସମୟରେ କନ୍ୟାଘର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ତେବେ ବିବାହର କିଛି ମାସ ପରେ ସ୍ୱାମୀ ଓ ତାଙ୍କ ପରିବାର ଲୋକେ ଅଧିକ ଯୌତୁକ ଦାବି କରି ସୋନମଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଛନ୍ତି। ଏ ନେଇ ଗୁରୁବାର ସୋନମ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ମେ ୩୧ରେ ନିଃଶୁଳ୍କ ବ୍ରତୋପନୟନ

ପୁରୀ ଅଫିସ,୨୫।୪: ପ୍ରତିବର୍ଷ ପରି ଚଳିତବର୍ଷ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ବ୍ରାହ୍ମଣ ପିଲାମାନଙ୍କର ନିଃଶୁଳ୍କ ବ୍ରତୋପନୟନ କାର୍ଯ୍ୟ କରାଯିବ। ଆସନ୍ତା ମେ ୩୧ ତାରିଖରେ ଏହି କାର୍ଯ୍ୟ କରାଯିବା ଲାଗି ସ୍ଥିର ହୋଇଛି। ଏଥିପାଇଁ ଅଭିଭାବକମାନଙ୍କୁ ଆଗୁଆ ପିଲାଙ୍କ ନାମ, ବୟସ, ବେଦ, ଗୋତ୍ର ଆଦି ଜଣାଇବାକୁ ପଡ଼ିବ ବୋଲି ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ କୁହାଯାଇଛି।

### ବିଦାୟ ସମ୍ବର୍ଦ୍ଧନା

ପୁରୀ ଅଫିସ,୨୫।୪:ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅଦ୍ୱୈତ ବେଦାନ୍ତ ବିଭାଗ ଦ୍ୱିତୀୟ ବର୍ଷ ଛାତ୍ରଙ୍କୁ ଗୁରୁବାର ପ୍ରଥମ ବର୍ଷ ଛାତ୍ରଙ୍କ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହରିହର ହୋତା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱାମୀ ଜିତମୋହନାନନ୍ଦ ସରସ୍ୱତୀ ଯୋଗଦେଇ ଆଦର୍ଶ ଜୀବନଶୈଳୀ ଉପରେ ବେଦାନ୍ତ ଦର୍ଶନ ଗଭୀର ରେଖାପାତ କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ସ୍ୱାମୀ ଶଙ୍କରାନନ୍ଦ ସରସ୍ୱତୀ, ପ୍ରାଧାପିକା ଶ୍ରଦ୍ଧାଞ୍ଜଳି ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସସ୍ମିତା ନାୟକ, ହରପ୍ରିୟା ବେହେରା, ଅଭିଷେକ ଚୌଧୁରୀ, ମନୋଜ କୁମାର ବେହେରା,ଉପେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

■ ଗୋପରେ ଗର୍ଜିଲେ ରାଜନାଥ

# ବିଜେଡି ସରକାରରେ ହୋଇନି ଆଖିଦୃଶିଆ ବିକାଶ



କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ସଭାରେ ଉଦ୍‌ବୋଧନ ଦେଉଛନ୍ତି ।



ସଭାରେ ଯୋଗଦେଇଥିବା ଭାଜପା ସମର୍ଥକମାନେ ।

ଗୋପ, ୨୫।୪(ଡି.ଏନ୍.ଏ.)

ରାଜ୍ୟରେ ଦୀର୍ଘ ୧୯ ବର୍ଷ ଧରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ଶାସନରେ ଥିଲେ ସୁଦ୍ଧା ଓଡ଼ିଶାରେ ଆଖିଦୃଶିଆ ବିକାଶ ହୋଇପାରିନି। ଅପରପକ୍ଷରେ ଭାଜପାଶାସିତ ରାଜ୍ୟଗୁଡ଼ିକରେ କେଉଁଭଳି ଭାବେ ବିକାଶ ହୋଇଛି, ତାହା ବିଜେଡି ନେତାମାନେ ଦେଖିଆସନ୍ତୁ ବୋଲି ଗୁରୁବାର ଅପରାହ୍ନରେ ଗୋପ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ବାଲିପଡ଼ିଆଠାରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଯୋଗଦେଇ ଏହା କହିଛନ୍ତି। ରାଜ୍ୟରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର ଜୋର୍ ଧରିଥିବାବେଳେ ଭାଜପାର ନିମାପଡ଼ା ବିଧାୟକ ପ୍ରାର୍ଥୀ ପ୍ରଭାତୀ ପରିଡ଼ା ଓ ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥୀ ବିଭୁ ପ୍ରସାଦ ତରାଇଙ୍କ ପାଇଁ ରାଜନାଥ ହାଇଟେକ୍ ପ୍ରଚାର କରିଥିଲେ।

ଅପରାହ୍ନ ୩ଟା ୩୦ରେ ବାଲିପଡ଼ିଆଠାରେ ରାଜନାଥଙ୍କ ହେଲିକପ୍ଟର ଅବତରଣ କରିବା ପରେ ହଜାର ହଜାର ଭାଜପା କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ପରେ ନିଜ ଉଦ୍‌ବୋଧନରେ ରାଜନାଥ ରାଜ୍ୟରେ ଭାଜପା ସରକାରକୁ ଆସିଲେ ୨୦୨୨ ମଧ୍ୟରେ ସମସ୍ତ ଗରିବ ପରିବାରକୁ ପକ୍କାଘର, ଚାଷୀଙ୍କୁ କିଷାନ କ୍ରେଡିଟ୍ କାର୍ଡ, ପିଇବା ପାଣି, ବିଜୁଳି ସହିତ ସମସ୍ତ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇଦେବ। ଏହି କିଷାନ କ୍ରେଡିଟ୍ କାର୍ଡ ଜରିଆରେ ଚାଷୀମାନେ ଏକ ଲକ୍ଷ ଟଙ୍କାର ଋଣ ନେଇପାରିବେ। ଏହି ଋଣରେ ୫ ବର୍ଷ ପର୍ଯ୍ୟନ୍ତ ସୁଧ ଛାଡ଼ ରହିବ। ଏଥିସହ ଚାଷୀଙ୍କୁ ୬୦ ବର୍ଷ ହେବା ପରେ ତାଙ୍କୁ ୩ ହଜାର ଟଙ୍କା ପେନ୍‌ସନ୍ ମିଳିବ। ଏହି ଯୋଜନାରେ କ୍ଷୁଦ୍ର ବ୍ୟବସାୟୀ ସାମିଲ ହେବେ ବୋଲି ସେ କହିଥିଲେ। ରାଜନାଥ ଶାସକ ବିଜେଡି ଉପରେ ବର୍ଷିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁ ନ ଥିବା କଥା ଜନସାଧାରଣଙ୍କୁ ସୂଚନା ଦେଇଥିଲେ। ଭାଜପା ପ୍ରାର୍ଥୀଙ୍କୁ ବିପୁଳ ପରିମାଣରେ ସମର୍ଥନ ଦେବାକୁ ନିବେଦନ କରିଥିଲେ। ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ତଥା ବିଧାୟକ ପ୍ରାର୍ଥିନୀ ପ୍ରଭାତୀ ପରିଡ଼ା ଯୋଗଦେଇ ବିଜେଡି ସରକାର ଦୁର୍ନୀତିର ଚରମ ସୀମାରେ ପହଞ୍ଚିଛି। ଭାଜପା କ୍ଷମତାକୁ ଆସିଲେ ନିମାପଡ଼ାକୁ ସବ୍-ଡିଭିଜନ ମାନ୍ୟତା ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ସ୍ମୃତି ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ସୁଶାନ୍ତ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା ଏବଂ ସୁରଜ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ବେଳାଭୂମିରେ ନିର୍ମିତ ଚୈତନ୍ୟ ମଣ୍ଡପରେ ଗୁରୁବାର ଅପରାହ୍ନରେ ପର୍ଯ୍ୟଟକମାନେ ବିଶ୍ରାମ ନେଉଛନ୍ତି ।

# କୋଣାର୍କରେ ଭାଜପାର ମିଶ୍ରଣ ପର୍ବ

କୋଣାର୍କ, ୨୫।୪(ଡି.ଏନ୍.ଏ.)

କୋଣାର୍କ ଏନ୍‌ଏସି ଅଧୀନସ୍ଥ ୮ନଂ ୱାର୍ଡ ତେଲୁଗୁ ବସ୍ତିରେ ଗୁରୁବାର ପୂର୍ବାହ୍ନରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ତେଲୁଗୁ ବସ୍ତିର ଏରିପିଲ ମାସିନ, ଗଞ୍ଜିର ସିରିନୁ, ଗୁରିକାନା ରାଜୁ, ଗୋସଳା ଆପାନା, ପିରମାଲା ବାବାଜଙ୍କ ସମେତ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଥିଲେ। କାକଟପୁର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ରବି ମଲ୍ଲିକ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ପରେ ଚନ୍ଦ୍ରଭାଗାଠାରେ ଏକ କର୍ମୀ ବୈଠକ କୋଣାର୍କ ଭାଜପା ମଣ୍ଡଳ ସଭାପତି ସୁରେନ ପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କର୍ମୀମାନେ ଭାଜପା ବିଧାୟକ ପ୍ରାର୍ଥୀ ମଲ୍ଲିକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଶପଥପାଠ କରିଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଯୁବ ସଂଗଠକ ଗୋପୀନାଥ ସ୍ୱାଇଁ, ନୃସିଂହ ନାୟକ, ଚନ୍ଦ୍ରମଣି ମଲ୍ଲ, ମଙ୍ଗରାଜ ମୁଦୁଲି, ସୁକାନ୍ତ ନାୟକ, ନାରିନେତ୍ରୀ ଯସ୍ମିତା ନାୟକ, ଆଶାଲତା ରାଉତରାୟ ଓ ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ବିଧାୟକ ପ୍ରାର୍ଥୀ ରବି ମଲ୍ଲିକଙ୍କ ସହ ନୂତନଭାବେ ଯୋଗଦେଇଥିବା କର୍ମୀମାନେ ।

# କପିଳେଶ୍ୱରପୁର ମେଳଣ ସରିଲା

ପୁରୀ ଅଫିସ,୨୫।୪:

ପୁରୀ ସଦର ବ୍ଲକ ଅଧୀନ କପିଳେଶ୍ୱରପୁର ଭାର୍ଗବୀ ନଦୀ ନିକଟସ୍ଥ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜନ୍ମପୀଠରେ କୃଷ୍ଣ ପାଣ୍ଡବ ମେଳଣ ଅନୁଷ୍ଠିତ ହୋଇଯାଇଛି। କପିଳେଶ୍ୱର ପୁରୀ ୪ଶହ ଏବଂ ୧୨ପଡ଼ା ଗାଁକୁ ନେଇ ଏହି ମେଳଣ ଆୟୋଜନ କରାଯାଇଥିଲା। ୪ଶହର ଠାକୁରମାନେ ସ୍ଥାନୀୟ କାଳିଆ ଗୋପୀନାଥଙ୍କ ମନ୍ଦିରରୁ ଏକତ୍ରିତ ହୋଇ ଶୋଭାଯାତ୍ରାରେ ମେଳଣ ପଡ଼ିଆକୁ ଆସିଥିଲେ। ଠାକୁରମାନଙ୍କୁ ସ୍ୱାଗତ ଲାଗି ଗ୍ରାମବାସୀ ପୂର୍ଣ୍ଣ କଳସ ବସାଇଥିଲେ। ଘଣ୍ଟ, କାହାଳୀ, ସଂକୀର୍ତ୍ତନ, ପାଇକ ଆଖଡା, ମେଢ ନୃତ୍ୟରେ କପିଳେଶ୍ୱରପୁର ଦୁଲୁକି ଉଠିଥିଲା। ଠାକୁରମାନେ ପ୍ରତି ଘରୁ ଭୋଗ ଖାଇଥିଲେ। ଗ୍ରାମ୍ୟ କମିଟି ମେଳଣ ପରିଚାଳନା କରିଥିବାବେଳେ ଯୁବକ ସଂଘ ସହଯୋଗ କରିଥିଲେ। ସେହିପରି ଚନ୍ଦନପୁର ନିକଟସ୍ଥ ଦୋଳଗୋବିନ୍ଦପୁର ମେଳଣ ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିଲାଗି ଗ୍ରାମ ଚଳଚଞ୍ଚଳ ହୋଇଉଠିଛି। ଠାକୁରମାନେ ଏକ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରି ମେଳଣ ପଡ଼ିଆରେ ପହଞ୍ଚିଥିଲେ।

■ କାକଟପୁରରେ ଭାଜପାର ରୋଡ୍ ଶୋ'

# ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଲେ ସମ୍ବିତ୍

କାକଟପୁର, ୨୫।୪(ଡି.ଏନ୍.ଏ.)

କାକଟପୁର ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ଗୁରୁବାର ଅପରାହ୍ନରେ ରୋଡ୍ ଶୋ' କରାଯିବା ସହିତ ଅସ୍ତରଙ୍ଗ ବ୍ଲକ ପର୍ଯ୍ୟନ୍ତ ବାଇକ୍ ରାଲି ହୋଇଥିଲା। ଏଥିରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ତଥା ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ୍ ପାତ୍ର ଯୋଗଦେଇ ଦଳୀୟ ଏମ୍‌ପି ଏବଂ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥୀ ବିଭୁପ୍ରସାଦ ତରାଇ, କାକଟପୁର ବିଧାନସଭା ପ୍ରାର୍ଥୀ ରବି ମଲ୍ଲିକ ଉପସ୍ଥିତ ଥିଲେ। ଚାରିଛକ-ଅସ୍ତରଙ୍ଗ ମୁଖ୍ୟ ରାସ୍ତାର ନୟାହାଟ, ପାଣିଛତ୍ର, ଜଗନ୍ନାଥପୁର, ବ୍ଲକ ଛକ, ଦହିଖିଆ, ଅସ୍ତରଙ୍ଗ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ନୂଆଗଡ଼ ଛକଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦ୍‌ବୋଧନ ଦେଇ ସମ୍ବିତ୍ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହିତ ଓଡ଼ିଶାର ଦ୍ରୁତ ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଦରକାର ବୋଲି କହିଥିଲେ। ଜିଲା ଭାଜପା ସମ୍ପାଦକ ରତିକାନ୍ତ ବେହେରା, ବ୍ଲକ ଉପାଧ୍ୟକ୍ଷ ରାକେଶ ବେହେରା, ମଙ୍ଗଳା ସାମନ୍ତରାୟ, ଲଳିତ ରଥ, ପ୍ରସନ୍ନ ବେହେରା ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାରେ ସମ୍ବିତ୍ ଓ ଦଳୀୟ କର୍ମକର୍ତ୍ତା ପ୍ରାର୍ଥୀଙ୍କ ସହ ମା'ମଙ୍ଗଳାଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ।



ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର ରୋଡ୍ ଶୋ'ରେ ସାମିଲ ହୋଇଛନ୍ତି ।

# ଆଜି ପଞ୍ଚ ମହାଦେବ ସେବାୟତଙ୍କ ସହ ବୈଠକ

**ଆସୁଛି ଚନ୍ଦନ ଯାତ୍ରା**

ପୁରୀ ଅଫିସ, ୨୫।୪:

ଆସନ୍ତା ୭ତାରିଖରେ ଚନ୍ଦନ ଯାତ୍ରା। ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିବେ ମହାପ୍ରଭୁ। ଏଥିସହିତ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ (ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀନୀଳକଣ୍ଠେଶ୍ୱର, ଶ୍ରୀମାର୍କଣ୍ଡେୟ ଓ କପାଳମୋଚନ) ମଧ୍ୟ ଚାପ ଖେଳିବେ। ଏଥିଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ଶୁକ୍ରବାର ପଞ୍ଚମହାଦେବ ସେବାୟତଙ୍କ ସହ ଆଲୋଚନା ଲାଗି ସ୍ଥିର କରିଛି ଶ୍ରୀମନ୍ଦିର ପ୍ରଶାସନ। ପୂର୍ବାହ୍ନ ସାଢେ ୧୦ଟାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ହେବାକୁ ଥିବା ଏହି ବୈଠକରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଅଧ୍ୟକ୍ଷତା କରିବେ। ଚନ୍ଦନ ଯାତ୍ରା ନୀତିକାନ୍ତି ଠିକ୍ ସମୟରେ ଓ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ମୁଖ୍ୟତଃ ଏହି ବୈଠକ ଡକାଯାଇଥିବା ଜଣାପଡ଼ିଛି। ଗତବର୍ଷ କାହା କାହା ମଧ୍ୟରେ ସମନ୍ୱୟ ନ ଥିବା ବାରି ହୋଇପଡ଼ିଥିଲା। କେଉଁଦିନ ଦୁଇ ମହାଦେବଙ୍କ ସହ ମହାପ୍ରଭୁ ନରେନ୍ଦ୍ର ଅଭିମୁଖେ ଯାଉଥିଲେ ତ ଆଉ କେଉଁଦିନ ମହାପ୍ରଭୁ ନରେନ୍ଦ୍ର କୂଳରେ ପହଞ୍ଚି ଅପେକ୍ଷା କରୁଥିଲେ। ତେଣୁ ଏଥର ସମୟାନୁବର୍ତ୍ତିତା ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ସମସ୍ତେ ଧାର୍ଯ୍ୟ ସମୟରେ ସିଂହଦ୍ୱାରରୁ ଜଳକ୍ରୀଡ଼ା ପାଇଁ ବାହାରିବା ନେଇ ବୈଠକରେ ଆଲୋଚନା ହେବ ବୋଲି ଜଣାପଡ଼ିଛି।

# ୨୫ ପଞ୍ଚାୟତରେ ଭାଜପା ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର

ନିମାପଡ଼ା,୨୫।୪(ଡି.ଏନ୍.ଏ.):

ନିମାପଡ଼ା ବ୍ଲକ ଅନ୍ତର୍ଗତ ୧୮, ୧୯, ୨୦, ୨୧ନଂ. ଜୋନର ୨୫ଟି ପଞ୍ଚାୟତର ୨ଶହରୁ ଊର୍ଦ୍ଧ୍ୱ ଗ୍ରାମରେ ଗୁରୁବାର ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡା ଶତାଧିକ ସମର୍ଥକଙ୍କ ସହ ନିର୍ବାଚନ ପ୍ରଚାର କରିଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ଭୋଟରଙ୍କୁ ବୁଝାଇବା ସହ ଭାଜପାକୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ଏଠାରେ ଭାଜପା ବିଜୟୀ ହେଲେ ତୃଣମୂଳସ୍ତରରେ ବିକାଶ ପହଞ୍ଚିବା ସହ ନିମାପଡ଼ାକୁ ସବ୍‌ଡିଭିଜନ ମାନ୍ୟତା, ଗୋପ, ଚାରିଛକ, ନିମାପଡ଼ା ଓ ବଳଙ୍ଗା ଅଞ୍ଚଳରେ ଥିବା ସ୍ୱାସ୍ଥ୍ୟସେବାରେ ବିକାଶ ହେବ ବୋଲି ଭାଜପା ପ୍ରାର୍ଥୀ ପରିଡା କହିଛନ୍ତି। ନିର୍ବାଚନୀ ପ୍ରଚାରରେ ସମସ୍ତ ମଣ୍ଡଳ, ବୁଥ୍ ସ୍ତରୀୟ, ପଞ୍ଚାୟତସ୍ତରୀୟ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ ନିବେଦନ କରିଛନ୍ତି। ନିମାପଡ଼ା ଏନ୍‌ଏସିର ୧୧ଟି ୱାର୍ଡରେ ଘରକୁ ଘର ବୁଲି ପ୍ରାର୍ଥୀ ପରିଡା ପ୍ରଚାର କରିଛନ୍ତି। ଏହି ଅବସରରେ ବିଭିନ୍ନ ସ୍ଥାନରେ ପ୍ରାର୍ଥୀ ପରିଡାଙ୍କୁ ଦଳୀୟ କର୍ମୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।



ରୋଡ୍ ଶୋ'ରେ ସାମିଲ ହୋଇଥିବା ଭାଜପା କର୍ମୀମାନେ ।

■ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ବୈଠକ

# ୮ ଜିଲାର ଏସ୍‌ପିଙ୍କ ସହିତ ଡିଜିପିଙ୍କ ଆଲୋଚନା

କଟକ ଅଫିସ, ୨୫।୪

ଆସନ୍ତା ୨୯ ତାରିଖରେ ରାଜ୍ୟର ୬ଟି ଲୋକ ସଭା ଓ ୪୨ଟି ବିଧାନସଭା ଆସନ ପାଇଁ ଚତୁର୍ଥ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ନିର୍ବାଚନ ହେବାକୁ ଥିବା ଜିଲାଗୁଡ଼ିକ ମଧ୍ୟରେ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଯାଜପୁର, ଭଦ୍ରକ, ମୟୂରଭଞ୍ଜ ଓ ପୁରୀ ରହିଛି। ଏଥିପାଇଁ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଗୁରୁବାର ଅନୁଷ୍ଠିତ ବୈଠକରେ ଡିଜିପି ଆର୍.ପି. ଶର୍ମା ଉପରୋକ୍ତ ଜିଲାଗୁଡ଼ିକର ଏସ୍‌ପିମାନଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଛନ୍ତି। ଉପରୋକ୍ତ ଅଞ୍ଚଳଗୁଡ଼ିକରେ ପ୍ରଚାର ଶେଷ ହେବାକୁ ଆଉ ୨ ଦିନ ବାକି ରହିଛି। ତେଣୁ ଏହି ୨ ଦିନ ମଧ୍ୟରେ ବିଭିନ୍ନ ଦଳର ତାରକା ପ୍ରଚାରକମାନେ ପ୍ରଚାର ମଇଦାନକୁ ଆସିବେ। ବିଶେଷକରି ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀମାନେ ବାରମ୍ବାର ପ୍ରଚାର ପାଇଁ ଓଡ଼ିଶା ଆସୁଥିବାରୁ ସେମାନଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଡିଜିପି ଶର୍ମା ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପରୋକ୍ତ ଜିଲାଗୁଡ଼ିକ ରାଜନୈତିକ ଦୃଷ୍ଟିରୁ ଉତ୍ତେଜନାପ୍ରବଣ ଥିବାରୁ ଏଥିପ୍ରତି ପୋଲିସ ସଜାଗ ରହିବା ନିମନ୍ତେ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀମାନଙ୍କୁ ପିଏସ୍‌ଓ ଯୋଗାଇ ଦେଇଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଡିଜିପି ଶର୍ମା ପୂର୍ବ ୩ଟି ପର୍ଯ୍ୟାୟର ନିର୍ବାଚନ ପରିଚାଳନା ଉପରେ ଆଲୋଚନା କରିବା ସହିତ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ବେଆଇନ ବନ୍ଧୁକ, ମଦ, ଜାମିନବିହୀନ ଗିରଫ ପରୱାନା ଓ ସିଆର୍‌ପିସିର ୧୧୦ ଧାରାର ଅଭିଯୁକ୍ତମାନଙ୍କ ଗିରଫଦାରି ଉପରେ ଡିଜିପି ଏସ୍‌ପିମାନଙ୍କଠାରୁ ତଥ୍ୟ ମାଗିଥିଲେ। ଭାରତୀୟ ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକା ଅନୁଯାୟୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ମୁତୟନ ଉପରେ ଏସ୍‌ପିମାନଙ୍କ ସହିତ ବୈଠକରେ ଆଲୋଚନା କରାଯାଇଥିଲା। ସାଧାରଣ ଘଟଣାରେ ଏହି ବାହିନୀକୁ ବ୍ୟବହାର ନ କରିବା ପାଇଁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। କେବଳ ଉତ୍ତେଜନାପ୍ରବଣ ବୁଥ୍ ଓ ମୋବାଇଲ ପାର୍ଟିରେ ଏହି ସୁରକ୍ଷା ବଳକୁ କାର୍ଯ୍ୟକାରୀ କରିବା ପାଇଁ ଡିଜିପି କହିଥିଲେ। ଏଥିସହିତ ଜିଲାସ୍ତରରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରିତା ଉପରେ ମଧ୍ୟ ଡିଜିପି ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।



ପୋଲିସ ଡିଜି ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସମୀକ୍ଷା କରୁଛନ୍ତି ।